# ସଂଚାର
THE SANCHAR

Website: sanchar.live    mail Id: sancharodisha@gmail.com
RNI NO :ODIODI/2001/04811   Postal Regd No : BN/249/15-17

Vol. 33 | ISSUE 101 | ଭାଗ ୩୩ | ସଂଖ୍ୟା ୧୦୧ | Bhubaneswar | Wednesday 2 July 2025 | Page 8 Rs. 4.00 | ● ଭୁବନେଶ୍ୱର ବୁଧବାର ୨ ଜୁଲାଇ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




ଆୟୁଷଙ୍କୁ ୟୁଏସ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍ ମୁକୁଟ

ପୃଷ୍ଠା ୬









## ପୁରୀରେ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ବୈଠକ

# ସଠିକ୍ ଭିଡ଼ ଆକଳନ ଓ ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ଗୁରୁତ୍ୱ

- ମହାପ୍ରଭୁଙ୍କ କାମ ଡ୍ୟୁଟି ନୁହେଁ, ସୌଭାଗ୍ୟ: ମୁଖ୍ୟମନ୍ତ୍ରୀ
- ବେଳାଭୂମିରେ ସତର୍କ ରହିବାକୁ ପରାମର୍ଶ
- ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଉପରେ ନଜର ରଖିବାକୁ ନିର୍ଦ୍ଦେଶ

**ପୁରୀ,୧୭(ସଂଚାର ବ୍ୟୁରୋ):** ଆଜି ପୁରୀ ସ୍ୱତନ୍ତ୍ର ସର୍କିଟ ହାଉସଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରଥଯାତ୍ରା ସୁରକ୍ଷା ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମୁଖ୍ୟମନ୍ତ୍ରୀ ସୁରକ୍ଷାର ତିନୋଟି ଦିଗ ଉପରେ ଯଥା ସୁରୁଖୁରୁରେ ରଥ ପରିଚାଳନା ଓ ଭକ୍ତଙ୍କ ସୁରକ୍ଷା, ଟ୍ରାଫିକ ନିୟନ୍ତ୍ରଣ ଓ ଅଗ୍ନିଶମ ସେବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରଥଯାତ୍ରାର ଚାରିଟି ଉତ୍ସବ ମଧ୍ୟରୁ ଏବେ ବି ଆହୁରି ତିନିଟି ପ୍ରମୁଖ ଓ ମହତ୍ତ୍ୱପୂର୍ଣ୍ଣ ଉତ୍ସବ ଯଥା ବାହୁଡ଼ା, ସୁନାବେଶ ଓ ନୀଳାଦ୍ରୀ ବିଜେ ବାକି ଅଛି। ଅନୁକୂଳ ପାଗ ଯୋଗୁଁ ଏହି ତିନି ଦିନ ଯଥେଷ୍ଟ ମାତ୍ରାରେ ଭକ୍ତଙ୍କ ଭିଡ଼ ହେବ। ବିଶେଷକରି ସୁନାବେଶ ଦିନ ସବୁଠାରୁ ଅଧିକ ଭକ୍ତ ପୁରୀ ଆସିବେ। ଏଣୁ ଏହି ବଡ଼ ସମାଗମରେ ସୁରକ୍ଷା ବ୍ୟବସ୍ଥାର ପରିଚାଳନା ପାଇଁ ଓ ସବୁବେଳେ ସବୁ ସମୟରେ କିଛି ଅପ୍ରତ୍ୟାଶିତ ଘଟଣା ପାଇଁ ପ୍ରସ୍ତୁତ ରହିବା ଅତ୍ୟନ୍ତ ଜରୁରୀ। ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ନିର୍ଭୁଲ କ୍ରାଉଡ୍ ଏଷ୍ଟିମେସନ ହେଉଛି ପ୍ରଥମ ଷ୍ଟେଜ। ତେଣୁ ଆଗାମୀ ତିନିଟି ବଡ଼ ଉତ୍ସବକୁ ନିର୍ଭୁଲ ଭାବେ ଆଡଭାନ୍ସଡ କ୍ରାଉଡ୍ ଏଷ୍ଟିମେସନ୍ ରିଅଲ୍ ଟାଇମ୍ ବେସିସ୍‌ରେ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ରଥଯାତ୍ରା ସମୟରେ ବିଭିନ୍ନ ସ୍ଥାନରେ ସୁରକ୍ଷା ପାଇଁ ଏସ୍‌ଓପି ରହିଛି। ଏହାକୁ ଲେଟର୍ ଆଣ୍ଡ୍ ସ୍ପିରିଟ୍‌ରେ କଡାକଡି ଭାବେ ପାଳନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କର୍ଡନ ଭିତରେ ଗହଳି ହ୍ରାସ କରିବା ପାଇଁ କର୍ଡନ ପାସ ପ୍ରଦାନରେ କାଣ୍ଟଛାଣ୍ଟ କରିବା ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ମହାରଣା ସେବକ ଓ ଭୋଇ ସେବକମାନଙ୍କ ପରାମର୍ଶ ନେଇ ରଥଟଣା ନୀତି କରିବା ଆବଶ୍ୟକ ବୋଲି ସେ କହିଛନ୍ତି।

ସେହିପରି ବାହୁଡା ଓ ସୁନାବେଶ ପାଇଁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁରକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ସ୍ଥଳେ ଅଧିକ ଫୋର୍ସ ମୁତୟନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଟ୍ରାଫିକ ନିୟନ୍ତ୍ରଣ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ସହ ଆଗାମୀ ଦିନମାନଙ୍କରେ ମହାପ୍ରଭୁଙ୍କର ଯାହାସବୁ କାର୍ଯ୍ୟକ୍ରମ ରହିଛି, ସେଗୁଡିକ ଯେଭଳି ସୁରୁଖୁରୁରେ ସମ୍ପାଦିତ ହେବ, ସେଥିପ୍ରତି ଅଧିକ ଯତ୍ନବାନ ହେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସେହିପରି ବାହୁଡ଼ା ଓ ସୁନାବେଶ ସହ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଅସଂଖ୍ୟ ଲୋକ ବେଳାଭୂମିରେ ସମୟ ଅତିବାହିତ କରିବେ। ତେଣୁ ବେଳାଭୂମିକୁ ସୁରକ୍ଷିତ ରଖିବା ପାଇଁ ପୁଲିସ ବିଭାଗ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଅଗ୍ନିଶମ ବିଭାଗକୁ କହିଛନ୍ତି।

ଶେଷରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଅଧିକାରୀମାନଙ୍କୁ ପୁରୀ ଭୁବନେଶ୍ୱର ରାସ୍ତା ସମେତ ବେଳାଭୂମି, ରେଳ ଷ୍ଟେସନ, ବସଷ୍ଟାଣ୍ଡ, ମନ୍ଦିର ସମ୍ମୁଖ ଆଦି ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ କଡ଼ା ନଜର ରଖି ସମସ୍ତେ କାମ କରିବା ପାଇଁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ଏହି କାମ ଆମମାନଙ୍କ ପାଇଁ ଏକ ଡ୍ୟୁଟି ନୁହେଁ, ବରଂ ସୌଭାଗ୍ୟର ବିଷୟ। ତେଣୁ ସମସ୍ତେ ସମର୍ପଣ ଭାବ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର

➪ପୃଷ୍ଠା-୬

### ସେବାୟତଙ୍କୁ ଦେଲେ ଧନ୍ୟବାଦ
### ସହଯୋଗ ଜାରି ରଖିବାକୁ ପରାମର୍ଶ

ଆଜି ପୁରୀ ସର୍କିଟ ହାଉସଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରୀମନ୍ଦିର ସେବାୟତମାନଙ୍କ ସହ ଏକ ସ୍ୱତନ୍ତ୍ର ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରଥମେ ରଥଯାତ୍ରାର ସମସ୍ତ ନୀତିକାନ୍ତି ସୂଚାରୁ ରୂପେ ନିର୍ବାହ କରିଥିବାରୁ ସମସ୍ତ ସେବାୟତଙ୍କୁ ଧନ୍ୟବାଦ ଦେଇଥିଲେ। ସେ କହିଥିଲେ ଯେ ଆପଣମାନଙ୍କ ସହଯୋଗ ଓ ସେବାପୂଜା ଯୋଗୁ ବର୍ତ୍ତମାନ ପର୍ଯ୍ୟନ୍ତ ରଥଯାତ୍ରାର ସମସ୍ତ ନୀତିକାନ୍ତି ସୁରୁଖୁରୁରେ ସମାପନ ହୋଇଛି। କିନ୍ତୁ ଆଗକୁ ରଥଯାତ୍ରାର ଆହୁରି ୩ଟି ମୁଖ୍ୟ ଉତ୍ସବ ବାହୁଡ଼ା, ସୁନାବେଶ ଓ ନିଳାଦ୍ରୀ ବିଜେ ବାକି ଅଛି। ତେଣୁ ସେବାୟତମାନେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ସୁଖଦ ଅନୁଭୂତି ପାଇଁ ସେମାନେ ସମାନ ସହଯୋଗ ଜାରି ରଖିବାକୁ ମୁଖ୍ୟମନ୍ତ୍ରୀ ସେବାୟତଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ସମସ୍ତେ ସମର୍ପଣ ଭାବ ନେଇ ମହାପ୍ରଭୁଙ୍କ ସେବାରେ ନିଜ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ଉଚିତ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ

➪ପୃଷ୍ଠା-୬

---



## ୧୪ରେ ଓଡ଼ିଶା ଆସିବେ ରାଷ୍ଟ୍ରପତି

**ଭୁବନେଶ୍ୱର,୧୭(ସଂଚାର ବ୍ୟୁରୋ):** ପୁଣି ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଆସନ୍ତା ୧୪ ତାରିଖରେ ଶ୍ରୀମତୀ ମୁର୍ମୁ ଓଡ଼ିଶା ଆସି ଭୁବନେଶ୍ୱର ଏମ୍ସର ପଞ୍ଚମ ସମାବର୍ତ୍ତନ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାପରେ ରାଜଭବନ ଫେରି ସେଠାରେ ରାତ୍ରିଯାପନ କରିବେ। ଏଥିସହ ଏହି ଗସ୍ତ ସମୟରେ ରାଷ୍ଟ୍ରପତି ଜୁଲାଇ ୧୫ ତାରିଖରେ କଟକରେ ଏକାଧିକ କାର୍ଯ୍ୟକ୍ରମରେ ମଧ୍ୟ ଯୋଗଦେବେ ବୋଲି ଜଣାପଡ଼ିଛି। ଏଥିରେ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ ଅନ୍ୟତମ। ଏହି ଉତ୍ସବରେ ଯୋଗଦେଇ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ରେଭେନ୍ସା ବାଳିକା ବିଦ୍ୟାଳୟର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ଏହାଛଡ଼ା ସେ କଟକର ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ ହେବାକୁ ଥିବା ଆଦିକବି ଶାରଳା ଦାସଙ୍କ ୬୦୦ତମ ଜନ୍ମ ଜୟନ୍ତୀ ଉତ୍ସବ ଓ କଳିଙ୍ଗ ରତ୍ନ ସମ୍ମାନ-୨୦୨୪ ପୁରସ୍କାର ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହାପରେ ଉକ୍ତ ଦିନ ସନ୍ଧ୍ୟାରେ ରାଷ୍ଟ୍ରପତି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ।

---

## ପୁଣି ଆର୍‌ଆଇ ମେନ୍ ପରୀକ୍ଷା ବିବାଦ

**ଭୁବନେଶ୍ୱର,୧୭(ସଂଚାର ବ୍ୟୁରୋ):** ଆରଆଇ ଏବଂ ଅମିନ ନିଯୁକ୍ତି ପାଇଁ ଆୟୋଜିତ ଅନଲାଇନ୍ ପରୀକ୍ଷାରେ ଅନିୟମିତତା ଅଭିଯୋଗ ଆସିଥିଲା। ପରେ ସବୁ ପରୀକ୍ଷାର୍ଥୀଙ୍କୁ ପ୍ରିଲିମିନାରି ପାସ୍ କରାଇ ଦିଆଗଲା। ଏବେ ମେନ୍ ପରୀକ୍ଷା ହେବାକୁ ଯାଉଛି। ଆଉ ଏଥର ମଧ୍ୟ ସମାନ ଢାଞ୍ଚାରେ ପରୀକ୍ଷା ହେବ। ତେଣୁ ପୁଣି ଅନିୟମିତତା ଆଶଙ୍କା ପ୍ରକାଶ ପାଇଛି। ମେଧାବୀଙ୍କୁ ମାନସିକ ନିର୍ଯାତନା ଦେଇ ଚାକିରି ବିକ୍ରି ଉଦ୍ୟମ ହେଉଥିବା ଅଭିଯୋଗ ଆଣିଛନ୍ତି ଆଶାୟୀ। ପରୀକ୍ଷା ଅନ୍‌ଲାଇନ୍ ହେବା ସହ ପ୍ରିଲିମିନାରି ପରୀକ୍ଷା କରିଥିବା ସଂସ୍ଥା ହିଁ ପରୀକ୍ଷା କରିବ, ଯାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ପରୀକ୍ଷାର୍ଥୀ। ଆରଆଇ ଅମିନ ପରୀକ୍ଷାରେ ଅନିୟମିତତା ଅଭିଯୋଗ ପରେ ପରୀକ୍ଷା ଦାୟିତ୍ୱରେ ଥିବା ସଂସ୍ଥା ଓ ଅଧିକାରୀଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ହୋଇଛି ବୋଲି ପ୍ରଶ୍ନ କରାଯାଇଛି। ଚାକିରି ବିକିବାକୁ ଷଡ଼ଯନ୍ତ୍ର ଚାଲିଥିବା ଅଭିଯୋଗ ହୋଇଛି। ବ୍ୟବସ୍ଥାରେ ପରିବର୍ତ୍ତନ ସହ ଗୋଟିଏ ଶିଫ୍ଟରେ ଅଫ୍‌ଲାଇନ୍ ପରୀକ୍ଷା ପାଇଁ ଦାବି କରାଯାଇଛି। ତେବେ ଏଥର ପରୀକ୍ଷା ଠିକ୍ ହେବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ପରୀକ୍ଷାକୁ ନେଇ ଛାତ୍ରଛାତ୍ରୀମାନେ ଚିନ୍ତା ନ କରି ପାଠ ପଢନ୍ତୁ, ଆଗକୁ ରାଜସ୍ୱ ବିଭାଗରେ ଆହୁରି ପଦବୀ ସୃଷ୍ଟି ହେବ। ଦାବି ପୂରଣ ନ ହେଲେ ୪ରୁ ଅନଶନ ନେଇ ଚେତାବନୀ ଦିଆଯାଇଛି।

---

## କିଏ ଶୁଣିବ ରେବତୀଙ୍କ ଦୁଃଖ ?

- ମୋଦିଙ୍କ କାର୍ଯ୍ୟକ୍ରମକୁ ଯିବାରୁ ରାଗିଥିଲେ ଅତିରିକ୍ତ କମିଶନର
- ଚାକିରିରୁ ବିଦା କରିଦେବାକୁ ସ୍ୱଚ୍ଛ ସାଥୀଙ୍କୁ ଦେଇଥିଲେ ଧମକ
- ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଲାଗିଛନ୍ତି ବିଜେଡି ମାର୍କା ଅଫିସର
- ରାଜ୍ୟ ସ୍ତରରେ ଆନ୍ଦୋଳନ ସ୍ଥଗିତ, ଜିଲ୍ଲାରେ କିନ୍ତୁ କାର୍ଯ୍ୟବନ୍ଦ
- କେଉଁ ଅଜଣା ଶକ୍ତି ଇଙ୍ଗୀତରେ ଚାଲିଛନ୍ତି ଓଏଏସ ସଂଘ ?





**ଭୁବନେଶ୍ୱର,୧୭(ସଂଚାର ବ୍ୟୁରୋ):** ବିଏମସିର ଅତିରିକ୍ତ କମିଶନର୍‌ଙ୍କୁ କିଛି ଦୁର୍ବୃତ୍ତ ମାଡ଼ ମାରିଲେ, ସେମାନେ ଗିରଫ ହେଲେ। ଏହାକୁ ନେଇ ରାଜନୀତି ବି ଜୋର ଧରିଛି। ବିଜେଡି ପକ୍ଷରୁ ସରକାରୀ ଦଳର ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନଙ୍କୁ ଟାର୍ଗେଟ କରାଯାଉଥିବା ବେଳେ ସେ ମଧ୍ୟ ଏନେଇ ସଫେଇ ଦେଇଛନ୍ତି। ହେଲେ ସାମଗ୍ରିକ ଭାବେ ଗତ ଦୁଇ ଦିନ ଚାଲିଥିବା ଘଟଣାବଳୀର ମୂଳ ଉତ୍ସ କେଉଁଠି, ତାହା କେହି ଖୋଜିବାକୁ ଚେଷ୍ଟା କରୁନାହାଁନ୍ତି। ଏହି ବିବାଦର ସୂତ୍ରପାତ ହୋଇଛି ବିଏମସିର ୩୪ ନମ୍ବର ୱାର୍ଡର ସ୍ୱଚ୍ଛ ସାଥୀ ରେବତୀ ରାଉତ କାହିଁକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବର୍ଷପୂର୍ତ୍ତି ସମାରୋହକୁ ନିଜ ସାଥୀମାନଙ୍କ ସହ ଗଲେ। ସରକାର ବଦଳିଯିବା ପରେ ବି କିଛି ଅଫିସରଙ୍କର ବିଜେଡି ପ୍ରୀତି ଯାଉନାହିଁ। ଯେଉଁଥିପାଇଁ ଏହି ବିବାଦର ସୂତ୍ରପାତ ହୋଇଛି।

ନିଜେ ରେବତୀ ରାଉତ ଗତକାଲି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ବିରୋଧରେ ଥାନାରେ ଏତଲା ଦେଇଛନ୍ତି। ଅବଶ୍ୟ ପୁଲିସ ଏଯାଏଁ

➪ପୃଷ୍ଠା-୬

---

## ବନ୍ୟା ସାଙ୍ଗକୁ ବଢୁଛି ଝାଡ଼ାବାନ୍ତି ଭୟ



- କେନ୍ଦୁଝର, ବାଲେଶ୍ୱର ଓ ମୟୂରଭଞ୍ଜକୁ ଗଲା ସ୍ୱତନ୍ତ୍ର ଟିମ
- ଆସନ୍ତା ୨୪ ଘଣ୍ଟା ବର୍ଷା ନହେଲେ ଟଳିବ ବନ୍ୟା ବିପଦ
- ପାଣି ଛାଡ଼ିଲେ କ୍ଷୟକ୍ଷତି ଆକଳନ ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର,୧୭(ସଂଚାର ବ୍ୟୁରୋ):** ଲଗାଣ ବର୍ଷା ଯୋଗୁଁ ମୟୁରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଯାଜପୁର ଓ ଭଦ୍ରକ ଏହି ଚାରି ଜିଲ୍ଲା ପ୍ରଭାବିତ ହେବା ସହ ସେଠାରେ ଝାଡାବାନ୍ତି ଆଶଙ୍କା ବି ଉପୁଜିଛି। ଯାହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଉଭୟ ବନ୍ୟା ନିୟନ୍ତ୍ରଣ ସାଙ୍ଗକୁ ରୋଗ ନିୟନ୍ତ୍ରଣକୁ ଗୁରୁତ୍ୱ ଦେଇଛନ୍ତି। ଏନେଇ ଆଜି ରାଜସ୍ୱ ମନ୍ତ୍ରୀ ବନ୍ୟା ସ୍ଥିତିର ସମୀକ୍ଷା କରିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଝାଡାବାନ୍ତି ସ୍ଥିତି ନେଇ ସଚେତନ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ପାଣିପାଗ ଆକଳନ କହୁଛି ଆସନ୍ତା ୨୪ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ। ଯଦି ବର୍ଷା ନ ହୁଏ, ତେବେ ବନ୍ୟା ଟଳିଯିବ। ମୟୂରଭଞ୍ଜ ଓ ବାଲେଶ୍ୱର ସ୍ଥିତି ଠିକ ଅଛି, ବୈତରଣୀ, ବୁଢାବଳଙ୍ଗ ଓ ସୁବର୍ଣ୍ଣରେଖାରେ ପାଣି କମିଲାଣି ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ଇବ ନଦୀର ଜଳପତନ ବି ଦୁଇ ଫୁଟ ତଳକୁ ଖସିଲାଣି। ୨୪ ଘଣ୍ଟା ଭିତରେ ଜଳ ପତନ କମିବାର ଆଶା ଅଛି। ଝାରସୁଗୁଡାକୁ ଆଉ ବିପଦ ନାହିଁ। ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ରହିଛି ୭ ଦିନ ଯାଏଁ ମାଗଣା ଖାଦ୍ୟ ଓ ରିଲିଫ ସେଣ୍ଟର ଚାଲିବ। ଯିଏ ରିଲିଫ ସେଣ୍ଟରରେ ନାହାନ୍ତି, ତାଙ୍କ ଘରକୁ ଖାଦ୍ୟ ଓ ଶିଶୁ ଖାଦ୍ୟ ପହଞ୍ଚାଇ ଦିଆଯିବ। ମୟୂରଭଞ୍ଜରେ ଅଦ୍ୟାବଧି ୮୧୯୧

➪ପୃଷ୍ଠା-୬

---

## ଅସ୍ଥାୟୀ ଭାବେ ଚାଲିଛି ରାଜ୍ୟ କଂଗ୍ରେସ



- ୫ ମାସ ହେଲା ଜିଲ୍ଲା ସଭାପତି ଚୟନ ହୋଇପାରୁନି
- ରାହୁଲଙ୍କ ଗସ୍ତ ପାଇଁ ଭକ୍ତଙ୍କ ଅସ୍ଥାୟୀ ରେଜିମେଣ୍ଟ

**ଭୁବନେଶ୍ୱର, ୧୭ (ସଂଚାର ବ୍ୟୁରୋ) :** ଭକ୍ତ ଦାସ ରାଜ୍ୟ କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ନେବାକୁ ଏଭିତରେ ୫ମାସ ବିତିଲାଣି। ହେଲେ ଏଯାଏଁ ସେ ନିଜ ଟମ ଗଠନ କରିପାରୁନାହାଁନ୍ତି। ବାରମ୍ବାର ବୈଠକ ପରେ ମଧ୍ୟ ଜିଲ୍ଲା ସଭାପତି ଚୟନ ହୋଇପାରିଲାନି। ଶେଷରେ ଆସନ୍ତା ୧୧ ତାରିଖରେ ରାହୁଲ ଗାନ୍ଧୀଙ୍କ ଗସ୍ତ ପୂର୍ବରୁ ପିସିସି ସଭାପତି ସବୁ ଜିଲ୍ଲାରେ ଅସ୍ଥାୟୀ ସଭାପତି ନିଯୁକ୍ତ କରିଛନ୍ତି। ଆଉ ସେମାନଙ୍କୁ ରାହୁଲଙ୍କ ଗସ୍ତକୁ ସଫଳ କରିବା ପାଇଁ ଲୋକ ଆଣିବାକୁ କୁହାଯାଇଛି। ଭକ୍ତ ଦାସଙ୍କ ଏଭଳି କାର୍ଯ୍ୟକୁ ବହୁ ବରିଷ୍ଠ ନେତା ସହଜରେ ଗ୍ରହଣ କରିପାରୁନଥିଲେ ବି ମୁହଁ ଖୋଲିବାକୁ ସାହସ କରିପାରୁନାହାଁନ୍ତି।

ପିସିସି ସଭାପତି ହେବା ପରେ ଭକ୍ତ ଦାସଙ୍କ ଟାର୍ଗେଟରେ ଏବେ କେବଳ ଶିଳ୍ପପତି। ଶିଳ୍ପପତିଙ୍କ ସହ ତାଙ୍କର ସେହି ଅସାଧୁ ମେଣ୍ଟ ପାଇଁ ସେ ଏକଦା କଂଗ୍ରେସରେ କଣଠେସା ହୋଇଥିଲେ। ରାହୁଲ ତାଙ୍କୁ କୌଣସି

➪ପୃଷ୍ଠା-୬

---



### କାନ ଡେରିଥା

ଛେଳି ଖାଉଅଛି ଛେଳିର ମାଉଁସ
ସାପକୁ ଗିଳୁଛି ସାପ
ମଣିଷ ଏଇଠି ମଣିଷ ମାରୁଛି
କେତେ କିଏ କଲେ ତପ
ସୃଷ୍ଟି ପାଇଁ ଟିକେ ଜପ...
କଳିଯୁଗ ଲୋକ ପଇସା ପଛରେ
ହାରିବେ ଜୀବନ ଯାକ।

■ ଦେବାଶିଷ

## ବିଜେଡିର ହଠାତ୍ ଦରଦପଣିଆକୁ ନେଇ ପ୍ରଶ୍ନ



- ଯବାନ ମାଡ଼ ଖାଇବା ବେଳେ ଆଖି ବୁଜିଦେଇଥିଲେ
- ସରକାରୀ ବାବୁଙ୍କୁ ପିଟିବାରେ ବିଜେଡି ବିଧାୟକ ଆଗୁଆ
- ମାଡ଼ଖିଆ ଅଫିସର ଏବେ ବିଜେଡିର ଆଶାବାଡ଼ି



**ଭୁବନେଶ୍ୱର,୧୭(ସଂଚାର ବ୍ୟୁରୋ):** ବିଏମସି ଦପ୍ତରରେ ମାଡ଼ମରା ଘଟଣାକୁ ନେଇ ବିଜେଡିର ହଠାତ୍ ଦରଦପଣିଆକୁ ନେଇ ଏବେ ଖୋଦ୍ କେତେକ ବିଏମ୍‌ସି କର୍ମଚାରୀ ଆଲୋଚନା କରୁଛନ୍ତି। ବିଏମସିର ଅତିରିକ୍ତ କମିଶନରଙ୍କ ପାଇଁ ରାଜରାସ୍ତାରେ ଚକାଜାମ୍ କରିଥିବା ବିଜେଡି ଏହାର ଏନଫୋର୍ସମେଣ୍ଟ ସ୍କ୍ୱାଡ୍‌ରେ ଥିବା ଜଣେ ଯବାନ ମାଡ଼ ଖାଉଥିବା ବେଳେ କ'ଣ କରୁଥିଲା ବୋଲି କହୁଛନ୍ତି। ଏପରିକି ପୂର୍ବ ସରକାର ଅମଳରେ ଦଳର ଜଣେ ବିଧାୟକ ଜନୈକ ଯନ୍ତ୍ରୀଙ୍କୁ ରାଜରାସ୍ତାରେ କାନ ଧରି ବସଉଠ୍ କରୁଥିବା ସମୟରେ ବିଜେଡିର ଦରଦପଣିଆ କୁଆଡ଼େ ଯାଇଥିଲା ବୋଲି ପ୍ରଶ୍ନ କରାଗଲାଣି।

ହେଉଥିବା ଆଲୋଚନା ଅନୁଯାୟୀ, ଅଳ୍ପଦିନ ତଳେ ବିଏମସି ଅଫିସଠାରୁ ଅନତି ଦୂରରେ ଥିବା ବରଗଡ ଗାଁରେ ଜବରଦଖଲ ଉଚ୍ଛେଦ ପାଇଁ ବିଏମ୍‌ସିର ଏନଫୋର୍ସମେଣ୍ଟ ଟିମ୍ ପହଞ୍ଚିଥିଲା। ଏହି ଟିମ୍‌ରେ ଜଣେ ସେନା ଯବାନ ସଞ୍ଜୟ କୁମାର ସ୍ୱାଇଁ ମଧ୍ୟ ଥିଲେ। ତେବେ ଜବରଦଖଲର ପୃଷ୍ଠପୋଷକ ସାଜିଥିବା କେତେକ ବିଜେଡି କର୍ମୀ ସେତେବେଳେ ଏନଫୋର୍ସଟିମ୍ ଉପରକୁ ଝାମ୍ପି ପଡ଼ିବା ସହ ଯବାନ ଶ୍ରୀ ସ୍ୱାଇଁଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଖବର ସେତେବେଳେ ରାଜଧାନୀରେ ନିଆଁ ଭଳି ବ୍ୟାପିଯାଇଥିଲା। ଯବାନ ଜଣଙ୍କ ମାଡ଼ଖାଇ ଲହୁଲୁହାଣ ମଧ୍ୟ ହୋଇଥିଲେ।

ହେଲେ ମାଡ଼ମରାସ୍ଥଳକୁ ବିଏମ୍‌ସି ମେୟର କିମ୍ବା ଅନ୍ୟ କୌଣସି ଅଧିକାରୀ ଯିବା ତ ଦୂରର କଥା, ମାଡ ଖାଇଥିବା ଯବାନଙ୍କ ପାଇଁ ଆହା ପଦେ ବି କହିଲେ ନାହିଁ। ଏହାର କାରଣ ଥିଲା ଯବାନ ଜଣଙ୍କ ବିଜେଡି କର୍ମୀଙ୍କ

➪ପୃଷ୍ଠା-୬

### ପାଣ୍ଡିଆନ୍ ବେଳେ କୁଆଡ଼େ ଥିଲେ ?

ବିଏମସି ଦପ୍ତରରେ ମାଡ଼ମରା ଘଟଣାରେ ବିଜେଡିର ଦରଦ ସହ ତାଳଦେଇ ରାଜ୍ୟର ଅମଲା ସଂଘମାନେ ସେମାନଙ୍କର ଦରଦପଣ ଦେଖାଇବା ଆରମ୍ଭ କରିଛନ୍ତି। ଏଥିରେ ଆଇଏଏସ୍, ଓଏଏସ୍ ସଂଘ ସହିତ ଆଉ କିଛି ସଂଘ ହାତ ମିଳାଇଛନ୍ତି। ତେବେ ଦୀର୍ଘଦିନ ଧରି କାଲୁଆ ଅବସ୍ଥାରେ ଥିବା ଏହି ସଂଘଗୁଡ଼ିକ କାହିଁକି ହଠାତ୍ ସକ୍ରିୟ ହୋଇ ଉଠିଛନ୍ତି ତାହାକୁ ନେଇ ରାଜଧାନୀରେ ଚର୍ଚ୍ଚା ଜୋର ଧରିଛି । ହେଉଥିବା ଆଲୋଚନା ଅନୁଯାୟୀ ତତ୍କାଳୀନ ଆଇଏଏସ୍ ଅଫିସର ଭିକେ ପାଣ୍ଡିଆନଙ୍କୁ ସର୍ବସମ୍ମୁଖରେ ଓ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ କାଳିମାଡ ହୋଇଥିବାବେଳେ ତାଙ୍କ ସପକ୍ଷରେ ଆଇଏଏସ୍ ସଂଘ ପାଟି ଫିଟାଇନଥିଲା। ସେହିଭଳି ପାଣ୍ଡିଆନଙ୍କ ସରକାରୀ କ୍ୱାର୍ଟର୍ସ ଉପରେ ବିଜେପି କର୍ମୀମାନେ ଗୋବରମାଡ଼ କରିଥିବାବେଳେ ସଂଘ ବି ପାଟି ଚୁପ୍ କରି ବସିଥିଲା। ନିଜ କ୍ୟାଡର ଅଫିସରଙ୍କ ପାଇଁ ବାହାରୁନଥିବା ଆଇଏଏସ୍ ସଂଘ ଓଏଏସ୍ ବାବୁଙ୍କ ପାଇଁ ମଇଦାନକୁ କୁଦା ମାରିବା ଏବେ ଅନେକ ବଡ଼ ବାବୁଙ୍କୁ ଟେରା କରିଦେଇଛି। ସେହିଭଳି ବିଭିନ୍ନ ସ୍ଥାନରେ ବିଡିଓମାନଙ୍କୁ ଧମକଚମକ ଘଟଣାରେ ନିରବ ରହୁଥିବା ଓଏଏସ୍ ସଂଘ ବି ଏବେ ସକ୍ରିୟ ହୋଇଉଠିଛି। ତେବେ ଏହି ଘଟଣାରେ ସଂଘ କେତେ ଦୁର୍ବଳ, ତାହା ପଦାରେ ପଡ଼ିଯାଇଛି। ସଂଘ ଡାକରା ଦେଇଥିବା କଲମଛାଡ଼ ଆନ୍ଦୋଳନକୁ ରାଜ୍ୟର ଅଧାରୁ ଅଧିକ ଜିଲ୍ଲାର ସଦସ୍ୟମାନେ ସମର୍ଥନ ନ ଦେବାରୁ ତାହା ଏକପ୍ରକାର ପାଣିଚିଆ ହୋଇଯାଇଛି।

# କେନ୍ଦ୍ରାପଡ଼ାରେ ଓଏଏସ୍ ଅଫିସରଙ୍କ ସମୂହ ଛୁଟି



**କେନ୍ଦ୍ରାପଡ଼ା,୧୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ଓଏଏସ୍ ଅଧିକାରୀମାନେ ସମୂହ ଛୁଟିରେ ରହିଥିବା ଜଣାପଡିଛି। ଗତକାଲି ଭୁବନେଶ୍ୱର ସ୍ଥିତ ମହାନଗର ନିଗମର ଡେପୁଟି କମିଶନର ଅଫିସରେ କାର୍ଯ୍ୟରତ ଥିବାବେଳେ କେତେକ ଦୁର୍ବୃତ୍ତ ତାଙ୍କୁ ଅଫିସରୁ ଘୋଷାଡି ଆଣି ନିସ୍ତୁକ ମାଡ ମାରିବା ଘଟଣା ସମଗ୍ର ରାଜ୍ୟରେ ଚହଳ ପକାଇ ଦେଇଛି । ରାଜ୍ୟ ଓଏଏସ୍ ସଂଘର ନିଷ୍ପତି କ୍ରମେ କେନ୍ଦ୍ରାପଡା ର ଓଏଏସ୍ ଅଧିକାରୀ ମାନଙ୍କ ଜରୁରୀ ବୈଠକ ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଡିଏମ ରବିନ୍ଦ୍ର କୁମାର ମଲିକ, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ଡେରାବିଶ ବିଡିଓ ନମିତା ବାରିକଙ୍କ ସମେତ ବହୁ ଓଏଏସ୍ ଅଧିକାରୀ ବୈଠକରେ ଯୋଗ ଦେଇଥିଲେ । ରାଜ୍ୟ ସଂଘର ନିଷ୍ପତି କ୍ରମେ ଆଜିଠାରୁ ସମସ୍ତେ ଓଏଏସ୍ ଅଧିକାରୀ ସଂଘର ପରବର୍ତ୍ତୀ ନିଷ୍ପତି ପର୍ଯ୍ୟନ୍ତ ଛୁଟିରେ ଯିବାପାଇଁ ନିଷ୍ପତି ନେଇଛନ୍ତି ।

# ଆଇନଜୀବୀଙ୍କ ଗିରଫକୁ ଜିଲ୍ଲା ଓକିଲ ସଂଘର ନିନ୍ଦା



**କେନ୍ଦ୍ରାପଡ଼ା,୧୮ (ସଂଚାର ବ୍ୟୁରୋ):** ବାଲେଶ୍ୱର ଠାରେ ବରିଷ୍ଠ ଆଇନଜୀବୀ ପୁରୁଷୋତମ ଦାସଙ୍କୁ ପୋଲିସ ଗିରଫ ଓ ଆଇଏଏସ୍ ଅପିସରଙ୍କ ଦ୍ୱାରା ନିର୍ଯ୍ୟାତିତ ହୋଇଥିବାରୁ କେନ୍ଦ୍ରାପଡା ଜିଲ୍ଲା ଓକିଲ ସଂଘ ତରଫରୁ ଏକ ଜରୁରୀ ବୈଠକ ଜିଲ୍ଲା ଓକିଲ ସଂଘ ସଭାପତି ଗୋବର୍ଦ୍ଧନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏପରି କାର୍ଯ୍ୟକୁ ନିନ୍ଦା କରିବା ସହିତ ଏହାର ତୀବ୍ର ବିରୋଧ କରାଯାଇଛି । ଟ୍ରେନିଂରେ ଥିବା ଆଇଏଏସ୍ ଅଧିକାରୀଙ୍କ ଏଭଳି କାର୍ଯ୍ୟକଳାପକୁ ବିରୋଧ କରି ରାଜ୍ୟ ଆଇନଜୀବୀ ପରିଷଦ ଓଡିଶା କଟକ ଏବଂ ବାଲେଶ୍ୱର ଜିଲ୍ଲା ଓକିଲ ସଂଘଙ୍କ ସହ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡିଶାଙ୍କୁ ଚିଠି ପଠାଇବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଛି। ଆୟୋଜିତ ଏହି ସଭାରେ ଜିଲ୍ଲା ଓକିଲ ସଂଘ ସଂପାଦକ ନୃସିଂହ ରାଉତ, ଉପ ସଭାପତି ହାଡିବନ୍ଧୁ ସିଂହଙ୍କ ସହ ଭୀମସେନ ଭୂୟାଁ, ସରୋଜରାଜ ସିଂହ, ସହ ସଂପାଦକ ବିନୋଦ କୁମାର ବେହେରା, କୋଷାଧକ୍ଷ ବିଭୂତି ଭୂଷଣ କର, ମହିଳା ସଭ୍ୟ ରେଣୁବାଳା ସାମଲ, ହରି ପ୍ରସାଦ କର, ମମତାମୟୀ ସାମଲଙ୍କ ସହ ବହୁ ଆଇନଜିବୀ ଉପସ୍ଥିତ ରହି ଘଟଣାର ତୀବ୍ର ନିନ୍ଦା କରିଥିଲେ ।

## ବର୍ଷେ ବିତିଗଲା, ରାସ୍ତାରୁ ହଟିଲାନି ଅବରୋଧ

# ହାଇସ୍କୁଲ ରାସ୍ତା ଉପରେ ନର୍ଦ୍ଦମାପାଣି

**ମାର୍ଶାଘାଇ,୧୮ (ସଂଚାର ବ୍ୟୁରୋ):** ମାର୍ଶାଘାଇ ହାଇସ୍କୁଲର ମୁଖ୍ୟ ରାସ୍ତା ଉପରେ ନର୍ଦ୍ଦମା ପାଣି ଏବେ ମାଡି ଚାଲିଛି । ଗତ ବର୍ଷ ଏହି ଦିନରେ ରାସ୍ତା ଉପରେ ନର୍ଦ୍ଦମା ପାଣି ମାଡି ଚାଲିଥିବାରୁ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ସେହି ଅଂଚଳରେ ଘର କରି ବସବାସ କରୁଥିବା ଲୋକମାନେ ଯାତାୟତରେ ଅସୁବିଧାର ସମ୍ମୁଖୀନ ହୋଇ ଆନ୍ଦୋଳନ କରିଥିଲେ।

ଜୁଣ ଛକରେ ଶହ ଶହ ଛାତ୍ରଛାତ୍ରୀ, ଅଭିଭାବକ, ସ୍ଥାନୀୟ ବାସିନ୍ଦା ରାସ୍ତା ଉପରେ ବସି ପ୍ରତିବାଦ କରିଥିଲେ । ମାର୍ଶାଘାଇ ତହସିଲଦାର, ବିଡ଼ିଓ, ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିବା ସାଙ୍ଗକୁ ମହାକାଳପଡ଼ା ବିଧାୟକ ଡ଼ ଦୁର୍ଗାପ୍ରସନ ନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବର୍ଷା ପାଣି ଜମି ରହିଥିବାରୁ ଚିରାଚରିତ ଜଳ ନିଷ୍କାସନ ପଥ ମାପଚୁପ କରାଯାଇ ପାରି ନଥିଲା । ରାସ୍ତାରେ ଥିବା କଲଭର୍ଟ ତିଆରି କରାଯିବା ସହିତ ମେଡିକାଲ ପାଚେରୀ ପାଖଦେଇ ଯାଇଥିବା ପୁରୁଣା ଜଳ ନିଷ୍କାସନ ପଥକୁ ସରକାରୀ ଭାବେ ମାପଚୁପ କରାଯାଇ ଅବରୋଧ ମୁକ୍ତ କରାଯିବ ବୋଲି ପ୍ରଶାସନ ପ୍ରତିଶୃତି ଦେଇଥିଲା। ବିଧାୟକଙ୍କ ପରାମର୍ଶକ୍ରମେ ବ୍ଲକ ପ୍ରଶାସନ ପକ୍ଷରୁ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ କଲଭର୍ଟ ନିର୍ମାଣ ଶେଷ ହୋଇଥିବା ବେଳେ ଜଳ ନିଷ୍କାସନ ପଥ ଅବରୋଧମୁକ୍ତ ହୋଇପାରିନାହିଁ କି ମାପଚୁପ ବି ହୋଇପାରି ନାହିଁ।

### ଦାନା ବାନ୍ଧୁଛି ଆଉ ଏକ ଆନ୍ଦୋଳନ

ଖରାଦିନେ ମାପଚୁପ କରି ଜଳ ନିଷ୍କାସନ ପଥକୁ ଅବରୋଧ ମୁକ୍ତ କରିବାକୁ ପ୍ରତିଶୃତି ଦେଇଥିବା ପ୍ରଶାସନର ଅବହେଳା ପାଇଁ ଏବେ ହାଇସ୍କୁଲ ରାସ୍ତା ଉପରେ ନର୍ଦ୍ଦମା ପାଣି ମାଡି ଚାଲିଥିବାରୁ ଛାତ୍ର ଛାତ୍ରୀ, ଅଭିଭାବକ, ସ୍ଥାନୀୟ ଲୋକମାନଙ୍କ ମଧରେ ଅସନ୍ତୋଷ ବୃଦ୍ଧି ପାଇଛି। ତାହା ଉଗ୍ର ରୂପ ନେଇ ପୁନଃ ଆନ୍ଦୋଳନ ହେବାର ଆଶଙ୍କା ଦେଖାଦେଇଛି। ଏହି ଜଳ ନିଷ୍କାସନ ପଥରେ ମାର୍ଶାଘାଇ କଲେଜ, ବନ୍ଧସାହି, କୁମ୍ଭାରସାହି, ମାର୍ଶାଘାଇ ବଜାରର ବର୍ଷା ଜଳ ନିଷ୍କାସିତ ହୋଇଥାଏ । କଲେଜ ପରିସରରେ ୩ କୋଟି ଟଙ୍କା ଅଟକଳରେ କରାଯାଇଥିବା ଡ୍ରେନ ଏହି ପୁରୁଣା ନିଷ୍କାସନ ପଥ ସହିତ ଯୋଡ଼ା ଯାଇଛି । ମାତ୍ର ଏହି ନିଷ୍କାସନ ପଥ ଅବରୋଧ ଯୋଗୁଁ ବର୍ଷା ଜଳ ଗତିପଥ ବଦଳେଇ ମାର୍ଶାଘାଇ ପ୍ରାଇମେରୀ ସ୍କୁଲ ପରିସରଦେଇ ହାଇସ୍କୁଲ ରାସ୍ତା ଉପରେ ପ୍ରବାହିତ ହେଉଅଛି । ପୁରୁଣା ଜଳ ନିଷ୍କାସନ ପଥ ଅବରୋଧ ମୁକ୍ତ ହୋଇପାରିଲେ ସବୁ ସମସ୍ୟା ସମାଧାନ ହୋଇପାରନ୍ତା ବୋଲି ଅଂଚଳବାସୀ କହିଛନ୍ତି ।



# ଅଦାଲତରେ ରାସ୍ତା ମାମଲା: ଲୋକେ ଭୋଗୁଛନ୍ତି ଦୁର୍ଦ୍ଦଶା



**ଡେରାବିଶ,୧୮ (ସଂଚାର ବ୍ୟୁରୋ):** ଡେରାବିଶ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ନୋଳସାହି ଗ୍ରାମରେ ଥିବା ଚାରିଘରିଆ ସାହିର ରାସ୍ତାଟି ଅଧା ପଡ଼ି ରହିଛି। ଏହି ରାସ୍ତାଟି ସରକାରଙ୍କ ପକ୍ଷରୁ ଗୋଟିଏ ପାଖ ପିଚୁ ହୋଇଥିବାବେଳେ ଆରପଟକୁ ବ୍ଲକ ରାସ୍ତା ହୋଇଛି । କିନ୍ତୁ ମଝି ଜାଗାରେ କିଛି ଅଂଶ ଜଣେ ବ୍ୟକ୍ତିଙ୍କ ଜାଗା ଥିବା ଅଭିଯୋଗ ହେବାରୁ ଏହି ଜାଗା ସମସ୍ୟାକୁ ନେଇ ପ୍ରାୟ ୧୦ ବର୍ଷ ଧରି ଅଦାଲତରେ ବିଚାରଧୀନ ଥିବାରୁ ରାସ୍ତାକାମ ସମ୍ପୂର୍ଣ୍ଣ ହେଉନଥିବା ଅଭିଯୋଗ ହୋଇଛି।

ବର୍ଷା ଦିନେ ଅସରାଏ ବର୍ଷା ହେଲେ ଏହି ରାସ୍ତାରେ ଆଣ୍ଠୁଏ ପାଣି ଜମୁଥିବା ଦେଖିବାକୁ ମିଳୁଛି। ରାସ୍ତାରେ ପାଣି ଜମି ରହିଥିବାବେଳେ ସ୍କୁଲ, କଲେଜ, ମେଡିକାଲ ଯିବା ଯାତାୟାତ ପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ ପାଣି ପଚି ଦୁର୍ଗନ୍ଧ ହେଉଥିବାରୁ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ଆଶଙ୍କା ରହିଛି । ଏହି ରାସ୍ତା ସମସ୍ୟାର ସମାଧାନ କରିବା ସହ ରାସ୍ତାର କାମ ସଂପୂର୍ଣ୍ଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

# କଂଗ୍ରେସର ସାଙ୍ଗଠନିକ ଅନ୍ତରୀଣ କଟକ ଜିଲ୍ଲା ସଭାପତି ଦାୟିତ୍ୱ ପାଇଲେ ପ୍ରଦୀପ୍ତ ଦାସ



**ମାହାଙ୍ଗା,୧୮ (ସଂଚାର ବ୍ୟୁରୋ):** ମାହାଙ୍ଗା ନିର୍ବାଚନ ମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ପ୍ରଦିପ୍ତ ଦାସଙ୍କୁ କଂଗ୍ରେସ୍ ଦଳ ପକ୍ଷରୁ ବଡ଼ ଦାୟିତ୍ୱ ଦିଆଯାଇଛି। ରାଜ୍ୟ କଂଗ୍ରେସର ୩୫ ସାଙ୍ଗଠନିକ ଜିଲ୍ଲାର ଅନ୍ତରୀଣ ସଭାପତିଙ୍କ ନାମ ଘୋଷଣା ହୋଇଥିବା ବେଳେ ପ୍ରଦିପ୍ତ କୁମାର ଦାସ (ବୁଲୁ)ଙ୍କୁ କଟକ ଜିଲ୍ଲା ସଭାପତି ଭାବେ ଦାୟିତ୍ୱ ଦିଆଯାଇଛି। ଶ୍ରୀଯୁକ୍ତ ଦାସ ନିଷ୍ଠାର ସହ ଦାୟିତ୍ୱ ତୁଲାଇବା ସହ ଜିଲ୍ଲା କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବେ ବୋଲି କହିବା ସହ ରାଜ୍ୟ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି। ଶ୍ରୀ ଦାସଙ୍କୁ ଏଭଳି ଏକ ଗୁରୁ ଦାୟିତ୍ୱ ମିଳିଥିବାରୁ ମାହାଙ୍ଗା ନିର୍ବାଚନ ମଣ୍ଡଳୀ କଂଗ୍ରେସ୍ କର୍ମକର୍ତ୍ତାଙ୍କ ମଧରେ ଖୁସିର ଲହରୀ ଖେଳିଯାଇଛି। ଏହି ପରିପ୍ରେକ୍ଷୀରେ ପିସିସି ସଭ୍ୟ ନାରାୟଣ ଦିବେଦୀ, ମାହାଙ୍ଗା ଯୁବ କଂଗ୍ରେସ ସଭାପତି ଏସକେ ସଦାମ, କଟକ ଜିଲ୍ଲା ଯୁବ କଂଗ୍ରେସ ପ୍ରାକ୍ତନ ସମ୍ପାଦକ ମିଳନ ମଲ୍ଲିକ, ମହମ୍ମଦ ବୁରାନ, ୟାକୁବ ହୁସେନ, ମାହାଙ୍ଗା ବ୍ଲକ କିସାନ ସେଲ ଅଧକ୍ଷ ଡମ୍ବୁରୁଧର ସ୍ୱାଇଁ, ନିଶ୍ଚିନ୍ତକୋଇଲି ବ୍ଲକ କିସାନ ସେଲ ଅଧକ୍ଷ ରମେଶ ସାହୁ ପ୍ରମୁଖ କଂଗ୍ରେସ ନେତାମାନେ ପ୍ରଦୀପ୍ତ କୁମାର ଦାସଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ପିସିସି ସଭାପତିଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ବିପଦ ସଂକୁଳ ଅବସ୍ଥାରେ ଉପନିବନ୍ଧକ କାର୍ଯ୍ୟାଳୟ

# ଉଈ ଲାଗି ନଷ୍ଟ ହେଲାଣି ବହୁ ଗୁରୁତ୍ୱପୂର୍ଣ୍ଣ ରେକର୍ଡ

**କେନ୍ଦ୍ରାପଡ଼ା,୧୮ (ସଂଚାର ବ୍ୟୁରୋ):** କାର୍ଯ୍ୟାଳୟରେ ଅଛି ବହୁ ଗୁରୁତ୍ୱ ପୂର୍ଣ୍ଣ ରେକର୍ଡ, ହେଲେ ସେସବୁ ଏବେ ଉଈ ଲାଗି ନଷ୍ଟ ହେବାର ଦେଖାଗଲାଣି । ଯେଉଁ କଂକ୍ରିଟ ଗୃହ ଅଛି ଏବେ ତାର ରକ୍ଷଣ ବେକ୍ଷଣ ଅଭାବ ପାଇଁ ସମ୍ପୂର୍ଣ୍ଣ ଗୃହ ଓ ତାର ଛାତ ଏବେ ଫାଟିକି ଆଁ କଲାଣି । କିନ୍ତୁ ସବୁଠୁ ଆଶ୍ଚର୍ଯ୍ୟ କର କଥା ହେଉଛି ଏହି ବିପଦ ସଙ୍କୁଳ ଗୃହ ମଧରେ ସରକାରୀ କର୍ମଚାରୀ ଡିୟୁଟି କରିବା ସହ ସମସ୍ତ ରେକଡ଼ କାଗଜ ପତ୍ର ଗଚ୍ଛିତ ରଖାଯାଇଛି। ଏହି ରେକର୍ଡ ଫାଇଲ୍ ଏବେ ନଷ୍ଟ ହେବାକୁ ବସିଲାଣି। ଏଭଳି ଦୃଶ୍ୟ ଆଜି ତହସିଲରେ ଥିବା ଉପନିବନ୍ଧକ ଓ ବିବାହ ପଞ୍ଜିକରଣ କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି ।



ଦୀର୍ଘ ବର୍ଷ ହେବ ଭଙ୍ଗା ଦଦରା ବିପଦପୂର୍ଣ୍ଣ ଗୃହ ମଧରେ ଚାଲୁଅଛି ଏହି କାର୍ଯ୍ୟାଳୟ। କେଉଁଠି ଘରର ଛାତରୁ ରଡ଼ ଦେଖାଗଲାଣି କେଉଁଠି ଛାତରୁ ପ୍ଲାଷ୍ଟର ଖସିଲାଣି ତ କେଉଁଠି କାନ୍ଥ ଫାଟି ଆଁ କଲାଣି ତାହାରି ତଳେ ବିପଦପୂର୍ଣ୍ଣ ଅବସ୍ଥାରେ ସରକାରୀ ଅଫିସରମାନେ କାର୍ଯ୍ୟ ତୁଲାଉଛନ୍ତି । କେତେବେଳେ ଯେ ବର୍ଷା ହେଲେ ଛାତରୁ ପାଣି ଗଡି ଅଫିସରେ ଥିବା କାଗକପତ୍ର ଓଦା ହୋଇ ନଷ୍ଟ ହେବାକୁ ବସିଲାଣି ତ କେତେବେଳେ ଛାତ ଭୁଶୁଡି ପଡିବ ତାହା କହି ହେବ ନାହିଁ। ଏହି ଘର ବିପଦ ପୂର୍ଣ୍ଣ ଅବସ୍ଥାରେ ଥିବା ବେଳେ ପ୍ରଶାସନ ନିଦରେ ଶୋଇଛି । ରାଜ୍ୟ ସରକାର କି ଜିଲ୍ଲା ପ୍ରଶାସନ ସହ ସ୍ଥାନୀୟ ନେତାଙ୍କର ଏହି କାର୍ଯ୍ୟାଳୟ ଉପରେ ନଜର ପଡୁନି ।

କାର୍ଯ୍ୟାଳୟରେ ଥିବା ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ନଷ୍ଟ ହେବାକୁ ବସିଲାଣି । ରାଜସ୍ୱ ଭଳି ଏକ ଗୁରୁତ୍ୱ ପୂର୍ଣ୍ଣ ବିଭାଗରେ ସାଧାରଣ ଲୋକଙ୍କ ରେକର୍ଡ ପତ୍ର ଅସୁରକ୍ଷିତ ଭାବେ ପଡି ରହିଛି । ରାଜ୍ୟ ସରକାର ବିକାଶର ନାରା ଦେଉଥିବା ବେଳେ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଜରାଜୀର୍ଣ ଅବସ୍ଥାକୁ ନେଇ ସାଧାରଣ ଲୋକଙ୍କ ମଧରେ ଚର୍ଚ୍ଚା ଜୋର ଧରିଛି । ଏହି କାର୍ଯ୍ୟଳୟ ଦୀର୍ଘ ଦିନ ହେବ ପ୍ରତିଷ୍ଠା ହୋଇଥିବା ବେଳେ, ଏ ପର୍ଯ୍ୟନ୍ତ ଏହାର ପୁନରୁଦ୍ଧାର ଆଉ ହୋଇପାରିନାହିଁ । କିନ୍ତୁ ଏହି କାର୍ଯ୍ୟାଳୟ ବହୁ ଗୁରୁତ୍ୱ ପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଛି। ଆଜି ବ୍ଲକରେ ଅନେକ ଅଫିସ ଗୃହ ରୂପାନ୍ତିକରଣ ହେଉଥିବା ବେଳେ ଉପ ନିବନ୍ଧକ ଓ ବିବାହ ପଞ୍ଜିକରଣ କାର୍ଯ୍ୟାଳୟକୁ ଅଣଦେଖାକୁ ନେଇ ଜିଲ୍ଲା ପ୍ରଶାସନ ଓ ଆଳି ବିଧାୟକ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀମାନେ ନିବେଦନ କରିଛନ୍ତି ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ରାଜନଗର,୧୮ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଅନ୍ତର୍ଗତ ନାଉକୋଣା ନିଗମ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଚିତ୍ର କୁମାର ନାୟକଙ୍କ ସେବା ନିବୃତ୍ତ ଅବସରରେ ବିଦ୍ୟାଳୟର ଶିକ୍ଷକ, ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କ ତରଫରୁ ଏକ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଉକ୍ତ ସଭାରେ ନୂତନ ଭାବେ ଦାଇତ୍ୱ ନେଇଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜିତୁ ମାଝୀ ସଭାପତିତ୍ୱ କରିଥିଲେ, ମୁଖ୍ୟ ଅତିଥି ଭାବରେ ନାଉକଣା ନିଗମ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଚନ୍ଦ୍ର କାନ୍ତ ରାଉତ, ମୁଖ୍ୟ ବକ୍ତା ଭାବରେ ନିଗମାନନ୍ଦ ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ରାମସ୍ୱାମୀ ଲେଙ୍କା, ସଂମ୍ମାନୀତ ଅତିଥି ଭାବରେ ପ୍ରଧାନ ଶିକ୍ଷକ ବ୍ରହ୍ମାନନ୍ଦ ପରିଡା, ପରେଶ କୁମାର ସାହୁ, ଅଞ୍ଜନ କୁମାର ପଢିହାରୀ, ସୁବାସ ଚନ୍ଦ୍ର ଜେନା,ଯୁବନେତା ସନାତନ ସ୍ୱାଇଁ ଯୋଗଦେଇ ଶ୍ରୀ ନାୟକଙ୍କର ନିଷ୍ଠାପର କର୍ତ୍ତବ୍ୟ, ସମୟାନୁବର୍ତ୍ତିତ, ଛାତ୍ର ଛାତ୍ରୀ ମାନଙ୍କୁ ଭଲପାଇବା, ଦୃଢ ନେତୃତ୍ୱ, ଇତ୍ୟାଦି ବିଷୟରେ ପ୍ରତିପାଦନ କରିଥିଲେ। ଏହାପରେ ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକ ମାନଙ୍କଦ୍ୱାରା ଶ୍ରୀଯୁକ୍ତ ନାୟକଙ୍କୁ ସମ୍ବର୍ଦ୍ଧିତ କରି ଶୋଭାଯାତ୍ରା ମାଧମରେ ତାଙ୍କ ଚଣ୍ଡୀଆପଲ୍ଲୀ ସ୍ଥିତ ବାସଭବନରେ ପହଞ୍ଚାଇଥିଲେ। ଏହି କାର୍ଯ୍ୟକ୍ରମକୁ ଉକ୍ତ ବିଦ୍ୟାଳୟର ଶିକ୍ଷକ ତ୍ରିଲୋଚନ ଦାସ, ସରସ୍ୱତୀ ସାହୁ, ସୁଶୀଳା ମଣି ସିଂ, ମଧୁସ୍ମିତା ସାହୁ, ବୀଣାପାଣି ସାହୁ, ଇତ୍ୟାଦି ପରିଚାଳନା କରିଥିଲେ।




# ସତ୍ୟପ୍ରକାଶ କଟକ ଟେଲିଫୋନ ଉପଦେଷ୍ଟା କମିଟିର ସଦସ୍ୟ



**ରାଜକନିକା,୧୮ (ସଂଚାର ବ୍ୟୁରୋ):** ଭାରତୀୟ ଜନତା ପାର୍ଟିର ଯୁବ ସଂଗଠକ ତଥା ସମାଜସେବୀ ସତ୍ୟପ୍ରକାଶ ଜଗତୀଙ୍କୁ କଟକ ଟେଲିଫୋନ ଉପଦେଷ୍ଟା କମିଟି ସଦସ୍ୟ ଭାବେ ମନୋନୀତ କରାଯାଇଛି। ଭାରତ ସରକାରଙ୍କ ସଂଚାର ମନ୍ତ୍ରାଳୟ ଅନ୍ତର୍ଗତ ଦୂରସଂଚାର ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜରିକରା ଯାଇ ଏହି ସୂଚନା ପ୍ରଦାନ କରାଯାଇଛି। ଏହି ନିଯୁକ୍ତି ପାଇଁ ଶ୍ରୀଯୁକ୍ତ ଜଗତି ଦଳର ଶୀର୍ଷ ନେତୃତ୍ୱବ, କେନ୍ଦ୍ରାପଡ଼ାର ଲୋକପ୍ରିୟ ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା, କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ ଓ ଆଳି ନିର୍ବାଚନ ମଣ୍ଡଳୀ ନେତା ତଥା ଜିଲ୍ଲା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।




# ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**କେନ୍ଦ୍ରାପଡ଼ା,୧୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଜିଲ୍ଲା ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲିକଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ମନୋରମା ସ୍ୱାଇଁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦେବା ସହ କାର୍ଯ୍ୟଦକ୍ଷତା ସଂପର୍କରେ ପ୍ରଶାଂସା କରିଥିଲେ । ଶ୍ରୀମତୀ ସ୍ୱାଇଁଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ, ମାନପତ୍ର ଏବଂ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଫଟୋ ପ୍ରଦାନ କରି ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧରେ ଡିପିସି ମମତା ମନୋରଂଜନ ଦାସଙ୍କ ସହ ରଜନୀକାନ୍ତ ଦାସ, ଶୁଭେନ୍ଦୁ ଦାସ, ସଂଜୟ ପାତ୍ର, ଭାରତୀ ବେହେରା, ସୁନିତା ବେହେରା, ଲଲାଟେନ୍ଦୁ ଭୋଇଙ୍କ ସମେତ ଜିଲ୍ଲାର ସମସ୍ତ ସିଡିପିଓ, ସୁପର ଭାଇଜର ଏବଂ ଆଇସିଡିଏସର କର୍ମକର୍ତାମାନେ ଉପସ୍ଥିତ ଥିଲେ ।

# ବିପ୍ଳବୀ ଆନନ୍ଦ ଜେନାଙ୍କ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ




**କେନ୍ଦ୍ରାପଡ଼ା,୧୮ (ସଂଚାର ବ୍ୟୁରୋ):** ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ୧୪୧ତମ ଜୟନ୍ତୀ ପାଳନ ନିମନ୍ତେ ସ୍ଥାନୀୟ ପବ୍ଲିକ ରିଡିଂରୁମ ପରିସରରେ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟି ପକ୍ଷରୁ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କମିଟି ସଭାପତି ବରିଷ୍ଠ ଆଇନଜୀବୀ ବିଚିତ୍ରାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଆସନ୍ତା ୧୭ତାରିଖରେ ବିପ୍ଳବୀ ଜେନାଙ୍କ ୧୪୧ତମ ଜୟନ୍ତୀ କେନ୍ଦ୍ରାପଡା ଜିଲ୍ଲା ସଦର ମହକୁମାରେ ପାଳନ ହେବାକୁ ଯାଉଥିବାରୁ ଏହି ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀମାନଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଥିଲା । ଜୟନ୍ତୀ ଦିନ ଜିଲ୍ଲା ସଦର ମହକୁମାରେ ଥିବା ମାନସିକ ଭିନ୍ନକ୍ଷମ ଓ ମୁକବଧିର ସ୍ୱତନ୍ତ୍ର ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ପ୍ରଥମେ କମିଟି ସଦସ୍ୟ ଉମାକାନ୍ତ ଗୁରୁଙ୍କ ବିୟୋଗରେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । କମିଟି ସମ୍ପାଦକ ରମଣୀରଞ୍ଜନ ରାଉତରାୟ ଜୟନ୍ତୀ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଏହି ବୈଠକରେ ଉପସଭାପତି ସଞ୍ଜୟ କୁମାର ସ୍ୱାଇଁ ଓ ଧିରେନ୍ଦ୍ର କୁମାର ଦାସ, ସଂଯୋଜକ ସରକାରୀ ଓକିଲ ସଞ୍ଜୟ କୁମାର ଜେନା, ସଂଗଠନ ସମ୍ପାଦକ ମୁକ୍ତାର ଖାଁ, ଯୁଗ୍ମ ସମ୍ପାଦକ ଅବନ୍ତୀ ବେହେରା, ସହସମ୍ପାଦକ ଆଦିକନ୍ଦ ରାଉଳ ଓ ସତ୍ୟବ୍ରତ ସିଂ, ମୁଖ୍ୟ ଉପଦେଷ୍ଟା କରୁଣାକର ଦାସ, ଉପଦେଷ୍ଟା ନିରଞ୍ଜନ ମେକାପ, ଅକ୍ଷୟପ୍ରିୟ ଦାସ, ଆଶିଷ ସେନାପତି, ଗୋଲଖ ପରିଡା, ପ୍ରଭାତ ଚନ୍ଦ୍ର ନାୟକ, ଚନ୍ଦନ କୁମାର ପରିଡା, ପ୍ରଦୀପ୍ତ ସିଂ, ପ୍ରମୋଦ କୁମାର ରାଉତ, ମନୋରଞ୍ଜନ ତ୍ରପାଠୀ, ଶ୍ରୀଧର କୁମାର ମହାନ୍ତି, ସେକ ତଫିରୁଦ୍ଦିନ, ରଣଧୀର ଜେନା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଆନ୍ତର୍ଜାତିକ ସମବାୟ ଦିବସ ପାଳିତ

**କେନ୍ଦ୍ରାପଡ଼ା,୧୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଉପ-ନିବନ୍ଧକ ସମବାୟ ସମିତି ସମୂହ ଆନୁକୂଲ୍ୟ ରେ କେନ୍ଦ୍ରାପଡା ଜିଲ୍ଲା ନିୟନ୍ତ୍ରିତ ବଜାର କମିଟି ସଭାଗୃହ ରେ ଆନ୍ତର୍ଜାତିକ ସମବାୟ ଦିବସ-୨୦୨୫ର ଏକକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳା ରେ ଜିଲ୍ଲା ପଶୁ ଚିକିତ୍ସା ଅଧିକାରୀ ଡ଼ଃ ପ୍ରଭଞ୍ଜନ କବି, ସହକାରୀ ମତ୍ସ୍ୟ ଅଧିକାରୀ ମୋନାଲିସା ମଣ୍ଡଳ (ପାଟକୁରା), ଦୁର୍ଗା ମାଧବ ନନ୍ଦ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ବିଷୟରେ ଆଲୋକପାତ କରିଥିଲେ । ଜୈବିକ ସାର ର ଉପକାରିତା ଓ ପ୍ରୟୋଗ ସମ୍ବନ୍ଧରେ ପ୍ରାଥମିକ କୃଷି ସମବାୟ ସମିତି ର କୃଷି ସଂପାଦକ ମାନଙ୍କୁ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇଥିଲେ । କାର୍ଯ୍ୟକ୍ରମ ରେ ଉପ ନିବନ୍ଧକ ପ୍ରଭାକର ନାୟକ, ସହକାରୀ ନିବନ୍ଧକ ଯୋଗେନ୍ଦ୍ର ନାଥ ବିଶ୍ୱାଳ ଓ ଅନ୍ୟ ସମସ୍ତ ଅଧିକାରୀ ମାନେ ଉପସ୍ଥିତ ରହି ସମବାୟ ର ସୁଦୂର ପ୍ରଚାର ପ୍ରସାର ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ। ସଭା ଶେଷରେ ବିଜୟ ରଂଜନ ବଳ ଧନ୍ୟବାଦ ଅର୍ପଣ କରିଥିଲେ । କର୍ମଶାଳା ପୂର୍ବରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।




## ଦାନପୁର-ଅସୁରେଶ୍ୱର ନଦୀବନ୍ଧ ପାଲଟିଛି

# ଅସାମାଜିକଙ୍କ ଆଡ୍ଡାସ୍ଥଳୀ

**ଡେରାବିଶ,୧୮ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ୍‌ର ଦାନପୁର ଲୁଣାନଦୀ ପୋଲଠାରୁ କଟକ ଜିଲ୍ଲାର ଅସୁରେଶ୍ୱର ପୋଲ ପର୍ଯ୍ୟନ୍ତ ଲୁଣା ନଦୀବନ୍ଧ ବାମପାଶ୍ୱର ରାସ୍ତା ଏବେ ଅସାମାଜିକଙ୍କ ଆଡାସ୍ଥଳୀ ପାଲଟିଛି। ଫଳରେ ଯାତ୍ରୀ ବିଳମ୍ବିତ ରାତିରେ ଯିବା ପାଇଁ ଅସୁରକ୍ଷିତ ମଣୁଛନ୍ତି।

ଏବେ ସରକାରଙ୍କ ନଦୀବନ୍ଧ ସୁଦୃଢ଼ୀକରଣ ଯୋଜନାରେ କଟକ ନର୍ଥ ଡିଭିଜନ ଜଳ ସମ୍ପଦ ବିଭାଗ ପକ୍ଷରୁ ନଦୀବନ୍ଧକୁ ସୁଦୃଢ଼ୀକାରଣ ଓ ପ୍ରଶସ୍ତୀକରଣ କରାଯାଇ ଯାତାୟତ ପାଇଁ ପିଚୁ ରାସ୍ତା ନିର୍ମାଣ କରାଯାଇଛି। କଟକ-ଚାନ୍ଦବାଲି ରାଜ୍ୟ ରାଜପଥ ଭିଡ଼ ଏଡ଼ାଇବା ପାଇଁ ବହୁ ଲୋକ ଏହି ରାସ୍ତାକୁ କଟକ ଓ କେନ୍ଦ୍ରାପଡ଼ା ଯିବା ପାଇଁ ବିକଳ୍ପ ରାସ୍ତା ଭାବେ ବ୍ୟବହାର କରୁଛନ୍ତି। ଏଥିସହିତ ଦାନପୁରରୁ ଅସୁରେଶ୍ୱର ପର୍ଯ୍ୟନ୍ତ ୫ କିଲୋମିଟର ବ୍ୟାପୀ ରାସ୍ତାରେ ଅନ୍ୟକୌଣସି ରାସ୍ତା ଅତିକ୍ରମ କରୁ ନଥିବାରୁ ବିନା ବାଧାରେ ଏହି ରାସ୍ତାରେ ଯାନବାହନ ଯାତାୟାତ କରୁଛି । ଏହି ରାସ୍ତାଟି ଏବେ ନିଶା ବେପାରୀଙ୍କ ଭୂସ୍ୱର୍ଗ ପାଲଟିଛି। ନଦୀବନ୍ଧର ନିରୋଳାର ସୁଯୋଗ ନେଇ କିଛି ଅସାମାଜିକ ବ୍ୟକ୍ତି ଏହି ରାସ୍ତାରେ ଆଡ୍ଡା ଜମାଇ ଖୋଲାଖୋଲି ଭାବେ ନିଶାଦ୍ରବ୍ୟ ସେବନ କରୁଥିବା ଦେଖିବାକୁ ମିଳିଛି। ଏଥିସହିତ ଭ୍ରାମ୍ୟମାଣ ନିଶା ବେପାରୀ ଫୋନ ଯୋଗେ ଅଡର୍ ନେଇ ମଦ, ଗଞ୍ଜେଇ ଓ ଚରସ ଭଳି ମାରାତ୍ମକ ନିଶା ଯୋଗାଇ ଦେଉଛନ୍ତି । ତେଣୁ ପଥଭ୍ରଷ୍ଟ ନିଶାଡ଼ି ବିନା ଡରରେ ଖୁଲମଖୁଲା ଭାବେ ଏହି ରାସ୍ତା କଡ଼ରେ ରହିଥିବା ବିଭିନ୍ନ ଗଛମୂଳରେ ବସିରହି ନିଶା ସେବନ କରୁଛନ୍ତି। ନିଶାଡ଼ି ନିଶା ଖାଇବା ପାଇଁ ବିଳମ୍ବିତ ରାତିରେ ବାଇକ୍ ଓ ଚାରିଚକିଆ ଆରୋହୀଙ୍କୁ ଅଟକାଇ ଧମକଚମକ ଦେଇ ଟଙ୍କା ଆଦାୟ କରୁଥିବା ଅଭିଯୋଗ ଆସିଲାଣି। ଗତ ସପ୍ତାହରେ କେହି ଦୁର୍ବୃତ୍ତ ଅର୍ତାମୂଳ ନିକଟରେ ହେଉଥିବା ଉଠାଜଳସେଚନ ପ୍ରକଳ୍ପର ପାଖାପାଖି ୧୫ଟି ଖୁଣ୍ଟରୁ ୧୧ କେଭି ତାରକୁ କାଟି ନେଇଥିବା ଦେଖିବାକୁ ମିଳିଥିଲା ।

ଏହି ୫ କିଲୋମିଟର ରାସ୍ତା ନଦୀ ଓ ନଦୀପଠାର ପ୍ରାକୃତିକ ସୌନ୍ଦର୍ଯ୍ୟ, ମନୋରମ ପରିବେଶରେ ଭରପୁର ରହିଥିବାରୁ ପ୍ରତ୍ୟୁଷ ଓ ସନ୍ଧ୍ୟାରେ ବହୁ ଜନସାଧାରଣ ଏହି ରାସ୍ତାର ପ୍ରାତଃ ଭ୍ରମଣ ଓ ସନ୍ଧ୍ୟା ଭ୍ରମଣ କରିଥା'ନ୍ତି। ଏହି ରାସ୍ତାରେଦୈନିକ ଶହ ଶହ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ସମେତ ହାଜାର ହଜାର ଜନସାଧାରଣ ଯାତାୟତ କରିଥା'ନ୍ତି । ତେଣୁ ଏମାନଙ୍କ ସୁରକ୍ଷା ପାଇଁ ଉଭୟ କେନ୍ଦ୍ରାପଡ଼ା ଓ କଟକ ଜିଲ୍ଲା ପୁଲିସ ପ୍ରଶାସନ ଏହି ରାସ୍ତାରେ ଦିନ ଓ ରାତିରେ ପାଟ୍ରୋଲିଂ ବ୍ୟବସ୍ଥା କରାଇବା ପାଇଁ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି।

# ‘ସକ୍ଷମା’ର ଦ୍ୱିତୀୟ ବୈଠକ




**ଭୁବନେଶ୍ୱର,୧୭(ସଂଚାର ବ୍ୟୁରୋ):** ଭିନ୍ନକ୍ଷମ ଆୟୁକ୍ତଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି ‘ସକ୍ଷମା’ର ଦ୍ୱିତୀୟ ବୈଠକ। ଏଥିରେ ମୁଖ୍ୟତଃ ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ଭିନ୍ନକ୍ଷମ ବ୍ୟକ୍ତି ଯୋଗ ଦେଇଥିବା ବେଳେ ଭିନ୍ନକ୍ଷମଙ୍କ ହିତ ପାଇଁ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସରକାରୀ ଓ ବେସରକାରୀ ସଂସ୍ଥା, ଯାଆଁଳାସ୍ଥିତ କେନ୍ଦ୍ର ସରକାରଙ୍କ ବାକ୍ ଶକ୍ତି ଓ ଭାଷାଜନିତ ଦୁର୍ବଳତା ପାଇଁ ଥିବା ଅନୁଷ୍ଠାନର ପ୍ରତିନିଧି, ଟାଟା ଷ୍ଟିଲର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଆୟୁକ୍ତଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର କାର୍ଯ୍ୟରତ ଅଧିକାରୀ ସମସ୍ତଙ୍କୁ ସ୍ୱାଗତ କରିବା ପରେ ଆୟୁକ୍ତ ଏହାର ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ। ରେଡିଓ ଉଡ୍ଡାନ୍‌ର ପ୍ରତିଷ୍ଠାତା ଡକ୍ଟର ଦାନିସ୍ ମହାଜନ ଭିଡିଓ କନଫରେନ୍ସି ମାଧ୍ୟମରେ ଯୋଗଦେଇ ଦେଶବିଦେଶର ଭିନ୍ନକ୍ଷମ ସମ୍ପର୍କିତ ବିଭିନ୍ନ ଘଟଣାବଳୀ ଉପସ୍ଥାପନ କରିଥିଲେ। ବୈଠକରେ ମୁଖ୍ୟତଃ ସାଙ୍କେତିକ ଭାଷାର ବହୁଳ ପ୍ରସାର ଓ ଶିକ୍ଷାଗତ ଯୋଗ୍ୟତା ହାସଲ ପରେ ସେମାନଙ୍କ ନିଯୁକ୍ତି, ପ୍ରତ୍ୟେକ ସରକାରୀ/ବେସରକାରୀ କାର୍ଯ୍ୟସ୍ଥଳୀକୁ ସୁଗମ ପ୍ରବେଶ, ଭିନ୍ନକ୍ଷମଙ୍କର ସହଜ ଆବେଦନ ଶୁଣାଣି ପ୍ରକ୍ରିୟା, ସରକାରୀ ସ୍ତରରେ ପ୍ରତ୍ୟେକ ୱେବସାଇଟକୁ ଭିନ୍ନକ୍ଷମଙ୍କ ଦ୍ୱାରା ବ୍ୟବହାର ଉପଯୋଗୀ କରିବା ଆଦି ଉପରେ ଆଲେଚନା ହୋଇଥିଲା। ଏଥିସହ ଏବେ ଦୂରଦର୍ଶନରେ ସାଙ୍କେତିକ ଭାଷାରେ ସମ୍ବାଦ ପରିବେଷଣ ହେଉନଥିବା ଅଭିଯୋଗ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷା ଦିଆଯିବା ଦିଗରେ ପଦକ୍ଷେପ ନେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ଆଲୋଚିତ ସମସ୍ତ ବିଷୟ ପ୍ରତି ଧ୍ୟାନ ଦେବା ପାଇଁ ସମସ୍ତଙ୍କର ସାହାଯ୍ୟ ସହଯୋଗ କାମନା କରାଯାଇଥିଲା। ପରିଶେଷରେ ଭିନ୍ନକ୍ଷମ ଆୟୁକ୍ତଙ୍କ ସ୍ୱତନ୍ତ୍ର କାର୍ଯ୍ୟରତ ଅଧିକାରୀ ଧନ୍ୟବାଦ ଦେଇଥିଲେ।

## ଡାକ୍ତର ଦିବସ ଓ ବନ ମହୋତ୍ସବ ସପ୍ତାହରେ ଚାରା ରୋପଣ

**ଭୁବନେଶ୍ୱର,୧୭(ସଂଚାର ବ୍ୟୁରୋ):** ଡାକ୍ତର ଦିବସ ଓ ବନ ମହୋତ୍ସବ ସପ୍ତାହ ଉପଲକ୍ଷେ ସାମାଜିକ ଅନୁଷ୍ଠାନ ‘ସବୁଜ ଭାରତ’ ପକ୍ଷରୁ ସହିଦ ନଗର ଦୁର୍ଗାମଣ୍ଡପ ପଛପଟ ପଡ଼ିଆରେ ଏକ ଚାରାରୋପଣ କର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ସମ୍ମାନିତ ଅତିଥି ଭାବେ ବିଏମ୍‌ସି ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, କର୍ପୋରେଟର ରାଜକିଶୋର ଦାସ,



ଅସୀମା ବେଗମ, ଅଲିଅଲି ମଲ୍ଲିକ, ମନୁ ଭାଇ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ସମୟରେ ପରିବେଶ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଓ ମାତ୍ରାଧିକ ତାପମାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି ପର୍ଯ୍ୟାପ୍ତ ପରିମାଣରେ ଚାରାରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଡାକ୍ତର ଦିବସ ଅବସରରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡଃ ଜୀବନ ଦୀକ୍ଷିତଙ୍କୁ ଅତିଥିଗଣ ସମ୍ବର୍ଦ୍ଧିତ କରିଥିଲେ। ଆଗାମୀ ଦିନରେ ୩୦ ନମ୍ବର ୱାର୍ଡରେ ଏକ ହଜାର ଚାରା ରୋପଣ କରାଯିବ ବୋଲି ସବୁଜ ଭାରତର ସଭାପତି ସତ୍ୟବ୍ରତ ଜେନା ଓ କର୍ପୋରେଟର ରାଜକିଶୋର ଦାସ ସୂଚନା ଦେଇଥିଲେ।

# ଓପିଜିସି ଓ ଓଏଚ୍‌ପିସି କାର୍ଯ୍ୟର ସମୀକ୍ଷା କଲେ ଶକ୍ତି ମନ୍ତ୍ରୀ



**ଭୁବନେଶ୍ୱର,୧୭(ସଂଚାର ବ୍ୟୁରୋ):** ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମ (ଓପିଜିସି) ଓ ଓଡ଼ିଶା ଜଳବିଦ୍ୟୁତ ନିଗମ (ଓଏଚପିସି)ର ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ବିଦ୍ୟୁତ ଭିତ୍ତିଭୂମି ସୁଦୃଢ଼ୀକରଣରେ ଏହି ପ୍ରକଳ୍ପ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି କହିବା ସହ ଶ୍ରୀ ସିଂହଦେଓ ବିଭିନ୍ନ ପ୍ରକଳ୍ପର ବିଳମ୍ବର କାରଣ ନିଜେ ପ୍ରତ୍ୟକ୍ଷ ରୂପେ ଅନୁଧ୍ୟାନ କରି ଏହାର ସମାଧାନ ନିମନ୍ତେ କେନ୍ଦ୍ରୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଓପିଜିସିର ନୂତନ ପ୍ରକଳ୍ପ ମଧ୍ୟରେ ୨ଟି ୬୬୦ ମେଗାୱାଟ ବିଶିଷ୍ଟ ତୃତୀୟ ପର୍ଯ୍ୟାୟ ସମ୍ପ୍ରସାରଣ କାର୍ଯ୍ୟ ରହିଛି। ଏହାଛଡ଼ା ଉଡ଼ା ପାଉଁଶର ପରିଚାଳନା, ଅବ୍ୟବହୃତ ଖାଲି ଖଣି ବିଷୟରେ ମଧ୍ୟ ଆଲୋଚନା ହୋଇଛି। ସେହିପରି ଓଏଚ୍‌ପିସି ଦ୍ୱାରା କଳାହାଣ୍ଡି ଜିଲ୍ଲାରେ ୬୦୦ ମେଗାୱାଟ ବିଶିଷ୍ଟ ଅପର ଇନ୍ଦ୍ରାବତୀ ପମ୍ପଡ୍ ଷ୍ଟୋରେଜ ପ୍ରକଳ୍ପ, କୋରାପୁଟ ଜିଲ୍ଲାର ୬୦୦ ମେଗାୱାଟ ବିଶିଷ୍ଟ ଅପର କୋଲାବ ପମ୍ପଡ଼ ଷ୍ଟୋରେଜ ପ୍ରକଳ୍ପ, ମାଲକାନଗିରିର ୫୦୦ ମେଗାୱାଟ ବିଶିଷ୍ଟ ବାଲିମେଳାରେ ପମ୍ପଡ ଷ୍ଟୋରେଜ ପ୍ରକଳ୍ପ, କନ୍ଧମାଳ ଜିଲ୍ଲାର ୬୩ ମେଗାୱାଟ ବିଶିଷ୍ଟ ଖଡଗ ଜଳବିଦ୍ୟୁତ ପ୍ରକଳ୍ପ ଆଦିର ସମୀକ୍ଷା ହୋଇଛି। ସେହିପରି ପ୍ରକଳ୍ପ ନିକଟରେ ପ୍ରତ୍ୟକ୍ଷ ଭାବେ ଅନୁଧ୍ୟାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିୟୋଜିତ କରିବାକୁ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ନିର୍ଦ୍ଦେଶଦେଇଛନ୍ତି। ବୈଠକରେ ଓପିଜିସିର ପରିଚାଳନା ନିର୍ଦ୍ଦେଶକ କେଦାର ରଞ୍ଜନ ପାଣ୍ଡୁ, ଓଏଚ୍‌ପିସି ନିର୍ଦ୍ଦେଶକ ଆଶିଷ କୁମାର ମହାନ୍ତି, ପ୍ରଣବ କୁମାର ମହାନ୍ତି, ଶକ୍ତି ବିଭାଗ ଅତିରିକ୍ତ ଶାସନ ସଚିବ ନିବେଦିତା ମିଶ୍ର, ଲିପ୍‌ସା ଦାସ ଉପସ୍ଥିତ ଥିଲେ।




## ଲାଏନ୍ସ କ୍ଲବ୍ ପକ୍ଷରୁ ଚାରାରୋପଣ

**ଭୁବନେଶ୍ୱର, ୧୭ (ସଂଚାର ବ୍ୟୁରୋ) :** ଲାଏନ୍ସ କ୍ଲବ ଭୁବନେଶ୍ୱର ପକ୍ଷରୁ ଆଜି ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଓସ୍କାର ସିଟିସ୍ଥିତ ପ୍ରତିମା କଲ୍ୟାଣ ମଣ୍ଡପଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ କ୍ଲବର ସଭାପତି ଲାୟନ ପ୍ରଶାନ୍ତ ପରିଡା, ସମ୍ପାଦକ ଲାୟନ କାହ୍ନୁଚରଣ ପୃଷ୍ଟି, କୋଷାଧ୍ୟକ୍ଷ ଲାୟନ ସତ୍ୟରଞ୍ଜନ ଚାନ୍ଦ ଏବଂ ବହୁ ସଦସ୍ୟ ଯୋଗଦେଇଥିଲେ। ଏଥିରେ ସପେଟା, ପିଜୁଳି, ଲେମ୍ବୁ ଆଦି ଚାରା ରୋପଣ କରାଯାଇଛି। ପରିବେଶ ସୁରକ୍ଷା ପାଇଁ ଚାରାରୋପଣ କରିବାକୁ ଲାଏନ୍ସ କ୍ଲବ ସଦସ୍ୟମାନେ ଉପସ୍ଥିତ ଲୋକଙ୍କୁ ପରାମର୍ଶ ଦେଇଥିଲେ।



# ସାହିତ୍ୟ କ୍ଷେତ୍ରରେ ସ୍ୱାଧୀନ ଦାଶଙ୍କୁ ଡକ୍ଟରେଟ ଉପାଧି

**ଭୁବନେଶ୍ୱର,୧୭(ସଂଚାର ବ୍ୟୁରୋ):** ଏଠାରେ ଆୟୋଜିତ ଏକ ଉତ୍ସବରେ ସମାଜର ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି। ଏହି କ୍ରମରେ ବିଶିଷ୍ଟ ସାହିତ୍ୟିକ ଓ କବି ସ୍ୱାଧୀନ କୁମାର ଦାଶଙ୍କୁ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଏହି ଉପାଧି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଆମେରିକାର ଡଃ ଇଗନ୍ନିଶ ହେନରିକ୍, ଡଃ ଗିରୀଶ ଲାଲୱାନି ଓ ଡଃ ନିରଞ୍ଜନା ମୁଖାର୍ଜୀ ଯୋଗଦେଇଥିଲେ। ଶ୍ରୀ ଦାଶ ତାଙ୍କ ସାହିତ୍ୟିକ ଜୀବନରେ ଅନେକ ପୁସ୍ତକ, ସ୍ତମ୍ଭ ଓ କବିତା ରଚନା କରି ବିଭିନ୍ନ ସଂଗଠନ ଦ୍ୱାରା ପୁରସ୍କୃତ ହୋଇସାରିଛନ୍ତି। ସେ ଯାଜପୁର ବିଞ୍ଝାରପୁର ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ ସତ୍ୟାନନ୍ଦ ଦାଶ ଓ ଶାନ୍ତିଲତା ଦାଶଙ୍କ ପୁତ୍ର। ପିଲାବେଳୁ ସମାଜ ସେବା ଓ ସାହିତ୍ୟ ପ୍ରତି ରୁଚି ରଖିଥିବା ଶ୍ରୀ ଦାଶ ତାଙ୍କ ନିଜସ୍ୱ ପ୍ରଚେଷ୍ଟାରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଓ ସାହିତ୍ୟ ଆଲୋଚନା ଆଦି ଆୟୋଜିତ କରିଆସିଛନ୍ତି। ଡକ୍ଟରେଟ୍ ଉପାଧି ପାଇଥିବାରୁ ଶ୍ରୀ ଦାଶଙ୍କୁ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବରିଷ୍ଠ ସାମ୍ବାଦିକ ଚିନ୍ମୟ ମହାପାତ୍ର ଓ ବହୁ ବିଶିଷ୍ଟ କବି, ସାହିତ୍ୟିକ, ବୁଦ୍ଧିଜୀବୀ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ନିଜ ପ୍ରତିକ୍ରିୟାରେ ଶ୍ରୀ ଦାଶ କହିଛନ୍ତିଯେ ଆଗାମୀ ଦିନରେ ସାହିତ୍ୟ କିପରି ଯୁବବର୍ଗଙ୍କ ଦ୍ୱାରା ଆଦୃତ ହେବ, ସେ ଦିଗରେ କାର୍ଯ୍ୟ କରିବେ ବୋଲି କହିଛନ୍ତି।

# ଟ୍ରକ୍ ମାଲିକ ମହାସଂଘର ଗଣଧାରଣା

● ପରିବହନ ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ




**ଭୁବନେଶ୍ୱର,୧୭(ସଂଚାର ବ୍ୟୁରୋ):** ଅଲ୍ ଓଡ଼ିଶା ଟ୍ରକ ମାଲିକ ମହାସଂଘ ପକ୍ଷରୁ ଆଜି ୧୬ ଦଫା ଦାବି ପୂରଣ ନିମନ୍ତେ ସ୍ଥାନୀୟ କସ୍ତୁରବା ନାରୀ ମହଲଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପରେ ଭାରତୀୟ ରିଜର୍ଭ ବ୍ୟାଙ୍କ ସମ୍ମୁଖରେ ଏକ ଗଣଧାରଣା ଅନୁଷ୍ଠିତ ହୋଇଛି। ମହାସଂଘ ପକ୍ଷରୁ କୁହାଯାଇଛି ଯେ ନିୟୁତ ନିୟୁତ ଟନ୍ ଖଣିଜ ଉତ୍ପାଦିତ ହେଉଥିବା ବେଳେ ୧୦ ପ୍ରତିଶତରୁ କମ୍ ମାଲ ଟ୍ରକ୍ ଦ୍ୱାରା ପରିବହନ ହେଉଛି। ତେଣୁ ଏ କ୍ଷେତ୍ରରେ ଟ୍ରକ ମାଲିକମାନଙ୍କୁ ଅଣଦେଖା କରାଯାଉଛି। ତେଣୁ କୋଇଲା ଓ ଆଇରନ ଟ୍ରେନ ଏବଂ ଟ୍ରକ ଦ୍ୱାରା ୬୦:୪୦ ଅନୁପାତରେ ପରିବହନ ହେବା ଉଚିତ। ଦୀଘବର୍ଷ ହେବ ଟ୍ରକରେ ପରିବହନ ବାବଦ ଭଡ଼ା ଧାର୍ଯ୍ୟ ପାଇଁ ଦାବି ହୋଇଆସୁଥିଲେ ମଧ୍ୟ ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାଁନ୍ତି। ତେଣୁ ଏହି ଦର କିମି ପ୍ରତି ସାଢ଼େ ୬ ଟଙ୍କା ଲାଗୁ ହେବା ଜରୁରୀ। ସେହିପରି ପାଇପ ଲାଇନ ଦ୍ୱାରା ଖଣିଜ ଦ୍ରବ୍ୟ ପରିବହନକୁ ବନ୍ଦ କରାଯାଉ, ନଚେତ ସମସ୍ତ ଗାଡ଼ିର ଋଣକୁ ସରକାର ମାଫ୍ କରିଦିଅନ୍ତୁ। ସ୍ଲରୀ ପାଇପ ଲାଇନରେ ପରିବହନ ଆରମ୍ଭ ହୋଇଥିବାରୁ ଟ୍ରକ ମାଲିକମାନଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି। ଏହାଦ୍ୱାରା ପ୍ରକୃତି ଉପରେ ମଧ୍ୟ କୁପ୍ରଭାବ ପଡ଼ୁଛି। ତେଣୁ ଭବିଷ୍ୟତକୁ ଦୃଷ୍ଟିରେ ରଖି ସ୍ଲରୀ ଲାଇନ କାର୍ଯ୍ୟକ୍ରମ ବନ୍ଦ କରଯାଉ ବୋଲି ମହାସଂଘର ସଦସ୍ୟମାନେ ଦାବି କରିଛନ୍ତି। ସେହିପରି ସ୍ଲରୀ ମାଧ୍ୟମରେ ପରିବହନ ଯୋଗୁଁ ରାଜ୍ୟ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଇବେ। ଏହା କେବଳ ଶିଳ୍ପପତି ରପ୍ତାନୀକାରୀଙ୍କ ଲାଭ ବଢ଼ାଇବ। ସରକାର ଓ ସାଧାରଣ ଲୋକ ଏହାଦ୍ୱାରା ବ୍ୟାପକ କ୍ଷତିଗ୍ରସ୍ତ ହେବେ। ସେହିପରି ପାର୍କିଂ ସହ ଡ୍ରାଇଭରମାନଙ୍କ ପାଇଁ ବିଶ୍ରାମ ବ୍ୟବସ୍ଥା ହେବା ଦରକାର। ମଦ୍ୟପାନ କରିଥିବା ଡ୍ରାଇଭରଙ୍କୁ ଅଟକ ସହ ଜୋରିମାନା କରାଯାଉ। କିନ୍ତୁ ଗାଡ଼ିକୁ ଜବତ କରାନଯାଉ। ସେହିପରି ଟ୍ରକ୍ ମାଲିକମାନଙ୍କ ବ୍ୟବସାୟକୁ ଏମ୍‌ଏସ୍‌ଏମ୍‌ଇ ପରିସରଭୁକ୍ତ କରିବା ସକାଶେ ମଧ୍ୟ ଦାବି କରାଯାଇଛି। ସେମାନେ ଆହୁରି କହିଛନ୍ତି ଯେ ଟ୍ରକ ମାଲିକମାନଙ୍କ ପାଇଁ ସରକାର ଏକ ୱେଲଫେୟାର ବୋର୍ଡ ଗଠନ କରନ୍ତୁ। ଏହି ବୋର୍ଡ଼ ଦ୍ୱାରା ସାଧାରଣ ଟ୍ରକ ମାଲିକ ନିଜର ସମସ୍ୟା ସରକାରଙ୍କ ନିକଟରେ ସହଜରେ ଉପସ୍ଥାପନ କରିପାରିବେ। ଏହିପରି ବିଭିନ୍ନ ଦାବି ନେଇ ମହାସଂଘର ସଦସ୍ୟମାନେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ଭେଟିବା ସହ ୧୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି।

ଏହି ଗଣଧାରଣାରେ ମହାସଂଘର ରାଜ୍ୟ ସଭାପତି ପୁରଞ୍ଜନ ପାଢ଼ୀ, ଗଣେଶ ମାହାରି, ଫିରୋଜ ଖାନ, ପର୍ବିନ ପରୱାନା, ଏସ୍‌କେ ତାଞ୍ଜିମ୍ ଅହମ୍ମଦ ଚିସ୍ତି, ଜହର ଅଲ୍ଲୀ ଖାନ, ତପନ ବେହେରା, ମାନସ, ବୀରେନ ମାନ୍ଧାତା, ପତିତପାବନ, ସସ୍ମିତା, ଦାମୋଦର, ଅବଦୁଲ, ମୁକୁନ୍ଦନାଥ, ଓଁକାର ଯୋଗଦାନ କରିଥିଲେ। ଏଥିସହ ଖୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆନଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ମଧ୍ୟ ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ପଦକ ବିଜେତାଙ୍କୁ ଡିଜିପିଙ୍କ ଶୁଭେଚ୍ଛା





**ଭୁବନେଶ୍ୱର, ୧୭ (ସଂଚାର ବ୍ୟୁରୋ) :** ପୁଲିସ ଏବଂ ଅଗ୍ନିଶମ କ୍ରୀଡ଼ାରେ ଓଡ଼ିଶା ପୁଲିସର କନଷ୍ଟେବଳ ଅଶୋକ୍ ଦଣ୍ଡସେନା ଓ ସୁସ୍ମିତା ଟିର୍ଗା ପଦକ ଜିତି ରାଜ୍ୟ ପୁଲିସ ପାଇଁ ଗୌରବ ଆଣିଛନ୍ତି। ଗୋଟିଏ ପଟେ ଅଶୋକ ୮୦୦ ମିଟର (ପୁରୁଷ ବର୍ଗ) ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଅନ୍ୟପଟେ କନଷ୍ଟେବଳ ସୁସ୍ମିତା ୮୦୦ ମିଟର (ମହିଳା ବର୍ଗ) ଦୌଡ଼ରେ ରୌପ୍ୟ ପଦକ ଜିତି ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ଉଭୟଙ୍କ ଏହି ସଫଳତା ପରିପ୍ରେକ୍ଷୀରେ ସେମାନଙ୍କୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଉଭୟ ଅଶୋକ ଓ ସୁସ୍ମିତା ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଅସାଧାରଣ କ୍ରୀଡା କୌଶଳ ପ୍ରଦର୍ଶନ କରିବା ସହ ଓଡ଼ିଶାର ପୁଲିସର ସୁନାମ ବଢ଼ାଇଥିବାରୁ ସେମାନଙ୍କୁ ଡିଜି ଶ୍ରୀ ଖୁରାନିଆ ଧନ୍ୟବାଦ ମଧ୍ୟ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ା ପ୍ରତି ଦୁଇ ବର୍ଷରେ ଅନୁଷ୍ଠିତ ହେଉଥିବାବେଳେ ଏଥିରେ ପୁଲିସ୍ ବିଭାଗ ବ୍ୟତୀତ ଅଗ୍ନିଶମ ଓ ବିଶ୍ୱର ଅନ୍ୟାନ୍ୟ ସାର୍ବଜନୀନ ସୁରକ୍ଷା ସଂସ୍ଥାର ହଜାର ହଜାର ପ୍ରତିଯୋଗୀ ଅଂଶଗ୍ରହଣ କରିଆସୁଛନ୍ତି। ଅଶୋକ ଓ ସୁସ୍ମିତାଙ୍କ ବିଜୟ ଓଡ଼ିଶା ପୁଲିସର କ୍ରୀଡା ଉତ୍କର୍ଷତା, ଦୃଢ଼ତା ଓ ଶୃଙ୍ଖଳାର ପ୍ରମାଣ। ଉଭୟଙ୍କ ପଦକ ବିଜୟ ଓଡ଼ିଶା ପୁଲିସ ବାହିନୀକୁ ଗୌରବାନ୍ୱିତ କରିବା ସହ ସେମାନେ କର୍ତ୍ତବ୍ୟ ଏବଂ କ୍ରୀଡ଼ା କ୍ଷେତ୍ରରେ ଉତ୍କର୍ଷତା ହାସଲ ପାଇଁ ଅନ୍ୟ କ୍ରୀଡ଼ାବିତ ଓ କର୍ମଚାରୀମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି।

## ବୈତରଣୀ ନଦୀ ବିପଦ ସଙ୍କେତ ନିକଟତର

**ଭଦ୍ରକ,୧୭ (ସଂଚାର ବ୍ୟୁରୋ) :** ଫୁଲୁଛି ବୈତରଣୀ ନଦୀ । ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ଭଦ୍ରକ ଜିଲ୍ଲା ଆଖୁଆପଦା ଆନିକଟ ନିକଟରେ ବୈତରଣୀ ନଦୀ ବିପଦ ସଙ୍କେତ ଆଡକୁ ଗତି କରୁଛି । ସତର୍କ ସୂଚନା ୧୭. ୮୩ ମିଟର ଉପରେ ନଦୀ ଜଳ ପ୍ରବାହିତ ହେଉଛି । ଏହି ନଦୀର ବିପଦ ସଙ୍କେତ ୧୮. ୩୩ ମିଟର ଥିଲା ବେଳେ ଏବେ ବୈତରଣୀ ନଦୀର ଜଳ ସ୍ତର ୧୮. ୨୦ ଉପରେ ପ୍ରବାହିତ ହେଉଛି। ଜିଲ୍ଲାର ଭଣ୍ଡାରିପୋଖରୀ ଓ ଧାମନଗର ବ୍ଲକକୁ ଆଲର୍ଟ କରାଯାଇଛି । ଉପର ମୁଣ୍ଡ ଅର୍ଥାତ କେଉଁଝର , ଆନନ୍ଦପୁର, ସୋମପାଟଣା ଆଦି ଅଞ୍ଚଳରେ ହେଉଥିବା ବର୍ଷାର ପରିମାଣ ଉପରେ ନଜର ରଖିଛି ପ୍ରଶାସନ । ବନ୍ୟା ଭଳି ସ୍ଥିତି ଉପୁଜି ନଥିଲେ ମଧ୍ୟ ପୂର୍ବରୁ ପ୍ରଭାବିତ ହେଉଥିବା ତଳିଆ ଅଞ୍ଚଳ ଗୁଡିକ ପାଇଁ ପ୍ରଶାସନ ପ୍ରସ୍ତୁତ ରହିଛି। ଭଣ୍ଡାରିପୋଖରୀ ବିଧାୟକ ସଂଜୀବ ମଲ୍ଲିକ ଆଖୁଆପଦା ଯାଇ ସେଠାରେ ସ୍ଥିତି ଦେଖିଛନ୍ତି। ଜଳ ସେଚନ ବିଭାଗ ଯନ୍ତ୍ରୀ ଓ ସ୍ଥାନୀୟ ବ୍ଲକ ପ୍ରଶାସନ ସହ ଆଲୋଚନା କରି ସାମ୍ଭାବ୍ୟ ବନ୍ୟା ପରିସ୍ଥିତି ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପରାମର୍ଶ ଦେଇଛନ୍ତି। ସମସ୍ତ ପଞ୍ଚାୟତର ଲୋକ ପ୍ରତିନିଧିଙ୍କୁ ସଜାଗ ରଖାଯାଇଛି । ବିଭିନ୍ନ ସ୍କୁଲ ଗୃହ ଗୁଡ଼ିକୁ ପ୍ରସ୍ତୁତ ରଖା ଯାଇଛି। ଆଶା ଓ ଅଙ୍ଗନବାଡ଼ି କର୍ମୀଙ୍କୁ ବନ୍ୟା ସ୍ଥିତି ଉପୁଜିଲେ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ।



ପଣ୍ୟ ପରିବହନରେ ପୂର୍ବତଟ ରେଳପଥର ସଫଳତା

# ୨୦୨୫-୨୬ରେ ୯.୬୯ ପ୍ରତିଶତ ଅଭିବୃଦ୍ଧି




**ଭୁବନେଶ୍ୱର,୧୭(ସଂଚାର ବ୍ୟୁରୋ):** ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ର ପ୍ରଥମ ତ୍ରୈମାସିକରେ ପଣ୍ୟ ପରିବହନରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ପୂର୍ବ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ପୂର୍ବତଟ ରେଳପଥ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ଗତ ଆର୍ଥିକ ବର୍ଷର ଏପ୍ରିଲରୁ ଜୁନ୍ ମଧ୍ୟରେ ପୂର୍ବତଟ ରେଳପଥ ୬୨.୨ ନିୟୁତ ଟନ୍ ପଣ୍ୟ ପରିବହନ କରିଥିବା ବେଳେ ଚଳିତ ଆର୍ଥିକ ବର୍ଷର ସମାନ ଅବଧିରେ ଏହା ୬୮.୧୯ ନିୟୁତ ଟନ୍ ବୋଝେଇ କରିଛି। ଏହା ଗତ ବର୍ଷ ତୁଳନାରେ ୯.୬୯ ପ୍ରତିଶତ ବୃଦ୍ଧିକୁ ପ୍ରତିଫଳିତ କରୁଛି। କେବଳ ଚଳିତ ବର୍ଷର ଜୁନ୍ ମାସରେ ପଣ୍ୟ ପରିବହନ ୨୩.୧୫ ନିୟୁତ ଟନ୍‌ରେ ପହଞ୍ଚିଛି, ଯାହା ୨୦୨୪ର ସମାନ ଅବଧି ମଧ୍ୟରେ ପଣ୍ୟ ବୋଝେଇ ୨୧.୪୯ ନିୟୁତ ଟନ୍ ତୁଳନାରେ ୭.୭୨ ପ୍ରତିଶତ ବୃଦ୍ଧି ପାଇଛି। ପୂର୍ବତଟ ରେଳପଥ ପକ୍ଷରୁ ଦୈନିକ ହାରାହାରି ପଣ୍ୟ ପରିବହନ ଏବେ ପ୍ରାୟ ୦.୭୫ ନିୟୁତ ଟନ୍ ରହିଛି। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପୂର୍ବତଟ ରେଳପଥ ଏହାର ମହତ୍ତ୍ୱାକାଂକ୍ଷୀ ବାର୍ଷିକ ଲକ୍ଷ୍ୟ ହାସଲ ଦିଗରେ ନିଜକୁ ପ୍ରସ୍ତୁତ ରଖିଛି। ଏହି ସ୍ଥିର ଅଭିବୃଦ୍ଧି କେବଳ ଦକ୍ଷ ଯୋଜନା, ଉନ୍ନତ କାର୍ଯ୍ୟକ୍ଷମ ପରିଚାଳନା ଏବଂ କୋଇଲା, ଲୁହା ଖଣି, ସିମେଣ୍ଟ ଏବଂ ସାର ଭଳି କ୍ଷେତ୍ରଗୁଡ଼ିକ ସହିତ ପଣ୍ୟ ପରିବହନ ଗ୍ରାହକଙ୍କ ସହ ସକ୍ରିୟ ସମନ୍ୱୟ ଯୋଗୁଁ ସମ୍ଭବପର ହୋଇପାରିଛି। ଦେଶର ଲଜିଷ୍ଟିକ୍ସ ଓ ଯୋଗାଣ ଶୃଙ୍ଖଳା ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ପୂର୍ବତଟ ରେଳପଥ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି।

## ଶ୍ରୀ ଜଗନ୍ନାଥ ଭକ୍ତି ସଙ୍ଗୀତ ସମାରୋହ ‘ଗୁହାରି-୨୦୨୫’ ଉଦ୍‌ଘାଟିତ



**ଭୁବନେଶ୍ୱର,୧୭(ସଂଚାର ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ଆୟୋଜିତ ଶ୍ରୀଜଗନ୍ନାଥ ଭକ୍ତି ସଙ୍ଗୀତ ସମାରୋହ ‘ଗୁହାରି-୨୦୨୫’ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରସ୍ଥିତ ଉତ୍କଳ ରଙ୍ଗମଞ୍ଚରେ ଉଦ୍‌ଘାଟିତ ହୋଇଛି। ଏହି ତିନିଦିନିଆ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବିଶିଷ୍ଟ କଣ୍ଠଶିଳ୍ପୀମାନେ ଯୋଗଦେଇଛନ୍ତି। ପବିତ୍ର ରଥଯାତ୍ରା ସମୟରେ ଏହି ଉତ୍ସବ ଆୟୋଜନର ମୂଳ ଉଦ୍ଦେଶ୍ୟ ଶ୍ରୀଜଗନ୍ନାଥଙ୍କ ଭକ୍ତି ସଙ୍ଗୀତକୁ ଲୋକଲୋଚନକୁ ଆଣିବା ସହ ତା’ର ପ୍ରଚାର ପ୍ରସାର କରିବା। ଉଦ୍‌ଘାଟନୀ ଉତ୍ସବରେ ବିଶିଷ୍ଟ ସଂସ୍କୃତ ଭାଷାବିତ୍ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର, ଓଡ଼ିଶା ସରକାରଙ୍କର ଅନୁସୁଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ଯୁଗ୍ମ ଶାସନ ସଚିବ ପ୍ରଣତି ପାତ୍ର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ଦେବଯାନୀ ଭୂୟାଁ ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଅନୁଜା ତାରିଣୀ ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ସନ୍ଧ୍ୟାରେ ପ୍ରଥମେ ଓଡ଼ିଶୀ ଗବେଷଣା କେନ୍ଦ୍ରର ଶିଳ୍ପୀମାନେ ‘ଜଗନ୍ନାଥ ସ୍ୱାମୀ ନୟନ ପଥଗାମି ଭବତୁ ମେ’ ପରିବେଷଣ କରିଥିଲେ। ପରେ ବିଶିଷ୍ଟ ଗାୟକ ଦୁଃଖୀଶ୍ୟାମ ତ୍ରିପାଠୀ ପରିବେଷଣ କରିଥିଲେ ଡକ୍ଟର ଜାନକୀ ବଲ୍ଲଭ ମହାନ୍ତିଙ୍କ ରଚିତ ‘କାଳ କାଳ ଥିବ ରହି ହେ’ ଓ ନିତ୍ୟାନନ୍ଦ ଦାଶଙ୍କ ରଚିତ ‘ତୁମ୍ଭ ଶୁଣିବାକୁ ମୋହ କହି’। ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ସୁନାମଧନ୍ୟ ଗାୟିକା ସୁସ୍ମିତା ଦାଶଙ୍କ ଦ୍ୱାରା ସାଲବେଗଙ୍କ ରଚିତ ‘ବୃନ୍ଦାବନେ ବଂଶୀ କେ ବଜାଇଲା’ ଓ ଭୀମଭୋଇଙ୍କ ରଚିତ ‘ଭାଗ୍ୟ ଥିଲେ ଧରାଧର’। ସେହିପରି ପ୍ରଖ୍ୟାତ ଗାୟକ ତଥା ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ୍ ପରିବେଷଣ କରିଥିଲେ ସାଲବେଗଙ୍କ ରଚିତ ଶ୍ରୀକୃଷ୍ଣଙ୍କ ‘ବଂଶୀ ଧ୍ୱନୀ’ ଓ ‘କେଣେ ଘେନି ଯାଉଛ’। ପରେ ପରେ ଭାଗ୍ୟଶ୍ରୀ ମହାନ୍ତି ପରିବେଷଣ କରିଥିଲେ ‘ଚନ୍ଦନ ଲାଗି ସମୟେ’ ଓ ‘କାହାକୁ କରିବଇଁ ସାକ୍ଷୀ’। ତାଙ୍କ ପରେ ବିଷ୍ଣୁମୋହନ କବି ‘ଆହେ ନୀଳ ଶଇଳ’ ଓ ‘ଜଗବନ୍ଧୁ ହେ ଗୋସାଇଁ’ ପରିବେଷଣ କରିଥିଲେ। ଶେଷରେ ସଞ୍ଜୁ ମହାନ୍ତି ପରିବେଷଣ କରିଥିଲେ ‘ଗୋ ରାଧେ ବଂଶୀଟି ଆମର’ ଓ ‘ଦୀନବନ୍ଧୁ ଦଇତାରୀ’। ଯନ୍ତ୍ରାଂଶରେ ସହଯୋଗ କରିଥିଲେ ମନୋରଞ୍ଜନ ଅଧିକାରୀ (ତବଲା), ସନ୍ଦୀପ ସାହୁ (ଢୋଲକ), ଜବାହାର ମିଶ୍ର (ବଂଶୀ), ସାମୁଏଲ୍ ଖୁଣ୍ଟିଆ (ଅକ୍‌ଟୋପ୍ୟାଡ୍), ସୁବ୍ରତ ରାଉତରାୟ (କିବୋର୍ଡ) ଓ ଅଜୟ କୁମାର ଦାଶ (ହାରାମୋନିୟମ୍)। କାର୍ଯ୍ୟକ୍ରମକୁ ଡକ୍ଟର ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ।

# ଘରୋଇ କଳି, ବାପା ଜୀବନ ନେଲା ପୁଅ

● ଦୁଇ ଦିନ ପରେ ମୃତଦେହ ଉଦ୍ଧାର କଲା ପୋଲିସ

**କୁଚିଣ୍ଡା, ୧୭ (ସଂଚାର ବ୍ୟୁରୋ) :** ଘରୋଇ କଳହରୁ ବାପାକୁ ହତ୍ୟାକଲା ପୁଅ । ଜମନକିରା ବ୍ଲକ ସାନଲଙ୍ଗାବାହାଲ ଗାଁରେ ଘଟିଛି ଏହି ବିଭତ୍ସ ହତ୍ୟାକାଣ୍ଡ । ବାପା ପୋନିକା ମୁଣ୍ଡାଙ୍କୁ ମାରି ଦୁଇଦିନ ହେବ ପୁଅ ସଂଜୀବ ମୁଣ୍ଡା ଚୁପଚାପ ବୁଲୁଥିଲା । ପୋନିକାଙ୍କୁ ଦୁଇଦିନ ହେଲା ଗାଁର କେହି ଦେଖୁନଥିଲେ । ପୁଅ ସଂଜୀବକୁ ବାପାଙ୍କ କଥା ପଚାରିଲେ ସେ ଶୋଇଛନ୍ତି ବୋଲି ଉତ୍ତର ଦେଉଥିଲା ପୁଅ । ହେଲେ ଗାଁର କିଛି ଲୋକଙ୍କ ସନ୍ଦେହ ହେବାରୁ ସେମାନେ ଘର ଭିତରକୁ ଯାଇ ଦେଖିଲେ ପୋନିକାଙ୍କ ମୃତଦେହ ପଡିଛି। ତୁରନ୍ତ ଗ୍ରାମବାସୀ ୱାର୍ଡମେମ୍ବରଙ୍କ ସହାୟତା ରେ ଜମନକିରା ଥାନା ରେ ଜଣାଇଥିଲେ । ଜମନକିରା ଆଇଆଇସି ପଦ୍ମାଳୟା ସାହୁ ଘଟଣାସ୍ଥଳରେ ପହଂଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି । ପୋଲିସ ସଂଜୀବ କୁ ଅଟକ ରଖି ତଦନ୍ତ ଜାରି ରଖିଛି। ଦୁଇଦିନ ପୂର୍ବରୁ କୋଡ଼ି ଭେଣ୍ଟରେ ବାପାଙ୍କୁ ପିଟି ପିଟି ପୁଅ ମାରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ।

## ଅଗ୍ନିକାଣ୍ଡରେ ପୋଡ଼ି ପାଉଁଶ ହୋଇଗଲା ଚାଷୀଙ୍କ ସର୍ବସ୍ୱ

**ସୁବର୍ଣ୍ଣପୁର,୧୭ (ସଂଚାର ବ୍ୟୁରୋ):** ନିଆଁର ଆଁରେ ପୋଡି ପାଉଁଶ ହୋଇଗଲା ଚାଷୀ ପରିବାରର ସବୁକିଛି । ସବର୍ଣ୍ଣପୁର ଜିଲ୍ଲା ବୀରମହାରଜପୁର ତହସିଲ ଅନ୍ତର୍ଗତ ସଂଗ୍ରାମପୁର ପଂଚାୟତର ଯୁବରାଜପୁର ଗାଁରେ ଗତକାଲି ଘଟିଯାଇଛି ଏଭଳି ଏକ ଅଘଟଣ । ଗାଁର ପୂର୍ଣ୍ଣଚନ୍ଦ୍ର ପଧାନଙ୍କ ଘରେ ଘଟିଛି ଏଭଳି ଅଗ୍ନିକାଣ୍ଡରେ । ଗତକାଲି ପୁର୍ଣ୍ଣଚନ୍ଦ୍ରଙ୍କ ପରିବାର ଘରେ ନଥିବା ସମୟରେ ଘର ଭିତରେ ହଠାତ ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ପୁର୍ଣ୍ଣଚନ୍ଦ୍ରଙ୍କ ପରିବାରର ସମସ୍ତେ ପହଂଚି ନିଆଁକୁ ଆୟତ କରିବାକୁ ଚେଷ୍ଟାକରି ବିଫଳ ହୋଇଥିଲେ । ପରେ ଦମକଳ ବାହିନୀ ପହଂଚି ନିଆଁକୁ ଆୟତ କରିଥିଲେ ହେଁ ନିଆଁର ଆଁରେ ସବୁକିଛି ପୋଡି ପାଉଁଶ ହୋଇଯାଇଛି । ଅଗ୍ନିକାଣ୍ଡରେ ପୁର୍ଣ୍ଣଚନ୍ଦ୍ରଙ୍କ ଘରେ ଥିବା ୧୫ ପେକେଟ ଚାଉଳ,୧୫ ପାକେଟ ଧାନ, ୨୦ ହଜାର ଟଙ୍କା,ଏକ କୁଂଇଟାଲ ଲଙ୍କା,ସୁନା,ବାସନ,କପଡା ତଥା ଅନ୍ୟାନ୍ୟ ଆସବାପତ୍ର ସବୁକିଛି ପୋଡି ପାଉଁଶ ହୋଇଯାଇଛି । ଏବେ ପୁର୍ଣ୍ଣଚନ୍ଦ୍ରଙ୍କ ଘରେ ଖାଇବାକୁ ନାଁ ଚାଉଳ ଅଛି ନାଁ ପିନ୍ଧିବାକୁ ଅଛି କପଡା । ଖବର ପାଇ ସ୍ଥାନୀୟ ଆରଆଇ ପୁର୍ଣ୍ଣଚନ୍ଦ୍ରଙ୍କ ଘରେ ପହଂଚି ସରଜମିନ ତଦନ୍ତ କରିଥିବା ଜଣାପଡିଛି। ତେବେ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ତରୁନ୍ତ ଯୋଗାଇଦେବାକୁ ଦାବି ହୋଇଛି ।

# ରାଜଧାନୀରେ ଭିଡ଼ ନିୟନ୍ତ୍ରଣ, ସ୍ୱତନ୍ତ୍ର ଯୋଜନା କର



**ଭୁବନେଶ୍ୱର,୧୭ :** ରାଜଧାନୀ ରାସ୍ତାରୁ ଭିଡ କମାଇବାପାଇଁ ସରକାର ଏକାଧିକ ଯୋଜନା ଘୋଷଣା କରିଥିବାବେଳେ ଏସବୁ କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ ଲୋକେ ଗାଡିମୋଟର ଭିଡରେ ନୟାନ୍ତହେବା ଏକ ପ୍ରକାର ଥୟ । ସହରରେ ଯାନବାହନ ଯେଉଁ ହାରରେ ବୃଦ୍ଧି ପାଉଛି ସେହି ହାରରେ କିନ୍ତୁ ରାସ୍ତାଘାଟ ସମ୍ପ୍ରସାରିତ ହେଉନାହିଁ ।

ଯାନବାହନ ବୃଦ୍ଧିକୁ ଦୃଷ୍ଟିରେ ରଖି ଭିଡ ନିୟନ୍ତ୍ରଣ ଲାଗି ପୂର୍ତ୍ତ ବିଭାଗ ଏକାଧିକ ଯୋଜନା ହାତକୁ ନେଇଛି । ଏଥି ମଧ୍ୟରେ ଜୟଦେବ ବିହାର ଠାରୁ ନନ୍ଦନକାନନ ପର୍ଯ୍ୟନ୍ତ ଏଲିଭେଟେଡ କରିଡର ନିର୍ମାଣ, ବାରଙ୍ଗ ଠାରୁ ପଟିଆ ଷ୍ଟେସନ, ୧୬ ନମ୍ବର ଜାତୀୟ ରାଜପଥ ଏବଂ ସୁଆଙ୍ଗ ମୌଜା ଦେଇ ଜଟଣୀକୁ ସଂଯୋଗ କରୁଥିବା ଦୟା ପଶ୍ଚିମ କେନାଲ ବନ୍ଧ ରାସ୍ତାର ଉନ୍ନତିକରଣ, କଳ୍ପନା ଛକ ଓ ମ୍ୟୁଜିୟମ ଠାରେ ଫ୍ଲାଇଓଭର ନର୍ମାଣ କରାଯିବ । ସେହିଭଳି କେଳୁଚରଣ ପାର୍କରୁ ପଟିଆ ଷ୍ଟେସନ ସହିତ ପଟିକ ଏବଂ ଗାଡକଣ ମଧ୍ୟରେ ଏକ ନୂତନ ଆରଓବି ୧୬ନମ୍ବର ଜାତୀୟ ରାଜପଥର ବରିମୁଣ୍ଡ-ଫୁଲନଖରା ପର୍ଯ୍ୟନ୍ତ ୪ଲେନ୍ ବିଶିଷ୍ଟ ହେବ। ପ୍ରସ୍ତାବିତ ରାସ୍ତାରେ ବରିମୁଣ୍ଡ ନିକଟରେ କୁଆଖାଇ ନଦୀ ଉପରେ ଏକ ୬ଲେନ୍ ସେତୁ ଏବଂ ପଟିଆ ଗାଡକଣ ମଧ୍ୟରେ ଏକ ୪ ଲେନ୍ ଆରଓବି ନିର୍ମାଣ ହେବ । ସେହିଭଳି କଳାରାହାଙ୍ଗରୁ ଇନର ରିଙ୍ଗରୋଡ ଦେଇ ବରିମୁଣ୍ଡ ପର୍ଯ୍ୟନ୍ତ ୨ ଲେନ୍ ସଂଯୋଗ ରାସ୍ତା ନିର୍ମାଣ କରାଯିବ। ଏଥିସହ ଭୁବନେଶ୍ୱର ଇନର ଏବଂ ଆଉଟର ରିଙ୍ଗରୋଡ୍ ନିର୍ମାଣ ପ୍ରସ୍ତାବ ମଧ୍ୟ ରହିଛି।

ତେବେ ଏହିସବୁ ପ୍ରକଳ୍ପ ମଧ୍ୟରେ ଫ୍ଲାଇଓଭର ବ୍ରିଜ, ଆରଓବି ଏବଂ ରିଙ୍ଗରୋଡ୍ ଆଦି ଥିବାରୁ ଏହାର ନିର୍ମାଣ ସାରିବାପାଇଁ ବର୍ଷ ବର୍ଷ ସମୟ ଲାଗିଯିବ। ଗୋଟିଏ ଦୁଇଟି ସଡକ ପ୍ରକଳ୍ପକୁ ବାଦ୍ ଦେଲେ ଅନ୍ୟଗୁଡିକ ପାଇଁ ପାଣ୍ଠି ଓ ଜମି ଅଧିଗ୍ରହଣ ବଡ ଆହ୍ୱାନ ହେବ । କାରଣ ସହର ମଧ୍ୟରେ ଜମି ଅଧିଗ୍ରହଣ କରି ସଡକ ନିର୍ମାଣ କରିବା କେତେ କଷ୍ଟସାଧ୍ୟ ତାହା ସାଲିଆସାହି ନିକଟରେ ଅଧାପନ୍ତରିଆ ସଡକକୁ ଦେଖିଲେ ଯେ କେହି ଜାଣିପାରିବ। ରାଜଧାନୀର କ୍ରମବର୍ଦ୍ଧିଷ୍ଣୁ ଯାନବାହନକୁ ଦେଖି ପୁଲିସ୍ କର୍ତ୍ତୃପକ୍ଷ ଦୁଇ ଦୁଇଟି ଟ୍ରାଫିକ ଥାନା ଖୋଲିଥିବାବେଳେ ଏବେ ସହରର କେନ୍ଦ୍ରସ୍ଥଳରେ ଥିବା ରାସ୍ତାଘାଟରେ ସଂଧ୍ୟା ସମୟରେ ଯିବା କଷ୍ଟକର ହୋଇପଡୁଛି । ବିଶେଷକରି ଜନପଥ, ଏଜି ଛକରୁ କଳ୍ପନା, ଜୟଦେବବିହାରରୁ ନନ୍ଦନକାନନ, କଟକ ରୋଡ୍ ଆଦିରେ ଅଧିକାଂଶ ସମୟରେ ଲୋକେ ଟ୍ରାଫିକ ଭିଡରେ ଫସୁଛନ୍ତି । ଉପସ୍ଥିତ ଟ୍ରାଫିକ କର୍ମଚାରୀମାନେ ଚାହିଁଲେ ବି ସହାୟତା କରିପାରୁନାହାନ୍ତି।

ଅନ୍ୟ ପକ୍ଷରେ ସହରରେ ଚାରି ଚକିଆ ସହିତ ଦୁଇଚକିଆ ଯାନ ହୁ ହୁ ହୋଇ ବଢିବାରେ ଲାଗିଛି । ଏଗୁଡିକର ପାର୍କିଂ ପାଇଁ ସ୍ଥାନ ଅଭାବ ପଡିବାରୁ ସେମାନେ ଏବେ ରାସ୍ତାଘାଟରେ ଗାଡି ରଖି ପଳାଉଛନ୍ତି। ପୂର୍ବଭଳି ଆଉ ରାସ୍ତା ଅବରୋଧକାରୀଙ୍କ ଉପରେ ପୁଲିସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ଦେଖିବାକୁ ମିଳୁନାହିଁ । ତେଣୁ ଘୋଷିତ ପ୍ରକଳ୍ପ ସବୁ କାର୍ଯ୍ୟକାରୀ ପୂର୍ବରୁ ସହରରେ ଗାଡିମୋଟର ଭିଡକୁ ନିୟନ୍ତ୍ରଣ ଲାଗି ସ୍ୱତନ୍ତ୍ର ଯୋଜନା କରିବାକୁ ମତପ୍ରକାଶ ପାଉଛି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଉଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

## ସମ୍ପାଦକୀୟ

# ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉ

ନବେ ଦଶକରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ମାଡ଼ ତତ୍ତ୍ୱ ବେଶ ଚର୍ଚ୍ଚିତ ହୋଇଥିଲା। ଦୁର୍ନୀତିଗ୍ରସ୍ତ, ଲୋକଙ୍କୁ ସହଯୋଗ କରୁନଥିବା ସରକାରୀ ଅଧିକାରୀ ଏବଂ କର୍ମଚାରୀଙ୍କୁ ସର୍ବସାଧାରଣରେ ମାଡ଼ ମାରିବା ପାଇଁ ବିଜୁ ବାବୁ ପରାମର୍ଶ ଦେଇଥିଲେ। ଏହା ସେତେବେଳେ ବେଶ ଚର୍ଚ୍ଚିତ ହୋଇଥିଲା। ଅନେକ ଏହାକୁ ନିନ୍ଦା ଏବଂ ସମାଲୋଚନା କରିଥିଲେ। ଏହା ମଧ ସମାଲୋଚନା ଯୋଗ୍ୟ। କିନ୍ତୁ ବିଜୁଙ୍କ ଆହ୍ୱାନର ଅର୍ଥ ଥିଲା ଲୋକେ ସଚେତନ ହେଲେ, ନିଜ ଅଧିକାର ଜାହିର କରିବାକୁ ପ୍ରୟାସ କଲେ କର୍ମଚାରୀ ମଧ ବାଧ୍ୟ ହେବେ ନିଜ କର୍ତ୍ତବ୍ୟ ଏବଂ ଦାୟିତ୍ୱ ନିର୍ବାହ କରିବାକୁ। ତା ଅର୍ଥ ନୁହେଁ ଯେ, ସରକାରୀ ଅଫିସରେ ପ୍ରବେଶ କରି କାହାକୁ ମାଡ଼ ମାରିବା ଏବଂ ଅପମାନିତ କରିବା। ଏହା ଆଇନଗତ ଦୃଷ୍ଟିରୁ ଏକ ଗର୍ହିତ ଅପରାଧ। ସଭ୍ୟ ସମାଜ, ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏହା ଗ୍ରହଣୀୟ ନୁହେଁ। ଏହାକୁ ସବୁ ସ୍ତରରେ ବିରୋଧ କରାଯିବା ଉଚିତ। ସୋମବାର ଭୁବନେଶ୍ୱର ମହାନଗର ନିଗମ (ବିଏମସି) କାର୍ଯ୍ୟାଳୟ ଭିତରେ ପ୍ରବେଶ କରି କିଛି ବ୍ୟକ୍ତି କର୍ତ୍ତବ୍ୟରତ ଅତିରିକ୍ତ କମିଶନରଙ୍କୁ ଯେପରିଭାବେ ମରଣାନ୍ତକ ଆକ୍ରମଣ କଲେ ଏବଂ ତାଙ୍କୁ ମାଡ଼ ମାରିଲେ ତାହା ବାସ୍ତବରେ ନିନ୍ଦନୀୟ ଏବଂ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହାକୁ ଯେତେ ନିନ୍ଦା କଲେ ବି କମ ହେବ। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଅଭିଯୁକ୍ତମାନେ ଶାସକ ଦଳର କର୍ମୀ ବୋଲି କୁହାଯାଉଛି। ସେମାନେ ଯେଉଁ ଦଳର ହୁଅନ୍ତୁ ନା କାହିଁକି ସେମାନଙ୍କୁ କଦାପି ପ୍ରୋତ୍ସାହିତ ବା ସୁରକ୍ଷା ପ୍ରଦାନ କରାଯିବା ଅନୁଚିତ। ଏହି ଘଟଣାରେ ଅନ୍ୟ ଯେଉଁମାନେ ପ୍ରତ୍ୟକ୍ଷ ବା ପରୋକ୍ଷରେ ସମ୍ପୃକ୍ତ ସେମାନଙ୍କ ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ସମ୍ପୃକ୍ତ ସରକାରୀ ଅଧିକାରୀ ଜଣକ କର୍ତ୍ତବ୍ୟରତ ଥିବା ବେଳେ ତାଙ୍କୁ ଅପମାନିତ ଏବଂ ଆକ୍ରମଣ କରାଗଲା। ଏହା ଏକ ଗର୍ହିତ ଅପରାଧ। ଏହି ଘଟଣାକୁ ଦଳମତ ନିର୍ବିଶେଷରେ ସମସ୍ତେ ନିନ୍ଦା କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହାକୁ ସେ କାର୍ଯ୍ୟକାରୀ କରିବେବୋଲି ଆଶା। ନଚେତ ସାଧାରଣ ଜନତା ତାଙ୍କ ଉପରେ ଯେଉଁ ଆଶା-ଭରସା ରଖିଛନ୍ତି ତାହା ଶୀଘ୍ର ତୁଟିଯିବ। ମୁଖ୍ୟମନ୍ତ୍ରୀ ଭାବେ ସେ ରାଜଧର୍ମ ପାଳନ କରିବା ଉଚିତ। ଜଣେ ମୁଖ୍ୟମନ୍ତ୍ରୀ ବା ମନ୍ତ୍ରୀ କୌଣସି ଦଳର ନୁହଁନ୍ତି। ସେମାନେ ରାଜ୍ୟବାସୀଙ୍କ ନିକଟରେ ଉତ୍ତରଦାୟୀ। ପ୍ରତ୍ୟେକ ନାଗରିକର ଧନ ଜୀବନ ସୁରକ୍ଷା ହେଉଛି ସରକାରଙ୍କ ପ୍ରାଥମିକ ଦାୟିତ୍ୱ ଏବଂ କର୍ତ୍ତବ୍ୟ। ଏଥିରେ ସରକାର ହେଳା କରିପାରିବେ ନାହିଁ। ବିଜେପିର ସ୍ଥାନୀୟ ସାଂସଦ ଏବଂ ମନ୍ତ୍ରୀ ଏହାକୁ ନିନ୍ଦା କରିଛନ୍ତି। ଏହା ସ୍ୱାଗତଯୋଗ୍ୟ। ଦୋଷୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଂସଦ ନିଜ ଦଳର ସରକାରଙ୍କୁ ପରାମର୍ଶ ଦେବେ ବୋଲି ଆଶା। ଏହି ବିବାଦର ମୂଳ କାରଣ ହେଲା ଶାସନ ବ୍ୟବସ୍ଥାରେ ରାଜନୈତିକ ହସ୍ତକ୍ଷେପ ଏବଂ ଠିକା କାମ। ଏହି ବ୍ୟବସ୍ଥା ଯେଉଁଦିନ ବନ୍ଦ ହୋଇଯିବ ସେହିଦିନ ସରକାରୀ ଅଫିସରଙ୍କ ଉପରେ ରାଜନୈତିକ ଚାପ କମିଯିବ। ଯେଉଁଦଳ କ୍ଷମତାକୁ ଆସିଲା ସେହି ଦଳର କର୍ମୀମାନେ ସବୁ ବେଳେ ବିଭିନ୍ନ ପ୍ରକାର ଚାପ ପକାଇ ଠିକା କାମ ନେଉଛନ୍ତି। ଏଥିରେ ବ୍ୟାପକ ଦୁର୍ନୀତି ହେଉଛି। ଏହାକୁ ବନ୍ଦ କରାଯିବା ଉଚିତ। ଆଜିକୁ ବହୁ ବର୍ଷ ହେବ ଏହି ବ୍ୟବସ୍ଥା ଚାଲିଛି। ଦ୍ୱିତୀୟରେ ସରକାର ଅଫିସର ବା ଅନ୍ୟ କର୍ମଚାରୀମାନେ ଲୋକଙ୍କ ଟିକସ ଅର୍ଥରେ ପାରିଶ୍ରମିକ ପାଉଛନ୍ତି। ସେମାନେ ଲୋକଙ୍କ ସେବା ପାଇଁ ନିଯୁକ୍ତି ପାଇଛନ୍ତି। ତେଣୁ ସାଧାରଣ ଲୋକଟିଏ କୌଣସି ସରକାରୀ ଅଫିସକୁ କୌଣସି କାମରେ ଆସନ୍ତି, ତାଙ୍କୁ ସରକାରୀ କର୍ମଚାରୀ ବା ଅଫିସରମାନେ ଉପଯୁକ୍ତ ସମ୍ମାନ ଏବଂ ସହଯୋଗ କରିବା କଥା। ସାଧାରଣ ଜନତାଙ୍କୁ ସରକାରୀ କର୍ମଚାରୀ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଏବଂ ସେମାନଙ୍କୁ ନିରାଶ କରିବା ଏକ ଅନୁଚିତ କାର୍ଯ୍ୟ। ଏଥିପାଇଁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ମଧ ସେତିକି ଜରୁରୀ। ଯେଉଁ ସରକାରୀ ଅଧିକାରୀ ଲୋକଙ୍କ ପ୍ରତି ଖରାପ ବ୍ୟବହାର ପ୍ରଦର୍ଶନ କରୁଛନ୍ତି ଏବଂ ଲୋକଙ୍କ କାମରେ ସହଯୋଗ କରୁ ନାହାଁନ୍ତି ଏବଂ ଲାଞ୍ଚ ନେବାର ପ୍ରୟାସ କରୁଛନ୍ତି ସେମାନଙ୍କ ବିରୋଧରେ ମଧ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଏହି ଘଟଣା ପ୍ରତିବାଦରେ ଓଏଏସ ଅଫିସର ସଂଘ ଆନ୍ଦୋଳନ ଲାଗି ଚେତାବନୀ ଦେଇଛି। ମୁଖ୍ୟମନ୍ତ୍ରୀ ସେମାନଙ୍କ ସହ ଆଲୋଚନା କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ଦେଇଛନ୍ତି। ଆଶା ସେ ତାଙ୍କଙ୍କ ପ୍ରତିଶ୍ରୁତି ରକ୍ଷା କରିବେ। ବିଜୁ ବାବୁଙ୍କଙ୍କ ସମୟରେ ଜଣେ କର୍ତ୍ତବ୍ୟରତ ସାମ୍ବାଦିକଙ୍କୁ ସଚିବାଳୟ ପରିସରରେ ତତ୍କାଳୀନ ଜନତା ଦଳର ଜଣେ ନେତା ମାଡ଼ ମାରିଥିଲେ। ବିଜୁ ବାବୁ ଏହା ବିରୋଧରେ କୌଣସି ଆଖିଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ। ମୋହନ ମାଝୀ ସରକାର ଏହାର ପୁନରାବୃତ୍ତି କରିବେ ନାହିଁ ବୋଲି ଆଶା। ଏହି ଘଟଣା ପ୍ରତିବାଦରେ ବିପକ୍ଷ ବିଜୁ ଜନତା ଦଳର କର୍ମୀମାନେ ଜନପଥକୁ ଘଣ୍ଟା ଘଣ୍ଟା ଧରି ଅବରୋଧ କରିଥିଲେ। ଏହା ମଧ ଏକ ଅପରାଧ। ସର୍ବସାଧାରଣଙ୍କ ଅସୁବିଧା ହେବା ଭଳି କୌଣସି କାର୍ଯ୍ୟ ଗ୍ରହଣୀୟ ବା ସ୍ୱାଗତଯୋଗ୍ୟ ନୁହେଁ। ଲଭଳି ସଂକୀର୍ଣ୍ଣ ରାଜନୀତି ମଧ ସ୍ପୃହଣୀୟ ନୁହେଁ।

# ଜଗା ପାଇଁ ଗଛଟିଏ



**କିଶୋର ଚନ୍ଦ୍ର ବେହେରା**

ବୃକ୍ଷ ହିଁ ସମ୍ପଦା ବୃକ୍ଷ ହିଁ ଜୀବନ। ମଣିଷ ଜୀବନ ପାଇଁ ବୃକ୍ଷ କେତେ ଗୁରୁତ୍ୱପୂର୍ଣ୍ଣ। ଯେଉଁମାନେ ଏହି କଥାକୁ ଭଲ ଭାବେ ବୁଝିଛନ୍ତି ସେମାନେ ଚାରାରୋପଣକୁ ସେତିକି ଗୁରୁତ୍ୱ ଦେଉଛନ୍ତି। ବେଦରେ ବର୍ଣ୍ଣିତ ଅଛି ଶ୍ରେଷ୍ଠତମ କର୍ମଃ ଯଜ୍ଞ। ଏହି ସଂସାରର ସବୁଠାରୁ ଶ୍ରେଷ୍ଠତମ କର୍ମ ହେଉଛି ଯଜ୍ଞ। କାରଣ ଯଜ୍ଞ ବିନା ପୃଥିବୀରେ ମେଘ ସୃଷ୍ଟି ହୋଇ ପାରିବନାହିଁ। ମେଘ ନହେଲେ ଶସ୍ୟ ଅମଳ ହେବ ନାହିଁ। ବର୍ତ୍ତମାନ ପୃଥିବୀରେ ଅନେକ ସମସ୍ୟା ମୁଣ୍ଡ ଟେକି ଉଠିଛି। ଠିକ୍ ସମୟରେ ବର୍ଷା ନ ହେବା, ସମୁଦ୍ର ପତନ ବୃଦ୍ଧି ପାଇବା, ବାତ୍ୟା ବନ୍ୟା ଅତ୍ୟଧିକ ମାତ୍ରାରେ ହେବା ଇତ୍ୟାଦି। ଏ ସମସ୍ତ ସମସ୍ୟାର ଏକମାତ୍ର ସରଳ ସମାଧାନ ହେଉଛି ବୃକ୍ଷରୋପଣ। ପର୍ଯ୍ୟାପ୍ତ ବୃକ୍ଷର ଅଭାବରେ ତାପମାତ୍ରାର ଲଗାତାର ବୃଦ୍ଧି ଯୋଗୁଁ ଦେଶରେ ନାନା ପ୍ରାକୃତିକ ବିପର୍ଯ୍ୟୟ ବଢ଼ିବାରେ ଲାଗିଛି। ବେଦରେ ବୃକ୍ଷକୁ ଦେବତା ବୋଲି କୁହାଯାଇଛି। ବୃକ୍ଷ ହିଁ ଜୀବନ। ବିନା ବୃକ୍ଷର ସହାୟତାରେ ଜୀବଜଗତ ତିଷ୍ଠି ପାରିବ ନାହିଁ। ତେଣୁ ଜୀବଜଗତର ମିତ୍ର ଭାବେ ବୃକ୍ଷକୁ ଗ୍ରହଣ କରାଯାଇଛି। ଆଧାତ୍ମିକ ଦୃଷ୍ଟିକୋଣରୁ ବିଚାର କଲେ ମଧ ଭାରତୀୟ ପରମ୍ପରାରେ ଅନେକ ବୃକ୍ଷକୁ ପୂଜା କରିବାର ବିଧି ରହିଛି। ବର, ଅଶ୍ୱତ୍ଥ , ତୁଳସୀ, ନିମ୍ବ ଆଦି ବୃକ୍ଷ ଆମ ସଂସ୍କୃତିରେ ପବିତ୍ର। ଏହାର ବୈଜ୍ଞାନିକ କାରଣ ମଧ ରହିଛି। ବର ଓ ଅଶ୍ୱତ୍ଥ ଭଳି ପ୍ରକାଣ୍ଡକାୟ ବୃକ୍ଷମାନେ ଶୀତଳ ଛାୟା ପ୍ରଦାନ କରିବା ସହ ଅନବରତ ଜୀବ ଜଗତକୁ ଅମ୍ଳଜାନ ଯୋଗାଇ ଥାଆନ୍ତି। ଏହିପରି ଅନେକ ବୃକ୍ଷ ଆମର ଉପକାର କରିଥାନ୍ତି। ଚାଣକ୍ୟ ନୀତି ଶାସ୍ତ୍ରରେ କହିଛନ୍ତି- "ଦଶ ପୁତ୍ରୋ ସମ ଦ୍ରୁମ"। ଅର୍ଥାତ୍ ଦଶଟି ପୁତ୍ର ଜନ୍ମ ଦେବା ଅପେକ୍ଷା ଗୋଟିଏ ବୃକ୍ଷରୋପଣ କରି ତାକୁ ବଞ୍ଚାଇବା ଶ୍ରେୟସ୍କର। ଆହୁରି ମଧ କୁହାଯାଇଛି "ପରୋପକାରାୟ ଫଳନ୍ତି ବୃକ୍ଷା"। ସୁମିଷ୍ଟ ଫଳ, ସୁଶିତଳ ଛାୟା, କାଠ, ଅମ୍ଳଜାନ, ଜଳ ଆଦିକୁ ବୃକ୍ଷ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଯୋଗାଇଥାଏ। ଗୋଟିଏ ବୃକ୍ଷ ତାର ଜୀବନକାଳ ଭିତରେ ବିଶେଷ କରି ମନୁଷ୍ୟକୁ ଅନେକ ସାହାଯ୍ୟ କରେ। ବର୍ଷକୁ ପ୍ରାୟ ପାଖାପାଖି ତିନି ଲକ୍ଷ ଟଙ୍କାର ଅମ୍ଳଜାନ, ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବର୍ଷା ଦିଏ। ମୃତ୍ତିକା ସଂରକ୍ଷଣ କରେ। ଚରକ ଓ ଶୁଶ୍ରୁତଙ୍କ ମତରେ ପୃଥିବୀରେ ଏପରି ଏକ ବୃକ୍ଷ ନାହିଁ ଯାହାର କି ଔଷଧୀୟ ଗୁଣ ନାହିଁ। ପୂର୍ବ କାଳରେ ପ୍ରତ୍ୟେକ ଗାଁ ଗଣ୍ଡାରେ ତୋଟା ମାନ ଦେଖିବାକୁ ମିଳୁଥିଲା। ଏହି ତୋଟା ଦ୍ୱାରା ଅନେକ ଉପକାର ସାଧିତ ହେଉଥିଲା। ବାତ୍ୟା ପବନରୁ ଏହି ଗଛ ହିଁ ସୁରକ୍ଷା ଦେଉଥିଲା। ବର୍ତ୍ତମାନ ଗାଁ ଗହଳିରେ ତୋଟା ଏକ ପ୍ରକାର ସ୍ୱପ୍ନ ପାଲଟି ଯାଇଛି। ବୃକ୍ଷହୀନତା କାରଣରୁ ଦିନକୁ ଦିନ ଉତ୍ତାପ ବୃଦ୍ଧି ପାଇବାରେ ଲାଗିଛି ଓ ଜନଜୀବନ ହାହାକାର ହେବାର ଲାଗିଛି। ତେଣୁ ଆଜିଠାରୁ ହିଁ ଆମେ ବଞ୍ଚିବା ପାଇଁ ନିଜେ ସଚେତନତା ବାର୍ତ୍ତା ବାଣ୍ଟିବା ସହ ଆମକୁ ଚାରା ଟିଏ ରୋପଣ କରିବାକୁ ପଡ଼ିବ "ଜଗନ୍ନାଥଙ୍କ ନବ ଦିନାତ୍ମକ ବିଶ୍ୱ ପ୍ରସିଦ୍ଧ ଘୋଷ ଯାତ୍ରା ପାଇଁ "।

ମୌସୁମୀ ଆଗମନ ଫଳରେ କୃଷକମାନଙ୍କ ଚାଷ କାମ ଆରମ୍ଭ ସହ ପରିବେଶର ସବୁଜିମା କରିବା ପାଇଁ ଆରମ୍ଭ ହୋଇଗଲାଣି ବୃକ୍ଷ ରୋପଣ କାର୍ଯ୍ୟକ୍ରମ। ଏହି ପରିପ୍ରେକ୍ଷୀରେ ପୁରୀର ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ପାଇଁ ପ୍ରତିବର୍ଷ ନୟାଗଡ଼ ଜିଲାର ଦଶପଲ୍ଲା ଓ ଆଖପାଖ ଅଞ୍ଚଳରୁ ହିଁ ରଥକାଠ ପଠାଯାଇଥାଏ। କିନ୍ତୁ ପୂର୍ବଭଳି ନୟାଗଡ଼ ଜିଲା ଜଙ୍ଗଲଗୁଡ଼ିକରେ ରଥ ଉପଯୋଗୀ ସମସ୍ତ କାଠ ମିଳୁ ନ ଥିବା ସୂଚନା ମିଳିଛି। ତେଣୁ ଜିଲାର ବହୁ ବଦାନ୍ୟ ବ୍ୟକ୍ତି ସେମାନଙ୍କ ବିଲ, ବାଡ଼ିରେ ଥିବା ଫାଶି ଓ ଅସନ ଭଳି ବୃକ୍ଷକୁ ରଥକାଠ ନିମନ୍ତେ ଦାନ ଆକାରରେ ଦେଇଥାନ୍ତି। ତେବେ ସବୁବର୍ଷ ବେସରକାରୀ ସୂତ୍ରରୁ ଏହି କାଠ ଯୋଗାଣ କରିବାରେ ସମସ୍ୟା ଦେଖାଦେଇଛି। ଏଥିପାଇଁ ବିଦ୍ୟାଳୟ ଛାତ୍ରଛାତ୍ରୀ, ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ




ତରଫରୁ 'ଜଗା ପାଇଁ ଗଛଟିଏ' ସ୍ଲୋଗାନ ଦେଇ ଘୋଷଯାତ୍ରା ଅବସରରେ ରଥକାଠ ଉପଯୋଗୀ ଓ ପରିବେଶ ସୁରକ୍ଷା ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମରେ ସାମିଲ ହୋଇ ଚାରାରୋପଣ କରାଗଲେ ଆଗକୁ ଅମ୍ଳଜାନ ଅଭାବ ଜନିତ ଭୟଙ୍କର ପରିସ୍ଥିତିର ସାମ୍ନା କରିବା ପାଇଁ ପଡିବ ନାହିଁ। ଜଗନ୍ନାଥଙ୍କ ନବ ଦିନାତ୍ମକ ବିଶ୍ୱ ପ୍ରସିଦ୍ଧ ଘୋଷ ଯାତ୍ରା ଦେଖିବା ପାଇଁ ଭାରତ ତଥା ବିଦେଶରୁ ଅନେକ ଜଗନ୍ନାଥ ପ୍ରେମୀ ଶ୍ରଦ୍ଧାଳୁମାନେ ସପରିବାର ସହ ପୁରୀକୁ ଆସିଥାନ୍ତି ଜଗା ଦର୍ଶନ ପାଇଁ। ଚତୁର୍ଦ୍ଧା ମୂର୍ତ୍ତିଙ୍କ ରଥ ନିର୍ମାଣ ପାଇଁ ପ୍ରାୟ ୭୯୬ ଖଣ୍ଡ କାଠର ଆବଶ୍ୟକତା ପଡ଼ିଥାଏ ଫାଶି, ଶିମିଳି, ଅଶନ, ଧଉରା, ରାଇ ଓ ମଇ ଭଳି ମୂଲ୍ୟବାନ କାଠ। ଏହି ସମସ୍ତ କାଠର ଅଭାବ ଆମ୍ଭମାନଙ୍କୁ ପୂରଣ କରିବାକୁ ପଡ଼ିବ। ସମସ୍ତ ଶ୍ରଦ୍ଧାଳୁ ଭକ୍ତମାନେ ଅନୁଭବ କରିଥାନ୍ତି ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦର୍ଶନ ଲାଭ କରି ମଣିଷ ଜୀବନର ପୂର୍ଣ୍ଣ ସାର୍ଥକତା ଲାଭ କରିବା ପାଇଁ। ସେହି ପୂର୍ଣ୍ଣତା ମଧ୍ୟରେ ଯଦି ପ୍ରତ୍ୟେକ ଦର୍ଶନାର୍ଥୀ ନିଜ ବାଡି ବଗିଚା, ଲଣ୍ଡା ପାହାଡ଼, ଆଖପାଖର ଖୋଲା ଜାଗାରେ କିମ୍ବା ଗାଁ ରାସ୍ତା କଡ଼ରେ ରଥ ନିର୍ମାଣ ପାଇଁ ଆବଶ୍ୟକୀୟ ହେଉଥିବା କାଠର ଚାରାଟିଏ ଅଥବା ଔଷଧ ବୃକ୍ଷର ଚାରାଟିଏ ଲଗାଇ ଜଗା ଦର୍ଶନରେ ଆସିବା ତେବେ ତେବେ ଜନ୍ମର ପୂର୍ଣ୍ଣତା ବୃଦ୍ଧି ସହ ପରିବେଶର ସନ୍ତୁଳନତା ରକ୍ଷା କରିପାରିବା। ମାଟି ମା' ହିଁ ଆମେ ସମସ୍ତଙ୍କ ଜୀବନର ଆଧାର ତେଣୁ ମାଟି ମା'ର ଯତ୍ନ ନେବା ଆମା ମାନଙ୍କର ପ୍ରଧାନ କର୍ତ୍ତବ୍ୟ। ଜଗାଙ୍କ ନାମରେ ବୃକ୍ଷ ରୋପଣ ଦ୍ୱାରା ନିଜର ଆତ୍ମ ତୃପ୍ତ ପରିବେଶ ସୁରକ୍ଷା ସଚେତନତା ସୃଷ୍ଟି କରି ସମାଜରେ ସମ୍ମାନୀତ ହେବା, ଏହାଛଡା ମାଟି ମା'ର ମଧ ସୁରକ୍ଷା ହୋଇପାରିବ ବିଗତ ଦଶନ୍ଧିରେ ଭାରତର ସମସ୍ତଙ୍କ ପ୍ରଚେଷ୍ଟା ଫଳରେ ଜଙ୍ଗଲ କ୍ଷେତ୍ରର ଅଭୂତପୂର୍ବ ଅଭିବୃଦ୍ଧି ଘଟିଛି।

ଜୁଲାଇ ପହିଲାରୁ ଆରମ୍ଭ ହୋଇଗଲାଣି ଆମ ଦେଶରେ "ବନ ମହୋତ୍ସବ ସପ୍ତାହ'। ଆମ ଜୀବନରେ ବୃକ୍ଷ ଓ ଜଙ୍ଗଲର ଗୁରୁତ୍ୱକୁ ହୃଦୟଙ୍ଗମ କରିବା ସହ ପରିବେଶର ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି ପାଇଁ ୧୯୫୦ ମସିହା ଠାରୁ ପ୍ରତିବର୍ଷ ଜୁଲାଇ ପ୍ରଥମ ସପ୍ତାହରେ 'ବନ ମହୋତ୍ସବ ସପ୍ତାହ' ପାଳନ କରାଯାଇ ଆସୁଛି। ଏହି ଅବସରରେ ସାରା ଭାରତରେ ବର୍ଷରେ ପାଳନ କରାଯାଉଛି ୭୬ ତମ " ବନ ମହୋତ୍ସବ ସପ୍ତାହ"। ସୌଭାଗ୍ୟକୁ ଚତୁର୍ଦ୍ଧା ମୂର୍ତ୍ତୀ ଦର୍ଶନ ଦେଉଛନ୍ତି ଜନ୍ମବେଦୀ ଶ୍ରୀଗୁଣ୍ଡିଚା ମନ୍ଦିରରେ। ଆଡ଼ପ ମଣ୍ଡପରେ ବିଭିନ୍ନ ବେଶରେ ଦର୍ଶନ ଦେଉଥିବା ବେଳେ ଜୁଲାଇ ପହିଲାରୁ ଆରମ୍ଭ ହେଉଛି ବନମହୋତ୍ସବ ସପ୍ତାହ। ମହାପ୍ରଭୁଙ୍କ ଜନ୍ମବେଦୀରୁ ଶ୍ରୀମନ୍ଦିର ବାହୁଡ଼ା ଯାତ୍ରା ନୀଳାଦ୍ରି ବିଜେ ଦିନ ବନମହୋତ୍ସବ ସପ୍ତାହର ଅନ୍ତିମ ଦିବସ। ତେଣୁ ଏହି ଯାତ୍ରାକୁ ଯେତେ ସବୁ ଭକ୍ତମାନଙ୍କ ଆଗମନ ହେବ ସମସ୍ତ ଭକ୍ତ ବୃନ୍ଦ ଗୋଟିଏ ଲେଖାଏଁ ଚାରା ରୋପଣ କରନ୍ତି ତେବେ ମହାପ୍ରଭୁଙ୍କ ଘୋଷଯାତ୍ରା ସଫଳତା ଲାଭ କରିପାରିବ। ତେଣୁ ଆସନ୍ତୁ ଶପଥ ନେବା ପୃଥିବୀକୁ ଏକ ସବୁଜ ବଳୟରେ ବେଢ଼ାଇବା। ଏଥିପାଇଁ ସରକାରଙ୍କ ତରଫରୁ ଆୟୋଜିତ ସାମାଜିକ ବନୀକରଣ, ପଥପ୍ରାନ୍ତ ବୃକ୍ଷରୋପଣ, ଉଜୁଡା ଜଙ୍ଗଲର ଉଦ୍ଧାର ଆଦି କାର୍ଯ୍ୟରେ ସହଯୋଗ କରିବା। ଚାରା ରୋପଣ କ୍ଷେତ୍ରରେ ଉଚ୍ଚଶିକ୍ଷା ଅନୁଷ୍ଠାନର ସମସ୍ତ ସ୍ୱଚ୍ଛାସେବୀ ସଂଗଠନ ଯେପରିକି ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ୍, ଏନ୍. ସି. ସି, ଭାରତ ସ୍କାଉଟ ଗାଇଡ଼, ମୋ କଲେଜ ଅଭିଜାନ ଏବଂ ରେଡ୍ ରିବନ କ୍ଲବ୍ ଛାତ୍ରଛାତ୍ରୀମାନେ ସାମୁହିକ ତତ୍ତ୍ୱାବଧାନରେ ଗଛ ଗୁଡ଼ିକର ଉଚିତ୍ ସୁରକ୍ଷା ଲାଗି ବାଡ ଘେରାଇବା ସହିତ ଆବଶ୍ୟକୀୟ ପାଣି ଓ ସାର ଦେଇ ଉପଯୁକ୍ତ ରକ୍ଷଣାବେକ୍ଷଣ କରିଥାନ୍ତି। ଅନେକ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀମାନେ ଜନ୍ମଦିନ ପାଳନ କରିଥାଆନ୍ତି ଲଗାଇ ଥିବା ଗଛ ପାଖରେ, ଯାହାକି ସ୍ମୃତି ହୋଇ ରହିଥାଏ ଜନ୍ମ ଦିନଟି। ସାମୁହିକ ଧ୍ୱନି ମଧରେ "ଗଛ ଗଛ ଗଛ, ଆଉ ସବୁ ପଛ", "ଜଗା ପାଇଁ ଗଛଟିଏ, ରଥ ପାଇଁ କାଠ ଟିଏ", "ଗଛ ବଞ୍ଚିଲେ ଆମେ ବଂଚିବା" ଓ "ଗୋଟିଏ ଗଛ କୋଟିଏ ଜୀବନ" ଏହି ବିବୃତିକୁ ଆଧାର କରି ସୃଷ୍ଟି କରିବା ସବୁଜ ବନାନୀ।

**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିଦ୍ଧେଶ୍ୱରୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, ଜିଲ୍ଲା: କୋରାପୁଟ**
**ମୋବାଇଲ: ୯୪୩୭୯୫୫୫୬୮**

# ନୟନ ପଥଗାମୀ ଡାକେ ଭକତ



**ଇନ୍ଦୁ ଭୂଷଣ ଭୂୟାଁ (ବାଦଲ)**

ନୀଳ ସରଗ ମୁଣ୍ଡ ଉପରେ। ନୀଳ ସମୁଦ୍ରର ନୀଳ ଲହରୀ ନିକାଞ୍ଚନ ବେଳା ଭୂମିରେ ମୁଣ୍ଡ ପିଟୁଥିଲା। ସେତେବେଳେ ଏବର ପୁରୀ ସହର ନଥିଲା, ଲୋକ ବସତି ଏତେ ନିବିଡ଼ ନଥିଲା। ସମୁଦ୍ର କୂଳରେ ଏକ ପାହାଡ଼, ବଣଘେରା ପାହାଡ଼ ଓ ପାହାଡ଼ ଚାରିପଟେ କଣ୍ଟେଇ କୋଳି, ବୁଦାଭଇଞ୍ଚ ଜଙ୍ଗଲ। ଏହି ବଣ ଓ ପାହାଡ଼ କୋଳରେ କେତୋଟି ନୂଆଣିଆ କୁଡ଼ିଆ ଶବରମାନଙ୍କର। ଏହି ବଣରେ ନିଘଞ୍ଚ କଣ୍ଟାବୁଦା ମଧରେ ବଡ଼ ବଡ଼ ବର, ଅଶ୍ୱତଥ, ତାଳ, ପଣସ ଓ ବାଜାଆମ୍ବ ଗଛ ମଧ ଥିଲା। ଝଙ୍କାଳିଆ ବରଗଛ ଓ ତେନ୍ତୁଳି ଗଛରେ ହଳଦୀବସନ୍ତ, ବଣି, ଶୁଆ, କପୋତ ପକ୍ଷୀମାନେ ନିର୍ଭୟରେ ରହୁଥିଲେ। ସନ୍ଧ୍ୟା ସମୟରେ ପକ୍ଷୀ କୂଜନରେ ଏହି ନିଘଞ୍ଚ ଜଙ୍ଗଲ ଭୂମି ପ୍ରକମ୍ପିତ ହେଉଥିଲା। ବାଲିବନ୍ତ ମଧରେ ଶବରମାନଙ୍କର କେତେଟା କୁଡ଼ିଆ ମୁଣ୍ଡ ଟେକିଥିଲା। ବେଳାଭୂମି ନିର୍ଜ୍ଜନ ଓ ଏହି ବଣ ଜଙ୍ଗଲରେ ଶବରମାନେ ଫଳମୂଳ ଖାଇ ଜୀବନ ଧାରଣ କରୁଥିଲେ। ପୁରୀ ସହର, ବଡ଼ଦେଉଳ, ବଡ଼ଦାଣ୍ଡ କିଛି ନଥିଲା। ସେହି ଅତୀତ ଯୁଗର କାହାଣୀ କୁହାଯାଉଛି, ସେତେବେଳେ ନୀଳକନ୍ଦରରେ ଶବରରାଜା ବସୁ ଏକ ଦେବତା ପୂଜା କରୁଥିଲା। ତାଙ୍କ ନାଁ କୁଆଡ଼େ 'ବିଶ୍ୱାବସୁ'। ବିଶ୍ୱାସ ହୁଏନାହିଁ, ହୁଏତ ବସୁ ବା ବସୁଆ ବା ବିଶିଆ। ସେ ଏକ ଠାକୁର ପୂଜା କରୁଥିଲା ଗଛର କୋହ୍ଲିରେ କିମ୍ବା ପାହାଡ଼ ଗୁମ୍ଫାରେ। ସେ ଯାଏ ଜଙ୍ଗଲକୁ ଯାହା କିଛି କନ୍ଦମୂଳ ଫଳ ପାଏ, ତାହା ଆଗ ଠାକୁରଙ୍କୁ ଭୋଗ ଦେଉଥିଲା। ସେ ଠାକୁର ତାର ବଡ଼ ଠାକୁର, ମାତ୍ର ବଡ଼ ଦେଉଳ ସେ ଗଢ଼ିପାରି ନଥିଲା। କିମ୍ବଦନ୍ତୀରେ ଶ୍ରୀଜଗନ୍ନାଥ : ଲୋକମୁଖର କାହାଣୀ ନାଁ କିମ୍ବଦନ୍ତୀ। ଶ୍ରୀଜଗନ୍ନାଥଙ୍କୁ ଶବର ଦେବତା କୁହାଯାଇଥାଏ। ଆର୍ଯ୍ୟ ପୂର୍ବ ଭାରତରେ ଗଛପୂଜା ଥିଲା। ଏବେ ବି ଆଦିବାସୀ ସମ୍ପ୍ରଦାୟଙ୍କ ମଧରେ ଗଛପୂଜା ଦେଖାଯାଏ। ଗଛପୂଜାରୁ ଦାରୁବ୍ରହ୍ମ କଥାଟି ଆସିଛି। ଶ୍ରୀଜଗନ୍ନାଥେ ଦାରୁବ୍ରହ୍ମ। ଏ ସମ୍ପର୍କରେ ପ୍ରଥମ ଲୋକ କଥା ବା କିମ୍ବଦନ୍ତୀ ହେଲା ଯେ ନୀଳକନ୍ଦରରେ ନୀଳମାଧବ ରୂପରେ ଶ୍ରୀଜଗନ୍ନାଥ ଶବର ରାଜା ବିଶ୍ୱାବସୁଙ୍କ ଦ୍ୱାରା ପୂଜା ପାଉଥିଲେ। ପୁରୁଷୋତ୍ତମ କ୍ଷେତ୍ରରେ ଏହି ନୀଳକନ୍ଦର ବିଦ୍ୟମାନ ଥିଲା ବୋଲି ମଧ ଉତ୍କଳଖଣ୍ଡରେ ବର୍ଣ୍ଣିତ। ଉତ୍କଳ ଖଣ୍ଡ ସ୍କନ୍ଦ ପୁରାଣ ଅନ୍ତର୍ଗତ।



ଏହି ହେଲା ପୁରୁଷୋତ୍ତମ ଶ୍ରୀକ୍ଷେତ୍ରର ମହିମା। ଶ୍ରୀଜଗନ୍ନାଥଙ୍କ ସେବକମାନଙ୍କ ସମ୍ପର୍କରେ ସେହି ପଦ୍ୟରେ କୁହାଯାଇଛି - 'ଶବରର ଘରେ ଯେଉଁ ପୁତ୍ର ହେବ ଜାତ, ଦଇତ ସେବକ ହେବେ ବୋଲେ ଜଗନ୍ନାଥ। ଯେଉଁ ବ୍ରାହ୍ମଣ ତୋହର ଦୂତ ପଣେ ଗଲା, ନୀଳ ଯେ ମାଧବ ରୂପ ଭେଟ ସେ ପାଇଲା। ସେ ବ୍ରାହ୍ମଣ ଘରେ ଯେଉଁ ପୁତ୍ର ହେବ ଜାତ, ପ୍ରକୃତ ସେବକ ସେ ବୋଇଲେ ଜଗନ୍ନାଥ। ବିଦ୍ୟାପତି ବ୍ରାହ୍ମଣ ଯେ ଦୂତ ପଣେ ଗଲା, ଶବର ଝିଅଙ୍କୁ ସେ ଯେ ପ୍ରଦାନ ହୋଇଲା। ଶବରୁଣୀ ଠାରୁ ଯେଉଁ ପୁତ୍ର ହେବ ଜାତ, ଶୁଦ୍ଧ ଶୁଆର ସେ ହେବ ବୋଲେ ଜଗନ୍ନାଥ।' ସ୍ମରଣାତୀତ କାଳରୁ ଶ୍ରୀକ୍ଷେତ୍ର ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଆବିର୍ଭୂତ ହୋଇଛନ୍ତି। ଏହି ପରମ ପାବନ କ୍ଷେତ୍ର ଯେ ପୃଥିବୀର ଏକ ପ୍ରାଚୀନ ଧର୍ମପୀଠ ଏହା ବିନା ଦ୍ୱିଧାରେ କୁହାଯାଇପାରେ। କିନ୍ତୁ ଏହି କ୍ଷେତ୍ରର ଅଧିଷ୍ଠାତା ଦେବତା ଶ୍ରୀଜଗନ୍ନାଥଙ୍କର ଇତିବୃତ୍ତ ଅଦ୍ୟାବଧି ରହସ୍ୟାବୃତ୍ତ ହୋଇ ରହି ଆସିଛି। ବିଭିନ୍ନ ପୁରାଣ, କିମ୍ବଦନ୍ତୀ ଓ ଇତିହାସ ସେ ରହସ୍ୟ ଭେଦ କରି ପାରି ନାହାନ୍ତି।

କଥାରେ କୁହାଯାଇଛି, ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ରହସ୍ୟ ଦେବଗଣଙ୍କୁ ମଧ ଆଗୋଚର ସାଧାରଣ ମାନବ ପକ୍ଷେ ସେ ରହସ୍ୟ ଭେଦ କରିବା ଅସମ୍ଭବ। ଶ୍ରୀଜଗନ୍ନାଥ ବେଦବର୍ଣ୍ଣିତ ବିରାଟ ପୁରୁଷଙ୍କ ପ୍ରତୀକ ବିଗ୍ରହ। ସେ ଦୁର୍ବୋଧ, ଉପନିଷଦ ଦର୍ଶନର ମୂର୍ତ୍ତିମନ୍ତ ବିଗ୍ରହ। ପୁରୀର ନାମ ହୁଏତ ଦିନେ ଥିଲା ପୁରୁଷୋତ୍ତମ ପୁରୀ ଓ ଜଗନ୍ନାଥ ପୁରୀ। ନାମ ସଂକ୍ଷିପ୍ତୀ କରଣ ପ୍ରକ୍ରିୟାରେ ହୋଇଗଲା ପୁରୀ। ଏହାର ଅନ୍ୟାନ୍ୟ କେତୋଟି ନାମ ହେଲା ଶ୍ରୀକ୍ଷେତ୍ର, ନୀଳାଚଳ କ୍ଷେତ୍ର, ନୀଳାଚଳ ଧାମ, ଶଙ୍ଖକ୍ଷେତ୍ର, ପୁରୁଷୋତ୍ତମ କ୍ଷେତ୍ର, ପୁରୁଷେଶତ୍ତମ ଧାମ, ନୀଳାଦ୍ରି। ବ୍ରିଟିଶ ଶାସନ ସମୟରେ ସରକାରୀ ନଥିପତ୍ରରେ ଠାଏ ଠାଏ ପୁରୀ ଜାଗାରେ ଜଗନ୍ନାଥ ଶବ୍ଦ ବ୍ୟବହୃତ ହୋଇଛି। ଉଭୟ ଶବ୍ଦ ହୋଇଯାଇଛି ସମାର୍ଥକ।

ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ ମାଧମରେ ଶୂନ୍ୟରୂପୀ ଭଗବାନ ଓଁକାର ବା ପ୍ରଣବ ରୂପ ଧାରଣ କରିଅଛନ୍ତି। ଏହି ଚିନ୍ତାଧାରା ବୈଦିକ ଦର୍ଶନ ଉପରେ ପ୍ରତିଷ୍ଠିତ। ଉପନିଷଦର ପରମାତ୍ମା ଭଗବାନଙ୍କର ଯେଉଁ ରୂପ ବର୍ଣ୍ଣିତ ହୋଇଛି ତାହା ଶ୍ରୀଜଗନ୍ନାଥଙ୍କର କଳେବରରେ ପ୍ରତିଫଳିତ। ଉପନିଷଦରେ କୁହାଯାଇଛି, ପରମ ପୁରୁଷ ବା ପରଂବ୍ରହ୍ମ ଚକ୍ଷୁ, ନାସା, କର୍ଣ୍ଣ, ପଦ ବିନା ସମସ୍ତ ବିଷୟ ଦର୍ଶନ କରିପାରନ୍ତି, ଶ୍ରବଣ କରିପାରନ୍ତି, ଗ୍ରହଣ କରିପାରନ୍ତି ଏବଂ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ବିଚରଣ କରିପାରନ୍ତି। ବିଶ୍ୱର ସବୁଧର୍ମ ସଂସ୍କୃତିର ମୂଳପିଣ୍ଡ ଶ୍ରୀଜଗନ୍ନାଥ ହେଉଛି ଏକ ଗଣ ଦେବତା। ତେଣୁ ଶ୍ରୀଜଗନ୍ନାଥ ସଂସ୍କୃତି ଏକ ଗଣ ସଂସ୍କୃତିରେ ପରିଚିତ ହେବା ସ୍ୱାଭାବିକ। ଏହି ସଂସ୍କୃତିରେ ଅନାର୍ଯ୍ୟଭାବ, ଆର୍ଯ୍ୟଭାବ, ହିନ୍ଦୁ, ଜୈନ, ବୌଦ୍ଧ, ଶାକ୍ତ, ଶୈବ, ଗାଣପତ୍ୟ ଓ ବୈଷ୍ଣବଭାବ ପ୍ରଭୃତି ବିଭାବ ଦ୍ୱାରା ଭାବମୟ ଶ୍ରୀଜଗନ୍ନାଥ ଉପାସିତ। ବିଭିନ୍ନ ଧର୍ମାବଲମ୍ବୀମାନେ ଶ୍ରୀଜଗନ୍ନାଥଙ୍କୁ ନିଜର ଉପାସ୍ୟ ଭାବେ ଗ୍ରହଣ କରିନେବା ପାଇଁ ସର୍ବଦା ବ୍ୟାକୁଳ ପ୍ରୟାସ କରିଅଛନ୍ତି। ଶ୍ରୀଜଗନ୍ନାଥ ସର୍ବଧର୍ମମତାଶ୍ରୟୀଙ୍କର ଏକ ମିଳନ ତୀର୍ଥ ଯାହାକି ଧର୍ମଯାଜକ, ପରିବ୍ରାଜକ, ବୈଜ୍ଞାନିକ, ଦାର୍ଶନିକ, ଗବେଷକ ତଥା ମହାମନିଷୀମାନଙ୍କୁ ଯୁଗେ ଯୁଗେ ଆକୃଷ୍ଟ କରିବାରେ ସମର୍ଥ। ଶ୍ରୀଜଗନ୍ନାଥ ଏକ ଶାଶ୍ୱତ ନିର୍ବାଣର ଉତ୍ସ। ବିଶ୍ୱର ସମସ୍ତ ଧର୍ମର ଚରମ ଲକ୍ଷ୍ୟ ଯଦି ମୋକ୍ଷ ହୁଏ, ତେବେ ନନ୍ଦିଘୋଷରେ ଶ୍ରୀଜଗନ୍ନାଥ ଦର୍ଶନ, ରଥ ଚକତଳେ ଆତ୍ମବିସର୍ଜନ, ଶ୍ରୀକ୍ଷେତ୍ରରେ ମୃତ୍ୟୁବରଣ, ସ୍ୱର୍ଗଦ୍ୱାରରେ ଶବସତ୍କାର, ବାଇଶି ପାହାଚରେ ପିଣ୍ଡ ତଥା ଦୀପଦାନ ଓ ଗର୍ଭଗୃହରେ ବ୍ରହ୍ମ ଦର୍ଶନଜନିତ ପୁଣ୍ୟ ବଳରେ ଏହି ମୋକ୍ଷପ୍ରାପ୍ତି ସମ୍ଭବ ବୋଲି ଲୋକ ବିଶ୍ୱାସ ଅଛି। ଶ୍ରୀକ୍ଷେତ୍ର ସଂସାରୀମାନଙ୍କ ପାଇଁ ଯେପରି ଭୋଗକ୍ଷେତ୍ର, ମୋକ୍ଷାଭିଳାଷୀମାନଙ୍କ ପାଇଁ ସେହିପରି ଏକ ମୋକ୍ଷକ୍ଷେତ୍ର ମଧ।

ଶ୍ରୀଜଗନ୍ନାଥ ସଂସ୍କୃତିରେ ଜୀବନ ପ୍ରତି ଅମୃତ ଦୃଷ୍ଟିକୋଣ ସମ୍ପ୍ରସାରିତ ହୋଇଅଛି। ସେଇଠି ନାହିଁ ମୃତ୍ୟୁର ଭାବନା, ଶୋକ ଆଉ ଶୋଚନା, ନିରାଶା ଆଉ ମୁହ୍ୟମାନତା। ସେଇଠି ଏକ ଅନନ୍ତ ଜାଗରଣ ଓ ଜ୍ୟୋତି ଜୀବନକୁ ଚିରସଞ୍ଜୀବିତ ଓ ଉର୍ଜ୍ଜସ୍ୱଳ କରି ରଖେ। ଓଡ଼ିଶାବାସୀ ଶ୍ରୀଜଗନ୍ନାଥଙ୍କ ଭିତରେ ଏହି ଅମୃତ ତତ୍ତ୍ୱର ସନ୍ଧାନ ପାଇଥିଲେ ବୋଲି ତାହାଙ୍କୁ ସର୍ବବିଶ୍ୱରେ ପରିବ୍ୟାପ୍ତ ପରଂବ୍ରହ୍ମସ୍ୱରୂପୀ ପୁରୁଷୋତ୍ତମ ବୋଲି ବନ୍ଦନା କରିଛନ୍ତି। ଶ୍ରୀଜଗନ୍ନାଥଙ୍କର ଏହି ସ୍ୱରୂପ ଉପନିଷଦ ମାନଙ୍କରେ ବର୍ଣ୍ଣିତ ଅପାଣିପାଦ, ଅଚକ୍ଷୁ, ଅକର୍ଣ୍ଣ, ଅଥଚ ସର୍ବଗମ, ସର୍ବଦୃଷ୍ଟା ଓ ସର୍ବଶ୍ରୋତା ପୁରୁଷୋତ୍ତମଙ୍କ ସ୍ୱରୂପ ସହିତ ସମାନ। ନିଖିଳ ବିଶ୍ୱ ପାଇଁ ଆତ୍ମ ପୁରୁଷର ପୂର୍ଣ୍ଣତ୍ୱ ପ୍ରାପ୍ତି ଓ ଏହି ଲକ୍ଷ୍ୟରେ ତ୍ୟାଗ ତଥା ଆତ୍ମୋତ୍ସର୍ଗ ହିଁ ହେଉଛି ଉତ୍ତମ ପୁରୁଷ ବା ପୁରୁଷୋତ୍ତମର ଲକ୍ଷଣ। ଏହି ବିଶ୍ୱଚେତନା ଶିଖାଇଛି ଶ୍ରୀଜଗନ୍ନାଥ ସଂସ୍କୃତି। ମହାପ୍ରଭୁଙ୍କ କୃପା ବର୍ଣ୍ଣନା କରି ଭକ୍ତି ନୈବେଦ୍ୟ ଅର୍ପଣ କରି କବି ଭାଷାରେ ରଖୁଛି - 'ଧନ୍ୟ ସେ କୃଷ୍ଣମୂର୍ତ୍ତି ଜଗନ୍ନାଥ, ନୟନ ପଥଗାମୀ ଡାକେ ଭକତ। ଧନ୍ୟ ମୋ ଜୀବନ, ଏ ଧନ୍ୟ ମୋ ଆଖି, ଯାହାକୁ କୋଟି ଜନ ନିରତେ ଡାକି।'

**୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭-ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ,**
**ଜାମସେଦପୁର, ମୋବାଇଲ୍: ୯୨୦୪୭୫୨୦୭୫**

# ୧୮୫୫-୫୬ରେ ସାନ୍ତାଳ ହୁଲ୍



**ଦଶରଥ ହେମ୍ବ୍ରମ୍**

ଭାରତରେ ବସବାସ କରୁଥିବା ଆଦିବାସୀ ସମୁଦାୟ ଜାତି ମଧରୁ ତୃତୀୟ ସର୍ବବୃହତ ଜାତି ହେଉଛନ୍ତି ସାନ୍ତାଳ ଆଦିବାସୀ। ଏମାନେ ଖୁବ୍ ଶାନ୍ତ, ସରଳ, ଭଦ୍ର, ଓ ନମ୍ର ଶୋଭାବର ଲୋକ କିନ୍ତୁ ନିଜ ମା' ମାଟି ଉପରେ ଯେତେବେଳେ ପ୍ରଶ୍ନ ଉଠେ ସେତେବେଳେ ସେମାନେ ବିଦ୍ରୋହ କରିବାକୁ ଆଗଭର ହୁଅନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ହେଲା, ଯେତେବେଳେ ଇଂରେଜମାନେ ଭାରତକୁ ଆସି ଭାରତରେ ଇଷ୍ଟ ଇଣ୍ଡିଆ କମ୍ପାନୀ ପ୍ରତିଷ୍ଠା କରି ଦେଶୀୟ ରାଜ୍ୟ/ପ୍ରଦେଶଗୁଡ଼ିକ ନିଜ ସାମାଜ୍ୟରରେ ମିଶାଇ ମନମୁଖୀ ଶାସନ କଲେ ଏବଂ ସାନ୍ତାଳମାନଙ୍କ ମଧରେ ବିଦ୍ରୋହ ହୋଇଥିଲା। ଭାରତକୁ ଇଂରେଜ ମୁକ୍ତ ଶାସନ କରିବା ପାଇଁ ସାନ୍ତାଳ ଆଦିବାସୀମାନେ ଯେଉଁ ସଂଗ୍ରମ ଚଳାଇଥିଲେ ତାହା ଭାରତରେ ଅବିସ୍ମରଣୀୟ ହୋଇ ରହିବ।

ଇଂରେଜ ଉପନିବେଶବାଦ ବିରୋଧ କରି ସାନ୍ତାଳ ଆଦିବାସୀମାନେ ୧୮୫୫ ମସିହା ଜୁନ୍ ୩୦ ତାରିଖରେ ଆଦିବାସୀ ମହିମେଳା ହୋଇଥିଲା। ଏହି ଦିନ ଆଦିବାସୀଙ୍କର ଗୁରୁତ୍ୱପୂର୍ଣ୍ଣ ଦିବସ ମଧ କୁହାଯିବ। ଏହା ଭାରତୀୟ ଇତିହାସରେ ତାହା 'ହୁଲ୍ ଦିବସ' ରୂପେ ପରିଚିତ। ୧୮୫୫ ମସିହାରେ ବଙ୍ଗଳା ଓ ଝାଡ଼ଖଣ୍ଡର ସୀମାରେ ଥିବା ସାନ୍ତାଳ ପ୍ରଗଣା ଅଞ୍ଚଳର ରାଜମହଲ ପାର୍ବତ୍ୟାଞ୍ଚଳରେ ବସବାସ କରୁଥିବା ସାନ୍ତାଳ ଜନଜାତିର ଲୋକମାନଙ୍କ ଦ୍ୱାରା ଏହି ଐତିହାସିକ ବିଦ୍ରୋହ। ସେତେବେଳେ ଲୋର୍ଡ ଡେଲହାଉସୀ ଭାରତର ଗଭର୍ଣ୍ଣନ ଜେନେରାଲ ଥିଲେ। ସାନ୍ତାଳମାନଙ୍କୁ ଜମି ଓ ଅର୍ଥନୈତିକ ସୁବିଧାର ପ୍ରତିଶ୍ରୁତି ପାଇବା ପରେ ଧଳଭୂମ, ମନଭୂମ, ଜହାରିବାଗ, ମେଦିନୀପୁର ଆଦି ଅଞ୍ଚଳରୁ ବହୁ ସଂଖ୍ୟକ ସାନ୍ତାଳ ଏଠାକୁ ବସବାସ କରିବାକୁ ଆସିଥିଲେ। କିନ୍ତୁ ସେମାନଙ୍କୁ ଗୋତି ଶ୍ରମିକ ଭାବେ ରଖି ଜମିଦାରମାନେ ତାଙ୍କର ଶ୍ରମକୁ ଲୁଟୁଥିଲେ। ସୁଧଖୋର ମହାଜନମାନେ ଋଣଗ୍ରସ୍ତ କରିବା ସହ ଚଢ଼ା ସୁଧ ଆଦାୟ କରି ଆଦିବାସୀଙ୍କ ଜମିକୁ ବିଭିନ୍ନ ଆଳରେ ବଳପୂର୍ବକ ଛଡ଼େଇ ନେଲେ। ଯଦି କେହି ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ, ତାହେଲେ ଜମିଦାରମାନେ ନିଜର ଗୁଣ୍ଡା ଏବଂ ବ୍ରିଟିଶ ପୋଲିସ ଲଗାଇ ସେମାନଙ୍କ ଉପରେ ଅମାନୁଷିକ ଅତ୍ୟାଚାର ଓ ଦମନ ନୀତି ପ୍ରୟୋଗ କରାଗଲା। ଏହି ସମୟରେ ଇଂରେଜମାନେ ପ୍ରଥମ ଥର ପାଇଁ ରେଳ ଲାଇନ୍ ବିଛାଇବା କାମ ଆରମ୍ଭ କରିଥିଲେ। ଏଥିରେ ଆଦିବାସୀମାନଙ୍କ ବହୁ ଉର୍ବର ଚାଷଜମି ସବୁ ଚାଲିଗଲା, ଯାହାକି ସେମାନଙ୍କ ଭିତରେ ଭୟଙ୍କର ଅସନ୍ତୋଷ ସୃଷ୍ଟିକଲା। କିନ୍ତୁ ଜମି ବାବଦକୁ ଇଂରେଜ ସରକାର ଟଙ୍କାଟିଏ ବି ଆଦିବାସୀଙ୍କୁ ଦେଲେ ନାହିଁ। ଯଦିବି ଏନେଇ ମାଲିମକର୍ଦ୍ଦମା କୋର୍ଟ କଚେରୀରେ କରିଲେ, ନ୍ୟାୟ ବଦଳରେ ଅନ୍ୟାୟ ପାଇଲେ। ଏହିସବୁ କାରଣରୁ ଇଂରେଜ ବିରୋଧ ଆନ୍ଦୋଳନ ଅଭିଯାନରେ ଆଦିବାସୀଙ୍କ ସହ ସ୍ଥାନୀୟ ଅଣ-ଆଦିବାସୀ ସମ୍ପ୍ରଦାୟର ବହୁ ସଂଖ୍ୟା ଗରିବ ଲୋକମାନେ



ଯୋଗଦେଲେ। ସମସ୍ତେ ସର୍ବସମ୍ମତ ଭାବେ ଚାରି ଭାଇଙ୍କ ମଧରୁ ସିଦୋ ଏବଂ କାନୁଙ୍କୁ ହିଁ ନିଜର ନେତା ରୂପେ ବାଛିଲେ। ସେଦିନ ଥିଲା, ୩୦ ଜୁନ୍, ୧୮୫୫ ଏବଂ ନିଷ୍ପତ୍ତି ନେଲେ ଯେ କଲିକତାରେ ଥିବା ବ୍ରିଟିଶମାନଙ୍କ ବଡ଼ ଅଧିକାରୀ ବା ବଡ଼ଲାଟଙ୍କ ପାଖକୁ ଯାଇ ଗୁହାରୀ କଲେ, ହୁଏତ ଦୁଃଖ ଦୂର ହୋଇଯିବ। ତେଣୁ ବଡ଼ଲାଟଙ୍କୁ ଭେଟିବା ପାଇଁ କଲିକତାକୁ ପଦଯାତ୍ରାରେ ଯିବାକୁ ସ୍ଥିର କରିଥିଲେ। ଭାଗନାଡ଼ିହିଠାରେ ଆଦିବାସୀମାନଙ୍କର ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇ ପଦଯାତ୍ରା ଆରମ୍ଭ ହୋଇଥିଲା। କିନ୍ତୁ ଇଂରେଜ ଅଧିକାରୀମାନେ ସିଦୋ-କାହ୍ନୁଙ୍କ ନେତୃତ୍ୱରେ ଆଦିବାସୀଙ୍କ ଏହି ପଦଯାତ୍ରାକୁ ଅଟକାଇବାକୁ ଅଧିକ ପୋଲିସ ଆଣି ମୁତୟନ କରିବା ସହ ଆନ୍ଦୋଳନର ମୁଖ୍ୟ ନେତାମାନଙ୍କୁ ଗିରଫ କରିବା ଆରମ୍ଭ କରିଥିଲେ। ଏଥର ସିଦୋ-କାହ୍ନୁଙ୍କ ସମେତ ଆନ୍ଦୋଳନକାରୀମାନେ ସ୍ପଷ୍ଟ ରୂପେ ବୁଝିଗଲେ ଯେ ସେମାନେ ଶାନ୍ତିପୂର୍ଣ୍ଣ ଭାବେ ପଦଯାତ୍ରାରେ କଲିକତା ଯାଇ ନିଜର ଦାବୀ ଜଣାଇବାକୁ ବ୍ରିଟିଶ ବଡ଼ଲାଟ ବୋଧହୁଏ ଚାହୁଁନାହାନ୍ତି। ଅତଏବ ଆଉ ଗୁହାରୀ ଜରିଆରେ ନୁହେଁ, ବରଂ ବିଦ୍ରୋହ ହିଁ ଏକମାତ୍ର ରାସ୍ତା ବୋଲି ସେମାନେ ବୁଝିଯିବା ପରେ ପାରମ୍ପାରିକ ଅସ୍ତ୍ରଶସ୍ତ୍ର ଧାରଣ କରିଲେ। ଅନେକ ଗ୍ରାମର ଜମିଦାର, କରଜ ଦେଉଥିବା ମହାଜନ/ସାହୁକାରମାନଙ୍କୁ ହତ୍ୟା କରିଦେଲେ। ବିଦ୍ରୋହକୁ ଦମନ କରିବା ପାଇଁ ଇଂରେଜ ସରକାର ପ୍ରଥମେ ଅଳ୍ପ ସଂଖ୍ୟକ ସୈନ୍ୟଦଳ ପଠାଗଲା କିନ୍ତୁ ଏହା ଅକୃତକାର୍ଯ୍ୟ ହେବାରୁ ସାନ୍ତାଳ ବିଦ୍ରୋହୀମାନେ ଅଧିକ ଉତ୍ସାହିତ ହେଲେ। ଆଇନ-ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି ବିଚାର ବିମର୍ଶ କରି ଇଂରେଜମାନେ ବିରାଟ ପଦକ୍ଷେପ ନେଇଥିଲେ। ବିଦ୍ରୋହ ପ୍ରଭାବିତ ଅଞ୍ଚଳକୁ ବହୁ ସଂଖ୍ୟକ ସୈନିକଦଳ ପଠାଗଲା ଯାହା ସ୍ଥାନୀୟ ଜମିଦାର ଓ ମୁର୍ଶିବାଦର ନୱାବଙ୍କ ଦ୍ୱାରା ସାନ୍ତାଳ ବିଦ୍ରୋହକୁ ଦମନ କରିବା ପାଇଁ ଇଂରେଜମାନେ ସାହାଯ୍ୟ ପାଇଥିଲେ। ସାନ୍ତାଳମାନଙ୍କର କୁଟିଆ ଘରଗୁଡ଼ିକ ଭାଙ୍ଗିବା ପାଇଁ ନବାବଙ୍କଦ୍ୱାରା ଯୋଗାଇଦେଇଥିବା ହାତୀମାନଙ୍କୁ ବ୍ୟବହାର କରାଯାଉଥିଲା। ସିଦୋ ଓ ତାଙ୍କ ଭାଇ କାହ୍ନୁ ମୁର୍ମୁଙ୍କୁ ଗିରଫ କରିବା ପାଇଁ ଇଷ୍ଟ୍ ଇଣ୍ଡିଆ କମ୍ପାନୀ ୧୦ ହଜାର ଟଙ୍କାର ପୁରସ୍କାର ଘୋଷଣା କରିଥିଲା। ଏହାପରେ ଅନେକ ସଂଘର୍ଷ ହୋଇ ସାନ୍ତାଳ ବାହିନୀର ବହୁ ସଂଖ୍ୟାରେ କ୍ଷୟକ୍ଷତି ହୋଇଥିଲା। ସାନ୍ତାଳମାନଙ୍କର ଆଦିମ ଅସ୍ତ୍ରଶସ୍ତ୍ର ଇଷ୍ଟ୍ ଇଣ୍ଡିଆ କମ୍ପାନୀ ସେନାର ବାରୁଦ ଅସ୍ତ୍ରଶସ୍ତ୍ର ସହ ତାଳ ଦେଇପାରିନଥିଲା। କମ୍ପାନୀ ସପ୍ତମ ନେଟିଭ ଇନଫ୍ୟାଣ୍ଟ୍ରି ରେଜିମେଣ୍ଟ, ୪୦ ତମ ନେଟିଭ ଇନଫ୍ୟାଣ୍ଟ୍ରି ରେଜିମେଣ୍ଟ ଏବଂ ଅନ୍ୟମାନଙ୍କୁ କାର୍ଯ୍ୟରେ ନିୟୋଜିତ କରିଥିଲା। ୧୮୫୫ ଜୁଲାଇରୁ ଜାନୁୟାରୀ ୧୮୫୬ ପର୍ଯ୍ୟନ୍ତ ଲହଲଗାଁ, ସୁରି, ରଘୁନାଥପୁର ଓ ମୁଙ୍କତୋରା ଆଦି ସ୍ଥାନରେ ବଡ଼ ଧରଣର ସଂଘର୍ଷ ହୋଇଥିଲା। ଶେଷରେ ସିଦୋ ଏବଂ କାହ୍ନୁ ମୁର୍ମୁ ଯୁଦ୍ଧରେ ନିହତ ହେବା ପରେ କମ୍ପାନୀ ବିଦ୍ରୋହକୁ ଦମନ କରିଥିଲା। ଏହି ଯୁଦ୍ଧରେ ୧୫, ୦୦୦ରୁ ଅଧିକ ଲୋକ ନିହତ ହୋଇଥିଲେ, ଶତାଧିକ ସାନ୍ତାଳ ନେତାମାନେ ପ୍ରାୟ ୬୦, ୦୦୦ ସାନ୍ତାଳଙ୍କୁ ଏକାଠି କରିବାରେ ସକ୍ଷମ ହୋଇଥିଲେ ଏବଂ ୧୫୦୦ରୁ ୨୦୦୦ ଗୋଷ୍ଠୀ ଗଠନ କରିଥିଲେ। ଏହି ବିଦ୍ରୋହକୁ ଆଦିବାସୀ ସମୁଦାୟ ସହ ଗୋପାଳ ଏବଂ ଲୋହାର ଆଦି ଅଣ-ଆଦିବାସୀମାନେ ଖବର ଏବଂ ଅସ୍ତ୍ର ଯୋଗାଇବା ସମର୍ଥନ କରିଥିଲେ। ତେବେ ଜୁନ୍ ୩୦, ୧୮୫୫ରୁ ଫେବୃୟାରୀ ୧୮୫୬ ତଥା ଦୀର୍ଘ ଆଠ ମାସ ଧରି ଚାଲିଥିବା ଏହି ବିଦ୍ରୋହ ସମୟରେ ମହିଳା ନେତ୍ରୀ ଫୁଲମୁର୍ମୁରଙ୍କୁ ଅତ୍ୟନ୍ତ ନିର୍ମମ ଭାବେ ବଳତ୍କାର ଓ ହତ୍ୟା କରି ତାଙ୍କ କ୍ଷତାକ୍ତ ମର ଶରୀରକୁ ରେଳ ଲାଇନ୍ କଡ଼ରେ ଫିଙ୍ଗି ଦେଇଥିଲେ। ସିଦୋ-କାହ୍ନୁଙ୍କୁ ଗିରଫ କରିବା ପାଇଁ ଇଂରେଜ ସରକାର ୧୦ ହଜାର ଟଙ୍କାର ଏକ ପୁରସ୍କାର ରାଶି ଘୋଷଣା କରିଥିଲା। ଶେଷରେ ୧୮୫୬ ଫେବୃୟାରୀ ପ୍ରଥମ ସପ୍ତାହରେ ଆନ୍ଦୋଳନର ପ୍ରମୁଖ ନେତା ସିଦୋ ମୁର୍ମୁଙ୍କୁ ବ୍ରିଟିଶ୍‌ମାନଙ୍କ ଗୁଳିରେ ପ୍ରାଣ ହରାଇଥିବା ବେଳେ ଏହାର ସପ୍ତାହକ ପରେ ଅନ୍ୟତମ ନେତା କାହ୍ନୁଙ୍କୁ ଜୀବନ୍ତ ଧରି ଗିରଫ କରିବାରେ ଇଂରେଜମାନେ ସଫଳ ହୋଇଥିଲେ। ଏଭଳି ଭାବେ ସାନ୍ତାଳ ମହାବିଦ୍ରୋହର ଯବନିକା ଇଂରେଜମାନେ ଦମନ କରିବାରେ ସକ୍ଷମ ହୋଇଥିଲେ।

**ଦୁର୍ନୀତି ନିବାରଣ ଅଧିକାରୀ,**
**ବାଲେଶ୍ୱର, ମୋବାଇଲ୍: ୯୩୩୭୪୦୪୨୫୪**

# ଗାଜା ଉପରେ ଇସ୍ରାଏଲର ଆକ୍ରମଣ, ୭୪ ମୃତ





**ଗାଜା,୧।୭:** ଗାଜା ଉପରେ ଇସ୍ରାଏଲର ଆକ୍ରମଣ ଜାରି ରହିଛି । ଏପିର ରିପୋର୍ଟ ଅନୁଯାୟୀ, ପ୍ରତ୍ୟକ୍ଷଦର୍ଶୀ ଏବଂ ସ୍ୱାସ୍ଥ୍ୟ କର୍ମୀ କହିଛନ୍ତି ଯେ ଇସ୍ରାଏଲ ଗାଜାର ଏକ କାଫେ ଉପରେ ବିମାନ ଆକ୍ରମଣ କରିଛି । ଏହି ଆକ୍ରମଣରେ ୭୪ ଜଣଙ୍କର ମୃତ୍ୟୁ ମଧ୍ୟ ହୋଇଛି । ଡାକ୍ତର ଏବଂ ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ସୋମବାର ପଶ୍ଚିମ ଗାଜାର ଏକ ଲୋକପ୍ରିୟ ବିଚ୍ କାଫେ ଉପରେ ଇସ୍ରାଏଲୀ ବିମାନ ଆକ୍ରମଣରେ ଅତି କମରେ ୭୪ ଜଣ ପାଲେଷ୍ଟାଇନୀଙ୍କ ମୃତ୍ୟୁ ଘଟିଛି । ଗାଜାର ହମାସ ଦ୍ୱାରା ପରିଚାଳିତ ନାଗରିକ ପ୍ରତିରକ୍ଷାର ଜଣେ ମୁଖପାତ୍ର ବିବିସିକୁ କହିଛନ୍ତି ଯେ ଉଦ୍ଧାରକାରୀ ଦଳଗୁଡ଼ିକ ଅଲ-ବାକା କାଫେଟେରିଆରୁ ୨୦ ଜଣଙ୍କ ମୃତଦେହ ଏବଂ ଅନେକ ଆହତଙ୍କୁ ବାହାର କରିଛନ୍ତି । ଏଥି ସହ ସେ କହିଛନ୍ତି ଯେ ଜରୁରୀକାଳୀନ କର୍ମଚାରୀମାନେ ବିସ୍ଫୋରଣ ଦ୍ୱାରା ସୃଷ୍ଟି ହୋଇଥିବା ଗଭୀର ସମସ୍ୟାର ଏବେ ବି ସନ୍ଧାନ କରୁଛନ୍ତି । "ମୁଁ ଇଣ୍ଟରନେଟ୍ ବ୍ୟବହାର କରିବା ପାଇଁ ଏକ କାଫେକୁ ଯାଉଥିଲି, ସେତେବେଳେ ଏକ ବିରାଟ ବିସ୍ଫୋରଣ ହେଲା," ଏକ ସ୍ଥାନୀୟ ପ୍ରଯୋଜନା କମ୍ପାନୀର କ୍ୟାମେରାମ୍ୟାନ୍ ଅଜିଜ୍ ଅଲ୍-ଆଫିଫି ବିବିସିକୁ କହିଛନ୍ତି। ସେ କହିଛନ୍ତି ଯେ ସେ ଘଟଣାସ୍ଥଳକୁ ଦୌଡ଼ି ଯାଇଥିଲେ। ତାଙ୍କ ସହକର୍ମୀମାନେ ସେଠାରେ ଥିଲେ, ଯେଉଁମାନଙ୍କୁ ସେ ପ୍ରତିଦିନ ଭେଟିଥିଲେ। ଦୃଶ୍ୟଟି ଭୟଙ୍କର ଥିଲା । ସବୁଠି ମୃତଦେହ, ରକ୍ତ, ଚିତ୍କାର ଥିଲା । ସାମାଜିକ ଗଣମାଧ୍ୟମରେ କର୍ମୀଙ୍କ ଦ୍ୱାରା ପୋଷ୍ଟ କରାଯାଇଥିବା ଭିଡିଓରେ ଏହି ଭୟଙ୍କର ମୁହୂର୍ତ୍ତ ଭାଇରାଲ ହୋଇଛି। ଇସ୍ରାଏଲୀ ଯୁଦ୍ଧ ବିମାନରୁ ନିକ୍ଷେପ କରାଯାଇଥିବା ଏକ ମିଶାଇଲ୍ ଦ୍ୱାରା ଏହି ଆକ୍ରମଣ କରାଯାଇଥିଲା । ଫୁଟେଜରେ ଆକ୍ରମଣର ପରବର୍ତ୍ତୀ ଦୃଶ୍ୟ କଏଦ କରାଯାଇଛି, ଯେଉଁଥିରେ ମୃତଦେହ ମାଟିରେ ପଡ଼ିଛି। ଗାଜର ଭୂମଧ୍ୟସାଗରୀୟ ଉପକୂଳରେ ଇଣ୍ଟରନେଟ୍ ସୁବିଧା, ବସିବା ଏବଂ କାମ କରିବା ପାଇଁ ସ୍ଥାନ ଯୋଗାଉଥିବା ଅଲ୍-ବାକା କାଫେଟେରିଆ ସାମ୍ବାଦିକ, କର୍ମୀ ଏବଂ ଦୂରବର୍ତ୍ତୀ ଶ୍ରମିକଙ୍କ ପାଇଁ ଏକ ଲୋକପ୍ରିୟ ସ୍ଥାନ ପାଲଟିଥିଲା। ଏହି ଘଟଣା ଗାଜାରେ କ୍ରୋଧର କାରଣ ହୋଇଛି ।

● ଉତ୍ତରାଖଣ୍ଡରେ ବି ହିମାଚଳ ଭଳି ପ୍ରବଳ ବର୍ଷା ଓ ଭୂସ୍ଖଳନ

## ଅଳକାନନ୍ଦାରେ ବୁଡ଼ିଲା ୧୫ ଫୁଟ୍ ଉଚ୍ଚର ଭଗବାନ ଶିବଙ୍କ ମୂର୍ତ୍ତି



**ନୂଆଦିଲ୍ଲୀ,୧।୭:** ମୌସୁମୀ ଆସିବା ପରେ ଗରମରୁ ଆଶ୍ୱସ୍ତି ମିଳିଛି। କିନ୍ତୁ ନୂଆ ଅଡୁଆ ଆରମ୍ଭ ହୋଇଯାଇଛି। ମୂଷଳଧାରା ବର୍ଷାରେ ଘରଦ୍ୱାର ବୁଡ଼ି ଯାଉଛି ତ ଆଉ କେଉଁଠି ପାହାଡ ଧସି ଯାଉଛି। ମୌସୁମୀର ପ୍ରହାରରେ ଦେଶର ଅଧିକାଂଶ ସ୍ଥାନରେ ଏବେ ବର୍ଷାର କରାଳ ରୂପ। ହିମାଚଳ ପ୍ରଦେଶର ମଣ୍ଡିରେ ବ୍ୟାସ ନଦୀରେ ଜଳସ୍ତର ବଢ଼ିବା ଯୋଗୁଁ ରେଡ ଆଲର୍ଟ ଘୋଷଣା କରିବାକୁ ପଡ଼ିଛି। ସେପଟେ ରୁଦ୍ରପ୍ରୟାଗରେ ଅଳକାନନ୍ଦା ନଦୀରେ ପ୍ରବଳ ଜଳସ୍ତର ବୃଦ୍ଧି ଯୋଗୁଁ ଭଗବାନ ଶିବଙ୍କ ପ୍ରତିମାର ଏକ ବଡ଼ ଅଂଶ ବୁଡ଼ି ଯାଇଛି। ରୁଦ୍ର ପ୍ରୟାଗରେ ଅଳକାନନ୍ଦା ନଦୀରୁ ପ୍ରାୟ ୨୦ ମିଟର ଦୂରରେ ଭଗବାନ ଶିବଙ୍କ ୧୫ ଫୁଟ ଉଚ୍ଚତାର ମୂର୍ତ୍ତି ରହିଛି, କିନ୍ତୁ ଏହି ମୂର୍ତ୍ତି ନଦୀରେ ଜଳମଗ୍ନ ହୋଇଯାଇଛି। କୁହାଯାଉଛି ଯେ, ଅଳକାନନ୍ଦା ନଦୀ ବିକରାଳ ରୂପ ଧରିଛି। ତେଣୁ ପ୍ରଶାସନ ନଦୀ କୂଳକୁ ଯିବାକୁ ରୋକ ଲଗାଇଛି। ଯେଉଁମାନେ ସେହି ପାଖାପାଖି ଅଞ୍ଚଳରେ ରହୁଛନ୍ତି ତାଙ୍କୁ ସମୟ ସମୟରେ ଆଲର୍ଟ କରାଯାଉଥିଲା। ଏବେ ନଦୀ ଜଳସ୍ତର ଆହୁରି ବଢ଼ିବା ପରେ ଘର ଖାଲି କରାଯାଉଛି। ଚମୋଲିରେ ପାହାଡ ଧସିବାରେ ଲାଗିଛି। ଫଳରେ ରାସ୍ତା ବନ୍ଦ ହୋଇଯାଇଛି। ସେପଟେ ଡେରାଡୁନ୍‌ରେ ସୌଙ୍ଗ ନଦୀରେ ବନ୍ୟା ସ୍ଥିତି ଉପୁଜିଛି। କୋଟଦ୍ୱାରରେ ଆଜି ନ୍ୟାସନାଲ ହାଇଓ୍ୱେରେ ଗୁମଖାଲା-ସତପୁଲି ଭିତରେ ଭୂସ୍ଖଳନ ହୋଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକେ ଖୁବ୍ ପ୍ରଭାବିତ ହୋଇଛନ୍ତି। ଭୂସ୍ଖଳନର ଭୟଙ୍କର ଚିତ୍ର ଦେଖିବାକୁ ମିଳିଛି। ଘଟଣା ପରେ କୋଟଦ୍ୱାର-ନଜିବାବାଦ ଭିତରେ ଗାଡି ଚଳାଚଳ ବନ୍ଦ ରହିଛି। ଏହାସହ ଡେରାଡୁନ୍-ଦିଲ୍ଲୀ ରୁଟ୍‌ର ଯାତ୍ରୀଙ୍କୁ ଖୁବ୍ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି। ଜାତୀୟ ରାଜପଥରେ ଲମ୍ବା ଜାମ୍ ମଧ୍ୟ ଲାଗିଛି।

## ବିସ୍ଫୋରଣ ଘଟଣାରେ ୩୬ ମୃତ, ଜାରି ରହିଛି ଉଦ୍ଧାର କାର୍ଯ୍ୟ



**ସଙ୍ଗାରେଡ୍ଡି,୧।୭:** ତେଲଙ୍ଗାନାର ସଙ୍ଗାରେଡ୍ଡି ଜିଲ୍ଲାର ପାଶମୈଲାରାମ ଇଣ୍ଡଷ୍ଟ୍ରିଆଲ ଏରିଆରେ ଥିବା ସିଗାଚି ଇଣ୍ଡଷ୍ଟ୍ରିଜ ଲିମିଟେଡରେ ଗତ ଜୁନ ୩୦ ତାରିଖରେ ସକାଳ ୯ଟା ୩୦ମିନିଟ ସମୟରେ ଏକ ବିସ୍ଫୋରଣ ଘଟିଥିଲା। ତେବେ ଏହି ଦୁର୍ଘଟଣାରେ ମୋଟ୍ ୩୪ ଜଣଙ୍କର ମୃତ୍ୟୁ ହୋଇଛି। ଯେଉଁମାନଙ୍କ ମଧ୍ୟରୁ ୩୬ ଜଣଙ୍କ ମୃତଦେହ ଶିଥିଳାଞ୍ଚଳରୁ ଉଦ୍ଧାର ହୋଇଥିବା ବେଳେ ୩ ଜଣ ଲୋକ ହସ୍ପିଟାଲରେ ମୃତ୍ୟୁବରଣ କରିଛନ୍ତି। ୩୫ରୁ ଅଧିକ ଶ୍ରମିକ ଆହତ ହୋଇ ପାଟାଞ୍ଚେରୁର ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ତେବେ କେତେକ ଲୋକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଆଗକୁ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିବ ବୋଲି ଅନୁମାନ କରାଯାଉଛି। ପ୍ରାଥମିକ ତଦନ୍ତ ଅନୁଯାୟୀ, ସ୍ପ୍ରେ ଡ୍ରାୟରରେ ଚାପ ବୃଦ୍ଧି ଯୋଗୁଁ ଏହି ବିସ୍ଫୋରଣ ଘଟିଥିଲା। ଯାହା କମ୍ପାନିରେ ମାଇକ୍ରୋକ୍ରିଷ୍ଟାଲାଇନ ସେଲୁଲୋଜ (ଏମ୍‌ସିସି) ଉତ୍ପାଦନ ସମୟରେ ହୋଇଥିଲା। ଏହି ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ କାରଖାନାର ଚାରିମହଲା ଭବନ ଧ୍ୱଂସ ହୋଇଯାଇଥିଲା. ଖାଲି ଏତିକି ନୁହେଁ ଶ୍ରମିକମାନେ ୧୦୦ ମିଟର ଦୂରକୁ ଉଡ଼ିଯାଇଥିଲେ ଏବଂ ପାଞ୍ଚ କିଲୋମିଟର ଦୂରରୁ ଏହାର ଶବ୍ଦ ଶୁଣାଯାଇଥିଲା। ଏହି ଭୟଙ୍କର ଦୁର୍ଘଟଣାରେ ଏନ୍‌ଡିଆର୍‌ଏଫ, ଏସ୍‌ଡିଆରଏଫ, ଅଗ୍ନିଶମ ବିଭାଗ ଓ ପୁଲିସର ୨୦୦ରୁ ଅଧିକ କର୍ମଚାରୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ଶିଥିଳାଞ୍ଚଳରେ ବର୍ତ୍ତମାନ ସୁଦ୍ଧା ମଧ୍ୟ ଅପସାରଣ ଜାରି ରହିଛି। କାରଣ ଅନେକ ଶ୍ରମିକ ନିଖୋଜ ଥିବା ଆଶଙ୍କା ପ୍ରକାଶ କରାଯାଉଛି। ବିସ୍ଫୋରଣରେ ମୃତଦେହଗୁଡ଼ିକ ବିକୃତ ହୋଇଯାଇଥିବାରୁ ପରିଚୟ ପାଇଁ ଡିଏନ୍‌ଏ ପରୀକ୍ଷା ଆରମ୍ଭ ହୋଇଛି।

ମୋ ଯୋଗୁଁ ହିଁ ମୁଖ୍ୟମନ୍ତ୍ରୀ ହୋଇଗଲେ ସିଦ୍ଧରମୈୟା

## ଫୋନ୍‌ରେ ଦାବି କଲେ କଂଗ୍ରେସ ବିଧାୟକ: ପାଟିଲ୍

**ନୂଆଦିଲ୍ଲୀ,୧।୭:** କର୍ଣ୍ଣାଟକରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ବିବାଦ ମଧ୍ୟରେ ରାଜ୍ୟର ଜଣେ ବରିଷ୍ଠ ବିଧାୟକଙ୍କ ଏକ ଅଡ଼ିଓ ମଧ୍ୟ ସାମ୍ନାକୁ ଆସିଛି। ଦାବି କରାଯାଇଛି ଯେ, ଏହି ଅଡିଓରେ ବିଧାୟକ ବିଆର୍ ପାଟିଲ୍ ନିଜର କେହି ସଂପର୍କୀୟଙ୍କ ସହ ଫୋନ୍‌ରେ କଥା ହେଉଛନ୍ତି। ସେ କହିଛନ୍ତି ତାଙ୍କ ଯୋଗୁଁ ହିଁ ସିଦ୍ଧରମୈୟା ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ସେ ହିଁ ସିଦ୍ଧରମୈୟାଙ୍କୁ ସୋନିଆ ଗାନ୍ଧୀଙ୍କ ସହ ଭେଟ କରାଇ ଥିଲେ। ଏହି କାରଣରୁ ତାଙ୍କର ଲଟେରୀ ଲାଗି ଯାଇଛି ଏବଂ ସେ ସିଏମ୍ ହୋଇଗଲେ। ସେ କହିଛନ୍ତି, ସିଦ୍ଧରମୈୟାଙ୍କ ଗ୍ରହ ଭଲ ଥିଲା ଏବଂ ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ହୋଇଗଲେ। ପାଟିଲ ଆହୁରି କହିଛନ୍ତି, ଦେଖନ୍ତୁ, ଆମର କେହି ଗଡଫାଦର ନାହାନ୍ତି। ନା ଆମର ଭଗବାନ ଅଛନ୍ତି ନା ହିଁ ପିତା। ସେ ପାର୍ଟି ମହାସଚିବ ରଣଦୀପ ସିଂହ ସୁରଜେୱାଲାଙ୍କୁ ସାକ୍ଷାତ୍ କରିବା କଥା ବିଷୟରେ କହିଛନ୍ତି ଯେ,ମୋ କଥା ସେ ଗୁରୁତର ସହ ଶୁଣିଲେ। ଏବେ ଦେଖିବା କଣ ହେଉଛି।

## ରେଳମନ୍ତ୍ରୀ ଲଞ୍ଚ୍ କଲେ ରେଲ୍‌ୱାନ୍ ଆପ୍

**ନୂଆଦିଲ୍ଲୀ,୧।୭:** ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସେଣ୍ଟର ଫର୍ ରେଲୱେ ଇନ୍‌ଫରମେସନ୍ ସିଷ୍ଟମର ୪୦ତମ ପ୍ରତିଷ୍ଠା ଦିବସ ସମାରୋହରେ 'ୱାନ୍ ଆପ୍‌ର' ଆପ୍ ଲଞ୍ଚ କରିଛନ୍ତି । ଏହି ଆପ୍ ପ୍ଲେଷ୍ଟୋର ଏବଂ ଆଇଓଏସ ଆପ୍ ଷ୍ଟୋର ଉଭୟରେ ଉପଲବ୍ଧ ହେବ । ୱାନ୍ ଆପ୍‌ର ଆପ୍ ଦ୍ୱାରା ଯାତ୍ରୀମାନଙ୍କର ସମସ୍ତ ଜରୁରୀ ସେବା ପୂରଣ ହେବା ସହ ଅସୁବିଧାର ମଧ୍ୟ ସମାଧାନ ହୋଇପାରିବ । ଏହି ଆପ୍ ମାଧ୍ୟମରେ, ଯାତ୍ରୀମାନେ ଅନେକଗୁଡ଼ିଏ ସୁବିଧା ପାଇପାରିବେ। ଯେମିତିକି ଟ୍ରେନ୍ ଟିକେଟ୍ , ପ୍ଲାଟଫର୍ମ ଟିକେଟ୍, ଟ୍ରେନ୍ ଏବଂ ଅନୁସନ୍ଧାନ, ଟ୍ରାଭେଲ୍ ଯୋଜନା, ରେଲୱେ ସହାୟତା ସେବା , ଟ୍ରେନ୍‌ରେ ଖାଦ୍ୟ ବୁକିଂ ଆଦିର ସୁବିଧା ମିଳିବ । ମାଲ୍ ପରିବହନ ସମ୍ବନ୍ଧୀୟ ଅନୁସନ୍ଧାନ ମଧ୍ୟ ଏଥିରେ ଉପଲବ୍ଧ। ଏହି ଆପ୍‌ର ମୂଳ ଉଦ୍ଦେଶ୍ୟ ହେଉଛି ଏକ ଉପଭୋକ୍ତାମାନଙ୍କୁ ସୁବିଧାରେ ସେବା ଯୋଗାଇବା।

ଏହି ଆପ୍ ଯେ କେବଳ ଏକା ସାଙ୍ଗରେ ସବୁ ସୁବିଧା ଯୋଗାଇବ ତା ନୁହେଁ , ବରଂ ସେବାଗୁଡ଼ିକ ମଧ୍ୟରେ ସମନ୍ୱିତ ସଂଯୋଗ ପ୍ରଦାନ କରିବ । ଏଥିରେ ବ୍ୟବହାରକାରୀଙ୍କୁ ଏକାଧିକ ପାସୱାର୍ଡ ମନେ ରଖିବାର ଆବଶ୍ୟକ ନାହିଁ ।

RailOne



● କାମ୍ବୋଡିଆନ ନେତାଙ୍କ ସହ ଫୋନ୍ କଲ ଲିକ୍ ମାମଲା

## ପ୍ରଧାନମନ୍ତ୍ରୀଙ୍କୁ ନିଲମ୍ବିତ କଲେ ଥାଇଲାଣ୍ଡ କୋର୍ଟ



**ନୂଆଦିଲ୍ଲୀ,୧।୭:** ଜଣେ ପୂର୍ବତନ କାମ୍ବୋଡିଆନ ନେତାଙ୍କ ସହିତ ଫୋନ୍ କଲ୍ ଲିକ୍ ହେବା ମାମଲାର ତଦନ୍ତ ବିଳମ୍ବ ହେବାରୁ ଥାଇଲ୍ୟାଣ୍ଡର ସାମ୍ବିଧାନିକ ଅଦାଲତ ପ୍ରଧାନମନ୍ତ୍ରୀ ପାଏଟୋଙ୍ଗଟାର୍ଣ୍ଣ ସିନାୱାତ୍ରାଙ୍କୁ ପଦରୁ ନିଲମ୍ବିତ କରିଛନ୍ତି। ମଙ୍ଗଳବାର ବିଚାରପତିମାନେ ପ୍ରଧାନମନ୍ତ୍ରୀଙ୍କ ବିରୁଦ୍ଧରେ ଆସିଥିବା ନିୟମ ଉଲ୍ଲଂଘନ ଅଭିଯୋଗ ଉପରେ ସର୍ବସମ୍ମତିକ୍ରମେ ବିଚାର କରିଥିଲେ। ଏବଂ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିବାକୁ ଭୋଟିଂ କରିଥିଲେ। ନିକଟରେ କାମ୍ବୋଡିଆ ସହିତ ସୃଷ୍ଟି ହୋଇଥିବା ସୀମା ବିବାଦର ପରିଚାଳନାରେ ବିଫଳତା ଯୋଗୁ ପାଏଟୋଙ୍ଗଟାର୍ଣ୍ଣଙ୍କ ପ୍ରତି ଜନଅସନ୍ତୋଷ ବଢ଼ିଛି। ଘଟଣାକୁ ମେ ୨୮ ତାରିଖରେ ଏକ ସଶସ୍ତ୍ର ମୁକାବିଲା ହୋଇଥିଲା। ଯେଉଁଥିରେ ଜଣେ ଜଣେ କାମ୍ବୋଡିଆ ସୈନିକଙ୍କ ମୃତ୍ୟୁ ହୋଇଥିଲା। ସୀମା ବିବାଦ ଉପରେ ପ୍ରଧାନମନ୍ତ୍ରୀ କୂଟନୀତିକ ଆଲୋଚନା କରୁଥିବା ବେଳେ ତାଙ୍କର ଫୋନ୍ କଲ ଲିକ୍ ହୋଇଥିଲା। ଯାହା ଜନସାଧାରଣଙ୍କ ମଧ୍ୟରେ ଅଶନ୍ତୋଷ ପ୍ରକାଶ ପାଇଛି। ଏନେଇ ପାଏଟୋଙ୍ଗଟାର୍ଣ୍ଣ ସୋମବାର ମିଡିଆରେ ପ୍ରତିକ୍ରିୟା ଦେଇଛନ୍ତି। ଅଦାଲତ ପ୍ରକ୍ରିୟାକୁ ସେ ଗ୍ରହଣ କରିବେ ଏବଂ ଏହାର ପାଳନ କରିବେ। ହେଲେ ସେ ତାଙ୍କ କାମରେ ବାଧାପ୍ରାପ୍ତ ହେବା ଦେଖିବାକୁ ଚାହାଁନ୍ତି ନାହିଁ ବୋଲି ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ କହିଛନ୍ତି। ଯଦି ଆପଣ ମୋତେ ପଚାରନ୍ତି ଯେ ମୁଁ ଚିନ୍ତିତ କି, ହଁ ମୁଁ ଚିନ୍ତିତ ଅଛି ବୋଲି ସେ ସାମ୍ବାଦିକମାନଙ୍କୁ ଉତ୍ତର ଦେଇଛନ୍ତି। ଏହା ପୂର୍ବରୁ ମଙ୍ଗଳବାର ଥାଇଲାଣ୍ଡ ରାଜା ମହା ଭାଜିରାଲଙ୍ଗକର୍ଣ୍ଣ ଲିକ୍ ଫୋନ୍ କଲ୍ କାରଣରୁ ପାଏଟୋଙ୍ଗଟାର୍ଣ୍ଣଙ୍କ ମେଣ୍ଟ ସରକାରରୁ ଏକ ପ୍ରମୁଖ ଦଳ ବାହାରିଯିବା ପରେ ବାଧ୍ୟତାମୂଳକ ଭାବରେ କ୍ୟାବିନେଟ୍ ପୁନର୍ଗଠନକୁ ସମର୍ଥନ କରିଥିଲେ।



## ଜାତିସଂଘ ସୁରକ୍ଷା ପରିଷଦର ଅଧ୍ୟକ୍ଷ ହେଲା ପାକିସ୍ତାନ

**ନୂଆଦିଲ୍ଲୀ,୧।୭:** ପାକିସ୍ତାନ ଆଜି ଜାତିସଂଘ ସୁରକ୍ଷା ପରିଷଦର ଅଧ୍ୟକ୍ଷ ନିର୍ବାଚିତ ହୋଇଛି । ଏହିବର୍ଷ ଜାନୁଆରିରେ ହିଁ ପାକିସ୍ତାନ ସୁରକ୍ଷା ପରିଷଦର ଅସ୍ଥାୟୀ ସଦସ୍ୟ ହୋଇଥିଲା । ସୁରକ୍ଷା ପରିଷଦରେ ୧୫ ଜଣ ସଦସ୍ୟ ରହିଛନ୍ତି । ଏମାନଙ୍କ ମଧ୍ୟରେ ଜଣକ ପରେ ଜଣେ ଅଧ୍ୟକ୍ଷ ହୋଇଥାନ୍ତି । ଆଲଫାବେଟ୍ ଅର୍ଡରରେ ପ୍ରତି ମାସରେ ଏହାର ସଦସ୍ୟ ଅଧ୍ୟକ୍ଷ ହୋଇଥାନ୍ତି। ସେହି କ୍ରମରେ ପାକିସ୍ତାନକୁ ଅଧ୍ୟକ୍ଷ ପଦ ମିଳିଛି । ଦୁଇବର୍ଷ ପାଇଁ ଅସ୍ଥାୟୀ ସଦସ୍ୟ ଭାବେ ମନୋନୀତ ହୋଇଛି ପାକିସ୍ତାନ । ଏଥିପାଇଁ ପାକିସ୍ତାନକୁ ୧୯୩ ଭୋଟ ମଧ୍ୟରୁ ୧୮୨ ଭୋଟ ମିଳିଥିଲା । ପାକିସ୍ତାନ କହିଛି ବର୍ତ୍ତମାନର ବିଶ୍ୱ ସମସ୍ୟା ଉପରେ ଅବଗତ ଅଛି ପାକିସ୍ତାନ । ଭାରତ-ପାକିସ୍ତାନ ମଧ୍ୟରେ ଦୀର୍ଘଦିନ ଧରି ବିଭିନ୍ନ ପ୍ରସଙ୍ଗରେ ବିବାଦ ଲାଗିରହିଛି। ନିକଟରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଦୁଇଦେଶ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ପ୍ରତି ଜବାବରେ ଭାରତ ଆକ୍ରମଣ ବି କରିଥିଲା । ଯଦିଓ ଦୁଇଦେଶ ମଧ୍ୟରେ ଅସ୍ତ୍ରବିରତି ହୋଇଛି, ଶାନ୍ତି ବଜାୟ ରହିଛି। କିନ୍ତୁ ପ୍ରଶ୍ନ ଉଠୁଛି, ପାକିସ୍ତାନ ସୁରକ୍ଷା ପରିଷଦର ଅଧ୍ୟକ୍ଷ ହେବା ପରେ ଭାରତର ବଢ଼ିବ କି ଟେନସନ୍ ?

## ଆମେରିକାରେ 'ବିଗ୍ ବିୟୁଟିଫୁଲ ବିଲ୍' ବିବାଦ

### ପରସ୍ପରକୁ ନାଲିଆଖି ଦେଖାଉଛନ୍ତି ଟ୍ରମ୍ପ-ମସ୍କ



**ନୂଆଦିଲ୍ଲୀ,୧।୭:** କେବେ ଭାଇ-ଭାଇ, କେବେ ବିବାଦ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଟେସଲା ମୁଖ୍ୟ ଏଲନ ମସ୍କଙ୍କ ମଧ୍ୟରେ ପୁଣି ବିବାଦ ଦେଖାଦେଇଛି । ବିବାଦର କାରଣ ହେଉଛି ଟ୍ରମ୍ପ ବିୟୁଟିଫୁଲ ବିଲ୍ । ଏହାକୁ ନେଇ କାହିଁକି ଟ୍ରମ୍ପ ଓ ମସ୍କଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଦେଖାଦେଇଛି। ଟେସଲା ମୁଖ୍ୟ ଏଲନ ମସ୍କଙ୍କୁ ଦକ୍ଷିଣ ଆଫ୍ରିକା ଫେରିଯିବାକୁ ରୋକଠୋକ କହିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଏହି ବିବାଦ ଦେଖାଦେଇଛି ବିଗ୍ ବିୟୁଟିଫୁଲ ବିଲକୁ ନେଇ । ଯାହାକୁ ଜୋରଦାର ବିରୋଧ କରୁଛନ୍ତି ଟେସଲା ମୁଖ୍ୟ । ସେ କହିଛନ୍ତି, ଏହି ବିଲ୍ ଆମେରିକାବାସୀଙ୍କ ପାଇଁ ଯଦିଓ ଲାଭଦାୟକ ଓ କିନ୍ତୁ ପ୍ରବାସୀଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇପାରେ। ଆମେରିକାବାସୀଙ୍କୁ ଟ୍ରମ୍ପ ଦେଇଥିବା ଏକାଧିକ ପ୍ରତିଶ୍ରୁତିକୁ ଏହି ଗୋଟିଏ ମାତ୍ର ବିଲ ଜରିଆରେ ଲାଗୁ କରିବାକୁ ଯାଉଛନ୍ତି। ବିଲକୁ ବିରୋଧ କରି ଆମେରିକା ରାଷ୍ଟ୍ରପତିଙ୍କୁ ପାଗଳ କହିବାକୁ ପଛାଇ ନାହାନ୍ତି ଏଲନ ମସ୍କ। ଏପରିକି ନୂଆ ରାଜନୈତିକ ଦଳ ଗଠନ ପାଇଁ ମଧ୍ୟ ଧମକ ଦେଇଛନ୍ତି । ଏଥିରେ ପ୍ରତିକ୍ରିୟା ରଖି ଟ୍ରମ୍ପ କହିଛନ୍ତି, ମସ୍କ ଜଣେ ସ୍ୱାର୍ଥପର ମଣିଷ। ତେବେ ଜାଣିବା କ'ଣ ଏହି ବିଲ୍, ଯାହାକୁ ନେଇ ଦୁଇବନ୍ଧୁ ଏବେ ଶତ୍ରୁ ପାଲଟିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପଙ୍କର ମସ୍କ ଜଣେ ଦୃଢ଼ ସମର୍ଥକ ଥିଲେ । ଏବେ ଉଭୟଙ୍କ ମଧ୍ୟରେ ତିକ୍ତତା ଦେଖାଦେଇଛି । ନିର୍ବାଚନ ଜିତିବା ପରେ ଏଲନ୍ ମସ୍କଙ୍କୁ ଟ୍ରମ୍ପ୍ ରାଜ୍ୟ ଖର୍ଚ୍ଚ ବିଭାଗ ବା ଡଗର ମୁଖ୍ୟ ଭାବେ ନିଯୁକ୍ତ କରିଥିଲେ । ବିବାଦ ବଢ଼ିବା ପରେ ମସ୍କ ଏହି ପଦବୀରୁ ଇସ୍ତଫା ଦେଇଥିଲେ। ସେବେଠାରୁ ମସ୍କ ଖୋଲାଖୋଲି ଭାବରେ ଟ୍ରମ୍ପଙ୍କ ନୀତି ଉପରେ ପ୍ରଶ୍ନ ଉଠାଉଛନ୍ତି ।

### ବିଗ୍ ବିୟୁଟିଫୁଲ୍ ବିଲ୍ କ'ଣ?

- ଟ୍ରମ୍ପଙ୍କ ଏଜେଣ୍ଡା ଏବଂ ତାଙ୍କ ନିର୍ବାଚନ ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରିବା ପାଇଁ ବିଗ୍ ବିୟୁଟିଫୁଲ୍ ବିଲ୍ ଅଣାଯାଇଛି
- ଟିକସ ହ୍ରାସ, ସୀମା ସୁରକ୍ଷା ପାଇଁ ଖର୍ଚ୍ଚ ବୃଦ୍ଧି ଏବଂ କିଛି ସରକାରୀ କାର୍ଯ୍ୟକ୍ରମକୁ ହ୍ରାସ କରିବାକୁ ଲକ୍ଷ୍ୟ
- ଏହି ବିଲ୍‌ର ଅର୍ଥନୈତିକ ଏବଂ ସାମାଜିକ ପ୍ରଭାବ ବିଷୟରେ ବହୁତ ବିତର୍କ ଚାଲିଛି
- ଏହି ବିଲ୍ ମାଧ୍ୟମରେ ୨୦୧୭ରେ ଲାଗୁ ହୋଇଥିବା ଟିକସ ହ୍ରାସ ଆହୁରି ବିସ୍ତାର ହେବ
- ଏହି ବିଲରେ ୪.୫ ଟ୍ରିଲିଅନ ଡଲାର ଖର୍ଚ୍ଚର ବ୍ୟବସ୍ଥା
- ସେନା, ସୀମା ସୁରକ୍ଷା ଏବଂ ଅବୈଧ ପ୍ରବାସୀଙ୍କୁ ନିର୍ବାସନ ପାଇଁ ବଜେଟର୍ ଅଧିକ ଖର୍ଚ୍ଚ

## କ୍ଷମତାକୁ ଆସିଲେ ବ୍ୟାନ ହେବ ଆରଏସ୍‌ଏସ୍

### ଘୋଷଣା କଲେ କଂଗ୍ରେସ ମନ୍ତ୍ରୀ ପ୍ରିୟଙ୍କ ଖଡଗେ



**ନୂଆଦିଲ୍ଲୀ,୧।୭:** ଯଦି କଂଗ୍ରେସ ପୁଣି ଥରେ କେନ୍ଦ୍ରରେ କ୍ଷମତାକୁ ଆସେ, ତେବେ ଆରଏସଏସକୁ ସାରା ଦେଶରେ ବ୍ୟାନ କରାଯିବ। ଏଭଳି ଘୋଷଣା କରିଛନ୍ତି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କ ପୁଅ ତଥା କର୍ଣ୍ଣାଟକର ମନ୍ତ୍ରୀ ପ୍ରିୟଙ୍କ ଖଡଗେ। ପ୍ରିୟାଙ୍କ ଖଡଗେଙ୍କ ଆରଏସଏସକୁ ବ୍ୟାନ କରିବା ବୟାନ ଏକ ନୂଆ ବିତର୍କ ସୃଷ୍ଟି କରିଛି। ଦେଶରେ ଘୃଣା ବିସ୍ତାର, ସାମ୍ପ୍ରଦାୟିକ ହିଂସା ପାଇଁ ସେ ଆରଏସଏସକୁ ଦାୟୀ କରିଛନ୍ତି। ସେ ପ୍ରଶ୍ନ କରିଛନ୍ତି- ଆରଏସଏସ କାହିଁକି ବିଜେପିକୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ପଚାରୁ ନାହିଁ। ଯେପରିକି ଦେଶରେ ବେକାରୀ କାହିଁକି ବଢ଼ୁଛି, ପହଲଗାମରେ ଆତଙ୍କବାଦୀ ଆକ୍ରମଣ କିପରି ହେଲା? ଏହା ନ ପଚାରି ସଂଘର ଲୋକମାନେ ସମାଜରେ ଘୃଣା ପ୍ରସାର କରୁଛନ୍ତି। ସେ କହିଛନ୍ତି ଯେ କ୍ଷମତାକୁ ଆସିବା ପରେ ଆଇନଗତ ପ୍ରକ୍ରିୟା ଅନୁଯାୟୀ ଦେଶରେ ଆରଏସଏସକୁ ବ୍ୟାନ କରାଯିବ। ପ୍ରିୟାଙ୍କ କହିଛନ୍ତି ଯେ ଇଡି, ଆଇଟି ଭଳି ସମସ୍ତ ତଦନ୍ତକାରୀ ସଂସ୍ଥା କେବଳ ବିରୋଧୀଙ୍କ ପାଇଁ, ସରକାର କାହିଁକି ଆରଏସଏସର ତଦନ୍ତ କରନ୍ତି ନାହିଁ, ଟଙ୍କା କେଉଁଠାରୁ ଆସୁଛି, ସେମାନଙ୍କର ଆୟର ଉତ୍ସ କ'ଣ। ଏହି ସମସ୍ତ ପ୍ରସଙ୍ଗର ତଦନ୍ତ ହେବା ଉଚିତ।

କାର ଝରକାରେ ବସି ଉତ୍ପାତ ହେଉଥିଲେ ଯୁବକ

## ୧ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ କଟିଲା ଚାଲାଣ

**ନୂଆଦିଲ୍ଲୀ,୧।୭:** ଆଜିକାଲିର ଯୁବପିଢ଼ିଙ୍କ ଷ୍ଟଣ୍ଟ ଶୋ ପ୍ରତି ସଉକ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏସବୁକୁ ମଜା ଭାବି ଜୀବନକୁ ବିପଦରେ ପକାଇ ରିଲ୍ କରିବାରେ ଯୁବପିଢ଼ିମାନେ ଏଥିରେ ମାତିଛନ୍ତି। ହେଲେ ସେମାନେ ଜାଣିପାରୁନାହାଁନ୍ତି ଯେ, ସେମାନଙ୍କର କିଛି ମୁହୂର୍ତ୍ତର ଖୁସି ଜୀବନକୁ ବିପଦ ମୁହଁରେ ପକାଇ ଦେଇପାରେ । ଏମିତି ଅନେକ ପିଲା ସେମାନଙ୍କର ପାଗଳାମୀ ପାଇଁ ଜୀବନ ମଧ୍ୟ ଚାଲିଯାଉଛି । ମଜାମସ୍ତିରେ ଲୋକମାନେ ସେମାନଙ୍କ ଜୀବନକୁ ବାଜି ଲଗାଇଦେଉଛନ୍ତି । ଟିକେ ହେଲେ ବି ଭାବୁନାହାଁନ୍ତି ଯେ, ସେମାନଙ୍କ କ୍ଷତି ପରିବାରର ମଧ୍ୟ କ୍ଷତି । ଏହି ଭଳି ଅନେକ ପାଗଳାମୀର ଭିଡିଓ ଅନେକ ଥର ସାମ୍ନାକୁ ଆସିଛି । ସେହିଭଳି ଆଜି ମଧ୍ୟ ନୋଏଡାରୁ ଏକ ଭିଡିଓ ସାମ୍ନାକୁ ଆସିଛି । ନିଜ ପାଗଳାମୀରେ ଏତେ ମାତ୍ରାରେ ବୁଡ଼ି ରହୁଛନ୍ତି ଯେ, ନିଜ ଦାୟିତ୍ୱ ନେବାକୁ ଭୁଲିଯାଉଛନ୍ତି । ଯେଉଁଠାରେ ଯୁବକମାନେ କାର୍ ଷ୍ଟଣ୍ଟ କରିବା ତାଙ୍କ ପାଇଁ ମହଙ୍ଗା ପଡ଼ିଲା। ଏଭଳି ଏକ ଅବହେଳାର ଘଟଣାର ଭିଡିଓ ସୋସିଆଲ ମିଡିଆରେ ଖୁବ୍ ଜୋରରେ ଭାଇରଲ ହେବାରେ ଲାଗିଛି । ଉତ୍ତର ପ୍ରଦେଶ ଗ୍ରେଟର ନୋଏଡାରେ କିଛି ଯୁବକ ରାସ୍ତାରେ କାର୍ ଷ୍ଟଣ୍ଟ କରୁଥିବା ତାଙ୍କୁ ମହଙ୍ଗା ପଡ଼ିଲା । ୨ଟା ଅଲଗା ଅଲଗା କାରରେ ଥିବା କିଛି ଯୁବକ ଚଳନ୍ତା କାର୍ ବାହାରକୁ ଅଧା ଶରୀର କାଢ଼ି ଷ୍ଟଣ୍ଟ କରୁଥିଲେ । ଦ୍ରୁତ ଗତିରେ କାର ଚଳାଉଥିବା ସମୟରେ ଡ୍ରାଇଭିଂ ସିଟର ଡୋର ଖୋଲା ରଖିଥିଲେ ।

ଭାରତର ସାହାଯ୍ୟକୁ ଭୁଲିବନି ତାଲିବାନ

## ନୂଆ ଜୀବନ ପାଇଲେ ଆଫଗାନିସ୍ତାନର ଦିବ୍ୟାଙ୍ଗ



**ନୂଆଦିଲ୍ଲୀ,୧।୭:** ବିପଦ ବେଳେ ଆଗେଇ ଆସିଲା। ବନ୍ଧୁ ରାଷ୍ଟ୍ର ସହ ହାତ ମିଳାଇଲା। ଭାରତର ସାହାଯ୍ୟକୁ କେବେ ଭୁଲିବନି ତାଲିବାନ। କୃତ୍ରିମ ଅଙ୍ଗ ଦେଲା ନୂଆଦିଲ୍ଲୀ। ନୂଆ ଜୀବନ ପାଇଲେ ଆଫଗାନିସ୍ତାନର ଦିବ୍ୟାଙ୍ଗ। ଦିନେ ଯୁଦ୍ଧ ସେମାନଙ୍କ ଗୋଡ଼ ଛଡ଼ାଇ ନେଇଥିଲା। ଆଉ ଏବେ ନୂଆ ଆଶାର କିରଣ ଦେଲା ଭାରତ। ଆଫଗାନିସ୍ତାନକୁ ଏପରି ମାନବିକ ସହାୟତା ପରେ ଭାରତକୁ ଚାରିଆଡୁ ମିଳୁଛି ପ୍ରଂଶସା। ଆଫଗାନିସ୍ତାନରେ ପ୍ରାୟ ଚାରି ଦଶନ୍ଧି ଧରି ଯୁଦ୍ଧ ଚାଲିଛି। ୨୦୦୧ରେ ଆମେରିକା ଆକ୍ରମଣ ଏଠାକାର ମୌଳିକ ସୁବିଧାଗୁଡ଼ିକୁ ନଷ୍ଟ କରିଦେଇଥିଲା। କିନ୍ତୁ ଏହି କଷ୍ଟକର ପରିସ୍ଥିତିରେ ମଧ୍ୟ ଭାରତ ପ୍ରତ୍ୟେକ ପଦକ୍ଷେପରେ ଆଫଗାନିସ୍ତାନକୁ ସମର୍ଥନ କରିଛି। ଭିତ୍ତିଭୂମି ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ତାଲିବାନ କ୍ଷମତାକୁ ଫେରିବା ପରେ ମଧ୍ୟ ଆଫଗାନିସ୍ତାନର ଭାରତ ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ରହିଛି। ପୁଣିଥରେ ଭାରତ ଆଫଗାନିସ୍ତାନକୁ ଏପରି ମାନବିକ ସହାୟତା ପ୍ରଦାନ କରିଛି, ଯାହାକୁ ନେଇ ଏବେ ଚର୍ଚ୍ଚା। ଭାରତ ମାନବିକ ସହାୟତା ଅଧୀନରେ କାବୁଲରେ ଏକ ପାଞ୍ଚ ଦିନିଆ 'ଜୟପୁର ଫୁଟ' କୃତ୍ରିମ ଅଙ୍ଗ ଶିବିର ଆୟୋଜନ କରିଛି। ଏହାର ଉଦ୍ଦେଶ୍ୟ ଦୁର୍ଘଟଣା କିମ୍ବା ଯୁଦ୍ଧରେ ହାତ ଗୋଡ଼ ହରାଇଥିବା ଆଫଗାନିସ୍ତାନ ନାଗରିକମାନଙ୍କୁ ସାହାଯ୍ୟ କରିବା।

### ଆଜିଠୁ ବର୍ମିଂହାମ ଟେଷ୍ଟ

# ଅର୍ଶଦୀପଙ୍କ ପଦାର୍ପଣ, କୁଲଦୀପଙ୍କ ପ୍ରତ୍ୟାବର୍ତ୍ତନ !

**ବର୍ମିଂହାମ, ୧୭:** ତେନ୍ଦୁଲକର-ଆଣ୍ଡରସନ୍ ଟ୍ରଫି ଶୃଙ୍ଖଳାର ଦ୍ୱିତୀୟ ଟେଷ୍ଟ ବୁଧବାରଠାରୁ ଆରମ୍ଭ ହେବ। ଲିଡ୍‌ସରେ ଅଧିକାଂଶ ସମୟ ପ୍ରାଧାନ୍ୟ ବିସ୍ତାର କରିଥିଲେ ମଧ ଶୁବମନ ଗିଲ୍‌ଙ୍କ ଯୁବବାହିନୀ ହାରିଯିବାରୁ ଭାରତୀୟ କ୍ରିକେଟ୍‌ର ଏହି ନୂଆ ଅଧ୍ୟାୟ ଚାପରେ ପଡ଼ିଯାଇଛି। ଏବେ ଭାରତ ଏମିତି ଏକ ସ୍ଥାନରେ ଦ୍ୱିତୀୟ ଟେଷ୍ଟ ଖେଳିବାକୁ ଯାଉଛି ଯେଉଁଠି କେବେ ବି ବିଜୟର ସ୍ୱାଦ ପାଇନାହିଁ।





ସବୁଠାରୁ ଅଧିକ ଚର୍ଚ୍ଚା କିନ୍ତୁ ହୋଇଛି ଭାରତର ପ୍ରମୁଖ ବୋଲିଂ ଅସ୍ତ୍ର ଯଶପ୍ରୀତ୍ ବୁମ୍‌ରାଙ୍କ ଖେଳିବା ନ ଖେଳିବାକୁ ନେଇ। ତାଙ୍କ ଉପରେ ପଡୁଥିବା କାର୍ଯ୍ୟଭାର ପରିଚାଳନାର ଅଂଶବିଶେଷ ଦୃଷ୍ଟିରୁ ସେ ଏହି ଟେଷ୍ଟରେ ବିଶ୍ରାମ ନେବା ବିଚାର କରାଯାଉଛି। ଲିଡ୍‌ସରେ ତାଙ୍କ ୫ ୱିକେଟ୍ ସଫଳତା କାରଣରୁ ଭାରତ ସୁଯୋଗ ସୃଷ୍ଟି କରିଥିଲା ଓ ପ୍ରଥମ ପାଳିରେ ୬ ରନ୍ ଅଗ୍ରଣୀ ନେଇଥିଲା। କିନ୍ତୁ ଦ୍ୱିତୀୟ ପାଳିରେ ସେ ୱିକେଟଶୂନ୍ୟ ରହିବା ଏବଂ ଅନ୍ୟ ବୋଲର ପ୍ରଭାବହୀନ ରହିବାରୁ ଭାରତ ହାତରୁ ସୁଯୋଗ ହାତଛଡ଼ା ହୋଇଯାଇଥିଲା। ବର୍ମିଂହାମରେ ସେ ଅଭ୍ୟାସ କରିଥିଲେ ମଧ ଖେଳିବା ନ ଖେଳିବା ନେଇ କିଛି ସ୍ପଷ୍ଟ କରାଯାଇନାହିଁ। ଶୃଙ୍ଖଳା ଆରମ୍ଭ ପୂର୍ବରୁ କିନ୍ତୁ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ସୂଚନା ଦେଇଥିଲେ ସେ ୫ରୁ ୩ଟି ଟେଷ୍ଟ ଖେଳିପାରନ୍ତି, ଏହା ପୁଣି ପରିବର୍ତ୍ତନଶୀଳ ମଧ ରହିବ। କିନ୍ତୁ ବର୍ମିଂହାମରେ ବୁମ୍‌ରା ନ ଖେଳିଲେ ବାମହାତୀ ପଞ୍ଜାବୀ ବୋଲର ଅର୍ଶଦୀପ ସିଂହ ଟେଷ୍ଟ ପଦାର୍ପଣ କରିବା ସମ୍ଭାବନା ରହିଛି। ନେଟ୍ସରେ ମଧ ଅର୍ଶଦୀପ ଲମ୍ବା ସ୍ପେଲ୍ ବୋଲିଂ କରି ନିଜକୁ ପ୍ରସ୍ତୁତ ରଖିଛନ୍ତି। ଏପରିକି ଅର୍ଶଦୀପଙ୍କୁ ପ୍ରସ୍ତୁତିରେ ସହାୟକ ହେବାକୁ ତାଙ୍କ ଦୁଇ ବନ୍ଧୁ ହରପ୍ରୀତ୍ ବ୍ରାର୍ ଓ ଜଗଜିତ ସିଂହ ସାନ୍ଧୁଙ୍କୁ ନେଟ୍ସରେ ସାମିଲ କରାଯାଇଛି। ବିଶେଷ କରି ରିଭର୍ସ ସୁଇଙ୍ଗ ଏବଂ ଡାହାଣହାତୀ ବ୍ୟାଟରଙ୍କୁ ରାଉଣ୍ଡ ଦି ୱିକେଟ୍ ବୋଲିଂ କରିବା ଉପରେ ସେ ଫୋକସ ଦେଉଛନ୍ତି। ଅର୍ଶଦୀପଙ୍କ ଉପସ୍ଥିତି ବି ମହମ୍ମଦ ସିରାଜ ଓ ପ୍ରସିଦ୍ଧ କୃଷ୍ଣଙ୍କୁ ପାରମ୍ପରିକ ପେସ୍ ବୋଲିଂ ଅନୁକୂଳ ଏଜ୍‌ବାଷ୍ଟନ୍ ପିଚ୍‌ରୁ ଫାଇଦା ଦେବା ସମ୍ଭାବନା ରଖିବ।

ଶୁବମନ ଗିଲ୍‌ଙ୍କ ଭାରତୀୟ ଟେଷ୍ଟ ଦଳର ବରିଷ୍ଠତମ ସଦସ୍ୟ ତଥା ଅଲରାଉଣ୍ଡର୍ ରବୀନ୍ଦ୍ର ଜାଡ଼େଜାଙ୍କ ସ୍ଥାନ ବି ସଂଶୟ ଭିତରେ ରହିଛି। ଲିଡ୍‌ସରେ ସେ ୧୧ ଓ ୨୫* ରନ୍ କରିଥିବାବେଳେ ପଞ୍ଚମ ଦିନ ସ୍ପିନ୍ ଅନୁକୂଳ ପିଚ୍ ସତ୍ତ୍ୱେ ମାତ୍ର ଗୋଟିଏ ୱିକେଟ୍ ନେଇଥିଲେ। କୁଲଦୀପ ଯାଦବ ଖେଳିଲେ ବି ଜାଡ଼େଜାଙ୍କ ସ୍ଥାନ ସୁରକ୍ଷିତ ରହିବ ବୋଲି ସୂଚନା ଦିଆଯାଇଛି। ଇଂଲଣ୍ଡ ବିପକ୍ଷରେ କୁଲଦୀପ ଭଲ ପ୍ରଦର୍ଶନ କରିଥିବାରୁ ସେ ମଧ ଖେଳିବା ସମ୍ଭାବନା ରହିଛି। ତେବେ ଶାର୍ଦ୍ଦୁଳ ଠାକୁରଙ୍କ ସ୍ଥାନରେ ନୀତୀଶ ରେଡ୍ଡୀ ଦୃଢ଼ ଦାବିଦାର ଭାବେ ଉଭା ହୋଇଛନ୍ତି। ଅଷ୍ଟ୍ରେଲିଆରେ ଶତକ ମାରିଥିବାରୁ ରେଡ୍ଡୀଙ୍କ ବ୍ୟାଟିଂ ଅଲ୍‌ରାଉଣ୍ଡର୍ କ୍ଷମତାକୁ ବି ଉପଯୋଗ କରିବା ଯୋଜନା କରୁଛି ଭାରତ। ପ୍ରଥମ ଟେଷ୍ଟରେ ଶାର୍ଦ୍ଦୁଳ ବ୍ୟାଟିଂରେ ୧ ଓ ୪ ରନ୍ କରିଥିବାବେଳେ ବୋଲିଂରେ ୧୬ ଓଭରରେ ମାତ୍ର ୨ ୱିକେଟ୍ ନେଇଥିଲେ।

ଏଜ୍‌ବାଷ୍ଟନ୍ ପିଚ୍ ପ୍ରାରମ୍ଭିକ ଅବସ୍ଥାରେ ପେସ୍ ଓ ବାଉଁସ ଦେବ। ବ୍ୟାଟିଂ ପାଇଁ ପ୍ରଥମ ଓ ଦ୍ୱିତୀୟ ଦିନ ନିଶ୍ଚିତ କଷ୍ଟସାଧ ହେବ। ଦ୍ୱିତୀୟ ଓ ଚତୁର୍ଥ ଦିନ ଆଡ଼କୁ କିନ୍ତୁ ପିଚ୍ ଫ୍ଲାଟ୍ ହୋଇଯିବ ବୋଲି ବିଶ୍ୱାସ କରାଯାଉଛି। ପଞ୍ଚମ ଦିନ ବେଳକୁ ସ୍ପିନରଙ୍କ ଭୂମିକା ପ୍ରଭାବୀ ହୋଇପାରେ। ପ୍ରତିକୂଳ ପାଗର କୌଣସି ପୂର୍ବାନୁମାନ ନାହିଁ।

ବର୍ମିଂହାମର ଏଜ୍‌ବାଷ୍ଟନ୍‌ରରେ ଭାରତର ରେକର୍ଡ କିନ୍ତୁ ଭଲ ନାହିଁ। ୧୯୬୭ ମସିହାଠାରୁ ଆରମ୍ଭ କରି ଭାରତ ଏଠାରେ ମୋଟ ୮ ଟେଷ୍ଟ ଖେଳିଛି। ୭ଟିରେ ପରାସ୍ତ ହୋଇଥିବାବେଳେ ଗୋଟିଏ ଡ୍ର’ ରଖିବାରେ ସକ୍ଷମ ହୋଇଛି। ୧୯୮୬ ମସିହାରେ ମହମ୍ମଦ ଆଜାରୁଦ୍ଦିନ୍ ଓ କିରଣ ମୋରେଙ୍କ ମଧରେ ହୋଇଥିବା ଭାଗୀଦାରି ପାଇଁ ଏକମାତ୍ର ଡ୍ର’ ମିଳିଥିଲା। ୨୦୨୨ରେ ଭାରତ ବିଜୟର ନିକଟତର ହୋଇଥିଲେ ମଧ ଜୋ ରୁଟ୍ ଓ ଜନି ବେୟାରଷ୍ଟୋଙ୍କ ୨୬୯ ରନ୍ ଭାଗୀଦାରି କାରଣରୁ ଇଂଲଣ୍ଡ ନିଜର ସର୍ବୋଚ୍ଚ ପଶ୍ଚାତଧାବନ ବିଜୟ ଅର୍ଜନ କରିଥିଲା। ଏହି ପଡ଼ିଆରେ ଭାରତର ୫୮ ବର୍ଷର ବିଜୟଶୂନ୍ୟ ଧାରାକୁ ଶୁବମନ ଗିଲ୍‌ଙ୍କ ଦଳ ଭାଙ୍ଗିପାରିଲେ ବଡ଼ ଉପଲବ୍ଧି ହେବ। ଗିଲ୍‌ଙ୍କ ନେତୃତ୍ୱ, ପରିସ୍ଥିତିକୁ ମୁକାବିଲା ଓ ନିଷ୍ପତ୍ତି ନେବାର କ୍ଷମତା ସବୁ ନିଶ୍ଚିତ ଚଳିତ ସପ୍ତାହାନ୍ତ ବେଳକୁ ଆଉ ଏକ ପରୀକ୍ଷା ଦେଇ ସାରିଥିବ।

## ଆୟୁଷଙ୍କୁ ୟୁଏସ୍ ଓପନ୍ ମୁକୁଟ



**ଲୋୱା, ୧୭:** ଭାରତର ଦୁଇ ନମ୍ବର ପୁରୁଷ ଏକକ ଖେଳାଳି ଆୟୁଷ ସେଟ୍ଟୀ ୟୁଏସ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ ବିଜେତା ହୋଇଛନ୍ତି। ଏହା ତାଙ୍କର ପ୍ରଥମ ବିଡବ୍ଲ୍ୟୁଏଫ୍ ବିଶ୍ୱ ଟୁର୍ ମୁକୁଟ। ଫାଇନାଲ୍‌ରେ ଆୟୁଷ ୨୧-୧୮, ୨୧-୨୩ରେ ତୃତୀୟ ମାନ୍ୟତାପ୍ରାପ୍ତ କାନାଡ଼ାର ବ୍ରିଆନ୍ ୟାଙ୍ଗଙ୍କୁ ପରାସ୍ତ କରିଥିଲେ। ୨୦ ବର୍ଷୀୟ ଏହି କର୍ଣ୍ଣାଟକ ଖେଳାଳି ପ୍ରଥମ ଭାରତୀୟ ଭାବେ ଚଳିତ ଋତୁରେ ବିଶ୍ୱ ଟୁର୍ ମୁକୁଟ ମଧ ଜିତିଛନ୍ତି। ସେ ଏହି ପ୍ରତିଯୋଗିତାର ସେମିଫାଇନାଲ୍‌ରେ ବିଶ୍ୱର ୬ ନମ୍ବର ଚୌଉ ତିଏନ-ଚେନ୍‌ଙ୍କୁ ହରାଇ ବିପର୍ଯ୍ୟୟ ଘଟାଇଥିଲେ। ସର୍ବକନିଷ୍ଠା ଭାରତୀୟ ଭାବେ ଫାଇନାଲ୍‌ରେ ପହଞ୍ଚି ଇତିହାସ ରଚିଥିବା ୧୬ ବର୍ଷୀୟା ତନ୍ୱୀ ଶର୍ମା ଟ୍ରଫି କରାୟତ୍ତ କରିବାରେ କିନ୍ତୁ ବିଫଳ ହୋଇଛନ୍ତି। କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲ୍‌ରେ ଏହି ସ୍ୱଳ୍ପବୟସ୍କା ଯୁବତୀ ୧୧-୨୧, ୨୧-୧୬, ୧୦-୨୧ରେ ଶୀର୍ଷ ମାନ୍ୟତାପ୍ରାପ୍ତ ଆମେରିକାର ବିୱେନ୍ ଝାଙ୍ଗଙ୍କଠୁ ହାରି ଯାଇଥିଲେ। ଫାଇନାଲ୍ ପୂର୍ବରୁ ୬୬ ମାନ୍ୟତାପ୍ରାପ୍ତ ତନ୍ୱୀ ନିଜଠୁ ଉଚ୍ଚ ମାନ୍ୟତାପ୍ରାପ୍ତ ଖେଳାଳି ବିଶ୍ୱ ମାନ୍ୟତାର ୨୩, ୪୦, ୫୦ ଓ ୫୮ ନମ୍ବର ଖେଳାଳିଙ୍କୁ ହରାଇଥିଲେ।

## ଡିପିଏଲ ନିଲାମରେ କୋହଲିଙ୍କ ପୁତୁରା, ସେହବାଗଙ୍କ ପୁଅ

**ନୂଆଦିଲ୍ଲୀ, ୧୭:** ଦିଲ୍ଲୀ ପ୍ରିମିୟର ଲିଗ୍ (ଡିପିଏଲ୍)ର ନିଲାମ ତାଲିକାରେ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଦୁର୍ଦ୍ଧର୍ଷ ଓପନର୍ ବୀରେନ୍ଦ୍ର ସେହବାଗଙ୍କ ପୁଅ ଆର୍ଯ୍ୟବୀର ସେହବାଗ ଏବଂ କିବଂଦନ୍ତି ବିରାଟ କୋହଲିଙ୍କ ବଡ଼ ଭାଇଙ୍କ ପୁଅ ଆର୍ଯ୍ୟବୀର କୋହଲି ସାମିଲ ହେବା ଏହାକୁ ଅଧିକ ରୋଚକ କରିଛି। ଦୁଇଜଣ ଯାକଙ୍କ ପ୍ରଥମ ନାଁ ଆର୍ଯ୍ୟବୀର ହେବା ମଧ ଅପୂର୍ବ ସଂଯୋଗ ହୋଇଛି। ବିରାଟଙ୍କ ବଡ଼ ଭାଇ ବିକାଶ କୋହଲିଙ୍କ ୧୫ବର୍ଷୀୟ ପୁଅ ଆର୍ଯ୍ୟବୀର କୋହଲି ହେଉଛନ୍ତି ଜଣେ ଉଦୀୟମାନ ଲେଗ୍ ସ୍ପିନର। ସଂପ୍ରତି ସେ ପଶ୍ଚିମ ଦିଲ୍ଲୀ କ୍ରିକେଟ୍ ଏକାଡେମିରେ ବିରାଟଙ୍କ ପିଲାଦିନର ପ୍ରଶିକ୍ଷକ ରାଜକୁମାର ଶର୍ମାଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି। ନିଲାମରେ ତାଙ୍କୁ ‘ସି’ ବର୍ଗରେ ସାମିଲ କରାଯାଇଛି। ସେହିଭଳି ସେହବାଗଙ୍କ ୧୭ବର୍ଷୀୟ ପୁଅ ଆର୍ଯ୍ୟବୀର ‘ବି’ ବର୍ଗରେ ସାମିଲ ଅଛନ୍ତି। ଜଣେ ଶୀର୍ଷକ୍ରମ ବ୍ୟାଟର୍ ଭାବେ ଆର୍ଯ୍ୟବୀର ସେହବାଗ ବେଶ୍ ନାଁ କମାଇ ସାରିଲେଣି। ଦିଲ୍ଲୀ ୧୯ବର୍ଷରୁ କମ୍ ଦଳରେ ସ୍ଥାନ ପାଇ ମେଘାଳୟ ବିପକ୍ଷରେ ସେ ମଧ ୨୯୭ ରନ୍‌ର ପାଳି ଖେଳି ଚର୍ଚ୍ଚାକୁ ଆସିଥିଲେ। ସେହବାଗଙ୍କ ସାନ ପୁଅ ବେଦାନ୍ତ ମଧ ସେହି ଗ୍ରୁପ୍‌ରେ ରହିଛନ୍ତି। ବେଦାନ୍ତ ଜଣେ ଅଫ୍ ସ୍ପିନର୍ ହୋଇଥିଲା ବେଳେ ଦିଲ୍ଲୀ ୧୬ବର୍ଷରୁ କମ୍ ଦଳର ପ୍ରତିନିଧିତ୍ୱ କରିସାରିଛନ୍ତି। ଏହି ପ୍ରତୀକ୍ଷିତ ନିଲାମ ଜୁଲାଇ ୫ ତାରିଖରେ ଅନୁଷ୍ଠିତ ହେବ। ଏହି ଫ୍ରାଞ୍ଚାଇଜ୍ ଭିତ୍ତିକ ଲିଗ୍ ୬ଟି ଦଳକୁ ନେଇ ଖେଳାଯିବ।

## ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍‌ରୁ ଭାରତ ବିଦା

**ନୂଆଦିଲ୍ଲୀ, ୧୭:** ଭାରତୀୟ ମହିଳା ହକି ଦଳ ଆଗାମୀ ୨୦୨୫-୨୬ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ପ୍ରତିଯୋଗିତାରୁ ବିଦା ହୋଇଛି। ୨୦୨୪-୨୫ ଋତୁରେ ଭାରତ ୧୬ ମ୍ୟାଚ୍‌ରୁ କେବଳ ୨ ବିଜୟ ପାଇଥିଲା ବେଳେ ଗୋଟିଏ ସୁଟ୍‌ଆଉଟ୍ ବିଜୟ ଓ ୨ ସୁଟ୍‌ଆଉଟ୍ ପରାଜୟରୁ ୧୦ ପଏଣ୍ଟ ପାଇ ଟେବୁଲର ଶେଷ ସ୍ଥାନରେ ରହିବାରୁ ଆଗାମୀ ଋତୁରୁ ବାଦ୍ ପଡ଼ିଛି। ଭାରତ ୨୦୨୬-୨୭ ଋତୁ ଲାଗି ଯୋଗ୍ୟତା ପାଇଁ ନେସନ୍ସ କପ୍‌ରେ ଖେଳିବ। ନେସନ୍ସ କପ୍ ଫାଇନାଲ୍‌ରେ ଆୟର୍ଲାଣ୍ଡକୁ ହରାଇ ବିଜେତା ହୋଇ ନ୍ୟୁଜିଲାଣ୍ଡ ଆଗାମୀ ପ୍ରୋ ଲିଗ୍ ଲାଗି ଟିକେଟ୍ ନିଶ୍ଚିତ କରିଛି। ଏହି ଦଳ ପ୍ରୋ ଲିଗ୍‌ର ଆମନ୍ତ୍ରଣକୁ ଗ୍ରହଣ ନ କରିବାରୁ ଏଫ୍‌ଆଇଏଚ୍ ନିୟମ ଅନୁଯାୟୀ ଉପବିଜେତା ଆୟର୍ଲାଣ୍ଡକୁ ଆଗାମୀ ଋତୁ ଲାଗି ସାମିଲ କରାଯାଇଛି।

### ଖୋର୍ଦ୍ଧା ଜିଲ୍ଲା ୧୩ ବର୍ଷରୁ କମ୍ ଚେସ୍

## ସତ୍ୟସ୍ୱରୂପ, ନୈନିକା ବିଜେତା




**ଭୁବନେଶ୍ୱର, ୧୮ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲା ୧୩ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତାରେ ସତ୍ୟସ୍ୱରୂପ ତ୍ରିପାଠୀ ଓ ନୈନିକା ସାହୁ ବିଜେତା ଆଖ୍ୟା ଅର୍ଜନ କରିଛନ୍ତି। ଉଭୟ ୫.୫ ପଏଣ୍ଟ୍ ଲେଖାଏଁ ଅର୍ଜନ କରିଥିଲେ। ଏପିଜେ ସ୍କୁଲ୍ ଅଧ୍ୟକ୍ଷ ଅତନୁ ରଥ ମୁଖ୍ୟ ଅତିଥି, ଅଲ୍‌ଓଡ଼ିଶା ଚେସ୍ (ଏଓସିଏ) ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଏଓସିଏ ଯୁଗ୍ମ ସଂପାଦକ ଭବେଶ ମହାନ୍ତି, ଖୋର୍ଦ୍ଧା ଜିଲ୍ଲା ଚେସ୍ ସଂଘ ସଂପାଦକ ଶୁଭାଶିଷ ପଟ୍ଟନାୟକ, ସ୍ୱାଂଶୁ ସତ୍ୟକାମ, କେଡିସିଏ ସଦସ୍ୟ ସୁଶାନ୍ତ ଷଡ଼ଙ୍ଗୀ, ଚନ୍ଦ୍ରଶେଖର ମିଶ୍ର, ସର୍ବେଶ୍ୱର ସାହୁ, କୃଷ୍ଣଚନ୍ଦ୍ର ମହାପାତ୍ର, କୃଷ୍ଣ ବିଶୋଇ ଓ ପୂର୍ଣ୍ଣ ମହାଳିକ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କିଏ ଶୁଣିବ...

ରେବତୀଙ୍କ ଏତଲା ଉପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିନି। ରେବତୀଙ୍କ ଅଭିଯୋଗ ହେଉଛି ଯେ ତାଙ୍କୁ ବାରମ୍ବାର କର୍ପୋରେଟର ଦୋକାନୀଙ୍କଠାରୁ ବଟି ଆଦାୟ କରିବାକୁ ବାଧ୍ୟ କରୁଥିଲେ, ଯେଉଁଥିରେ ସେ ରାଜି ହେଉନଥିଲେ। ସେଥିପାଇଁ କର୍ପୋରେସନ ବୈଠକରେ ତାଙ୍କ ବିରୋଧରେ ମଧ୍ୟ ଅଭିଯୋଗ କରିଥିଲେ କର୍ପୋରେଟର। ଆଉ ଅତିରିକ୍ତ କମିଶନ ଏହାର ତଦନ୍ତ କରିବାକୁ ମଧ୍ୟ ନିଷ୍ପତ୍ତି ହୋଇଥିଲା। ଏଥିସହ ରେବତୀ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ କାହିଁକି ଗଲେ, ତାଙ୍କୁ ମଧ୍ୟ କେତେକ କର୍ପୋରେଟର୍ ଓ ଅତିରିକ୍ତ କମିଶନର ବିରୋଧ କରୁଥିଲେ।

ରେବତୀଙ୍କ ଅଭିଯୋଗ ଅନୁଯାୟୀ, ଗତ ୨୨ ତାରିଖରେ ଅତିରିକ୍ତ କମିଶନର୍ ତାଙ୍କୁ ଡାକି ସେ କାହିଁକି ମୋଦି କାର୍ଯ୍ୟକ୍ରମକୁ ଯାଇଥିଲେ ଏବଂ କର୍ପୋରେଟର୍ ଓ ତାଙ୍କ ସ୍ୱାମୀଙ୍କ କଥା କାହିଁକି ମାନୁନ ବୋଲି ପଚାରିଥିଲେ। ଏଥିସହ ସେ ଧମକ ଦେଇଥିଲେ ଯେ କର୍ପୋରେଟରଙ୍କ କଥା ନଶୁଣିଲେ ତମକୁ ଚାକିରିରୁ ବିଦା କରିଦେବେ। କେଉଁ ନିୟମରେ ମୋତେ ବାହାର କରିବେ ବୋଲି ରେବତୀ ପ୍ରଶ୍ନ କରିବାକୁ ଅତିରିକ୍ତ କମିଶନର କୁଆଡେ ତାଙ୍କ ଉପରେ ଭୀଷଣ ବିରକ୍ତ ହେବା ସହ ଗାଳି କରିବାକୁ ପଛାଇନଥିଲେ ବୋଲି ରେବତୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏହି ଘଟଣା ସମ୍ପର୍କରେ ସେ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ ଜଣାଇଥିଲେ। ଶ୍ରୀ ପ୍ରଧାନ ତୁରନ୍ତ ହସ୍ତକ୍ଷେପ କରି ଅତିରିକ୍ତ କମିଶନରଙ୍କୁ ଏନେଇ ପଚାରିଥିଲେ। ତେବେ ଏଥିରେ ଅତିରିକ୍ତ କମିଶନର୍ ରାଗିଯାଇ ‘ତୁମେ କିଏ ମତେ ଏକଥା ପଚାରିବାକୁ ବୋଲି ବିରକ୍ତଭରା କଣ୍ଠରେ କହିଥିଲେ। ଅଧିକନ୍ତୁ ବିଜେଡି ମାର୍କା ଏହି ଅଫିସରଙ୍କ ଏଭଳି ବ୍ୟବହାର କିଛି ନୂଆ ନୁହେଁ ବୋଲି ମଧ୍ୟ ଅଭିଯୋଗ ହେଉଛି।

ସେ ଯାହାବି ହେଉନା କାହିଁକି, କର୍ତ୍ତବ୍ୟରତ ଜଣେ ସରକାରୀ ଅଧିକାରୀଙ୍କୁ ଆକ୍ରମଣ କରିଥିବାରୁ ରାଜ୍ୟ ବିଜେପି ସଭାପତି ଆକ୍ରମଣକାରୀ ୫ ଜଣଙ୍କୁ ଦଳରୁ ନିଲମ୍ବିତ କରିଥିବା ବେଳେ ପୁଲିସ ମଧ୍ୟ ଆଜି ଆଉ ଦୁଇ ଜଣଙ୍କୁ ଗିରଫ କରିଛି। ଆକ୍ରମଣରେ ସମ୍ପୃକ୍ତ ସମସ୍ତ ୫ ଜଣଙ୍କୁ ପୁଲିସ ଗିରଫ କରିସାରିଛି। ହେଲେ ଏବେ ଓଏଏସ ଅଫିସର ସଂଘର ଡବଲ ଷ୍ଟାଣ୍ଡାର୍ଡ ପଦାରେ ପଡିଲାଣି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସୋମବାର ରାତିରେ ଆଲୋଚନା ପରେ ଓଏଏସ ସଂଘ ରାଜ୍ୟବ୍ୟାପୀ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସ୍ଥଗିତ ରଖିଥିଲା। ହେଲେ ଏବେ ସବୁ ଜିଲ୍ଲାରେ ଜିଲ୍ଲାସ୍ତରୀୟ ଓଏଏସ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇସାରିଲେଣି।

ଦେଖିବାକୁ ଗଲେ, ଓଏଏସମାନେ ଏବେ ମୋହନ ସରକାର ବିରୋଧରେ ଯୁଦ୍ଧ ଘୋଷଣା କରିଛନ୍ତି। ଏହି ଯୁଦ୍ଧ ଘୋଷଣା ସେମାନେ ରାଜ୍ୟରେ ବିରୋଧୀ ବିଜେଡି ନେତାଙ୍କ ଇଙ୍ଗିତରେ କରୁଥିବା କୁହାଯାଉଛି। ଏହି ଓଏଏସ ଅଫିସରମାନଙ୍କର ବିଜେଡି ପ୍ରତି ଏତେ ଆନୁଗତ୍ୟ ରହିଛି ଯେ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ବିଶ୍ୱାସକୁ ନେଇନାହାନ୍ତି। ବରଂ ବିଜେପି ସରକାର କିପରି ବିପଦରେ ପଡ଼ିବ, ସେ ଦିଗରେ କାମ କରିବାରେ ଲାଗିଛନ୍ତି। ଅଫିସରଙ୍କ ଉପରେ ହେଉଥିବା ଏଭଳି ଘଟଣାର ପୁନରାବୃତ୍ତି କେମିତି ନ ହେବ, ସେ ବାବଦରେ ସରକାର ଯତ୍ନଶୀଳ ହେବେ ବୋଲି ବିଶ୍ୱାସ ଦେଲା ପରେ ବି ପୁଣି ୨୦ ଜିଲ୍ଲାର ସମସ୍ତ ଓଏଏସ ଓ ଓଆରଏସ ଅଧିକାରୀମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସାମୂହିକ ଛୁଟି ନେଇ ସରକାର ତଥା ରାଜ୍ୟର ଜନସାଧାରଣଙ୍କ ପ୍ରତି ଖୋଲାଖୋଲି ଅନ୍ୟାୟ କରୁନାହାନ୍ତି କି?

ଗୋଟିଏ ଘଟଣାରେ ପ୍ରଚ୍ଛଦପଟରେ କେଉଁ ଦଳ କିମ୍ବା କେଉଁ ରାଜନେତାମାନଙ୍କର ପ୍ରୋତ୍ସାହନରେ ସୁରକ୍ଷାର ଆଳ ଦେଖାଇ ରାଜ୍ୟର ସାଧାରଣ ଜନତାଙ୍କୁ ହରଡ଼ଘଣାରେ ପକାଇବାର ଯୋଜନା କରି ନିଜର ଜିଦ୍ ପୂରଣ କରିବାକୁ ବସିଛି ଓଏଏସ ସଂଘ? ଉଲ୍ଲେଖଯୋଗ୍ୟ, ସରକାର ବଦଳିବାର ବର୍ଷକ ପରେ ବି ଓଏଏସ ଅଫିସରମାନେ ନୂଆ ସରକାରକୁ ଗ୍ରହଣ କରିବାକୁ ରାଜି ନୁହନ୍ତି। ମୁଖ୍ୟମନ୍ତ୍ରୀ ବାରମ୍ବାର, ଜିଲ୍ଲାପାଳ, ବିଡିଓ ଏବଂ ତହସିଲଦାରମାନଙ୍କୁ ତାଗିଦ କରିବା ପରେ ମଧ୍ୟ ସେମାନେ ସରକାରୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାରେ ସଫଳ ହେଉନାହାନ୍ତି। ଏଭଳି ମାନସିକତା ରଖିଥିବା ଅଧିକାରୀମାନଙ୍କୁ ରାଜ୍ୟର କଲ୍ୟାଣ ଚିନ୍ତା କରୁଛନ୍ତି ବୋଲି କହିହେବ କି? ଏପରି ସ୍ଥିତିରେ ସରକାରଙ୍କ ଅନୁରୋଧକୁ ଅବମାନନା କରିଥିବା ପ୍ରତ୍ୟେକ ଅଧିକାରୀମାନଙ୍କ ଜନ୍ମ କୁଣ୍ଡଳୀ ଯାଞ୍ଚ ହେବା ଅତି ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

### ସଠିକ୍...

ପ୍ରଶାସକ ଅରବିନ୍ଦ ପାଢ଼ୀ ମହାପ୍ରଭୁଙ୍କ ଶୃଙ୍ଖଳିତ ନୀତିକାନ୍ତି ସମାପନ ବିଷୟରେ ବିବରଣୀ ରଖିଥିବା ବେଳେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ନିମନ୍ତେ ଆଡ଼ପ ମଣ୍ଡପ ଦର୍ଶନ ପାଇଁ ଉତ୍ତମ ବ୍ୟବସ୍ଥା କରାଯାଇଥିବା କହିଛନ୍ତି। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ ଟ୍ରାଫିକ ନିୟନ୍ତ୍ରଣ ଓ ରଥଯାତ୍ରା ସମାପ୍ତ ହେବା ପର୍ଯ୍ୟନ୍ତ ନିଆଯାଇଥିବା ପଦକ୍ଷେପର ବିବରଣୀ ପ୍ରଦାନ କରିଥିଲେ।

ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ସାଂସଦ ଡଃ ସମ୍ବିତ ପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ, ରଥଯାତ୍ରା ପାଇଁ ସ୍ୱତନ୍ତ୍ର ଦାୟିତ୍ୱରେ ଥିବା କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ପ୍ରମୁଖ ସୁରକ୍ଷା ବ୍ୟବସ୍ଥାର ବିଭିନ୍ନ ଦିଗ ଉପରେ ସେମାନଙ୍କ ସୁଚିନ୍ତିତ ମତାମତ ରଖିଥିଲେ।

ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓଁ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଆରକ୍ଷୀ ମହାନିର୍ଦ୍ଦେଶକ (ଅଗ୍ନିଶମ) ସୁଧାଂଶୁ ଷଡ଼ଙ୍ଗୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଦୟାଳ ଗଙ୍ଗୱାର୍ ଓ ପୁରୀ ଏସପି ପିନାକ ମିଶ୍ର ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲାପାଳ ଚଞ୍ଚଳ ରାଣା ସମସ୍ତଙ୍କୁ ସ୍ୱାଗତ କରିଥିଲେ।

### ସେବାୟତଙ୍କୁ ଦେଲେ ...

ସେବାୟତମାନେ ସେମାନଙ୍କର କେତେକ ଦାବି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀ ସମସ୍ତ ଦାବି ଶୁଣିବା ସହ ଏ ଦିଗରେ ଉପଯୁକ୍ତ ବିଚାର ପୂର୍ବକ ପଦକ୍ଷେପ ନିଆଯିବ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ସେବାୟତମାନଙ୍କ ପାଇଁ ସବୁବେଳେ ତାଙ୍କ ଦ୍ୱାର ଖୋଲା ଅଛି ଏବଂ ଯାହା ବି ସମସ୍ୟା ଅଛି, ଆଗାମୀ ଦିନରେ ସେସବୁ ବିଷୟରେ ଆଲୋଚନା କରାଯାଇ ସମାଧାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଅନ୍ୟପକ୍ଷରେ ପ୍ରଥମ ଥର ପାଇଁ କୌଣସି ମୁଖ୍ୟମନ୍ତ୍ରୀ ସେମାନଙ୍କ ସହ ସ୍ୱତନ୍ତ୍ର ଭାବେ ଆଲୋଚନା କରି ସମସ୍ୟା ସମ୍ପର୍କରେ ପଚାରି ବୁଝିଥିବାରୁ ସେବାୟତମାନେ ଅତ୍ୟନ୍ତ ସନ୍ତୋଷ ପ୍ରକାଶ କରିଥିଲେ।

### ବନ୍ୟା...

ଜଣ ରିଲିଫ ସେଣ୍ଟରକୁ ଆସିଛନ୍ତି। ସେହିପରି ୧୧୩୮ ଜଣ ବାଲେଶ୍ୱରରେ ରିଲିଫ ସେଣ୍ଟରରେ ଅଛନ୍ତି। ଆହୁରି ଯାଜପୁର ଓ ଭଦ୍ରକ ଜିଲ୍ଲାର ଦୁଇଟି ଲେଖାଏଁ ବ୍ଲକ୍ ବନ୍ୟାରେ ଆଂଶିକ ପ୍ରଭାବିତ ହୋଇଛନ୍ତି। ଧାମନଗର ଓ କୋରେଇ ସମେତ ଆଖପାଖ ବ୍ଲକ ବି ପ୍ରଭାବିତ ହୋଇଛି। ଯେତେଶୀଘ୍ର ପାଣି ଖସିବ, କ୍ଷୟକ୍ଷତି ଆକଳନ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଘର କି ଫସଲ ନଷ୍ଟ ହୋଇଥିବା ଲୋକ ନିକଟସ୍ଥ ସବରେଜିଷ୍ଟ୍ରାର ଅଫିସରେ ନାଁ ପଞ୍ଜିକରଣ କରନ୍ତି, ତେବେ ସର୍ଭେ ଆରମ୍ଭ ହେବ। ଯେହେତୁ ଯାଜପୁର ସମେତ କେତେକ ଜିଲ୍ଲାରେ ହଇଜା ସ୍ଥିତି ରହିଛି, ପାଣି କମିବା ମାତ୍ରେ ଜଳ ବିଶୋଧନ ପାଇଁ ଜିଲ୍ଲାପାଳ ଓ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପାଣି କମିଲେ ସାପ କାମୁଡ଼ା ଭୟ ରହିଥିବାରୁ ଆଣ୍ଟି ସ୍ନେକ ଭେନମ ପ୍ରସ୍ତୁତ ରଖିବାକୁ ମଧ୍ୟ ପ୍ରଭାବିତ ଜିଲ୍ଲାକୁ ନିର୍ଦ୍ଦେଶ ଦିଆଯାଇଛି।

କ୍ଷେତ୍ରୀୟ ସ୍ତରରେ ଉକ୍ତ ସ୍ଥିତିର ସୁପରିଚାଳନା ପାଇଁ କେନ୍ଦୁଝର, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ ଦୁଇଟି ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଟିମ୍ ନିୟୋଜିତ କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡକ୍ଟର ପ୍ରମିଳା ବରାଳଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ କେନ୍ଦୁଝର ଜିଲ୍ଲାରେ ନିୟୋଜିତ କରାଯାଇଛି। ଡକ୍ଟର ବରାଳଙ୍କ ନେତୃତ୍ୱରେ ବିଶେଷଜ୍ଞ ଦଳ ଡାଇରିଆ ପରବର୍ତ୍ତୀ ସ୍ୱାସ୍ଥ୍ୟ ସେବା ଉପରେ କଡ଼ା ନଜର ରଖିଛନ୍ତି।

ବିଶେଷକରି ଜଳ ଓ ଖାଦ୍ୟଜନିତ ରୋଗ ଉପରେ ଧ୍ୟାନ ଦିଆଯାଉଛି। ସ୍ୱାସ୍ଥ୍ୟ ପରିସ୍ଥିତି ବିଶ୍ଳେଷଣ କରିବା, ଉପଯୁକ୍ତ ପ୍ରତିରୋଧ ଓ ନିୟନ୍ତ୍ରଣ ପଦକ୍ଷେପ କାର୍ଯ୍ୟକାରୀ କରିବା, ଜଳଉତ୍ସ ବିଶୋଧନ ଓ ଡାଇରିଆ ପ୍ରତିରୋଧ ଉପରେ ସୂଚନା-ଶିକ୍ଷା-ସଂଚାର ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିସହ ଫୁଟାଯାଇ ଥଣ୍ଡା କରାଯାଇଥିବା ପାଣି ପିଇବା, ହାଲୋଜେନ ବଟିକା ପକାଇ ଅଧଘଣ୍ଟା ପରେ ପିଇବା ପାଣି ବ୍ୟବହାର, ଖାଦ୍ୟ ପ୍ରସ୍ତୁତି ପୂର୍ବରୁ, ଖାଇବା ପୂର୍ବରୁ ଓ ଶୌଚ ହେବା ପରେ ସାବୁନରେ ଭଲ ଭାବେ ହାତ ଧୋଇବା, ଝାଡାବାନ୍ତି ଲକ୍ଷଣ ଦେଖାଦେଲେ ତୁରନ୍ତ ଓ.ଆର୍.ଏସ୍ ଦ୍ରବଣ ପିଇବା ଓ ବିଳମ୍ବ ନକରି ଡାକ୍ତରଖାନା ଯିବା ଆଦି ବିଷୟରେ ତୃଣମୂଳ ସ୍ତରରୁ ଜନସଚେତନତା ସୃଷ୍ଟି କରାଯାଉଛି।

ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲା ପାଇଁ ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ବିନୟ ଦାସ ମହାପାତ୍ରଙ୍କ ନେତୃତ୍ୱରେ ଅନ୍ୟ ଏକ ଟିମ୍‌କୁ ବନ୍ୟା ପରିସ୍ଥିତି ସମୟରେ ଆବଶ୍ୟକୀୟ ସ୍ୱାସ୍ଥ୍ୟ ସେବା ଓ ଜଳବାହିତ ରୋଗ ରୋକିବା ପାଇଁ ନିୟୋଜିତ କରାଯାଇଛି। ଏହି ଟିମ ମଧ୍ୟ ତୃଣମୂଳ ସ୍ତରରେ ଯେପରି ସୂଚନା-ଶିକ୍ଷା-ସଂଚାର ମାଧ୍ୟମରେ ଜନସଚେତନତା ସୃଷ୍ଟି କରାଯାଇପାରିବ, ତାହା ସୁନିଶ୍ଚିତ କରିବ। ସାପକାମୁଡ଼ାଜନିତ ଜନ ସଚେତନତା ଓ ଚିକିତ୍ସା ସହ ଚିକିତ୍ସା ପାଇଁ ଆବଶ୍ୟକୀୟ ଔଷଧ, ଓଆର୍‌ଏସ୍, ହ୍ୟାଲୋଜେନ୍ ଟ୍ୟାବଲେଟ୍ ଆଦି ମହଜୁଦ ରଖିବା ଉପରେ ଗୁରୁତ୍ୱ ଦିଆଯାଉଛି।

### ଅସ୍ଥାୟୀ ଭାବେ...

ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ କିମ୍ବା ପଦପଦବୀ ଦେଉନଥିଲେ। ହେଲେ ଦିଲ୍ଲୀରେ ରହି ସେ ରାହୁଲଙ୍କ ଟିମକୁ ଧରିବାରେ ସଫଳ ହୋଇଥିବାରୁ ଏବେ ପିସିସି ସଭାପତି ଭାବେ ଗୁରୁ ଦାୟିତ୍ୱ ପାଇଛନ୍ତି। ହେଲେ ଶିଳ୍ପପତିଙ୍କ ବିରୋଧରେ ସମରସଜ୍ଜା କରୁଥିବା ଭକ୍ତ ଦାସ ୫ ହେଲା ଜିଲ୍ଲା ସଭାପତି ବାଛିପାରୁନାହାଁନ୍ତି। ଗତ ନିର୍ବାଚନରେ କଂଗ୍ରେସ ଆଶାଠାରୁ ଢେର ଭଲ ପ୍ରଦର୍ଶନ କରିଥିଲା। ବିଜେଡି ବିରୋଧରେ ଥିବା ଭୋଟରଙ୍କ ମାନସିକତାରୁ ଫାଇଦା ନେଇଥିଲେ କଂଗ୍ରେସ ପ୍ରାର୍ଥୀମାନେ। ୨୦୨୪ରେ କଂଗ୍ରେସ ୧୪ଟି ବିଧାନସଭା ଆସନ ପାଇବା ପଛରେ କେଉଁ ରାଜ୍ୟ ସଭାପତି କି ଭକ୍ତ ଦାସଙ୍କ କୌଣସି ଭୂମିକା ନଥିଲା। ଏହା ଥିଲା କିଛି ବିଧାୟକଙ୍କ ନିଜସ୍ୱ ଲୋକପ୍ରିୟତା ଓ ସରକାର ବିରୋଧୀ ହାୱା। କିନ୍ତୁ ଏହି ସଫଳତାକୁ ଆଧାର କରି ଭକ୍ତ ଯଦି ୨୦୨୯ରେ ସରକାର ଗଢ଼ିବାକୁ ଭାବୁଥିବେ ତେବେ ତାହା ତାଙ୍କ ପାଇଁ ବୁମେରାଂ ହେବ ବୋଲି କିଛି ବରିଷ୍ଠ ନେତା ନାମ ଗୋପନ ରଖି କହିଛନ୍ତି।

ତେଣୁ ଅସ୍ଥାୟୀ ଜିଲ୍ଲା ସଭାପତି, ଅସଜଡ଼ା ଟିମ, ଏହାକୁ ଧରି କଂଗ୍ରେସ ଆଗକୁ ବିଜେପି ଓ ବିଜେଡି ବିରୋଧରେ କିପରି ଲଢେଇ କରିବ ବୋଲି ବରିଷ୍ଠ ନେତାମାନେ ପ୍ରଶ୍ନ କରୁଛନ୍ତି। ଅସ୍ଥାୟୀ ସଭାପତିଙ୍କୁ ନିର୍ଦ୍ଦେଶ ଦିଆଯାଇଛି ସେମାନେ ଭୁବନେଶ୍ୱରରେ ହେବାକୁ ଥିବା ରାହୁଲଙ୍କ ସାଧାରଣ ସଭାକୁ ଲୋକ ଆଣିବେ। କିନ୍ତୁ ମାତ୍ର ଦେଢ ସପ୍ତାହ ପୂର୍ବରୁ ଅସ୍ଥାୟୀ ସଭାପତିଙ୍କ ତାଲିକା ବାହାରିବ ଆଉ ସେମାନେ ଲୋକ ଯୋଗାଡ କରିବେ, ଏହା ସମ୍ଭବ ନୁହେଁ ବୋଲି ସେମାନେ କହିଛନ୍ତି। ଯେଉଁମାନଙ୍କୁ ଅସ୍ଥାୟୀ ସଭାପତି କରିଛନ୍ତି ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେଇଥିଲେ ଅସୁବିଧା କ’ଣ ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

### ବିଜେଡିର...

ଦ୍ୱାରା ମାଡ଼ ଖାଇଥିଲେ। କାଳେ ସରକାର ବଦନାମ ହେବେ, ସେଥିପାଇଁ ମେୟର ଓ ବିଏମ୍‌ସିର ଅନ୍ୟ କାର୍ପଟଦାରମାନେ ଘଟଣାକୁ ଚାପିବା ପାଇଁ ଯଥାସାଧ୍ୟ ଉଦ୍ୟମ କରିଥିଲେ। ହେଲେ ଏବେ ବିଜେପି ସରକାରଙ୍କୁ ବଦନାମ କରିବା ପାଇଁ ମେୟର ଓ ତାଙ୍କ ଟିମ୍ କୌଣସି ସୁଯୋଗ ହାତଛଡା କରୁନାହାନ୍ତି। ମାଡ଼ ଖାଉଥିବା ଅଫିସରଙ୍କ ସହାୟତା ପାଇଁ କେହି ହେଲେ ଆଗେଇ ଆସିନଥିବାବେଳେ ଦଳ ଦଳ ହୋଇ ରାସ୍ତା ଉପରେ ଧାରଣା ଦେଇ ଚକା ଜାମ୍ କରିବାକୁ ପଛାଇନଥିଲେ। ମେୟର ଓ ବିଜେଡିର ଏଭଳି ଦୋମୁହାଁ ଦରଦ ଏବେ ବିଏମ୍‌ସି କର୍ମଚାରୀ ଓ ରାଜଧାନୀବାସୀଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। କେବଳ ଏହି ଗୋଟିଏ ଘଟଣା ନୁହେଁ, ବିଜେଡି ବିଧାୟକ ସରୋଜ ମେହେର ସାମାନ୍ୟ ରାସ୍ତା କାମକୁ ନେଇ ଶହ ଶହ ଲୋକଙ୍କ ଆଗରେ ପୂର୍ତ୍ତ ବିଭାଗର ଜନୈକ ଯନ୍ତ୍ରୀଙ୍କୁ ବସଉଠ୍ କରାଇବା ସହ ଧମକାଇଥିଲେ। ଏପରିକି ସେ ଉକ୍ତ ଯନ୍ତ୍ରୀଙ୍କ କଲର ବି ଧରିବାକୁ ପଛାଇନଥିଲେ। ଏହି ଘଟଣାରେ ବିଧାୟକ ଶ୍ରୀ ମେହେର ମଧ୍ୟ ଗିରଫ ହୋଇଥିଲେ। ସେତେବେଳେ ବିଜେଡିର ଅଫିସର ଦରଦ ଦେଖିବାକୁ ମିଳିନଥିଲା। ବରଂ ମେହେର ବାବୁଙ୍କ ପ୍ରତି ବିଜେଡିର ନେତାମାନେ ମେହେରବାନି ଦେଖାଇଥିଲେ। ତାଙ୍କୁ ସୁନାପିଲାର ଆଖ୍ୟା ଦେଇ ଖସାଇଦେଇଥିଲେ। ଅନୁରୂପ ଭାବେ ୨୦୧୬ରେ ବିଜେଡିର ତତ୍କାଳୀନ ବିଧାୟକ ପ୍ରଶାନ୍ତ ଜଗଦେବ ଜଣେ ମହିଳା ତହସିଲଦାରଙ୍କୁ ସାମାନ୍ୟ ଘଟଣାରେ ଲଣ୍ଠନରେ ପିଟି ଗିରଫ ହୋଇଥିଲେ। ସେତେବେଳେ ବିଜେଡିର ଜଣେ ବରିଷ୍ଠ ନେତା ଶ୍ରୀ ଜଗଦେବଙ୍କ ସପକ୍ଷରେ ବି ଓକିଲାତି କରିଥିଲେ। ଜଣେ ହେଲେ କେହି ମହିଳା ଅଧିକାରୀଙ୍କ ସପକ୍ଷରେ ବାହାରିନଥିଲେ। ବରଂ କୌଣସି ପ୍ରକାରେ ମାମଲାକୁ ଚାପିବାରେ ସଫଳ ହୋଇଥିଲେ।

ଅଫିସରଙ୍କୁ ମାଡ଼ମରା ଘଟଣାରେ ବିଜେଡିର ଏହିସବୁ ଆଭିମୁଖ୍ୟ ସହ ରାଜଧାନୀରେ ଘଟିଥିବା ବହୁଚର୍ଚ୍ଚିତ ଋଷି ହତ୍ୟା ଘଟଣାକୁ ଚପାଇ ଦେବାରେ ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଆପାତତଃ ସମସ୍ତ ପ୍ରକାର ପାରିପାର୍ଶ୍ୱିକ ପ୍ରମାଣ, ସାକ୍ଷ୍ୟ ଥିଲେ ମଧ୍ୟ ପ୍ରଭାବ ପକାଇ ମାମଲାକୁ ବାଏଁ ବାଏଁ ଉଡାଇ ନିଜ ନେତାଙ୍କୁ ଖସାଇବାରେ ସକ୍ଷମ ହୋଇଥିଲା ଦଳ। ସେହିଭଳି କୁନି ଝିଅ ପରୀ ହତ୍ୟା ଘଟଣାରେ ତା’ର ବାପାମା’ ବାରମ୍ବାର ରାଜଧାନୀକୁ ଦଉଡ଼ି ରାଜରାସ୍ତାରେ ବାହୁନି ବାହୁନି କାନ୍ଦିଥିଲେ ମଧ୍ୟ ବିଜେଡିର ଦରଦୀ ମନୋଭାବକୁ ତାହା ତରଳାଇ ପାରିନଥିଲା । ଏହି ଘଟଣା ରାଜ୍ୟ ସୀମା ଡେଇଁ ଜାତୀୟ ସ୍ତରରେ ଚର୍ଚ୍ଚାର ବିଷୟ ପାଲଟିଥିଲେ ମଧ୍ୟ ପୀଡ଼ିତାଙ୍କ ପ୍ରତି ବିଜେଡି ସାମାନ୍ୟ ସମବେଦନା ଜଣାଇବାକୁ ଆଗ୍ରହ କରିନଥିଲା। ବରଂ ସେତେବେଳେ ଏହି ପ୍ରସଙ୍ଗ ଉଠାଉଥିବା ବିରୋଧୀଦଳ ସଦସ୍ୟଙ୍କ ପ୍ରତି କଟୁ ମନ୍ତବ୍ୟ ଦେବାକୁ ଦଳର ନେତାମାନେ ପଛାଇନଥିଲେ। ସେହିଭଳି ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ ଥିବା ସମୟରେ ବିଜେଡିର ବରିଷ୍ଠ ନେତା ସଞ୍ଜୟ କୁମାର ଦାଶବର୍ମାଙ୍କ ବ୍ୟକ୍ତିଗତ ସୁରକ୍ଷା କର୍ମଚାରୀ ଚିତ୍ତରଞ୍ଜନ ପଲାଇଙ୍କର ଅତ୍ୟନ୍ତ ରହସ୍ୟଜନକ ଭାବେ ମୃତ୍ୟୁ ଘଟିଥିଲା। ସେତେବେଳେ ଏହି ଘଟଣା ରାଜ୍ୟରେ ହଇଚଇ ସୃଷ୍ଟି କରିଥିଲା। ମୃତକଙ୍କ ପରିବାର ଅର୍ଥ କାରବାର ଘଟଣାରେ ତାଙ୍କୁ ହତ୍ୟା କରାଯାଇଛି ବୋଲି ପୁରୀ ପୁଲିସକୁ ଜଣାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ମାମଲା ଚପିଯାଇଥିଲା। ବର୍ତ୍ତମାନ କିନ୍ତୁ ବିଏମସିରେ ମାଡ଼ମରା ଘଟଣାରେ ଅସଲ ସତ୍ୟକୁ ଚାପିବା ସହ ବିଜେଡି ରାଜନୀତି ଆରମ୍ଭ କରିଦେଇଛି। ମାଡ଼ ମାରିଥିବା ଅଭିଯୁକ୍ତଙ୍କୁ ପୁଲିସ୍ ଗିରଫ କରିଥିଲେ ମଧ୍ୟ ମାଡ଼ ଖାଇଥିବା ଅଫିସରଙ୍କୁ ଆଶାବାଡ଼ କରି ମାମଲାକୁ ଅଧିକ ଜଟିଳ କରିବା ପାଇଁ ବିଜେଡି ନେତାମାନେ ବାହାନା ଖୋଜୁଛନ୍ତି। ତେବେ ପୁଲିସ୍ ଓ ସରକାରଙ୍କର ତତ୍କାଳ ପଦକ୍ଷେପ ବିଜେଡିର ସମସ୍ତ ଉଦ୍ୟମକୁ ଏକପ୍ରକାର ପାଣିଫୋଟକାରେ ପରିଣତ କରିଦେଇଥିବା ଲକ୍ଷ୍ୟ କରାଯାଉଛି।

## ରାଜ୍ୟ ଓପନ୍ ବନ୍ଧୁକ ଚାଳନା: ରାଧାକାନ୍ତ, ଅତୀଶଙ୍କୁ ଯୁଗଳ ସ୍ୱର୍ଣ୍ଣ



ଭୁବନେଶ୍ୱର, ୧୭ (ସଂଚାର ବ୍ୟୁରୋ): ଓଡ଼ିଶା ରାଇଫଲ୍ ସଂଘ ଆନୁକୁଲ୍ୟରେ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ୍ ପରିସରରେ ଆୟୋଜିତ ଦ୍ୱିତୀୟ ରାଜ୍ୟ ଓପନ୍ ବନ୍ଧୁକ ଚାଳନା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ୪ ଦିନିଆ ପ୍ରତିଯୋଗିତାର ପ୍ରଥମ ଦୁଇ ଦିନ କଳିଙ୍ଗ ଷ୍ଟାଡିୟମ୍ ୫୦ ମିଟର ସୁଟିଂ ରେଞ୍ଜରେ ଏବଂ ପରବର୍ତ୍ତୀ ଦୁଇଦିନ ଉତ୍କଳ କରାଟେ ସ୍କୁଲ ୧୦ ମିଟର ସୁଟିଂ ରେଞ୍ଜରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାର ବିଭିନ୍ନ ବିଭାଗରେ ଯଥା .୨୨ ରାଇଫଲ୍, .୨୨ ପିସ୍ତଲ୍, .୩୨ ପିସ୍ତଲ୍, ୧୦ ମିଟର ଏୟାର ରାଇଫଲ୍, ଏୟାର ପିସ୍ତଲ୍‌ରେ ସାରା ରାଜ୍ୟରୁ ପ୍ରାୟ ୪୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଅଲିମ୍ପିକ ସଂଘର ସଭାପତି ସମୀର ରଞ୍ଜନ ମହାନ୍ତି, ରୋମିଓକାନ୍ତ ନନ୍ଦ ଓ ରାଜା ବିଜେନ୍ଦ୍ର ଚନ୍ଦ୍ର ଦେବ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଓଡ଼ିଶା ରାଇଫଲ ସଂଘ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ସଭାପତି ଗୋରୀ ମହାନ୍ତି ଉପସ୍ଥିତ ଥିଲେ। ପ୍ରତିଯୋଗିତାକୁ ବଳଭଦ୍ର ଦାସ, ଆଶିଷ ନାୟକ, ସୋନୁ କୁମାର ପଣ୍ଡା ଓ ସତ୍ୟଜିତ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। **ସ୍ୱର୍ଣ୍ଣ ପଦକ ବିଜେତା:** ରାଧାକାନ୍ତ ମହାପାତ୍ର (୨), ଅତୀଶ କୁମାର ନାଏକ (୨), ଓମ୍‌ପ୍ରକାଶ ଧାରୁଆ, ସାନ୍‌ଭୀ ରାୟ, ଆଶିଷ କୁମାର ଜେନା, ମଧୁସ୍ମିତା ମାଝୀ, ବିଶେଷ ମୁଣ୍ଡରା, ଦୀପକ କୁମାର ସାହୁ, ସସ୍ମିତା ସ୍ୱାଇଁ, ବିଶ୍ୱଜିତ ସୂର, ରଶ୍ମି ଭଞ୍ଜ, ଆଦ୍ୟଶଙ୍କର ସାହୁ, ଆକାଶ କୁମାର ଲୋହାର, ଆୟୁଷ୍ମାନ ଦାଶ, ଦିବ୍ୟାଶା ପ୍ରିୟଦର୍ଶିନୀ ଚୋପଦର, ବିଶ୍ୱଜିତ ପାତ୍ର, ମୃଦୁଳା ଦେ’, ସୁଜାତା ପାଢ଼ୀ, ବିଭୁପ୍ରସାଦ ସାମଲ, ପ୍ରୟାଂଶା ହୋତା, ଈଶାନ ମହାନ୍ତି, ଯଶ ରଥ, ସୁଶ୍ରୀ ଛୁଆଳସିଂହ, ଅର୍ଦ୍ଧେନ୍ଦୁ ପାଢ଼ୀ, ସ୍ୱାତିରାଣୀ ଗଡ଼ନାୟକ, ଗୋବିନ୍ଦ କୁମାର ପଟେଲ, ଶୁଚିସ୍ମିତା ଜେନା।

## ଆଝାର ପାକିସ୍ତାନ ଟେଷ୍ଟ ଦଳର କାମଚଳା ମୁଖ୍ୟ ପ୍ରଶିକ୍ଷକ

**ଲାହୋର, ୧୭:** ପୂର୍ବତନ ଅଲ୍‌ରାଉଣ୍ଡର ଆଝାର ମହମୁଦଙ୍କୁ ସୋମବାର ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଟେଷ୍ଟ ଦଳର କାମଚଳା ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତ କରିଛି। ସେ ଏହି ଦାୟିତ୍ୱରେ ଆସନ୍ତା ବର୍ଷ ଏପ୍ରିଲ ପର୍ଯ୍ୟନ୍ତ ରହିବେ। ଗତବର୍ଷ ଏପ୍ରିଲ୍‌ରେ ଆଝାରଙ୍କୁ ୨ ବର୍ଷ ଲାଗି ସହଯୋଗୀ ପ୍ରଶିକ୍ଷକ ଭାବେ ପିସିବି ନିଯୁକ୍ତି କରିଥିଲା। ଏହି ସମୟରେ ଅଷ୍ଟ୍ରେଲିଆର ଜାସନ ଗିଲେସ୍ପି (ଟେଷ୍ଟ) ଏବଂ ଦକ୍ଷିଣ ଆଫ୍ରିକାର ଗ୍ୟାରି କର୍ଷ୍ଟେନ (ସୀମିତ ଓଭର) ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତ ହୋଇଥିଲେ। ନିଯୁକ୍ତିର କିଛି ଦିନ ମଧରେ ଗିଲେସ୍ପି ଓ କର୍ଷ୍ଟେନ ନିଜ ନିଜ ପଦରୁ ଇସ୍ତଫା ଦେଇଥିଲେ। କାଉଣ୍ଟି ଚାମ୍ପିଅନ୍‌ସିପ୍ ବିଜେତା ସରେ ଦଳର ଆଝାର ସହଯୋଗୀ ପ୍ରଶିକ୍ଷକ ଥିଲେ। ତାଙ୍କ ତତ୍ତ୍ୱାବଧାନରେ ଦଳ ଟେଷ୍ଟରେ ଭଲ କରିବ ବୋଲି ଆଶା ରଖିଛି ପିସିବି। ୫୦ ବର୍ଷୀୟ ଆଝାର ୧୯୯୬ରୁ ୨୦୦୭ ମଧରେ ପାକିସ୍ତାନ ପକ୍ଷରୁ ୨୧ ଟେଷ୍ଟ ଓ ୧୪୩ ଦିନିକିଆ ଖେଳିଛନ୍ତି।

# କୃଷିରେ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଆଣିବ ଦ୍ୱିତୀୟ ସବୁଜ ବିପ୍ଳବ



**ଭୁବନେଶ୍ୱର, ୧୭ (ସଂଚାର ବ୍ୟୁରୋ) :** ଭାରତୀୟ କୃଷିରେ ଦ୍ୱିତୀୟ ସବୁଜ ବିପ୍ଳବ ହେବାକୁ ହେଲେ ପ୍ରଯୁକ୍ତି ବିଦ୍ୟାର ଅଭିନବତ୍ୱ ତଥା ସାମଗ୍ରିକ ବିକାଶ ହିଁ ଏହାର କର୍ଣ୍ଣଧାର ହେବ ବୋଲି ଜଣେ ପ୍ରମୁଖ କୃଷି ବିଶେଷଜ୍ଞ କହିଛନ୍ତି।

ଶିକ୍ଷା ଓ ଅନୁସନ୍ଧାନ(ସୋଆ) ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚରାଲ ସାଇନ୍ସେସ୍ (ଆଇଏଏସ୍)ରେ ସୋମବାର ଆୟୋଜିତ ହୋଇଥିବା ସାପ୍ତାହିକ ବକ୍ତୃତା ମାଳାରେ ଯୋଗ ଦେଇ ଡେରାଡୁନ ସ୍ଥିତ ଗୋବିନ୍ଦ ବଲ୍ଲଭ ପନ୍ତ କୃଷି ବିଶ୍ୱବିଦ୍ୟାଳୟର ଉଦ୍ଭିଦ ଶରୀରତତ୍ତ୍ୱ ବିଭାଗର ବିଭାଗୀୟ ମୁଖ୍ୟ ତଥା ଅନନ୍ୟ ଗବେଷକ ପ୍ରଫେସର ସୁଧୀର କୁମାର ଗୁରୁ ଏହି ମତ ବ୍ୟକ୍ତ କରିଛନ୍ତି। ପ୍ରଫେସର ଗୁରୁ ଅଧୁନା ଜି. ବି. ପନ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ସ୍ୱତନ୍ତ୍ର ଅଧିକାରୀ (ଓଏସଡି) ଭାବେ କାର୍ଯ୍ୟରତ ଅଛନ୍ତି।

ଏହି ଆଲୋଚନାରେ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଗବେଷଣା ସଂଯୋଜକ ପ୍ରଫେସର ଜଗମୋହନ ଲାଲ ଗୁଲାଟି ଆଲୋଚନା ଆରମ୍ଭ କରିଥିବାବେଳେ ପ୍ରଫେସର ସରୋଜ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଫେସର ଗୁରୁଙ୍କ ବକ୍ତବ୍ୟ ପରେ ଆଲୋଚନା ଓ ପର୍ଯ୍ୟାଲୋଚନା ଅବସରରେ ମହାବିଦ୍ୟାଳୟର ସମସ୍ତ ଯୁବ ପ୍ରାଧାପକ ଓ ଗବେଷଣାରତ ଛାତ୍ରଛାତ୍ରୀ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପରେ ଆଲୋଚନା କରିଥିଲେ।

# ଶ୍ରାବଣ ପୂର୍ବରୁ ପରିବା ଦର ଆକାଶଛୁଆଁ

**✸ ୫ଶହ ଟଙ୍କାରେ ବି ପୂରୁନି ବ୍ୟାଗ ✸ ଅସ୍ତରଙ୍ଗ ଅଞ୍ଚଳରେ ମହଙ୍ଗା ହେଉଛି କଞ୍ଚା ପରିବା**

**କାକଟପୁର/ଅସ୍ତରଙ୍ଗ, ୧୭ (ସଂଚାର ବ୍ୟୁରୋ) :** ଶ୍ରାବଣ ମାସ ପୂର୍ବରୁ ଅସ୍ତରଙ୍ଗ ପରିବା ମାର୍କେଟରେ ଆକାଶ ଛୁଆଁ ଦର। ବିନ୍ସ ୧୬୦ଟଙ୍କା, ବାଇଗଣ ୬୦ଟଙ୍କା ଓ ପୋଟଳ ୮୦ଟଙ୍କା, କାଙ୍କଣ ୮୦ଟଙ୍କା, କଲରା ୮୦ଟଙ୍କା। କିଛି ଦିନ ହେବ ପୁରୀ ଜିଲ୍ଲା ଅସ୍ତରଙ୍ଗ ମାର୍କେଟ ହେଉ ଅବା ହାଟରେ ଏଭଳି କଞ୍ଚା ପରିବା ଦର ମହଙ୍ଗା ହେବାରେ ଲାଗିଛି। ତେଣୁ ଖାଉଟିମାନେ ୧କିଲୋ କିମ୍ବା ତା'ଠାରୁ ଅଧିକ ପରିବା କିଣୁଥିଲେ, ଏବେ ଅଧା କିଲୋ କିମ୍ବା ତା ଠାରୁ କମ୍ କିଣୁଛନ୍ତି। କିନ୍ତୁ ଅର୍ଥ ସମାନ ଖର୍ଚ୍ଚ ହେଉଛି। ୫ଶହ ଟଙ୍କାରେ ବି ପରିବା ବ୍ୟାଗ ପୂର୍ଣ୍ଣ ହେଉନି। ଆଗକୁ ଶ୍ରାବଣ ମାସ ଥିବାରୁ କଞ୍ଚା ପରିବା ଦର ଆହୁରି ବଢିବ ବୋଲି ଆଶଙ୍କା କରାଯାଉଛି।




ଅସ୍ତରଙ୍ଗ ବଜାରରେ ଏବେ ଆଳୁ, ପିଆଜ, ଛାଡି ଦେଲେ ପ୍ରାୟ ସବୁ ପରିବା ମୂଲ୍ୟ ୫୦ଟଙ୍କା ଉପରେ ରହିଛି। ଏଭଳି ସ୍ଥିତିରେ କେବଳ ଆଳୁ ଖାଉଟିଙ୍କୁ ଭରସା ପାଲଟିଛି। ଆଳୁ କିଲୋ ୨୦ଟଙ୍କା ଓ ପିଆଜ ୨୫ଟଙ୍କା ରହିଛି। ବିନ୍ସ ହୋଲସେଲ ମୂଲ୍ୟ ୧୫୦ଟଙ୍କା ଥିବା ବେଳେ ଖୁଚୁରା ମୂଲ୍ୟ ୧୬୦ଟଙ୍କା ରହିଛି। ଝୁଡ଼ଙ୍ଗ ହୋଲସେଲ ମୂଲ୍ୟ ୭୦ଟଙ୍କା ଥିବା ବେଳେ ଖୁଚୁରା ମୂଲ୍ୟ ୮୦ଟଙ୍କା ରହିଛି। ଭେଣ୍ଡି, ଜହ୍ନି, କଲରା, କାଙ୍କଣ ଆଦି ୬୦ଟଙ୍କା ଉପରେ। ଏହା ବାଦ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ଖୁଚୁରା ବ୍ୟବସାୟୀମାନେ ଭିନ୍ନ ଭିନ୍ନ ତଥା ଚଢା ମୂଲ୍ୟରେ ପରିବା ବିକୁଛନ୍ତି।

ଅସ୍ତରଙ୍ଗ ହାଟରେ ପରିବା ବ୍ୟବସାୟ କରୁଥିବା ମାନସ ସ୍ୱାଇଁ କହିଛନ୍ତି ବର୍ଷା ଓ ଅନ୍ୟ ଅଞ୍ଚଳ ମାନଙ୍କରେ ବନ୍ୟା କାରଣରୁ କଞ୍ଚା ପରିବା ମୂଲ୍ୟରେ ଏଭଳି ପରିବର୍ତ୍ତନ ଦେଖା ଦେଇଛି। ସେହିପରି ଅନେକ ବ୍ୟବସାୟୀଙ୍କ କହିବା ମୁତାବକ ବର୍ତ୍ତମାନ ବର୍ଷା ହେଉଥିବାରୁ ପରିବା ସେତେ ଆସି ପାରୁନି। ଏହା ବାଦ ବାହାର ରାଜ୍ୟରୁ ପ୍ରାୟ ସବୁ ପରିବା ଆସୁଛି। ଶ୍ରାବଣ ମାସ ଆଗକୁ ଥିବାରୁ ଦର ଆହୁରି ବଢ଼ି ପାରେ।

**ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣା**

## କାର୍ଯ୍ୟବନ୍ଦ କଲା ନୟାଗଡ଼ ଓଏଏସ୍ ସଂଘ



**ନୟାଗଡ଼, ୧୭ (ସଂଚାର ବ୍ୟୁରୋ) :** ସରକାରଙ୍କ ପାଖରୁ କର୍ମଚାରୀଙ୍କର ଭରଷା ତୁଟି ଗଲାଣି । ନୂଆ ସରକାରର ଶାସନରେ ଆଇନ୍ ସେବା ବିପର୍ଯ୍ୟସ୍ତ। ମାସେ ତଳେ ନୟାଗଡର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସରକାରୀ ଡାକ୍ତରଙ୍କ ଉପରେ ମାଡ଼ ହୋଇଥିବା ବେଳେ ରାଜ୍ୟ ସରକାରଙ୍କ ଛାତି ଉପରେ ଥିବା ବିଏମସି କାର୍ଯ୍ୟାଳୟରେ କାର୍ଯ୍ୟରତ ଅତିରିକ୍ତ କମିଶନର(ଓଏଏସ)ଙ୍କୁ ମାଡ଼ ମାରିବା ଭଳି ଦୃଶ୍ୟ ରାଜ୍ୟବାସିଙ୍କୁ ଚକିତ କରିଛି। ଯାହାକୁ ନେଇ ନୟାଗଡ ଜିଲ୍ଲା ଓଏଏସ୍ ସଂଘ କଳାବ୍ୟାଚ ପରିଧାନ କରି କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ରାଜ୍ୟ ଓଏଏସ୍ ସଂଘ ଏଥିପାଇଁ ପ୍ରଥମେ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଥିଲେ ମଧ ପରବର୍ତ୍ତୀ ସମୟରେ ଆନ୍ଦୋଳନରୁ ଓହରିଯିବା ନିଷ୍ପତ୍ତିକୁ ନୟାଗଡ ଓଏଏସ ସଂଘ ନିନ୍ଦା କରିବା ସହ ନୂତନ ସଂଘ ଗଠନର ଆବଶ୍ୟକତା ରହିଥିବା କହିଲେ ନୟାଗଡ ଓଏଏସ୍ ସଂଘ ସଭାପତି ଏଡିଏମ୍ ରୋଜିନା ଦାସ । ଏହାସହିତ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।

## ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣାର ତିବ୍ର ନିନ୍ଦା କଲା ସଂଘ



**ବୋରିଗୁମ୍ମା/ଜୟପୁର, ୧୭ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ ଅତିରିକ୍ତ ସଚିବଙ୍କୁ ତାଙ୍କ କାର୍ଯ୍ୟାଳୟ ଭିତରେ ଆକ୍ରମଣ ଘଟଣାକୁ ତିବ୍ର ନିନ୍ଦା କଲା ଓଡ଼ିଶା ଅମଲା ସଂଘ। ଏନେଇ ଓଡ଼ିଶା ଅମଲା ସଂଘ ରାଜ୍ୟ ସାଧାରଣ ସମ୍ପାଦକ ମୁଖ୍ୟମନ୍ତ୍ରୀ ଓଡ଼ିଶାଙ୍କୁ ପତ୍ର ମାଧମରେ ଜଣାଇଛନ୍ତି। ଉକ୍ତ ଘଟଣାକୁ ନେଇ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ଶଶୀଭୂଷଣ ଦାଶ୍ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖାଙ୍କ ଅଧକ୍ଷତାରେ ଏକ ବୈଠକ ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଶଶୀଭୂଷଣ ଦାଶ୍ ଉକ୍ତ ଘଟଣାର ତିବ୍ର ନିନ୍ଦା କରିବା ସହିତ, ଅତିରିକ୍ତ ସଚିବଙ୍କୁ ସୁରକ୍ଷା ଦେବା ସହିତ ଏ ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ଓଡ଼ିଶାଙ୍କୁ ଅନୁରୋଧ କରିଥିଲେ। ସମସ୍ତ ଉପସ୍ଥିତ ଅମଲା କର୍ମଚାରୀ ଏଇ ଘଟଣାର ଦୃଢ଼ ନିନ୍ଦା କରିବା ସହିତ ଅତିରିକ୍ତ ସଚିବଙ୍କୁ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଅନୁରୋଧ କରିଥିଲେ।

## ପୂର୍ବ ଶତ୍ରୁତାରୁ ଆକ୍ରମଣ, ଯୁବକ ମୃତ

**ବ୍ରହ୍ମପୁର, ୧୭ (ସଂଚାର ବ୍ୟୁରୋ) :** ଛତ୍ରପୁର ଥାନା ଅର୍ନ୍ତଗତ ଗୋବା ଗ୍ରାମରେ ହତ୍ୟାକାଣ୍ଡ ଘଟିଛି। ଗ୍ରାମର ୩ଜଣ ଯୁବକ ଆଜି ସକାଳେ ବୁଟି କାଟିବାକୁ ତାରାତାରିଣୀ ଛକ ନିକଟକୁ ଯାଉଥିଲେ। ଏହି ସମୟରେ ସେହି ଗ୍ରାମର ୮ରୁ ୧୦ ଜଣ ଯୁବକ ଆସି ବିଭିନ୍ନ ଅସ୍ତ୍ରଶସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ତୋଫାନ ସ୍ୱାଇଁ ନାମଙ୍କ ଜଣେ ୨୮ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଛି। ତୋଫାନର ଶରୀରର ବିଭିନ୍ନ ସ୍ଥାନରେ ଆକ୍ରମଣ ହୋଇଥିବା ବେଳେ ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଆଶୁ ଚିକିତ୍ସା ବିଭାଗ ଡାକ୍ତର ମୃତ ଘୋଷଣା କରିଥିଲେ। ପୂର୍ବ ଶତ୍ରୁତାକୁ ନେଇ ଯୁବକଙ୍କୁ ଆକ୍ରମଣ କରାଯାଇଥିବା ଜଣାପଡିଛି।



**ଦାଦାବଟି ମାଗିବା ଘଟଣା**

## ନାବାଳକ ସମେତ ୬ ଗିରଫ

**ବ୍ରହ୍ମପୁର, ୧୭ (ସଂଚାର ବ୍ୟୁରୋ):** ଦାଦାବଟି ମାଗି ଗିରଫ ହେଲେ ଜଣେ ନାବଳକଙ୍କ ସମେତ ୬ ଯୁବକ। ଅଭିଯୁକ୍ତଙ୍କ ଠାରୁ ୪ ବନ୍ଧୁକ, ୪ଟି ଜୀବନ୍ତ ଗୁଳି, ଦୁଇଟି ଖଣ୍ଡା, ଚାରୋଟି ମୋବାଇଲ ସହ ଗୋଟିଏ ବାଇକକୁ ଜବତ କରିଛି ପୁଲିସ । ଟାମଣା ଅଞ୍ଚଳରେ ଏହି ୬ ଜଣିଆ ଗ୍ୟାଙ୍ଗ ଦାଦାବଟି ମାଗିବା ସହ ଯେଉଁ ମାନେ ଦାଦାବଟି ନଦେଲେ ସେମାନଙ୍କୁ ମାଡ଼ ମାରୁଥିବା ନେଇ ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇବା ପରେ ପୁଲିସ ପକ୍ଷରୁ ଦୁଇଟି ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ପ୍ରଥମେ ଗତ ୨୪ ତାରିଖରେ ଟାମଣା ଅଞ୍ଚଳରୁ ୪ ଜଣ ଅଭିଯୁକ୍ତଙ୍କୁ କାବୁ କରିଥିବା ବେଳେ ଆଜି ଆଉ ଦୁଇ ଜଣଙ୍କୁ କାବୁ କରିବାରେ ସଫଳ ହୋଇଛି ପୁଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ ପଣ୍ଡା ଗୌଡ, ଚେରୁ ଗୌଡ, ନୀଳମାଧବ ଗୌଡ, ନୀତିକେଶନ ବିଷୋୟୀ, ବୁଡୁ ଦାସଙ୍କ ସମେତ ଆଉ ଜଣେ ନାବାଳକ।

## ବନ ମହୋତ୍ସବ ଉପଲକ୍ଷେ ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

**ବାଲିଅନ୍ତା, ୧୭ (ସଂଚାର ବ୍ୟୁରୋ) :** ବାଲିଅନ୍ତା ବ୍ଲକ ଅନ୍ତର୍ଗତ ସତ୍ୟଭମାପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ପରିବେଶ ଭିତ୍ତିକ ସାମାଜିକ ଅନୁଷ୍ଠାନ ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ଓ କାଞ୍ଚନ ଫାଉଣ୍ଡେସନ ମିଳିତ ସହଯୋଗରେ ୭୬ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପରିବେଶବିତ ଲକ୍ଷ୍ମୀଧର ପ୍ରଧାନ ଯୋଗଦେଇ ବନ ମହୋତ୍ସବ ସପ୍ତାହର ଉଦ୍ଦେଶ୍ୟ, ସାଂପ୍ରତିକ ପରିସ୍ଥିତିରେ ସମାଜରେ ବୃକ୍ଷ ରୋପଣ ଆବଶ୍ୟକତା ଓ ବିଦ୍ୟାର୍ଥୀ ମାନଙ୍କ ଶୃଙ୍ଖଳିତ ବିଷୟରେ ପରାମର୍ଶ ଦେଇଥିଲେ।




ସେହିପରି ବୃକ୍ଷର ଅନେକ ଶତ୍ରୁ ଥିଲେ ମଧ ସମସ୍ତ ଜୀବ ଜଗତକୁ କେବଳ ଦାନ ଛଡ଼ା ତାର କିଛି ପାଇବାର ଆଶା ନଥାଏ । ସମ୍ମାନୀତ ଅତିଥି ଭାବେ ପ୍ରକୃତି ବନ୍ଧୁ ନିରଞ୍ଜନ ସେନାପତି ତାଙ୍କ ବକ୍ତବ୍ୟରେ ଗଛର ଉପକାରିତା ବିଷୟରେ ଉଦବୋଧନ ସହିତ ପିଲାମାନଙ୍କୁ ପରିବେଶ ସୁରକ୍ଷା ଓ ଉତ୍ତମ ଛାତ୍ରୀ ହେବାନେଇ ପରାମର୍ଶ ଦେଇଥିଲେ। ଯୁବସମାଜସେବୀ ତଥା କାଞ୍ଚନ ଫାଉଣ୍ଡେସନର ସଭାପତି ରଂଜନ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ । ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ସିଦ୍ଧେଶ୍ୱରୀ ମହାନ୍ତି, କ୍ରୀଡା ଶିକ୍ଷକ ଶରତ କୁମାର ବସନ୍ତ ରାୟ ଓ ଲୋପାମୁଦ୍ରା ଜେନା ଉପସ୍ଥିତିରେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗୀତା କରାଯାଇ କୃତି ଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରୀନ ଜୟଦେବ ଫାଉଣ୍ଡେସନର ମୁଖ୍ୟ ଟ୍ରଷ୍ଟି ଦିନବନ୍ଧୁ ଭୋଇ ପରିଚାଳନା କରିଥିଲେ।



## ସତ୍ୟବ୍ରତ ନୟାଗଡ଼ ଜିଲ୍ଲା କଂଗ୍ରେସ ସଭାପତି

**ନୟାଗଡ଼, ୧୭ (ସଂଚାର ବ୍ୟୁରୋ) :** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ନୟାଗଡ ଜିଲ୍ଲା କଂଗ୍ରେସ ସଂଯୋଜକ, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସାଧାରଣ ସଂପାଦକ ତଥା ରାଷ୍ଟ୍ରୀୟ ମଜଦୂର କଂଗ୍ରେସର ଜାତୀୟ ସାଂଗଠାନିକ ସଂପାଦକ ସତ୍ୟବ୍ରତ ନାୟକଙ୍କୁ ବର୍ତ୍ତମାନ ନୂତନ ଭାବେ ନୟାଗଡ଼ ଜିଲ୍ଲା କଂଗ୍ରେସ କମିଟି ସଭାପତି ଭାବେ ନିଯୁକ୍ତ କରାଯାଇଛି। ପୂର୍ବରୁ ଛାତ୍ର କଂଗ୍ରେସର ରାଜ୍ୟ ସାଧାରଣ ସଂପାଦକ ଯୁବ କଂଗ୍ରେସ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଂପାଦକ ଓ ସାଧାରଣ ସଂପାଦକ, ଯୁବ ରାଷ୍ଟ୍ରୀୟ ମଜଦୂର କଂଗ୍ରେସର ରାଜ୍ୟ ସଭାପତି ଭାବରେ ଦାୟିତ୍ୱ ତୁଲାଇ ଆସିଛନ୍ତି। ଶ୍ରୀ ନାୟକ ଓଡିଶା ରାଜୀବ ଗାନ୍ଧୀ ଛାତ୍ର ଫୋରମ ପ୍ରତିଷ୍ଠାତା ସଭପତି ଭାବେ ଦୀର୍ଘ ୨୫ବର୍ଷ ଧରି କାର୍ଯ୍ୟକ୍ରମ କରି ଆସୁଚନ୍ତି। ନୟାଗଡ଼ ଜିଲ୍ଲା କଂଗ୍ରେସ ସଂଗଠନକୁ ସୁସଂଗଠିତ କରିବା ପାଇଁ ସତ୍ୟବ୍ରତ ନାୟକଙ୍କ ଉପରେ ଆସ୍ଥା ପ୍ରକଟ କରିଥିବାରୁ ଏହି ନୂତନ ନିଯୁକ୍ତି ପାଇଁ ଶ୍ରୀ ନାୟକ ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କୁ କୃତଜ୍ଞତା ଜଣାଇବା ସହ ନୟାଗଡ ଜିଲ୍ଲା ବାସିଙ୍କ ଆଶିର୍ବାଦ କାମନା କରିଛନ୍ତି । ଏନେଇ ନୂତନ ଜିଲ୍ଲା ସଭାପତିଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଛୁଟିବାରେ ଲାଗିଛି ।

## ଜବରଜଖଲ ଉଚ୍ଛେଦ ସ୍ଥଗିତ ରଖିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ନବରଙ୍ଗପୁର, ୧୭ (ସଂଚାର ବ୍ୟୁରୋ) :** ଝରିଗାଁରେ ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନର ନୋଟିସ୍ ପରେ ଅସନ୍ତୋଷ ଲାଗି ରହିଛି। ଭୂ-ବନ୍ଦୋବସ୍ତ କରି ଜବରଦଖଲକାରୀଙ୍କୁ ଜମିପଟ୍ଟା ପ୍ରଦାନ କରିବା ଦାବିନେଇ ଆଜି ଅଞ୍ଚଳବାସୀ ଜିଲ୍ଲାପାଳ ଡା.ଶୁଭଙ୍କର ମାହାପାତ୍ରଙ୍କୁ ଭେଟି ଗୁହାରି କରିଛନ୍ତି । ବିଜେଡି ନେତା ପ୍ରଦୀପ ମାଝୀ, ରମେଶ ମାଝୀ ଓ ବିଜେପି ନେତା ଚନ୍ଦ୍ରଭାନୁ ନାୟକଙ୍କ ନେତୃତ୍ୱରେ ଅନିଲ ଜୈନ, ପ୍ରଫୁଲ୍ଲ ପ୍ରଧାନ, ବାଳକୃଷ୍ଣ ପଟ୍ଟନାୟକ, ଅଜୟ ସାହୁ, ପ୍ରଫୁଲ୍ଲ ପତ୍ରେ, ଯେଗେଶ୍ୱର ଗୌଡଙ୍କ ସମେତ ୫୦ଜଣ ଗ୍ରାମବାସୀଙ୍କ ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିଛନ୍ତି। ଆଲୋଚନା ପରେ ବର୍ଷା ଋତୁରେ ଉଚ୍ଛେଦ ସ୍ଥଗିତ ରଖାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।



## ଯୋରରୁ ଜଳ ନିଷ୍କାସନ ପାଇଁ ତହସିଲଦାରଙ୍କୁ ଦାବିପତ୍ର

**ନାଉଗାଁ, ୧୭ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ତହସିଲ ଅନ୍ତର୍ଗତ ମୁଣ୍ଡାଳ, ବେଣାପଡ଼ା, ଖଇରାବସ୍ତର ଆଦି ଗ୍ରାମର ଚାଷୀମାନେ ମୁଣ୍ଡାଳ ଦେଇ ପ୍ରବାହିତ ହାତୀଜୋରରୁ ଜଳ ନିଷ୍କାସନ ପାଇଁ ମଙ୍ଗଳବାର ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବି ମୁତାବକ ଏହି ଜୋରଟି ଭାତପଡ଼ାରୁ ବାହାରି ଉକ୍ତ ଗ୍ରାମ ଦେଇ ପ୍ରବାହିତ ହେବା ସହ ଜାମୁଗାଁ ଦେଇଯାଇଛି। ଏହି ଜୋର ମାଧ୍ୟମରେ ବର୍ଷା ଦିନେ ଉଦବୃତ ଜଳ ଚାଷ ଜମିରୁ ନିଷ୍କାସିତ ହୋଇଥାଏ। କାଳକ୍ରମେ କିଛି ସ୍ୱାର୍ଥବାଦୀ ଲୋକ ଜୋରର ତଳପାର୍ଶ୍ୱରେ ମାଟି ପକାଇ ଅବରୋଧ କରିବା ସହ ବାସ ଗୃହ ନିର୍ମାଣ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଖଇରାବସ୍ତ ନିକଟରେ ଜୋରର ଦକ୍ଷିଣ ପାର୍ଶ୍ୱରେ ଏକ ମାଟି ବନ୍ଧ ନିର୍ମାଣ କରାଯାଇଛି। ଯାହା ସମ୍ପୂର୍ଣ୍ଣ ବେଆଇନ ଅଟେ। ଏହି ମାଟି ବନ୍ଧ ଯୋଗୁଁ ବର୍ଷା ହେଲେ ଉତ୍ତର ପାର୍ଶ୍ୱର ଜଳ ନିଷ୍କାସିତ ନ ହୋଇ ଚାଷ ଜମିରେ ଜମି ରହୁଛି। ଯାହା ଫଳରେ ଚଳିତ ବର୍ଷ ମୁଣ୍ଡାଳ, ବେଣାପଡ଼ା, ମଧୁପୁର ଆଦି ଚାଷୀମାନେ କିପରି ଚାଷ କରିବେ ଚିନ୍ତାରେ ରହିଛନ୍ତି। ଜୋରକୁ ଅବରୋଧ କରାଯାଇଥିବା ସ୍ଥାନକୁ ଅବରୋଧ ମୁକ୍ତ କରିବା ସହ ଏହାର ସ୍ଥାୟୀ ସମାଧାନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଯଦି ଏହାର ସ୍ଥାୟୀ ସମାଧାନ କରାନଯାଏ ଆଗାମୀ ଦିନରେ ଚାଷୀମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ଚେତାବନୀ ଦିଆଯାଇଛି। ତହସିଲଦାରଙ୍କ ଅନୁପସ୍ଥିତିରେ ତହସିଲ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ଅଶୋକ କୁମାର ସାହୁଙ୍କୁ ପ୍ରଦାନ କରିଛନ୍ତି।



## ବଳାତ୍କାର ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର, ୧୭ (ସଂଚାର ବ୍ୟୁରୋ) :** ଗଞ୍ଜାମ ଜିଲାରେ ଦୁଷ୍କର୍ମ ମାମଲା ବୃଦ୍ଧି ପାଇବାରେ ଲାଗିଛି। ଗତ କିଛି ଦିନ ଭିତରେ ଗୋଳନ୍ଥରା ଓ ଗୋପାଳପୁର ଥାନା ଅଞ୍ଚଳରେ ଗଣବଳାତ୍କାର ଘଟଣା ସାରା ରାଜ୍ୟରେ ଚର୍ଚ୍ଚାକୁ ଆସିଛି। ପୁଣି ଜଣେ ଛାତ୍ରୀଙ୍କୁ ଗୋଡ଼ ହାତ ବାନ୍ଧି ପାଇଖାନାରେ ବଳାତ୍କାର ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଘଟଣାରେ ପୁଲିସ ମଙ୍ଗଳବାର ଅଭିଯୁକ୍ତକୁ ଗିରଫ କରିଥିବା ଗୋଳନ୍ଥରା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି । ସୂଚନା ପ୍ରକାରେ ଗତ ୨୮ ତାରିଖରେ ଗୋଳନ୍ଥରା ଥାନା ଅଞ୍ଚଳ ୭ମ ଶ୍ରେଣୀ ଛାତ୍ରୀ ଜଣକ ମାଉସୀ ଘର ବାରିପଟକୁ ପିଜୁଳି ଖାଇବାକୁ ଯାଇଥିଲେ। ସେହି ଗ୍ରାମର ସମ୍ପର୍କୀୟ ଜଣେ ଭାଇ ଛାତ୍ରୀଙ୍କୁ ଟାଣି ଟାଣି ନେଇ ନିକଟରେ ଥିବା ବିଦ୍ୟାଳୟର ପାଇଖାନାରେ ହାତଗୋଡ଼ ବାନ୍ଧି ବଳାତ୍କାର କରିଥିଲେ। ଛାତ୍ରୀ ଜଣକ ମା'ଙ୍କୁ କହିଥିଲେ। ଏହାପରେ ସୋମବାର ପୀଡ଼ିତାଙ୍କ ମା' ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଥାନା କେଶ ନ ୨୮୦/୨୫ରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଛାତ୍ରୀଙ୍କ ଡାକ୍ତରୀମାଇନା କରାଯାଇଥିବା ସୂଚନା ମିଳିଛି। ସନ୍ଧ୍ୟାରେ ଅଭିଯୁକ୍ତକୁ ଗ୍ରାମରୁ ଉଠାଇ ନେଇ ଥାନାରେ ଅଟକ ରଖି ପଚରାଉଚରା କରି ମଙ୍ଗଳବାର ସକାଳେ ଗିରଫ କରି ଡାକ୍ତରୀମାଇନା ପରେ ସନ୍ଧ୍ୟାରେ କୋର୍ଟଚାଲାଣ କରାଯାଇଥିବା ସୂଚନା ମିଳିଛି।

## ଆଇବିସିଏସ୍‌ରେ ଗବେଷଣା ସମ୍ପର୍କିତ ଆନ୍ତର୍ଜାତିକ କର୍ମଶାଳା




**ଭୁବନେଶ୍ୱର, ୧୭ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) ପକ୍ଷରୁ ନିକଟରେ 'ଆପ୍ଲିକେସନ୍ ଅଫ୍ ମଲ୍ଟି- କ୍ରାଇଟେରିଆ ଡିସିସନ୍ ମେକିଂ (ଏମ୍‌ସିଡିଏମ୍) ଟୁଲ୍‌ସ ଇନ୍ ରିସର୍ଚ୍ଚ' ସମ୍ପର୍କିତ ଏକ ଆନ୍ତର୍ଜାତିକ କର୍ମଶାଳା ଆୟୋଜିତ ହୋଇଯାଇଛି। ପାପୁଆ ନ୍ୟୁଗିନି ସ୍ଥିତ ପାପୁଆ ନ୍ୟୁଗିନି ୟୁନିଭର୍ସିଟି ଅଫ୍ ଟେକ୍ନୋଲଜିର ସହଯୋଗରେ ଏହି କର୍ମଶାଳାର ଆୟୋଜନ କରାଯାଇଥିଲା।

କର୍ମଶାଳାକୁ ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟର ଛାତ୍ର ମଙ୍ଗଳ ଡିନ୍ ତଥା କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଆପ୍ଲିକେସନ୍ସ ବିଭାଗର ପ୍ରଫେସର (ଡକ୍ଟର) ଜିବିତେଶ ମିଶ୍ର ଉଦ୍‌ଘାଟନ କରିବା ଅବସରରେ ଏମ୍‌ସିଡିଏମ୍ ଟୁଲ୍‌ସର ମହତ୍ୱ ଉପରେ ଗୁରୁତ୍ୱାରୋପ କରି ଏହା କିଭଳି ବିଶ୍ୱସ୍ତରରେ ବ୍ୟବସାୟିକ ପରିବେଶର ଅସ୍ତିତ୍ୱ ଜାହିର କରୁଛି ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଆଇବିସିଏସ୍‌ର ଡିନ୍ ପ୍ରଫେସର ଅୟସକାନ୍ତ ମହାନ୍ତି ଅଧକ୍ଷତା କରିଥିବା ବେଳେ ଆସୋସିଏଟ୍ ଡିନ୍ ପ୍ରଫେସର ମନୋରଞ୍ଜନ ଦାଶ ବକ୍ତବ୍ୟ ରଖିଥିଲେ।

ବୈଷୟିକ ପର୍ଯ୍ୟାୟ ଗୁଡ଼ିକୁ ପାପୁଆ ନ୍ୟୁଗିନି ୟୁନିଭର୍ସିଟି ଅଫ୍ ଟେକ୍ନୋଲଜିର ମେକାନିକାଲ୍ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ପ୍ରଫେସର କମଳାକାନ୍ତ ମୁଦୁଲି ପରିଚାଳନା କରି ପରିଚାଳନା ଗବେଷଣା କ୍ଷେତ୍ରରେ ଏମ୍‌ସିଡିଏମ୍‌ର ବ୍ୟବହାରିକ କାର୍ଯ୍ୟଧାରା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। କର୍ମଶାଳାକୁ ଆଇବିସିଏସ୍‌ର ଆସୋସିଏଟ୍ ପ୍ରଫେସର ଡକ୍ଟର ବିଭୁତି ଭୂଷଣ ମିଶ୍ର ଏବଂ ଆସିଷ୍ଟାଂଟ ପ୍ରଫେସର ଡକ୍ଟର ପ୍ରିତି ୱାଇ ଷଡ଼ଙ୍ଗୀ ପରିଚାଳନା କରିଥିଲେ।

**ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟରେ ଅନିୟମିତତା ଅଭିଯୋଗ**

# ମୁଠାଏ ମାଟି ବି ପଡ଼ିନି, ତଥାପି ଉଠିଛି ବିଲ୍

**୧୦ଜଣ ଶ୍ରମିକଙ୍କ ଫଟୋ ଉତ୍ତୋଳନ କରି ଦର୍ଶାଯାଇଛି ୫୦ରୁ ଉର୍ଦ୍ଧ୍ୱ ଉପସ୍ଥାନ**

**ନାଉଗାଁ, ୧୭ (ସଂଚାର ବ୍ୟୁରୋ) :** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଗଜରାଜପୁର ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟରେ ଅନିୟମିତତା ହୋଇଥିବା ଜଣାଯାଇଛି। ଏପରିକି ପ୍ରକଳ୍ପ କାର୍ଯ୍ୟ କରା ନ ଯାଇ ଶ୍ରମିକଙ୍କ ଉପସ୍ଥାନ ଦର୍ଶାଇ ବିଲ୍ ପ୍ରଦାନ କରାଯାଇଥିବା ଦେଖିବାକୁ ମିଳିଛି। ଯାହାକି ପ୍ରଶାସନିକ ଅଧିକାରୀଙ୍କ ସ୍ୱଚ୍ଛତାକୁ ନେଇ ସଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏମଜିଏନ୍‌ଆରଇଜିଏସ୍ ପୋର୍ଟାଲ ତଥ୍ୟ ଅନୁସାରେ ଉକ୍ତ ପଞ୍ଚାୟତର କୁତାମ ଚଣ୍ଡୀ ମନ୍ଦିର ଠାରୁ ବାଲିଘାଇ ପର୍ଯ୍ୟନ୍ତ ଏକ ରାସ୍ତା ପ୍ରକଳ୍ପ ମଞ୍ଜୁର କରାଯାଇଛି। ଏହି ପ୍ରକଳ୍ପ ବାବଦକୁ ୩ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର କରାଯାଇଛି। ହେଲେ ଏହି ପ୍ରକଳ୍ପର କାର୍ଯ୍ୟ ସ୍ଥଳରେ ମୁଠାଏ ମାଟି ପଡ଼ି ନ ଥିବା ବେଳେ ଶ୍ରମିକଙ୍କ ଉପସ୍ଥାନ ଦର୍ଶାଯାଇଛି। ଏହି ପ୍ରକଳ୍ପସ୍ଥଳରେ ୧୦ଜଣ ଶ୍ରମିକଙ୍କୁ ଠିଆ କରାଇ ଫଟୋ ଉତ୍ତୋଳନ କରାଯାଇ ଏନ୍‌ଏମ୍‌ଏମ୍‌ଏସ୍ ଆପରେ ୫୦ଜଣରୁ ଉର୍ଦ୍ଧ୍ୱ ଶ୍ରମିକଙ୍କ ଉପସ୍ଥାନ ଦର୍ଶାଯାଇଛି। ଏହି ପ୍ରକଳ୍ପ ବାବଦକୁ ଶ୍ରମିକଙ୍କୁ ୬୪ହଜାରରୁ ଉର୍ଦ୍ଧ୍ୱ ଟଙ୍କା ବିଲ୍ ମଧ ପ୍ରଦାନ କରାଯାଇଥିବା ଜଣାଯାଇଛି। ଏନେଇ ସ୍ଥାନୀୟ ଲୋକେ ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି। ଏପରିକି ମଷ୍ଟରରୋଲରେ ଶ୍ରମିକଙ୍କ ଉପସ୍ଥାନ ଦର୍ଶାଇବା ପାଇଁ ଗୋଟିଏ ଫଟୋକୁ ବାରମ୍ବାର ଏନ୍‌ଏମ୍‌ଏମଏସ ଆପ୍ ମାଧମରେ ଅପଲୋଡ କରାଯାଇ ଉପସ୍ଥାନ ଦର୍ଶାଯାଉଛି।



ଅପରପକ୍ଷେ ଉକ୍ତ କାର୍ଯ୍ୟକୁ ତଦାରଖ କରିବାକୁ ଥିବା ପ୍ରଶାସନିକ ଅଧିକାରୀ ଭାବେ ଏଡିଇଓ, କନିଷ୍ଠ ଯନ୍ତ୍ରୀ, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଓ ଏପିଓ ରହିଥିଲେ ମଧ ଉକ୍ତ କାର୍ଯ୍ୟକୁ ଠିକ୍ ଭାବେ ତଦନ୍ତ ନ କରି କିପରି ବିନା କାର୍ଯ୍ୟରେ ବିଲ ପ୍ରଦାନ କରୁଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ରାସ୍ତା ନିର୍ମାଣ କାର୍ଯ୍ୟର ମଷ୍ଟର ରୋଲ କରାଯାଇଥିଲେ ମଧ ଏପର୍ଯ୍ୟନ୍ତ କାର୍ଯ୍ୟସ୍ଥଳରେ ସୂଚନା ଫଳକ ଲଗାଯାଇନାହିଁ। ଯାହାଫଳରେ କାର୍ଯ୍ୟର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପ୍ରସଙ୍ଗରେ ବ୍ଲକର ସହକାରୀ ଯନ୍ତ୍ରୀ ଲୋପାମୁଦ୍ରା ବେହେରାଙ୍କୁ ପଚାରିବାରେ କାର୍ଯ୍ୟସ୍ଥଳକୁ ଯାଇ ଦେଖିକି ଯାହା କରିବି ବୋଲି କହିଥିଲେ।

### ୩ ଘରୋଇ ବ୍ୟାଙ୍କ୍ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

# ଗରିବଙ୍କୁ ଅଧିକ ଋଣ ଦେବାକୁ ପରାମର୍ଶ



**ଭୁବନେଶ୍ୱର,୧୭(ସଂଚାର ବ୍ୟୁରୋ):** ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ୩ ପ୍ରମୁଖ ଘରୋଇ ବ୍ୟାଙ୍କ୍ ଆଇସିଆଇସିଆଇ, ଆକ୍ସିସ୍ ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ବ୍ୟାଙ୍କ୍‌ଗୁଡ଼ିକୁ ବିଭିନ୍ନ ଜନକଲ୍ୟାଣ ଯୋଜନାରେ ଗରିବ ଲୋକଙ୍କୁ ଅଧିକ ଋଣ ଯୋଗାଇ ଦେବାକୁ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଓଡ଼ିଶାରେ ବିଭିନ୍ନ ଜନକଲ୍ୟାଣ ଯୋଜନା ଯଥା କୃଷି ଋଣ, ପ୍ରଧାନମନ୍ତ୍ରୀ ରୋଜଗାର ସୃଷ୍ଟି ଯୋଜନା (ପିଏମ୍‌ଇଜିପି), ପିଏମ୍ ସ୍ୱନିଧି ଯୋଜନା, ଷ୍ଟାଣ୍ଡ-ଅପ୍ ଇଣ୍ଡିଆ ଯୋଜନା, ଗୃହ ଋଣ, ଶିକ୍ଷା ଋଣ ଓ ରପ୍ତାନୀ ଋଣ ଆଦି ଯୋଜନାରେ ଏହି ବ୍ୟାଙ୍କଗୁଡିକର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଗତ ୨୧ ତାରିଖରେ ଏହି ୩ଟି ବ୍ୟାଙ୍କ୍‌କୁ ନିଜର ଏମ୍‌ପ୍ୟାନେଲ୍‌ଡ ଲିଷ୍ଟ୍‌ରୁ ବାଦ୍ ଦେଇଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଅନେକ ଗରୀବ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହି ବର୍ଗର ଲୋକଙ୍କୁ ଋଣ ଜରିଆରେ ଆର୍ଥିକ କାର୍ଯ୍ୟକ୍ରମରେ ସାମିଲ କରିବା ସହ ସେମାନଙ୍କ ରୋଜଗାର ବୃଦ୍ଧି କରିବା ସରକାରଙ୍କ ଲକ୍ଷ୍ୟ ରହିଥିବାରୁ ଏ ଦିଗରେ ୩ ବ୍ୟାଙ୍କ୍ ସହଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ଏହିସବୁ ଯୋଜନାରେ ଏହି ୩ ବ୍ୟାଙ୍କର ପ୍ରଦର୍ଶନ ଓଡ଼ିଶାରେ ଆଦୌ ସନ୍ତୋଷଜନକ ନୁହେଁ। ସରକାରଙ୍କ ଗରିବ କଲ୍ୟାଣ ଯୋଜନାର ସଫଳତାରେ ବ୍ୟାଙ୍କଗୁଡ଼ିକର ପ୍ରମୁଖ ଭୂମିକା ଥାଏ। କାରଣ କାର୍ଯ୍ୟକାରୀରେ ବ୍ୟାଙ୍କ୍ ସବୁଠାରୁ ବଡ଼ ମାଧ୍ୟମ। ତେଣୁ ଏହିସବୁ ବ୍ୟାଙ୍କ ଗରିବ ଲୋକେ ଉପକୃତ ହେଉଥିବା ବିଭିନ୍ନ ଯୋଜନାରେ ଅଧିକ ଲୋକଙ୍କୁ ଋଣ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ବ୍ୟାଙ୍କମାନଙ୍କ ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶକୁ ଗ୍ରହଣ କରି କହିଛନ୍ତି ଯେ ସେମାନେ ଏହି ସବୁ ଯୋଜନାରେ ଲୋକଙ୍କୁ ଋଣ ଦେବା ପାଇଁ ଆଗ୍ରହୀ ଅଛନ୍ତି ଓ ଖୁବ୍‌ଶୀଘ୍ର ଏଥିରେ ଉନ୍ନତି ଆସିବ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଭରସା ଦେଇଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ଉକ୍ତ ବ୍ୟାଙ୍କ୍‌ଗୁଡ଼ିକର ପ୍ରଦର୍ଶନ ନେଇ ଅବଗତ କରାଇଥିଲେ। ବୈଠକରେ ଆକ୍ସିସ୍ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମୁନୀଷ ସାରଦା, ସରକାରୀ ବିଜନେସ କଣ୍ଟ୍ରିହେଡ୍ ଅନୀଲ ଅଗ୍ରୱାଲ୍, ଇଷ୍ଟ ରିଜିଓନାଲ ହେଡ୍ ସୌରଭ ଦତ୍ତା, ଏଚଡିଏଫସି ବ୍ୟାଙ୍କ ପକ୍ଷରୁ କଣ୍ଟ୍ରି ହେଡ୍ ସ୍ମିତା ଭଗତ୍, ବ୍ରାଞ୍ଚ ବ୍ୟାଙ୍କିଙ୍ଗ ହେଡ୍ (ଇଷ୍ଟ) ସନ୍ଦୀପ କୁମାର, ରିଜିଓନାଲ ହେଡ୍ ଦୀପକ ସିଂହ ଓ ଆସିଆଇସିଆଇ ବ୍ୟାଙ୍କ ପକ୍ଷରୁ ବିଜନେସ ହେଡ ସୁମିତ ମେହରୋତ୍ରା, ଓଡ଼ିଶା ସିଟି ବିଜିନେସ ହେଡ୍ ବିନୋଦ ଏଲ୍ ଓ ରିଜିଓନାଲ ହେଡ୍ ଅମିୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ମଧ୍ୟପ୍ରଦେଶ ବିଜେପି ନିର୍ବାଚନ ଅଧିକାରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ସଭାପତି ପଦ ପାଇଁ ହେମନ୍ତ ଖଣ୍ଡେଲୱାଲ ନାମାଙ୍କନପତ୍ର ଦାଖଲ

## ୨୩ ନକଲି ହୋଟେଲ୍ ୱେବ୍‌ସାଇଟ୍ ଠାବ

**ଭୁବନେଶ୍ୱର,୧୭(ସଂଚାର ବ୍ୟୁରୋ):** କ୍ରାଇମ୍ ବ୍ରାଞ୍ଚ ଅଧୀନରେ କାମ କରୁଥିବା ସୋସିଆଲ ମିଡିଆ ଟିମ୍ ରାଜ୍ୟରେ ସକ୍ରିୟ ବିଭିନ୍ନ ନକଲି ୱେବସାଇଟ୍ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅଦ୍ୟାବଧି କ୍ରାଇମବ୍ରାଞ୍ଚର ସାଇବର କ୍ରାଇମ୍ ୟୁନିଟ୍ ୨୩ଟି ନକଲି ହୋଟେଲ ୱେବସାଇଟ୍ ଚିହ୍ନଟ କରିସାରିଛି। ସେଗୁଡ଼ିକୁ ବ୍ଲକ କରିବା ଦିଗରେ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଇତିମଧ୍ୟରେ ୧୫ଟି ୱେବସାଇଟ୍‌କୁ ବ୍ଲକ କରାଯାଇଛି। ରଥଯାତ୍ରା ସମୟରେ ସାଇବର ଅପରାଧୀମାନେ ବିଭିନ୍ନ ହୋଟେଲର ନକଲି ୱେବସାଇଟ୍ ପ୍ରସ୍ତୁତ କରି ଗ୍ରାହକଙ୍କୁ ଠକିବାକୁ ଉଦ୍ୟମ କରୁଛନ୍ତି। ସାଧାରଣ ଲୋକଙ୍କୁ ଅନଲାଇନ୍ ବୁକିଂ ଉପରେ ଆକର୍ଷଣୀୟ ରିହାତି ଦେଇ ନିଜ ଆଡ଼କୁ ଆକର୍ଷିତ କରୁଛନ୍ତି। ଫଳରେ ଜରୁରୀ ସମୟରେ ଓ କମ୍ ଟଙ୍କାରେ ହୋଟେଲ ଖୋଜୁଥିବା ପର୍ଯ୍ୟଟକ ଏପରି ନକଲି ୱେବ୍‌ସାଇଟ୍‌ଗୁଡ଼ିକର ଶିକାର ହେଉଛନ୍ତି। ଏହି ୱେବସାଇଟ୍ ପେଜ୍‌ଗୁଡିକ ଅବିକଳ ଅସଲି ୱେବସାଇଟ୍ ପରି ଡିଜାଇନ୍ କରାଯାଇଥିବାରୁ ଗ୍ରାହକମାନେ ଦ୍ୱନ୍ଦ୍ୱରେ ପଡୁଛନ୍ତି। ସାଇବର୍ ଠକମାନେ ବିଭିନ୍ନ ପ୍ରତିଷ୍ଠିତ ହୋଟେଲର ନକଲି ୱେବସାଇଟ୍ ପ୍ରସ୍ତୁତ କରିବା ସହ କମ୍ ଟଙ୍କା, ଗ୍ୟାରେଣ୍ଟି ବୁକିଂ ଓ ଆକର୍ଷଣୀୟ ଅଫର୍ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ବିଜ୍ଞାପନ ଦେଇ ପର୍ଯ୍ୟଟକଙ୍କୁ ଠକୁଥିବା ଜାଣିବା ପରେ କ୍ରାଇମବ୍ରାଞ୍ଚ ସ୍ୱତନ୍ତ୍ର ପଦକ୍ଷେପ ନେଇଛି।

## ରଥଯାତ୍ରାରୁ ଉଦ୍ଧାର ହେଲେ ୧୧ ଶିଶୁ ଶ୍ରମିକ

**ପୁରୀ, ୧୭ (ସଂଚାର ବ୍ୟୁରୋ) :** ଗତ ଦୁଇ ଦିନ ମଧ୍ୟରେ ପୁରୀ ରଥଯାତ୍ରାରୁ ପୁରୀ ପୋଲିସ ଓ ରୁଚିକା ସମାଜ ମଙ୍ଗଳ ସଂଗଠନର ମିଳିତ ସହଯୋଗରେ ୧୧ଜଣ ଶିଶୁ ଶ୍ରମିକ ଉଦ୍ଧାର । ସେଥି ମଧ୍ୟରେ ପିପିଲି ଅଂଚଳରୁ ଜଣେ ଶିଶୁ, ବଡ଼ ଶଙ୍ଖ ନିକଟରୁ ୬ଜଣ ଶିଶୁ ଓ ସମୁଦ୍ର କୂଳ ଥାନା ଅଂଚଳରୁ ୪ଜଣ ଶିଶୁ କାର୍ଯ୍ୟ କରୁଥିଲେ । ସୂଚନାରୁ ଜଣା ପଡ଼ିଛି ଯେ ବାହାର ରାଜ୍ୟରୁ ଆସି ଓଡିଶାରେ ବେପାର କରିବା ଉଦ୍ଦେଶ୍ୟରେ ଛୋଟ ଛୋଟ ଶିଶୁମାନଙ୍କୁ ଅଣି ଶ୍ରମିକ ଭାବେ କମ୍ ପଇସା ଦେଇ କାର୍ଯ୍ୟରେ ଲଗାଉଛନ୍ତି । ଗତ କାଲି ରୁଚିକା ସମାଜ ମଙ୍ଗଳ ସଂଗଠନ ଓ ସମୁଦ୍ର କୂଳ ଥାନାର ମିଳିତ ସହଯୋଗରେ ବାଉଁଶ ରାଣୀ କରୁଥିବା ଏକ ଶିଶୁକୁ ଉଦ୍ଧାର କରାଯାଇଛି । ସୂଚନା ଅନୁସାରେ ବହୁ ପୁରାତନ ସମୟରୁ ଦେଖି ଆସୁଥିବା ବାଉଁଶ ରାଣୀରେ ପ୍ରାୟତଃ ଛୋଟ ଶିଶୁମାନଙ୍କୁ ପ୍ଲେଟ ଓ ରସି ମାଧ୍ୟମରେ ବାଉଁଶ ନାଟକ ପରିଦର୍ଶନ କରାଯାଏ। ବର୍ତ୍ତମାନ ଆଇନ୍ ଅନୁସାରେ ଛୋଟ ଶିଶୁମାନଙ୍କୁ କୌଣସି ବିପଦ ସଙ୍କୁଳ କାର୍ଯ୍ୟରେ ନ କରାଇବା ପାଇଁ କଡ଼ାକଡ଼ି ଭାବେ ଆଇନ୍ ଲାଗୁ ହୋଇସାରିଛି। ରଥଯାତ୍ରା ଅବସରରେ ଛତିଶଗଡ଼ରୁ ଆସିଥିବା ଦୁଇ ବାଉଁଶ ନାଟ୍ୟ ଦମ୍ପତି ଏକ ୬ବର୍ଷର ଶିଶୁ କନ୍ୟାକୁ ପୁରୀ ସମୁଦ୍ରକୂଳ ନିକଟରେ ବାଉଁଶ ରାଣୀ ପରିଦର୍ଶନ କରାଉଥିଲେ । ଖବରପାଇ ରୁଚିକା ସାମାଜ ମଙ୍ଗଳ ସଂଗଠନ ଓ ସମୁଦ୍ର କୂଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶିଶୁ ଟିକୁ ଉଦ୍ଧାର କରିଛନ୍ତି। ଜିଲ୍ଲା ଶିଶୁ ମଙ୍ଗଳ ସମିତି ଶିଶୁଟିର ସମସ୍ତ ଦାୟିତ୍ୱ ନେବେ ବୋଲି କହିଛନ୍ତି ।

## ନଦୀରେ ଭାସି ୨ ଯୁବକ ମୃତ

**ମାଥିଲି,୧୭(ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା ଖଇରପୁଟରେ ଅଘଟଣ। ନଈ ପାରି ହେବା ସମୟରେ ପାଣିରେ ଭାସିଗଲେ ଦୁଇ ଯୁବକ। ଅଗ୍ନିଶମ ବାହିନୀର କର୍ମଚାରୀମାନେ ଖୋଜାଖୋଜି କରିବା ପରେ ଉଭୟଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ଦୁଇ ମୃତକ ହେଲେ ନାଲିଗୁଡା ଗ୍ରାମର ଲବ ଦୋରା ଓ ଶୁକ୍ରି ଫଟକା। ମିଳିଥିବା ସୂଚନାନୁସାରେ, ଲବ ଓ ଶୁକ୍ରି ସେମାନଙ୍କ ଚାଷ ଜମିକୁ ଯାଉଥିବା ସମୟରେ ପାଣିରେ ଭାସିଯାଇଥିଲେ। ସ୍ରୋତ ପ୍ରଖର ଥିବାରୁ ସେମାନଙ୍କୁ ଖୋଜିବା ସମ୍ଭବପର ହୋଇନଥିଲା। ପରେ ସ୍ଥାନୀୟ ବାସିନ୍ଦା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବହୁ ଖୋଜାଖୋଜି କରିବା ପରେ ଶେଷରେ ଉଭୟଙ୍କୁ ଉଦ୍ଧାର କରିଥିଲେ।

## ଟ୍ରେନ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ସୁନ୍ଦରଗଡ଼,୧୭(ସଂଚାର ବ୍ୟୁରୋ):** ବାମରା ନିକଟ ସୁନ୍ଦରଗଡ଼ ଜିଲ୍ଲା ଧାରୁଆଡିହି ରେଳ ଷ୍ଟେସନରେ ଟ୍ରେନରେ କଟି ଜଣିକ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଧାରୁଆଡିହି ବସ୍ତି ଅଞ୍ଚଳର ମନୋରଞ୍ଜନ ଗହିରଙ୍କ ପୁଅ ଜଗନ୍ନାଥ (୨୯) ମାନସିକ ବିକାରଗ୍ରସ୍ତ ଥିବା ବେଳେ ଗତକାଲି ରେଳ ଷ୍ଟେସନରେ ବୁଲାବୁଲି କରୁଥିଲେ। ତେବେ ଏହି ସମୟରେ ତାଙ୍କୁ ଏକ ଦ୍ରୁତଗାମୀ ଟ୍ରେନ ଧକ୍କା ଦେବାରୁ ତାଙ୍କ ଦେହର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିବା ସହ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ସୂଚନା ପାଇ ରାଜଗାଙ୍ଗପୁର ରେଳବାଇ ପୁଲିସ ଏସଆଇ ଲିଙ୍ଗରାଜ ସାହୁ ଧାରୁଆଡିହି ରେଳ ଷ୍ଟେସନରେ ପହଞ୍ଚି ଜଗନ୍ନାଥଙ୍କ ମୃତଦେହ ଉଦ୍ଧାର କରିବା ସହ ସୁନ୍ଦରଗଡ଼ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏଥିସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ରେଳବାଇ ପୁଲିସ୍ ତଦନ୍ତ ଆରମ୍ଭ କରିବା ସହ ବ୍ୟବଚ୍ଛେଦ ପରେ ସନ୍ଧ୍ୟାରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

## କାଦୁଅରେ ଫସିଲା ଆମ୍ବୁଲାନ୍ସ



**ମାଲକାନଗିରି,୧୭(ସଂଚାର ବ୍ୟୁରୋ):** ରୋଗୀକୁ ଆଣିବାକୁ ଯାଇ ଅଧାରାସ୍ତାରେ ଫସିଲା ଆମ୍ବୁଲାନ୍ସ। ଗୋଟିଏ ପଟେ ଗର୍ଭବତୀ ମହିଳା ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ଏପଟେ ଆମ୍ବୁଲାନ୍ସର ଏଭଳି ଅବସ୍ଥା ଦେଖିବାକୁ ମିଳିଛି। ଏଥିରୁ ଅନୁମାନ କରିହେବ ଯେ ଉପାନ୍ତ ଆଉ ଦୁର୍ଗମ ଅଞ୍ଚଳର ଲୋକେ କିଭଳି ଦୁର୍ଦ୍ଦଶାରେ ଜୀବନ କାଟୁଛନ୍ତି। ଗାଁକୁ ଯାତାୟାତ ପାଇଁ ଭଲ ରାସ୍ତାଟିଏ ନ ଥିବାରୁ ରୋଗୀ ମରଣମୁହଁକୁ ଟାଣି ହୋଇଯାଉଛନ୍ତି। କାଦୁଅ ପଚପଚ ରାସ୍ତାରେ ଆମ୍ବୁଲାନ୍ସ ଫସିଯିବା ପରେ ଏହାକୁ ବାହାର କରିବା ପାଇଁ ଏକ ଟ୍ରାକ୍ଟରର ସହାୟତା ନିଆଯାଇଥିଲା। ମାଲକାନଗିରି ଜିଲ୍ଲା ନାକାମାମୁଡ଼ି ପଞ୍ଚାୟତ ଅନ୍ତର୍ଗତ କରକାଗୁଡାରେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି। ଜନୈକା ଗର୍ଭବତୀ ମହିଳାକୁ ମେଡିକାଲ ନେବାକୁ ଆସିଥିବା ସମୟରେ ଉକ୍ତ ଆମ୍ବୁଲାନ୍ସଟି କାଦୁଅରେ ଫସିଯିବା ଫଳରେ ଉକ୍ତ ମହିଳା ଜଣଙ୍କ ଘରେ ପ୍ରସବ କରିଥିବା ଜଣାପଡ଼ିଛି। ଉକ୍ତ ମହିଳା ଜଣଙ୍କ ହେଲେ କର୍କାଗୁଡା ଗାଁର ମାଲାବତି ବିଶୋଇ ଓ ସେ ଏକ ପୁତ୍ରସନ୍ତାନକୁ ଜନ୍ମ ଦେଇଛନ୍ତି। ତେବେ ଆମ୍ବୁଲାନ୍ସକୁ ଶେଷରେ ଏକ ଟ୍ରାକ୍ଟର ଭିଡ଼ି କାଦୁଅରୁ ବାହାର କରିବା ପରେ ଉଭୟ ପ୍ରସୂତୀ ଓ ନବଜାତ ଶିଶୁକୁ ମେଡିକାଲ୍‌ରେ ପହଞ୍ଚାଯାଇପାରିଥିଲା। ତେବେ ଉଭୟଙ୍କ ଅବସ୍ଥା ଭଲ ଥିବା ଜଣାପଡ଼ିଛି। କିନ୍ତୁ ବିଭିନ୍ନ ସମୟରେ ଆମ୍ବୁଲାନ୍ସ ଯାବତୀୟ ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ଏହା ଜନସାଧାରଣ ସେବା ଅପେକ୍ଷା ମୁଣ୍ଡବ୍ୟଥାର କାରଣ ଅଧିକ ହେଉଛି ବୋଲି ଲୋକେ ମତ ଦେଉଛନ୍ତି।

# ଗିରଫ ହେଲେ କୋଟିପତି ବାବୁ

- ୮୪ ଏକର ଜମି ସହ ୫୮ ଲକ୍ଷରୁ ଊର୍ଦ୍ଧ୍ୱ ଜମା ଠାବ
- ଘରୁ ମିଳିଛି ୩୦୦ ଗ୍ରାମରୁ ଅଧିକ ଓଜନର ସୁନାଗହଣା



**ଭୁବନେଶ୍ୱର, ୧୭ (ସଂଚାର ବ୍ୟୁରୋ) :** ରାୟଗଡ଼ା ଜଳ ବିଭାଜିକା ପ୍ରକଳ୍ପର ପୂର୍ବତନ ନିର୍ଦ୍ଦେଶକ (ପିଡି) ତଥା ବର୍ତ୍ତମାନର ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ଯୁଗ୍ମ ନିର୍ଦ୍ଦେଶକ ଦୟାନିଧି ବାଗଙ୍କୁ ଆଜି ଗିରଫ ହୋଇଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କୁ ଭିଜିଲାନ୍ସ ପକ୍ଷରୁ ଗିରଫ କରାଯାଇଛି।

ମିଳିଥିବା ସୂଚନାନୁସାରେ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗତକାଲି ସକାଳେ ଦୟାନିଧିଙ୍କ ଭୁବନେଶ୍ୱର, କଳାହାଣ୍ଡି ଓ ନବରଙ୍ଗପୁରର ୮ଟି ସ୍ଥାନରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇଥିଲା। ଯାଞ୍ଚ ହେଉଥିବା ସ୍ଥାନ ମଧ୍ୟରେ ଦୟାନିଧିଙ୍କ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଅନ୍ତର୍ଗତ କୁପାଗଗାଁସ୍ଥିତ ବାସଭବନ, ଧର୍ମଗଡ଼ ଥାନା ଅନ୍ତର୍ଗତ ବିକ୍ରମଗଡ଼ାସ୍ଥିତ ଶ୍ୱଶୁର ଘର, ଭୁବନେଶ୍ୱରସ୍ଥିତ ଅଫିସ ଚାମ୍ବର ଆଦି ରହିଥିଲା। ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଯାଞ୍ଚ ହୋଇଥିବା ବେଳେ ଭିଜିଲାନ୍ସ ନିର୍ଦ୍ଦେଶାଳୟର ୮ଟି ଟିମ୍‌ରେ ୧୦ ଜଣ ଡିଏସ୍‌ପି, ୮ ଜଣ ଇନ୍ସପେକ୍ଟର, ୧୦ ଜଣ ଏଏସ୍‌ଆଇ ଓ ଅନ୍ୟାନ୍ୟ ସହାୟକ କର୍ମଚାରୀ ନିୟୋଜିତ ରହିଥିଲେ। ଦୟାନିଧିଙ୍କ ନାଁରେ ବହୁ ପ୍ଲଟ୍, ଫ୍ଲାଟ ସମେତ ଯାବତୀୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଭିଜିଲାନ୍ସ ଠାବ କରିଛି। ଦୟାନିଧିଙ୍କ ମୋଟ ୮୪ ଏକର ଜମି ଠାବ ହୋଇଥିବା ବେଳେ ଭିଜିଲାନ୍ସ ଇତିହାସରେ ଏହା ସବୁଠୁ ଅଧିକ ବୋଲି କୁହାଯାଇଛି।

ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ଦୟାନିଧିଙ୍କ ଭୁବନେଶ୍ୱର ଗୋଠପାଟଣାସ୍ଥିତ ମହାନଦୀ ଆପାର୍ଟମେଣ୍ଟରେ ଏକ ୩ ବିଏଚ୍‌କେ ଫ୍ଲାଟ (ନଂ.୧-ଡି), ନବରଙ୍ଗପୁର ଟାଉନସ୍ଥିତ ମାଝୀଗୁଡ଼ା ଛକ ନିକଟରେ ୩ ହଜାର ବର୍ଗଫୁଟର ଏକ ନିର୍ମାଣାଧୀନ ଘର, ନବରଙ୍ଗପୁର ଟାଉନରେ ୧୪୦୦ ବର୍ଗଫୁଟର ୫ଟି ଦୋକାନ ଘର ବିଶିଷ୍ଟ ଶପିଙ୍ଗ୍ କମ୍ପ୍ଲେକ୍ସ, ଭୁବନେଶ୍ୱର ଚନ୍ଦ୍ରଶେଖରପୁର ହାଉସିଂ ବୋର୍ଡ କଲୋନୀରେ ଗୋଟିଏ କୋଠା ଠାବ ହୋଇଥିଲା। ସେହିପରି ଦୟାନିଧିଙ୍କ ନାଁରେ ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ତହସିଲ ଅଧୀନସ୍ଥ ବିଜରାଗୁଡ଼ାରେ ୪୦ ଏକର ପରିମିତ ଏକ ଫାର୍ମ ହାଉସ ରହିଛି। ଏଥିରେ ଫାର୍ମ ଉପକରଣ ଓ କୃଷି ସାମଗ୍ରୀ ସମେତ ପାଖାପାଖି ୧ କୋଟି ଟଙ୍କା ନିବେଶ ହୋଇଛି। ଏହାଛଡ଼ା ନବରଙ୍ଗପୁର ତହସିଲ ଅଧୀନସ୍ଥ ପଟାକୋଟ ଗ୍ରାମରେ ୬ ଏକର ଜମିରେ ଫାର୍ମ ହାଉସ୍ ରହିଥିବା ବେଳେ ଏଥିରେ ୪୬.୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ତା'ଛଡ଼ା ନବରଙ୍ଗପୁର ଜିଲ୍ଲାରେ ୨୭ ଏକର ଜମି ଓ ଭବାନୀପାଟଣା ଟାଉନରେ ୧୧ ଏକର ଜମି ଠାବ ହୋଇଛି। ଭିଜିଲାନ୍ସ ବୈଷୟିକ ଶାଖା କୋଠା, ଫ୍ଲାଟ ଓ ଫାର୍ମହାଉସ ଆଦିର ପ୍ରକୃତ ମୂଲ୍ୟ ଆକଳନ ପାଇଁ ଉଦ୍ୟମ ଚଳାଇଛି। ଏଥିସହ ଦୟାନିଧିଙ୍କ ଘରୁ ୩୧୨ ଗ୍ରାମର ସୁନା ଅଳଙ୍କାର ମଧ୍ୟ ଜବତ ହୋଇଛି। ଆହୁରି ତାଙ୍କର ବିଭିନ୍ନ ବ୍ୟାଙ୍କ୍‌ରେ ମୋଟ ୫୮ ଲକ୍ଷ ୪୧ ହଜାର ୪୨୨ ଟଙ୍କାର ଜମା ରହିଥିବା ମଧ୍ୟ ଜଣାପଡ଼ିଛି। ଗତକାଲି ତାଙ୍କ ଘରୁ ଗୋଟିଏ ବେନାମି ଚାରିଚକିଆ ଯାନ (ବ୍ରେଜା) ଓ ଗୋଟିଏ ଦୁଇଚକିଆ ଯାନ ଏବଂ ୯ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ଠାବ ହୋଇଥିଲା।

### ଅଧିକାରୀଙ୍କୁ ଆକ୍ରମଣ ଘଟଣା

## ସଫେଇ କର୍ମଚାରୀଙ୍କ ଆନ୍ଦୋଳନ, ଉଠୁନି ଅଳିଆ

**ଭୁବନେଶ୍ୱର, ୧୭ (ସଂଚାର ବ୍ୟୁରୋ) :** ବିଏମସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାରେ ସଫେଇ କର୍ମଚାରୀଙ୍କ ବିରୋଧ ପ୍ରଦର୍ଶନ। ୱାର୍ଡକୁ ସଫେଇ ପାଇଁ ନଯାଇ ଲାଇନ୍ ହୋଇ ଠିଆ ହୋଇଛି ପ୍ରାୟ ୧୫ ସଫେଇ ଗାଡ଼ି । ଭୁବନେଶ୍ୱର ମହାନଗର ନିଗମର ୩୦ ନମ୍ବର୍ ୱାର୍ଡରେ ଘଟିଛି ଏପରି ଘଟଣା । ଉପରୁ ଅର୍ଡର ଅଛି ନଯିବା ପାଇଁ। ସେଥିପାଇଁ ଯାଇନୁ । ପ୍ରାୟ ୩୦ ଲୋକ ଏଥିପାଇଁ ଅପେକ୍ଷା କରି ରହିଛୁ । ସକାଳ ୬ ରୁ ଆରମ୍ଭ ହୋଇ ଦିନ ୨ ପର୍ଯ୍ୟନ୍ତ ସଫେଇ କାର୍ଯ୍ୟକ୍ରମ ହୋଇଥାନ୍ତା । ହେଲେ ଏବେ ଯାଏଁ କୌଣସି ସଫେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇନି ବୋଲି କହିଛନ୍ତି ସଫେଇ କର୍ମଚାରୀ।

## ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଆରମ୍ଭ




**କଟକ, ୧୭ (ସଂଚାର ବ୍ୟୁରୋ) :** ଆଜିଠାରୁ ଆରମ୍ଭ ହୋଇଛି ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା । ସକାଳ ୯ଟାରୁ ଆରମ୍ଭ ହୋଇ ୧୧ଟା ୩୦ ପର୍ଯ୍ୟନ୍ତ ଚାଲିଥିଲା ପରୀକ୍ଷା । କେବଳ ଗଣିତ ପରୀକ୍ଷା ପାଇଁ ଅତିରିକ୍ତ ୧୫ ମିନିଟ୍ ସମୟ ଦିଆଯାଇଛି ବୋଲି ବୋର୍ଡ ପକ୍ଷରୁ ସମୟ ନିର୍ଘଣ୍ଟ ଜାରି କରାଯାଇଛି। ୬ଟି ବିଷୟରେ ପରୀକ୍ଷା ଦେବେ ପରୀକ୍ଷାର୍ଥୀ । ୨୦୨୫ ମାଟ୍ରିକ୍ ପରୀକ୍ଷାରେ ଅନୁପସ୍ଥିତ, ଫେଲ୍ ଏବଂ ଏମ୍‌ପି ହୋଇଥିବା ପରୀକ୍ଷାର୍ଥୀମାନେ ଏହି ପରୀକ୍ଷା ଦେବେ।

ତେବେ ଚଳିତ ବର୍ଷ ସମୁଦାୟ ୧୪ ହଜାର ୧୦୯ ଜଣ ପରୀକ୍ଷାର୍ଥୀ ଦଶମ ସପ୍ଲିମେଣ୍ଟାରୀ ପରୀକ୍ଷା ଦେବାପାଇଁ ଆବେଦନ କରିଛନ୍ତି । ସପ୍ଲିମେଣ୍ଟାରୀ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ମୋଟ ୧୦୩ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ଏହି ୨ଟି ଯାକ ପରୀକ୍ଷା ପାଇଁ ସମସ୍ତ କେନ୍ଦ୍ରରେ ପ୍ରଶ୍ନପତ୍ର ଓ ଖାତା ଆଦି ପହଞ୍ଚି ସାରିଥିବା ବୋର୍ଡ ପକ୍ଷରୁ କୁହାଯାଇଛି । ପରୀକ୍ଷାର୍ଥୀଙ୍କ ସଂଖ୍ୟା କମ୍ ରହିଥିଲେ ମଧ୍ୟ ପରୀକ୍ଷା ପରିଚାଳନା ବ୍ୟବସ୍ଥାରେ ଯେପରି କୌଣସି ବିଭ୍ରାଟ ନହୁଏ ସେଥିଲାଗି ସେଣ୍ଟର୍ ସୁପରିଟେଣ୍ଡେଣ୍ଟଙ୍କୁ ସତର୍କ କରାଯାଇଛି । ଜୁଲାଇ ୧ରୁ ପରୀକ୍ଷା ଆରମ୍ଭ ହୋଇ ଜୁଲାଇ ୧୦ ତାରିଖରେ ଶେଷ ହେବ । ୧୫ ତାରିଖରୁ ମୂଲ୍ୟାୟନ ତଥା ପରୀକ୍ଷା ଖାତା ଦେଖା ପ୍ରକ୍ରିୟା ଆରମ୍ଭ ହେବ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି। ସେହିପରି ଏକ ମାସ ମଧ୍ୟରେ ଫଳ ପ୍ରକାଶ କରାଯିବ ।

## ଯୁବତୀଙ୍କୁ ମାରି ନାଳରେ ଫିଙ୍ଗିଦେଲେ



**ଦେବଗଡ଼, ୧୭ (ସଂଚାର ବ୍ୟୁରୋ) :** ଦେବଗଡ଼ ଜିଲାର କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ଠିଆନାଳ ଗାଁର ଏକ ନାଳରୁ ଜଣେ ଅଚିହ୍ନା ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତଦେହ ନିକଟରେ ଚପଲ ଓ ହେୟାର କ୍ଲିପ୍ ପଡ଼ିଥିବା ଦେଖାଯାଇଛି। ଯୁବତୀଙ୍କ ମୁହଁରେ ଓଢ଼ଣୀ ଲାଗିଥିବା ଯୋଗୁଁ ତାଙ୍କର ପରିଚୟ ମିଳିପାରି ନାହିଁ। ପୋଲିସ ପ୍ରାଥମିକ ତଦନ୍ତରୁ ଯୁବତୀଙ୍କୁ ହତ୍ୟା କରାଯାଇ ମୃତଦେହକୁ ନାଳରେ ଫିଙ୍ଗି ଦିଆଯାଇଥିବା ସନ୍ଦେହ କରାଯାଉଛି। ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ମୃତଦେହକୁ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛି। ଘଟଣାକୁ ନେଇ ଅଞ୍ଚଳରେ ଆତଙ୍କ ଖେଳିଯାଇଛି।

## ଦଳାଚକଟାରେ ପ୍ରାଣ ହରାଇଥିବା ପରିବାରକୁ ଭେଟିଲେ ଉପମୁଖ୍ୟମନ୍ତ୍ରୀ



**ବାଲିପାଟଣା, ୧୭ (ସଂଚାର ବ୍ୟୁରୋ) :** ପୁରୀ ଦଳାଚକଟାରେ ପ୍ରାଣ ହରାଇଥିବା ବାଲିପାଟଣା ଥାନା ଅଠାନ୍ତର ଗ୍ରାମର ପ୍ରଭାତୀ ଦାସଙ୍କ ଘରକୁ ଯାଇ ପରିବାରଙ୍କୁ ଭେଟିଛନ୍ତି ଉପମୁଖ୍ୟମନ୍ତ୍ରୀ। ପ୍ରାୟ ଅଧଘଣ୍ଟା ଧରି ଶୋକସନ୍ତପ୍ତ ପରିବାର ସହ ସମୟ ବିତାଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଏହା ସହ ମୃତ ପ୍ରଭାତୀଙ୍କ ଝିଅ ଶିର୍ଷା ଦାସଙ୍କୁ ୨୫ ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ରାଶି ଚେକ୍ ଆକାରରେ ପ୍ରଦାନ କରିଛନ୍ତି। ଏହି ସମୟରେ ପରିବାର ପକ୍ଷରୁ ଝିଅ ଶିର୍ଷା ଦାସଙ୍କୁ ଏକ ସରକାରୀ ଚାକିରି ପାଇଁ ପରିବାର ଲୋକ ଉପ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ନିବେଦନ କରିଛନ୍ତି। ସେହିପରି ଗୁଣ୍ଡିଚା ମନ୍ଦିର ସାମ୍ନାରେ ଦଳାଚକଟା ଘଟଣାରେ ଅନ୍ୟ ଜଣେ ମୃତକ ପ୍ରେମକାନ୍ତ ମହାନ୍ତିଙ୍କ ପରିଜନଙ୍କୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଭେଟିବା ସହ ଶୋକସନ୍ତପ ପରିବାରକୁ ଆଶ୍ୱାସନା ଓ ସହାୟତାରାଶି ସ୍ୱରୂପ ୨୫ ଲକ୍ଷ ଟଙ୍କାର ଚେକ୍ ଦେଇଛନ୍ତି।

# ଜନସାଧାରଣଙ୍କ ଜୀବନ ସହଜ କରିବାରେ 'ଆଧାର' ପ୍ରକୃଷ୍ଟ ମାଧ୍ୟମ




'ଆଧାର'ର ଉପଯୋଗିତା ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳା

**ଭୁବନେଶ୍ୱର,୧୭(ସଂଚାର ବ୍ୟୁରୋ):** ବିଗତ ଏକ ଦଶନ୍ଧି ମଧ୍ୟରେ ଆଧାର ଭାରତୀୟମାନଙ୍କ ଜୀବନକୁ ସହଜ କରିବା ଦିଗରେ ପ୍ରମୁଖ ଭୂମିକା ନିର୍ବାହ କରିଛି। ଉଦାହରଣ ସ୍ୱରୂପ ଆଧାର ପ୍ଲାଟଫର୍ମ ବ୍ୟବହାର କରି ଓଡ଼ିଶା ସରକାର ଖୁବ୍ ଅଳ୍ପ ଦିନ ମଧ୍ୟରେ 'ସୁଭଦ୍ରା' ଭଳି ଯୁଗାନ୍ତକାରୀ ଯୋଜନାର ସଫଳ ରୂପାୟନ କରିପାରିଛନ୍ତି। ଆଧାର ଇକୋ ସିଷ୍ଟମ୍‌ର ବ୍ୟାପକ ବ୍ୟବହାର କରି ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଏକ ସମ୍ମିଳିତ ପ୍ରୟାସ କ୍ରମେ ରାଜ୍ୟରେ ଥିବା ସମସ୍ତ ସମ୍ଭାବନାକୁ ବାସ୍ତବତାରେ ରୂପାନ୍ତରିତ କରିପାରିଲେ ଓଡ଼ିଶାବାସୀଙ୍କ ଜୀବନ ଜୀବିକାକୁ ଅଧିକ ସହଜ ଓ ସାବଲୀଳ କରାଯାଇପାରିବ ବୋଲି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଆଶା ବ୍ୟକ୍ତ କରିଛନ୍ତି।

ୟୁଆଇଡିଏଆଇର ଆଞ୍ଚଳିକ କାର୍ଯ୍ୟାଳୟ, ହାଇଦ୍ରାବାଦ ଓ ଓଡ଼ିଶା ସରକାରଙ୍କ ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ମିଳିତ ପ୍ରୟାସ ଆନୁକୂଲ୍ୟରେ ଆଧାରର ସର୍ବାଧିକ ଉପଯୋଗିତା ସମ୍ପର୍କିତ ଏକ ରାଜ୍ୟସ୍ତରୀୟ କର୍ମଶାଳା କୃଷି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଛି। ଆଧାର କାର୍ଡ ଏବେ ଦେଶର ସର୍ବାଧିକ ବ୍ୟବହୃତ ଓ ବିଶ୍ୱାସଯୋଗ୍ୟ ପରିଚୟପତ୍ର। ଆଧାର ଅନୁବନ୍ଧନ କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ହୋଇଥିବା ବେଳେ ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ଏବଂ ଓକାକ୍‌ର ନିରନ୍ତର ପ୍ରୟାସ ଫଳରେ ଏହା ସମ୍ଭବପର ହୋଇପାରିଛି। ରାଜ୍ୟର ୫ ବର୍ଷରୁ କମ୍ ବୟସର ଶିଶୁଙ୍କର ଆଧାର ଅନୁବନ୍ଧନରେ ଆହୁରି ଅଧିକ କ୍ରିୟାଶୀଳତାର ଆବଶ୍ୟକତା ରହିଛି। ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ଏ ଦିଗରେ କାର୍ଯ୍ୟ କରୁଛନ୍ତି ବୋଲି ବୈଦ୍ୟୁତିକ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ କହିଛନ୍ତି। ଆଧାର ୭ଟି ଅତି ଆବଶ୍ୟକୀୟ ତଥ୍ୟକୁ ଏକତ୍ରିତ କରି ଭାରତୀୟମାନଙ୍କର ଜୀବନକୁ ଅତି ସହଜ କରିପାରିଛି । ସଂପ୍ରତି ଦେଶର ପ୍ରାୟ ୯୫ ପ୍ରତିଶତ ଲୋକଙ୍କ ପାଖରେ ଆଧାର କାର୍ଡ ରହିଛି । ଦେଶରେ ପ୍ରତିଦିନ ପ୍ରାୟ ୯.୩୮ କୋଟି ପ୍ରମାଣୀକରଣ ଆଧାର ମାଧ୍ୟମରେ ସହଜରେ ହୋଇପାରୁଛି। ଏଥସହ ଆଧାର ପ୍ଲାଟଫର୍ମ ବ୍ୟବହାର କରାଯାଇ ଦେଶରେ ୨୪ ଶହରୁ ଊର୍ଦ୍ଧ୍ୱ ଜନକଲ୍ୟାଣକାରୀ ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚିପାରୁଛି। ଓଡ଼ିଶା ଆଧାର ବ୍ୟବହାର ଓ ନୂତନ ଯୋଜନା ପ୍ରଣୟନ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଆଜି ଉଭା ହୋଇଛି ବୋଲି ୟୁଆଇଡିଏଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭୁବନେଶ କୁମାର କହିବା ସହ ଏଥିପାଇଁ ସରକାରଙ୍କୁ ପ୍ରଶଂସା କରିଛନ୍ତି।

ସେହିପରି ଏହି ବ୍ୟବସ୍ଥା ମାଧ୍ୟମରେ କର୍ଣ୍ଣାଟକ ଭଳି ଓଡ଼ିଶାର କୃଷକଙ୍କ ଜୀବନଜୀବିକାରେ କିପରି ବ୍ୟାପକ ପରିବର୍ତ୍ତନ ଅଣାଯାଇପାରିଛି, ସେନେଇ କର୍ଣ୍ଣାଟକ ସରକାରଙ୍କ ରାଜସ୍ୱ କମିଶନର ସୁନୀଲ କୁମାର ପୋମାଲ କହିଛନ୍ତି। କର୍ମଶାଳାରେ ୟୁଆଇଡିଏଆଇର ବରିଷ୍ଠ ଅଧିକାରୀ ବିବେକ ଚନ୍ଦ୍ର ବର୍ମା, ପି. ସଙ୍ଗୀତା, କର୍ଣ୍ଣେଲ ନିଖିଲ ସିହ୍ନା, ସଞ୍ଜୀବ ଯାଦବ ପ୍ରମୁଖ ଆଧୁନିକ ସମୟରେ ଆଧାରର କାର୍ଯ୍ୟକାରିତା ଓ ବିବିଧ ଉପଯୋଗିତା ସମ୍ପର୍କରେ ବିଶଦ ସୂଚନା ଦେଇଥିଲ। ଏହି ଅବସରରେ ଆଧାର ଅନୁବନ୍ଧନରେ ଉଲ୍ଲେଖନୀୟ ସଫଳତା ପାଇଁ ଓକାକ୍‌ର ସିଇଓ ଡା. ପ୍ରଦୀପ କୁମାର ରାଉତ, ପ୍ରଦୀପ ବିଶୋଇ ଓ ସୁଜିତ କୁମାର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ୟୁଆଇଡିଏଆଇର ଡିଡିଜି ପି. ସଙ୍ଗୀତା ସ୍ୱାଗତ ଭାଷଣ ଦେଇଥିଲା ବେଳେ ୟୁଆଇଡିଏଆଇ ରାଜ୍ୟ କାର୍ଯ୍ୟାଳୟର ନିର୍ଦ୍ଦେଶକ ଦେବରାଜ ରଥ ଧନ୍ୟବାଦ ଦେଇଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଶସ୍ତା ହେଲା ଏଲ୍‌ପିଜି ସିଲିଣ୍ଡର



**ନୂଆଦିଲ୍ଲୀ, ୧।୭:** ଜୁଲାଇ ମାସର ପ୍ରଥମ ଦିନରେ ଏଲ୍‌ପିଜି ସିଲିଣ୍ଡର ସମ୍ପର୍କରେ ଏକ ବଡ଼ ଘୋଷଣା କରାଯାଇଛି। ଏହା ଏଲ୍‌ପିଜି ବ୍ୟବହାରକାରୀଙ୍କ ପାଇଁ ଏକ ଖୁସି ଖବର ନେଇ ଆସିଛି। ମଙ୍ଗଳବାର ୧ ଜୁଲାଇ ଠାରୁ ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟରେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ପ୍ରତି ମାସର ପ୍ରଥମ ତାରିଖରେ ତୈଳ ବିପଣନ କମ୍ପାନିଗୁଡ଼ିକ ଗ୍ୟାସ ସିଲିଣ୍ଡରର ମୂଲ୍ୟ ସଂଶୋଧନ କରିଥାନ୍ତି। ଚଳିତ ମାସରେ ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟ ହ୍ରାସ କରିବାକୁ ନିଷ୍ପତ୍ତି ନିଆଯାଇଛି। କମ୍ପାନିଗୁଡ଼ିକ ୧୯ କିଲୋଗ୍ରାମ ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟ ୫୮.୫୦ ଟଙ୍କା ହ୍ରାସ କରିଛନ୍ତି। ତେବେ ୧୪.୨ କିଲୋଗ୍ରାମ ଘରୋଇ ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ତୈଳ ବିପଣନ କମ୍ପାନିଗୁଡ଼ିକ ଦ୍ୱାରା ପ୍ରକାଶିତ ନୂତନ ଦର ତାଲିକା ଅନୁଯାୟୀ, ମଙ୍ଗଳବାର ଜୁଲାଇ ୧ ଠାରୁ ଦିଲ୍ଲୀରେ ୧୯ କିଲୋଗ୍ରାମ ବାଣିଜ୍ୟିକ ଏଲପିଜି ସିଲିଣ୍ଡରର ଖୁଚୁରା ବିକ୍ରୟ ମୂଲ୍ୟ ୧୭୨୩.୫୦ ଟଙ୍କା ପରିବର୍ତ୍ତେ ୧୬୬୫ ଟଙ୍କା ହେବ। ସେହିପରି ନୋଏଡାରେ ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟ ୧୭୪୭.୫୦ ଟଙ୍କା ହେବ। କୋଲକାତାରେ ଏଲ୍‌ପିଜି ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ୧୮୨୬ ଟଙ୍କା ପରିବର୍ତ୍ତେ ୧୭୬୯ ଟଙ୍କା ହେବ।

ମୁମ୍ବାଇରେ ଏବେ ଏହା ୧୬୭୪.୫୦ ଟଙ୍କା ପରିବର୍ତ୍ତେ ୧୬୧୬ ଟଙ୍କାରେ ଉପଲବ୍ଧ ହେବ। ଚେନ୍ନାଇରେ ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ୧୮୨୩.୫୦ ଟଙ୍କା ପରିବର୍ତ୍ତେ ୧୮୮୧ ଟଙ୍କା ହେବ। ବାଣିଜ୍ୟିକ ସିଲିଣ୍ଡର ଶସ୍ତା ହେବା ଯୋଗୁ ହୋଟେଲ, ରେଷ୍ଟୁରାଣ୍ଟ ଏବଂ ଅନ୍ୟାନ୍ୟ ବ୍ୟବସାୟୀମାନଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ସୂଚନାଯୋଗ୍ୟ, ଜୁନ୍ ୨୦୨୫, ମେ' ୨୦୨୫, ଏପ୍ରିଲ୍ ୨୦୨୫ ରେ ମଧ ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ହ୍ରାସ କରାଯାଇଥିଲା। ଜୁନ୍ ମାସରେ ୨୪ ଟଙ୍କା ହ୍ରାସ କରାଯାଇଥିଲା। ମେ' ମାସରେ ମୂଲ୍ୟ ୧୪.୫୦ ଟଙ୍କା ଏବଂ ଏପ୍ରିଲ୍ ମାସରେ ୪୧ ଟଙ୍କା ହ୍ରାସ କରାଯାଇଥିଲା। ଫେବୃଆରିରେ ୭ ଟଙ୍କା ହ୍ରାସ ହୋଇଥିଲା। କିନ୍ତୁ ମାର୍ଚ୍ଚରେ ୬ ଟଙ୍କା ବୃଦ୍ଧି କରାଯାଇଥିଲା। ଏବେ ଜୁଲାଇ ମାସରେ ମଧ ଦର ଚତୁର୍ଥ ଥର ପାଇଁ ହାର ହ୍ରାସ କରାଯାଇଛି।

## ନାରାୟଣ ମୂର୍ତ୍ତିଙ୍କ ୭୦ ଘଣ୍ଟା କାର୍ଯ୍ୟସପ୍ତାହ ମନ୍ତବ୍ୟ

# 'ଓଭର୍‌ଟାଇମ୍'କୁ ବିରୋଧ କଲା ଇନ୍‌ଫୋସିସ୍



ନୂଆଦିଲ୍ଲୀ, ୧।୭: ଅତୀତରେ ଇନଫୋସିସ୍ ସହ-ପ୍ରତିଷ୍ଠାତା ନାରାୟଣ ମୂର୍ତ୍ତି ୭୦ ଘଣ୍ଟା କାର୍ଯ୍ୟସପ୍ତାହ ଉପରେ ମନ୍ତବ୍ୟ ଦେଇ ବିବାଦରେ ରହିଥିଲେ। ଏବେ ଇନଫୋସିସ୍ ତାର କର୍ମଚାରୀମାନଙ୍କୁ ବୃତ୍ତି ଏବଂ ବ୍ୟକ୍ତିଗତ ଜୀବନ ମଧ୍ୟରେ ସନ୍ତୁଳନ ବଜାୟ ରଖିବାକୁ ପରାମର୍ଶ ଦେଇଛି। ଯାହା ଜଣାପଡୁଛି କମ୍ପାନି ତା'ର ଆଭ୍ୟନ୍ତରୀଣ ଅଭିଯାନ ଆରମ୍ଭ କରି ସାରିଲାଣି। ଯେଉଁଥିରେ ମାନବ ସମ୍ବଳ (ଏଚ୍‌ଆର୍) ସମସ୍ତ କର୍ମଚାରୀଙ୍କ କାର୍ଯ୍ୟ ସମୟ ଉପରେ ନଜର ରଖୁଛି ଏବଂ କାର୍ଯ୍ୟ ଘଣ୍ଟା ପାଳନ କରିବାକୁ ଅନୁରୋଧ କରୁଛି। ଯେଉଁ କର୍ମଚାରୀମାନେ ସମୟସୀମାରୁ ଅଧିକ କାମ କରୁଛନ୍ତି ସେମାନଙ୍କୁ ନିୟମିତ କାର୍ଯ୍ୟସୂଚୀ ପାଳନ କରିବାକୁ ଏବଂ ସେମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ଅନୁରୋଧ କରାଯାଉଛି। ଇକୋନୋମିକ୍ ଟାଇମ୍ସର ଏକ ରିପୋର୍ଟ ଅନୁଯାୟୀ, କମ୍ପାନୀର ମାନବ ସମ୍ବଳ କର୍ମଚାରୀମାନଙ୍କୁ ଇମେଲ୍ ପଠାଇ କାର୍ଯ୍ୟ-ଜୀବନ ସନ୍ତୁଳନ ବଜାୟ ରଖିବାର ଗୁରୁତ୍ୱକୁ ଜଣାଉଛନ୍ତି। କମ୍ପାନୀ ଏହାକୁ କେବଳ ବ୍ୟକ୍ତିଗତ ମଙ୍ଗଳ ପାଇଁ ନୁହେଁ ବରଂ ଦୀର୍ଘକାଳୀନ ବୃତ୍ତିଗତ ପ୍ରଭାବଶାଳୀତା ପାଇଁ ମଧ ଅତ୍ୟାବଶ୍ୟକ ବୋଲି କହିଛି। ଏହାବ୍ୟତୀତ କମ୍ପାନି କର୍ମଚାରୀମାନଙ୍କୁ କାମରେ ଚାପ ଉପଜିଲେ ମଝିରେ ବିରତି ନେବାକୁ, ନିଜ ସମସ୍ୟା ଖୋଲିକି ପ୍ରକାଶ କରିବାକୁ ପରାମର୍ଶ ଦେଉଛି।

## ନୂଆ ଖେଳ ନୀତି, ରୋଜଗାର ପାଇଁ ପ୍ରୋତ୍ସାହନ ରାଶି

# କେନ୍ଦ୍ର କ୍ୟାବିନେଟ୍‌ରେ ୪ ବଡ଼ ଯୋଜନାକୁ ମଞ୍ଜୁରି

### ରୋଜଗାର ପ୍ରୋତ୍ସାହନ ଯୋଜନାକୁ ସରକାରଙ୍କ ମଞ୍ଜୁରୀ

ନୂଆଦିଲ୍ଲୀ, ୧।୭: କେନ୍ଦ୍ର ସରକାର ମଙ୍ଗଳବାର କ୍ୟାବିନେଟ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଯେଉଁଥିରୁ ଗୋଟିଏ ହେଉଛି ଏମ୍ପଲୟମେଣ୍ଟ ଲିଙ୍କ୍ ଇନସେନଟିଭ ବା ରୋଜଗାର ସହ ଜଡ଼ିତ ପ୍ରୋତ୍ସାହନ ଯୋଜନାକୁ ମଞ୍ଜୁରୀ। ସରକାର ୨୦୨୪-୨୫ରେ ବଜେଟରେ ଏହି ସ୍କିମର ଘୋଷଣା କରିଥିଲେ। ଯାହାକୁ ମଙ୍ଗଳବାର ଅର୍ଥାତ ଜୁଲାଇ ୧ରେ ମଞ୍ଜୁରୀ ମିଳିଛି।

**ଉଭୟ କମ୍ପାନି ଓ କର୍ମଚାରୀଙ୍କୁ ମିଳିବ ଆର୍ଥିକ ସହାୟତା**

ଏହାର ଉଦ୍ଦେଶ୍ୟ ଚାକିରି ଦେଉଥିବା କମ୍ପାନି ଏବଂ ପ୍ରଥମ ଥର ଚାକିରି ଆରମ୍ଭ କରୁଥିବା ବ୍ୟକ୍ତିଙ୍କୁ ଆର୍ଥିକ ସହଯୋଗ ଦ୍ୱାରା ଆନୁଷ୍ଠାନିକ ନିଯୁକ୍ତି ବଢ଼ାଇବା। ଏହି ରୋଜଗାର ଯୋଜନାର ଅର୍ଥ ହେଉଛି ସରକାର ସେହି କମ୍ପାନି ଏବଂ ବ୍ୟବସାୟଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇବେ ଯାହା ଅଧିକରୁ ଅଧିକ ଲୋକଙ୍କୁ ନିଯୁକ୍ତି ଦେବେ। ଏହା ଏକ ପ୍ରକାର ପୁରସ୍କାର (ପ୍ରୋତ୍ସାହନ)। ଏହା କମ୍ପାନିଗୁଡ଼ିକୁ ନୂଆ ଲୋକଙ୍କୁ ନିଯୁକ୍ତି ଦେବା ଏବଂ ସେମାନଙ୍କୁ ଦକ୍ଷ କରିବା ପାଇଁ ଉତ୍ସାହିତ କରିବ। ଯୋଜନା ବିଶେଷ ଭାବରେ ଯୁବପିଢ଼ି, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ଏବଂ ଉତ୍ପାଦନ, ସେବା ଏବଂ ପ୍ରଯୁକ୍ତିବିଦ୍ୟା ଭଳି ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି ଉପରେ ଧ୍ୟାନ ଦେବ। ଯୋଜନା ୨୦୨୫ ଅଗଷ୍ଟ ୧ରୁ ୨୦୨୭ ଜୁଲାଇ ୩୧ ପର୍ଯ୍ୟନ୍ତ ଚାଲିବ। ଦୁଇ ବର୍ଷ ମଧ୍ୟରେ ୩.୫ କୋଟିରୁ ଅଧିକ ନିଯୁକ୍ତି ସୃଷ୍ଟି କରିବାକୁ ଯୋଜନା ରଖାଯାଇଛି।




**ନୂଆଦିଲ୍ଲୀ, ୧।୭:** କେନ୍ଦ୍ର ମନ୍ତ୍ରିମଣ୍ଡଳ ମଙ୍ଗଳବାର ଯୁବବର୍ଗ ଓ ଭିତ୍ତିଭୂମି ସହ ଜଡ଼ିତ ଅନେକ ବଡ଼ ଯୋଜନା ଉପରେ ମୋହର ମାରିଛି। କେନ୍ଦ୍ର କ୍ୟାବିନେଟ୍ ରୋଜଗାର ସହ ଜଡ଼ିତ ପ୍ରୋତ୍ସାହନ ଯୋଜନାକୁ ମଞ୍ଜୁରି ଦେଇଛି। ଦୁଇଟି ପାର୍ଟରେ ଏହାର ଲାଭ ମିଳିବ। ପାର୍ଟ-ଏରେ ପ୍ରଥମ ଥର ରୋଜଗାର ପାଇଥିବା କର୍ମଚାରୀଙ୍କୁ ସର୍ବାଧିକ ୧୫ ହଜାର ଟଙ୍କା ଦୁଇଟି କିସ୍ତିରେ ପ୍ରଦାନ କରାଯିବ। ଚାକିରି କରିବାର ଛଅ ମାସରେ ପ୍ରଥମ କିସ୍ତି ଓ ବର୍ଷରେ ଦ୍ୱିତୀୟ କିସ୍ତି ମିଳିବ। ପାର୍ଟ-ବିରେ ୩ ହଜାର ଟଙ୍କା ପ୍ରତି ମାସରେ ପ୍ରଦାନ କରାଯିବ। ପୂରା ଯୋଜନା ବିନିର୍ମାଣ କ୍ଷେତ୍ରରେ ରୋଜଗାରକୁ ପ୍ରୋତ୍ସାହନ ଦେବା ଉପରେ କେନ୍ଦ୍ରିତ ରହିଛି। ଏହି ଯୋଜନା ପାଇଁ ସରକାର ମୋଟ ୧.୦୭ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବେ। କ୍ୟାବିନେଟ୍ ବୈଠକ ପରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି।



କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହାର ଉଦ୍ଦେଶ୍ୟ ସବୁ କ୍ଷେତ୍ରରେ ରୋଜଗାର ସୃଜନ, ରୋଜଗାର କ୍ଷମତାରେ ବୃଦ୍ଧି ଓ ସାମାଜିକ ସୁରକ୍ଷାକୁ ପ୍ରୋତ୍ସାହିତ କରିବା। ଏଥିରେ ବିନିର୍ମାଣ କ୍ଷେତ୍ର ଉପରେ ବିଶେଷ ଧ୍ୟାନ ଦିଆଯିବ। ଏହି ଯୋଜନାର ଉଦ୍ଦେଶ୍ୟ ଦେଶରେ ୩.୫ କୋଟିରୁ ଅଧିକ ନିଯୁକ୍ତି ସୃଷ୍ଟିକୁ ପ୍ରୋତ୍ସାହନ ଦେବା। ଏହା ବ୍ୟତୀତ ଏହି ଯୋଜନା ପ୍ରଥମ ଥର ଚାକିରି କରୁଥିବା କର୍ମଚାରୀଙ୍କୁ ବି ପ୍ରୋତ୍ସାହିତ କରିବ। ପ୍ରଥମ ଥର ଚାକିରି କରୁଥିବା କର୍ମଚାରୀଙ୍କ ଲାଗି ଦୁଇ ବର୍ଷ ଯାଏ ଅତିରିକ୍ତ ୩୦୦୦ ଟଙ୍କା ପ୍ରୋତ୍ସାହନ ରାଶି ପ୍ରତି ମାସ ଦିଆଯିବ। ଏହି ପ୍ରୋତ୍ସାହନ ସେହି ନିଯୁକ୍ତିଦାତାମାନଙ୍କୁ ଦିଆଯିବ ଯେଉଁମାନେ ଏପରି କର୍ମଚାରୀଙ୍କୁ ନିଯୁକ୍ତି ଦେବେ ଯାହାଙ୍କ ଦରମା ମାସିକ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଥିବ। ନିର୍ମାଣ କ୍ଷେତ୍ର ପାଇଁ ଏହି ପ୍ରୋତ୍ସାହନ ତୃତୀୟ ଏବଂ ଚତୁର୍ଥ ବର୍ଷ ପାଇଁ ମଧ ଜାରି ରହିବ। କେନ୍ଦ୍ର ମନ୍ତ୍ରିମଣ୍ଡଳ ମୋଟ ଚାରି ବଡ଼ ଯୋଜନାକୁ ମଞ୍ଜୁରି ଦେଇଛି। କେନ୍ଦ୍ର ମନ୍ତ୍ରିମଣ୍ଡଳ ସମଗ୍ର ଖେଲୋ ଭାରତ ନୀତିକୁ ମଞ୍ଜୁରି ଦେଇଛି। ୧୯୮୪ରେ ପ୍ରଥମ ଥର ରାଷ୍ଟ୍ରୀୟ ଖେଳ ନୀତି ଲାଗୁ କରାଯାଇଥିଲା। ଏହା ପରେ ୨୦୦୧ରେ ନୂଆ ଖେଳ ନୀତି ଜାରି କରାଯାଇଥିଲା। ଏବେ କେନ୍ଦ୍ର ସରକାର ଖେଳ ଭାରତ ନୀତି ୨୦୨୫ ଲାଗୁ କରିବେ। ଏହା ଦ୍ୱାରା ଯୁବବର୍ଗଙ୍କୁ ଖେଳ ପାଇଁ ପ୍ରୋତ୍ସାହିତ କରାଯିବ। ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ଆମ ଲକ୍ଷ୍ୟ ଖେଳ ମାମଲାରେ ଦେଶକୁ ଦୁନିଆ ଶୀର୍ଷ ୫ ଦେଶରେ ସାମିଲ କରିବା। କେନ୍ଦ୍ର ମନ୍ତ୍ରିମଣ୍ଡଳ ଅନୁସନ୍ଧାନ, ବିକାଶ ଓ ନବସୃଜନ ଯୋଜନାକୁ ମଞ୍ଜୁରି ଦେଇଛି। ଏହି ଯୋଜନାରେ ସରକାର ୧ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହା ଅଧିନରେ ଯୁବବର୍ଗଙ୍କୁ ରିସର୍ଚ୍ଚ ଓ ଇନୋଭେସନ୍ ପାଇଁ ପ୍ରୋତ୍ସାହିତ କରାଯିବ। ଏହା ବ୍ୟତୀତ ମନ୍ତ୍ରିମଣ୍ଡଳ ତାମିଲନାଡୁରେ ୧୮୫୩ କୋଟି ଟଙ୍କା ବିନିଯୋଗରେ ଚାରି ଲେନର ପରମକୁଡି-ରାମନାଥପୁରମ ଖଣ୍ଡ (୪୬.୭ କିଲୋମିଟର) ନିର୍ମାଣକୁ ମଞ୍ଜୁରି ଦେଇଛି।

# ଆରବପତି ତାଲିକାରେ ଶୀର୍ଷରେ ନ୍ୟୁୟର୍କ

**ନୂଆଦିଲ୍ଲୀ, ୧।୭:** ଫୋର୍ବସ ୨୦୨୫ ବିଶ୍ୱ ଆରବପତିଙ୍କ ତାଲିକା ପ୍ରକାଶ ପାଇଛି। ଏହି ତାଲିକା ଅନୁଯାୟୀ ଆମେରିକାର ନ୍ୟୁୟର୍କ ସହରରେ ବିଶ୍ୱର ସର୍ବାଧିକ ଆରବପତି ରହୁଛନ୍ତି। ଏହି ସହରରେ ୧୨୩ ଜଣ ବିଲିୟନେୟାର ରହୁଛନ୍ତି, ଓ ସେମାନଙ୍କର ମିଳିତ ସମ୍ପତ୍ତି ୭୫୯ ବିଲିୟନ ଡଲାର ହୋଇଛି। ସର୍ବାଧିକ

**ଭାରତର ମୁମ୍ବାଇ ସହର ଟପ୍-୧୦ରେ ସାମିଲ୍**

ଆରବପତି ରହୁଥିବା ସହର ତାଲିକାରେ ନ୍ୟୁୟର୍କ ଦୀର୍ଘ ୧୨ ବର୍ଷ ହେଲା ଶୀର୍ଷରେ ରହି ଆସୁଛି। କେବଳ ୨୦୨୧ରେ ଚୀନର ବେଜିଂ ନ୍ୟୁୟର୍କକୁ ଟପିଯାଇଥିଲା। ନ୍ୟୁୟର୍କରେ ରହୁଥିବା ଅଧିକାଂଶ ଆରବପତିଙ୍କ ବ୍ୟବସାୟ ଫାଇନାନ୍ସ, ରିଅଲ୍ ଇଷ୍ଟେଟ୍ ଏବଂ ଖୁଚୁରା ବ୍ୟବସାୟ ଆଦିରେ ରହିଛି। ବିଶ୍ୱର ମୋଟ ୩,୦୨୮ ଆରବପତିଙ୍କ ମଧ୍ୟରୁ ପ୍ରାୟ ଏକ ଚତୁର୍ଥାଂଶ ୬ ଦେଶର ମାତ୍ର ୧୦ଟି ସହରରେ ରହୁନ୍ତି। ଦୃଢ଼ ବ୍ୟବସାୟିକ ଇକୋସିଷ୍ଟମ, ନିବେଶକ-ଅନୁକୂଳ ନୀତି ଏବଂ ସମୃଦ୍ଧ ଶିଳ୍ପ ଯୋଗୁ ଏହି ସହରଗୁଡ଼ିକ ସମ୍ପତ୍ତି ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛନ୍ତି। ଯଦିଓ ଭାରତ ସର୍ବାଧିକ



ଆରବପତି ଥିବା ଦେଶମାନଙ୍କ ତାଲିକା ମଧ୍ୟରେ ନାହିଁ, ତେବେ ମୁମ୍ବାଇ ଭାରତର ଆରବପତିଙ୍କ ରାଜଧାନୀ ହୋଇ ରହିଛି। ଏହି ସହର ବିଶ୍ୱ ସ୍ତରରେ ଷଷ୍ଠ ସ୍ଥାନରେ ରହିଛି। ମୁମ୍ବାଇରେ ମୋଟ ୬୭ ଜଣ ଆରବପତି ରହିଥିବା ବେଳେ ସେମାନଙ୍କର ମୋଟ ସମ୍ପତ୍ତି ୩୪୯ ବିଲିୟନ ଡଲାର। ଏହା ଦିଲ୍ଲୀ ଏବଂ ବେଙ୍ଗାଲୁରୁ ଭଳି ଅନ୍ୟାନ୍ୟ ପ୍ରମୁଖ ମହାନଗରଗୁଡ଼ିକ ଅପେକ୍ଷା ସର୍ବାଧିକ ଧନୀ ବ୍ୟକ୍ତି ଥିବା ଭାରତୀୟ ସହର ହୋଇଛି। ତଥାପି, ଚଳିତ ବର୍ଷ ବିଶ୍ୱ ସ୍ତରରେ ମୁମ୍ବାଇର ଚତୁର୍ଥରୁ ଷଷ୍ଠ ସ୍ଥାନକୁ ଖସି ଆସିଛି। ଦୁଇ ଜଣ ଆରବପତି ସହର ଛାଡ଼ି ପଳାଇବା ଯୋଗୁ ମୁମ୍ବାଇକୁ ପଛରେ ପକାଇ ଲଣ୍ଡନ ଚତୁର୍ଥ ସ୍ଥାନ ଓ ବେଜିଂ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି।

ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ୯୨.୫ ବିଲିୟନ ଡଲାର ସମ୍ପତ୍ତି ସହିତ ମୁମ୍ବାଇ ଏବଂ ଏସିଆର ସବୁଠାରୁ ଧନୀ ବ୍ୟକ୍ତି ଭାବେ ସ୍ଥାନ ସୁରକ୍ଷିତ ରଖିଛନ୍ତି। ଗତ ବର୍ଷ ୨୦ ବିଲିୟନ ଡଲାରରୁ ଅଧିକ ସମ୍ପତ୍ତି ହ୍ରାସ ସତ୍ତ୍ୱେ ବି ସେ ସହରର ସବୁଠାରୁ ଧନୀ ବ୍ୟକ୍ତି ହୋଇଛନ୍ତି। ତେବେ ବଡ଼ କଥା ହେଲା ୨୦୨୫ ମସିହାରେ ମୁମ୍ବାଇରେ ୬ ଜଣ ନୂଆ ଆରବପତି ଆସିଛନ୍ତି। ସେମାନଙ୍କ ମଧ୍ୟରୁ ଚାରି ଜଣ ବିଭି ଦୋଷୀଙ୍କ ପରିବାରର ସଦସ୍ୟ। ଏହି ୪ ଜଣ ହେଲେ ବୀରେନ, କିରୀଟ, ପଙ୍କଜ ଏବଂ ହିତେଶ ଦୋଷୀ, ଯାହାଙ୍କର ସୌର ଶକ୍ତି ଫାର୍ମ ୱାରୀ ଇଣ୍ଡଷ୍ଟ୍ରିଜ୍ ଗତ ବର୍ଷ ଅକ୍ଟୋବରରେ ସାର୍ବଜନୀନ ହୋଇଥିଲା।

ଚଳିତ ବର୍ଷ ମସ୍କୋରେ ଆରବପତିଙ୍କ ସଂଖ୍ୟାରେ ସର୍ବାଧିକ ବୃଦ୍ଧି ଦେଖିବାକୁ ମିଳିଛି। ମସ୍କୋରେ ୯୦ ଜଣ ଆରବପତି ରହିଛନ୍ତି, ଯାହାଙ୍କର ମିଳିତ ସମ୍ପତ୍ତି ମୂଲ୍ୟ ୪୦୯ ବିଲିୟନ ଡଲାର ହୋଇଛି। ସେହିପରି ହଂକଂ ଏବଂ ଲଣ୍ଡନ ମଧ ଅନେକ ଧନୀ ବ୍ୟବସାୟୀଙ୍କ ବାସସ୍ଥାନ ପାଲଟିଛି। ଅନ୍ୟପଟେ ବେଜିଂ ୬୮ ବିଲିୟନପତିଙ୍କ ସହିତ ପଞ୍ଚମ ସ୍ଥାନରେ ସ୍ଥିର ରହିଛି। ତେବେ ଆରବପତିଙ୍କୁ ଆକର୍ଷିତ କରିବାରେ ସିଙ୍ଗାପୁର ଭଲ ପ୍ରଦର୍ଶନ କରିଛି। ସିଙ୍ଗାପୁର ଗତବର୍ଷ ନବମ ସ୍ଥାନରୁ ସପ୍ତମ ସ୍ଥାନକୁ ଉତ୍ତୀର୍ଣ୍ଣ ହୋଇଛି। ୮ ଜଣ ନୂଆ ବିଲିୟନେୟାର ସିଙ୍ଗାପୁରକୁ ଆସିଛନ୍ତି। ବାଇଟ୍‌ଡାନ୍ସ (ଟିକଟକର ମାଲିକ)ର ସହ-ପ୍ରତିଷ୍ଠାତା ଝାଙ୍ଗ ୟିମିଙ୍ଗ ୬୫.୫ ବିଲିୟନ ଡଲାର ସମ୍ପତ୍ତି ସହ ସେ ସିଙ୍ଗାପୁରର ସବୁଠାରୁ ଧନୀ ବ୍ୟକ୍ତି ହୋଇଛନ୍ତି। ତାଲିକାରେ ଥିବା ଅନ୍ୟ ସହର ଯେପରିକି ସାନ ଫ୍ରାନ୍ସିସ୍କୋ, ସାଂଘାଇ ଏବଂ ଲସ୍ ଆଞ୍ଜେଲସ୍ ମଧ ଏହି ବର୍ଷ ନୂଆ ଆରବପତିଙ୍କୁ ସ୍ୱାଗତ କରିଛନ୍ତି। ମୁଖ୍ୟତଃ ଟେକ୍ନୋଲୋଜି ଏବଂ ମନୋରଞ୍ଜନ ଶିଳ୍ପରୁ ଏହି ଆରବପତିମାନେ ଆସିଛନ୍ତି।

# ଜିଏସ୍‌ଟିକୁ ୮ ବର୍ଷ ପୂରିଲା

ନୂଆଦିଲ୍ଲୀ, ୧।୭: ପରୋକ୍ଷ ଟିକସ କ୍ଷେତ୍ରରେ ଦେଶର ସର୍ବବୃହତ୍ ସଂସ୍କାର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ୮ ବର୍ଷର ଯାତ୍ରା ପୂରଣ କରିଛି। ୨୦୧୭ ଜୁଲାଇ ୧ରୁ ଏହାକୁ ସାରା ଦେଶରେ ଲାଗୁ କରାଯାଇଛି। ପ୍ରତିବର୍ଷ ଏହାର ସଂଗ୍ରହ ନୂଆ ରେକର୍ଡ କରୁଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୨୨.୦୮ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ କରାଯାଇଛି। ୨୦୨୦-୨୧ରେ ତାହା ମାତ୍ର ୧୧.୩୭ ଲକ୍ଷ କୋଟି ଟଙ୍କା ଥିଲା। ଅର୍ଥାତ ପାଞ୍ଚ ବର୍ଷ ମଧ୍ୟରେ ଏହି ସଂଗ୍ରହରେ ଦୁଇ ଗୁଣା ବୃଦ୍ଧି ଘଟିଛି। ୨୦୨୪-୨୫ରେ ପ୍ରତି ମାସରେ ହାରାହାରି

**୨୦୧୭ ଜୁଲାଇରେ ଲାଗୁ ହୋଇଥିଲା**

ଭାବେ ୧.୮୪ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ କରାଯାଇଛି। ୨୦୧୭ରେ ଜିଏସ୍‌ଟି ଲାଗୁ ହେବା ବେଳେ ପଞ୍ଜୀକୃତ ଟିକସଦାତାଙ୍କ ସଂଖ୍ୟା ୬୫ ଲକ୍ଷ ଥିଲା। ବର୍ତ୍ତମାନ ସେହି ସଂଖ୍ୟା ୧.୫୧ କୋଟିରୁ ଅଧିକ ହାଇଛି। କେନ୍ଦ୍ର ସରକାର ୧୭ ପ୍ରକାର କର ଓ ୧୩ ପ୍ରକାର ଉପକରକୁ ମିଶାଇ ଜିଏସ୍‌ଟିର ପରିକଳ୍ପନା କରିଥିଲେ। ଭାଟ୍, ସେବା କର, କ୍ରୟ ଟିକସ, ଉତ୍ପାଦନ ଶୁଳ୍କ ଆଦିକୁ ମିଶାଇ ଏହି ଟିକସ ପ୍ରସ୍ତୁତ କରାଯାଇଥିଲା। ଜିଏସ୍‌ଟିରେ ୫%, ୧୨%, ୧୮% ଓ ୨୮% ଭଳି ଚାରିଟି ସ୍ଲାବ୍ ରହିଛି। କେନ୍ଦ୍ର ସରକାର ଓ ବିଭିନ୍ନ ରାଜ୍ୟର ଅର୍ଥମନ୍ତ୍ରୀମାନଙ୍କୁ ନେଇ ଜିଏସ୍‌ଟି ପରିଷଦ ଗଠନ କରାଯାଇଛି।

## ଆଜିର ସୁନା ରୂପା ଦର



ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୭,୨୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୯ ହଜାର ୧୫୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୭,୪୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୯,୧୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୭, ୨୬୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୯ ହଜାର ୧୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୭,୪୧୦ ଟଙ୍କା ଓ ୨୨ କ୍ୟାରେଟ୍ ୮୯,୩୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୭, ୨୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୯ ହଜାର ୧୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୭,୨୬୦ ଓ ୮୯, ୧୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୧୭ , ୭୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ ଦର



ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୩.୫୦ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୩୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୩ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୩ ଟଙ୍କା ୫୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ମୌଳିକ କର୍ତ୍ତବ୍ୟ ଓ ପ୍ରବାସୀ ଶ୍ରମିକଙ୍କ ସମସ୍ୟା ଉପରେ ସଚେତନତା ଶିବିର



**ସୁବର୍ଣ୍ଣପୁର,୧୭(ସଂଚାର ବ୍ୟୁରୋ):** ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ର ଅଧ୍ୟକ୍ଷ ତଥା ଜିଲ୍ଲା ଜଜ ଶ୍ରୀ ଧନୁର୍ଦ୍ଧର ସେନାପତି ଙ୍କ ନିର୍ଦ୍ଦେଶ ରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ତରଫରୁ ମୌଳିକ କର୍ତବ୍ୟ ଏବଂ ପ୍ରବାସୀ ଶ୍ରମିକ ଙ୍କ ବିଭିନ୍ନ ସମସ୍ୟା ବିଷୟରେ ଚରଦା ସ୍ଥିତ ଚରଦା ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଠାରେ ଏକ ଜିଲ୍ଲା ସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ର ସଚିବ ଶ୍ରୀ ଦେବାଶିଷ ଦାସ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ମୂଳ ଉଦେଶ୍ୟ ଏବଂ ଉପୋରକ୍ତ ବିଷୟ ଉପରେ ସାଧାରଣ ଜନତାଙ୍କୁ ଅବଗତ କରିଥିଲେ ଓ ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ବିନିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟେ ସୁପ୍ରଭା କୁଣ୍ଡୁ ଅତିରିକ୍ତ ଶ୍ରମ ଅଧିକାରୀ ଚିନ୍ମୟ ମେହେର ଏବଂ ଡିଏସପି ଜେଶ୍ୱରୀ ଭୋଇ ପ୍ରମୁଖ ଯୋଗ ଦେଇ ଶ୍ରମିକ ମାନଙ୍କ ବିଭିନ୍ନ ଆଇନ ବିଷୟରେ ସଚେତନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ୪ ଜଣଙ୍କୁ ଶ୍ରମ କାର୍ଡ ପ୍ରଦାନ କରାଯାଇଥିଲା ।

## କାର୍ଯ୍ୟରେ ଅବହେଳା ଯୋଗୁଁ ବଦଳିଲେ ସ୍ୱାସ୍ଥ୍ୟଅଧିକାରୀ

**ବାଲିପାଟଣା,୧୭(ସଂଚାର ବ୍ୟୁରୋ):** ସର୍ବଦା ନିଜ କାର୍ଯ୍ୟରେ ଅବହେଳା ଯୋଗୁଁ ବାଲକାଟି ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା. ତନ୍ମୟ ତ୍ରିପାଠୀଙ୍କୁ ବଦଳୀ କରାଯାଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ କ୍ରମେ ଗତ ୧୯ ତାରିଖରେ ଜିଲ୍ଲା ସ୍ୱାସ୍ଥ୍ୟଅଧିକାରୀ ଖୋର୍ଦ୍ଧାଙ୍କ ଚିଠି ନମ୍ବର ୯୨୦୨ ଓ ଅର୍ଡର ନମ୍ବର ୧୭୮୯୮ ଅନୁସାରେ ଏଠାରୁ ପାଖାପାଖି ୫୦୦ କିମି ଦୂର ନୂଆପଡା ଜିଲ୍ଲାକୁ ବଦଳୀ କରାଯାଇଛି । ପୂର୍ବରୁ ୨/୨ ଥର ପଦୋନ୍ନତିରେ ବଦଳୀ ହୋଇଥିଲେ ମଧ୍ୟ ଅଧିକାରୀ ଜଣଙ୍କ ଉଚ୍ଚ ପଦାଧିକାରୀଙ୍କୁ ଧରାଧରି କରି ରହିଯାଇଥିଲେ । ମାତ୍ର ଏଥର ସ୍ଥାନୀୟ ଲୋକଙ୍କ ଅଭିଯୋଗ ଏବଂ କର୍ମଚାରୀଙ୍କ ସଂଗଠିତ ଅସନ୍ତୋଷ ଯୋଗୁଁ ତାଙ୍କୁ ବଦଳୀ କରାଯାଇଥିବା ସ୍ୱାସ୍ଥ୍ୟବିଭାଗର ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି । ପ୍ରକାଶଥାଉକି ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ୨୦୧୯ ରୁ ବିପିଏଚଓ (ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ)ଭାବେ ଏଠାରେ ଯୋଗଦେଇଥିଲେ । ମାତ୍ର ପରବର୍ତ୍ତୀ ମୁହୂର୍ତ୍ତରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟଅଧିକାରୀଙ୍କ ପଦ ଖାଲି ଥିବାରୁ ବରିଷ୍ଠତା ଅନୁଯାୟୀ ତାଙ୍କୁ ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଥିଲା । ଏହି ସମୟରେ ସ୍ତ୍ରୀ ଓ ପ୍ରସୂତୀ ବିଭାଗର ଜଣେ ବିଶେଷଜ୍ଞ ମହିଳା ଡାକ୍ତରଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରର ଅଧ୍ୟକ୍ଷ(ସୁପରିଟେଣ୍ଡେଣ୍ଟ) ନିଯୁକ୍ତି ମଧ୍ୟ ଦିଆଯାଇଥିଲା । ମାତ୍ର ସମ୍ପୃକ୍ତ ଅଧିକାରୀ ଜଣଙ୍କ ଉକ୍ତ ମହିଳା ଡାକ୍ତରଙ୍କ ସହ ସର୍ବଦା ବିନା କାରଣରେ ପାଟିତୁଣ୍ଡ କରିଥିଲେ । ଏପରିକି ତାଙ୍କ ନାମରେ ମିଥ୍ୟାରୋପ ଲଗାଇ ମାନସିକ ଚାପ ପକାଇଥିଲେ । ପରେ ସ୍ୱଇଚ୍ଛାରେ ବାଧ୍ୟ ହୋଇ ସମ୍ପୃକ୍ତ ମହିଳା ଡାକ୍ତର ଖୁବ କମଦିନ କାମ କରି ସେଠାରୁ ଅନ୍ୟତ୍ର ବଦଳୀ ହୋଇଥିଲେ । ସେହିଦିନ ଠାରୁ ଅଧିକାରୀ ଜଣଙ୍କ ନିଜର ଆଧିପତ୍ୟ ଜାହିର କରିଆସୁଥିଲେ । ସ୍ଥାନୀୟ ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବାକୁ ପ୍ରାଧାନ୍ୟ ଦେବା ତ ଦୂରର କଥା କର୍ମଚାରୀଙ୍କ ଆନୁସଙ୍ଗିକ ବ୍ୟବସ୍ଥା ମଧ୍ୟ କରିନଥିଲେ । ୬ ବର୍ଷ ଏଠାରେ ରହିଥିଲେ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରର ସେଭଳି ଆଖିଦୃଶିଆ ଉନ୍ନତିକରଣ ହୋଇନଥିବା ବେଳେ ଆଜି ପର୍ଯ୍ୟନ୍ତ କର୍ମଚାରୀଙ୍କ ନିମନ୍ତେ ସରକାରୀ ଆବାସ (କ୍ୱାର୍ଟର) ମରାମତୀ ହୋଇପାରିଲା ନାହିଁ କ୍ଷସେହିପରି ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ନ ଦେବାରୁ ବିଭିନ୍ନ ସମୟରେ ସ୍ୱାସ୍ଥ୍ୟସେବା ନ ପାଇ ରୋଗୀଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିଲା ।

## ପ୍ରଧାନଶିକ୍ଷୟିତ୍ରୀ ଅବସରକାଳୀନ ସମ୍ବର୍ଦ୍ଧନା

**ସୁବର୍ଣ୍ଣପୁର,୧୭(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଗମ୍ଭାରୀପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ପ୍ରଧାନ ଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଦଳ ବିଶି ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭା ରେ ବ୍ଲକ ଶିକ୍ଷାଧିକାରୀ ଗଣେଶ କିଷାନ ମୁଖ୍ୟ ଅତିଥି,ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଗଞ୍ଜାଲୁ ମିର୍ଦ୍ଧା ମୁଖ୍ୟ ବକ୍ତା,ଗୋଷ୍ଠୀ ସହ ଶିକ୍ଷାଧିକାରୀ ଜଗତ ମଲ୍ଲିକ,ଡୁଙ୍ଗୁରିପାଲି ସିଆରସିସି ପ୍ରବୀର ଭୋଇ, ପଞ୍ଚସଖା ଶିକ୍ଷାସେତୁ ସଭାପତି ଜଗନ୍ନାଥ ପୁଜାହାରୀ,ଡୁଙ୍ଗୁରିପାଲି ସାହିତ୍ୟ ଓ ସାଂସ୍କୃତିକ ସଂସଦ ର ସଭାପତି ତଥା ଡୁଙ୍ଗୁରିପାଲି ଉଚ୍ଚ ବିଦ୍ୟାଳୟ ର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଡ଼କ୍ଟର ସୁବାସ ଚନ୍ଦ୍ର ପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷୟିତ୍ରୀ ଙ୍କ ବିଦ୍ୟାଳୟ ପ୍ରତି ନିଷ୍ଠା ର ସ୍ମୃତିଚାରଣ କରିଥିଲେ। ଡୁଙ୍ଗୁରିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ସହକାରୀ ଶିକ୍ଷୟିତ୍ରୀ ଭାବେ, ଚିନାଜୁରୀ ଓ ଗମ୍ଭାରୀପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ କରିଯାଇଥିବା ଉତ୍ତମ କାର୍ଯ୍ୟ ଶିକ୍ଷକ ସମାଜ ର ପଥ ପ୍ରଦର୍ଶକ ହୋଇ ରହିବ ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ। ଶ୍ରୀମତୀ ପ୍ରଧାନ ନିଜ ଶିକ୍ଷକତା ଜୀବନ ର ବିଗତ ଦିନର କଥା ର ସ୍ମୃତି ଚାରଣ କରିବା ସହ ଛାତ୍ରଛାତ୍ରୀ ଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ।



### କୋଟି କୋଟି ବ୍ୟୟରେ ଚାଲିଛି ଶହ ଶହ ଯୋଜନା

# ଆଦିବାସୀ ଅଞ୍ଚଳ ଗାଁ ବଦଳିବାରେ ବିଳମ୍ବ କାହିଁକି ?

**କଳାହାଣ୍ଡି,୧୭(ସଂଚାର ବ୍ୟୁରୋ):** କୋଟି କୋଟି ବ୍ୟୟ ଅଟକଳରେ ଚାଲିଛି ଶହ ଶହ ଯୋଜନା ଓ ବିକାଶର ଅନେକ ଶୁଦ୍ଧ ଶବ୍ଦ ଶାସନ ପ୍ରଶାସନ ଅଜାଡି ଦେଉଥିବା ବେଳେ, ପ୍ରକୃତ ପରିପ୍ରେକ୍ଷୀରେ ଏହା କିନ୍ତୁ ନିରୀହ ଆଦିବାସୀ ମାନଙ୍କ ପାଇଁ ଦିବାଲୋକରେ ସ୍ୱପ୍ନ ଦେଖିବା ସଦୃଶ୍ୟ ପରି ମନେ ହୁଏ । ପ୍ରକୃତିର ନୈସର୍ଗିକ ପ୍ରାଚୁର୍ଯ୍ୟ ବାତାବରଣ ଭିତରେ ରହୁଥିବା ସରଳ ଆଦିବାସୀ ଏବେ ମଧ୍ୟ ବିକାଶର ମୁଖ୍ୟସ୍ରୋତରେ ସାମିଲ ହୋଇ ପାରି ନାହାନ୍ତି କ୍ଷ କଳାହାଣ୍ଡି ଜିଲ୍ଲାର ଦୁର୍ଗମ ଆଦିବାସୀ ଅଧୁଷିତ ଅଞ୍ଚଳ କହିଲେ ଥୁଆମୂଳ ରାମପୁରକୁ ହିଁ କୁହାଯାଏ।



ଆଦିବାସୀ ଅଧ୍ୟୁଷିତ ଏହି ବ୍ଲକର ଇନ୍ଦ୍ରୁତୀବୁଡି ଅଞ୍ଚଳବାସୀ କଳାହାଣ୍ଡି ମାଟିରେ ଜନ୍ମ ସିନା ନେଲେ ହେଲେ ନବରଙ୍ଗପୁର ଜିଲ୍ଲା ଭରଷାରେ ରହୁଛନ୍ତି । ନିଜ ବ୍ଲକ ମହକୁମା ଯିବା ପାଇଁ କୌଣସି ସୁବିଧା ନାହିଁ । ସ୍ୱା । ସ୍ଥ ୟ ସେ ସ ବ । କ୍ଷେତ୍ରରେ ହେଉ କିମ୍ବା ବଜାର କିମ୍ବା ଅନ୍ୟ ଦୈନନ୍ଦିନ ବ୍ୟବହାର ସାମଗ୍ରୀ ଜିନିଷ ଆଣିବା ପାଇଁ ନବରଙ୍ଗପୁର ଜିଲ୍ଲା ଉପରେ ଭରଷା କରୁଛନ୍ତି । ଜଳଭଣ୍ଡାରରେ ଡ଼ଙ୍ଗାପାର ହେଉଥିବା ବେଳେ ପାଦେପାଦେ ବିପଦ ଥିବା ଜାଣି ମଧ୍ୟ ଏମାନେ ନଦୀ ପାର ହେଉଛନ୍ତି। ଅନ୍ୟ ପକ୍ଷରେ ବ୍ଲକ ମୁଖ୍ୟାଳୟକୁ ରାସ୍ତା ତ ଦୂରର କଥା ଭାଷା ମଧ୍ୟ ଭୁଲିଗଲେଣି । କଳାହାଣ୍ଡି ଜିଲ୍ଲାର ସ୍ୱତନ୍ତ୍ର ଭାଷା ଥିବା ବେଳେ ଏହି ବୁଡି ଅଞ୍ଚଳବାସୀ ନବରଙ୍ଗପୁର ଉପରେ ଭରଷା କରି କରି ଏବେ ସେଠାକାର ଭାଷା ମଧ୍ୟ କହୁଛନ୍ତି । କେବଳ ଆଧାରକାର୍ଡ ହିଁ ଥୁଆମୂଳ ରାମପୁରବ୍ଲକ ବାସୀ ବୋଲି ପରିଚୟ ଦେଉଛି । କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ଦୁର୍ଗମ ତଥା ଇନ୍ଦ୍ରାବତୀ ବୁଡି ଅଞ୍ଚଳର ପୋଡାପଦର, ମାଳି ଗାଁ, ଗୋପୀନାଥପୁର, ଅନ୍ତ୍ରି, ତଳନାଗୀ ସମେତ ୫ଟି ପଞ୍ଚାୟତବାସୀ ନବରଙ୍ଗପୁର ଜିଲ୍ଲା ଉପରେ ଭରଷା କରୁଛନ୍ତି । ଜିଲ୍ଲାର ଶେଷ ସୀମାରେ ବସବାସ କରନ୍ତି ଆଦିବାସୀ ମାନେ । ଏହି ପଞ୍ଚାୟତବାସୀଙ୍କୁ ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଣ୍ଟି କୁ ପ୍ରାୟ ୧୫ କିଲୋମିଟର ଯିବାକୁ ପଡିଥାଏ। ଇନ୍ଦ୍ରବତୀ ଜଳଭଣ୍ଡାର ମଧ୍ୟରେ ଥିବା କେନାଲ ଘାଟ ରୁ ପ୍ରାୟ ୫୦୦ ମିଟର ମୋଟର ଚାଳିତ ଦେଶୀ ଡ଼ଙ୍ଗାରେ ପାର ହୋଇ ତେନ୍ତୁଳିଖୁଣ୍ଟିକୁ ଯାଇଥାନ୍ତି । ଯେହେତୁ ତେନ୍ତୁଳିଖୁଣ୍ଟି ଏହି ବୁଡି ଅଞ୍ଚଳକୁ ପାଖ ପଡୁଥିବା ବେଳେ ଡାକ୍ତରଖାନା ଠାରୁ ଆରମ୍ଭ କରି ବଜାର କିମ୍ବା ନୀତି ବ୍ୟବହାର ଜିନିଷ ମଧ୍ୟ କିଣିବାକୁ ଏଠାକୁ ଯାଇଥାନ୍ତି।

## ଖରାପ ରାସ୍ତା ଯୋଗୁଁ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ

● କାଦୁଅ ରାସ୍ତାରେ ଚାଲିଲେ ଗର୍ଭବତୀ, ମାଁ ଗୃହ ଓ ବାଇକ ଆମ୍ବୁଲାନ୍ସ କାହା ସ୍ୱାର୍ଥରେ ?

**ଜୟପୁର,୧୭(ସଂଚାର ବ୍ୟୁରୋ):** ସରକାର ଙ୍କ ଯୋଜନା ରହିଛି କିନ୍ତୁ ପ୍ରଶାସନିକ ଆନ୍ତରିକତା ଅଭାବ ଯୋଗୁଁ ସୁଧୁରୁନି ବ୍ୟବସ୍ଥା । ଗର୍ଭବତୀ ମହିଳା ଙ୍କୁ ଦୃଗମ ଅଂଚଳ ରୁ ରାସ୍ତା ଖରାପ ଯୋଗୁଁ ଆସିବା ବିଳମ୍ବ ହୁଏ ତେଣୁ ମା ଘର ଖୋଲାଯାଇଛି, ଏହା ସହ ଶୋଚନୀୟ ରାସ୍ତା ରେ ଯିବା ପାଇଁ ବାଇକ ଆମ୍ବୁଲାନ୍ସ ମଧ୍ୟ ରହିଛି। ସବୁ ଅଛି କିନ୍ତୁ କାର୍ଯ୍ୟକାରିତା ହେଉନଥିୱା ଯୋଗୁଁ ପୁଣି ଜଣେ ଗର୍ଭବତୀ ଙ୍କୁ ପାଦ ରେ ଚାଲି ଚାଲି ଏକ କିମି ରାସ୍ତା ଆସିବାକୁ ପଡିଲା। ଖରାପ ରାସ୍ତା ଯୋଗୁଁ ଗାଁ ରେ ପହଞ୍ଚି ପାରିଲା ନାହିଁ ଆମ୍ବୁଲାନ୍ସ, ଏକ କିଲୋମିଟର କାଦୁଅ ରାସ୍ତାରେ ଚାଲିଲେ ଗର୍ଭବତୀ । ଏଭଳି ଘଟଣା ବୈପାରିଗୁଡା ବ୍ଲକ ଅନ୍ତର୍ଗତ ମାଠପଡା ପଞ୍ଚାୟତର ଡେଙ୍ଗପାଖନା ଗ୍ରାମରେ । ସୂଚନା ଅନୁଯାଇ, ଡେଙ୍ଗପାଖନା ଗ୍ରାମର ପବିତ୍ର କାଣ୍ଡକିଙ୍କ ପତ୍ନୀ ଗୋରୀ କାଣ୍ଡକିଙ୍କ ପ୍ରସବ



ଯନ୍ତ୍ରଣା ଯୋଗୁଁ ଆମ୍ବୁଲାନ୍ସକୁ ଫୋନ୍ କରାଯାଇଥିଲା । ଆମ୍ବୁଲାନ୍ସ ଆସିଲା କିନ୍ତୁ ରାସ୍ତା ଶୋଚନୀୟ ଥିବାରୁ ଗାଁ ପର୍ଯ୍ୟନ୍ତ ପହଞ୍ଚି ପାରିଲା ନାହିଁ। ତେଣୁ ଗ୍ରାମବାସୀ ବାଧ୍ୟ ହୋଇ ଅଧ କିଲୋମିଟର ଦୁର କାଦୁଅ ପଚପଚ ରାସ୍ତାରେ ଗର୍ଭବତୀ ମହିଳାଙ୍କୁ ଭଲ ରାସ୍ତା ପର୍ଯ୍ୟନ୍ତ ଚଲେଇ ଚଲେଇ ନେବାକୁ ପଡ଼ିଥିଲା। ବୈପାରିଗୁଡା ମେଡ଼ିକାଲରେ ପହଞ୍ଚିବା ପରେ ଏକ ଶିଶୁ ପୁତ୍ରକୁ ଜନ୍ମ ଦେଇଥିଲେ ଗୋରୀ କାଣ୍ଡକି। ବୈପାରୀଗୁଡା ଠାରେ ମାଁ ଗୃହ ଅଛି । ଏଠାରେ ଗର୍ଭବତୀ ମହିଳାଙ୍କ ପ୍ରସବ ପର୍ଯ୍ୟନ୍ତ ଡ଼ାକ୍ତରଙ୍କ ପରାମର୍ଶ କ୍ରମେ ନିୟମିତ ଔଷଧ ଖାଇବା ସହ ତାଙ୍କ ଖାଇବା ପିଇବା ଏବଂ ସ୍ୱାସ୍ଥ୍ୟର ସମସ୍ତ ଯତ୍ନ ନିଆଯିବାର ବ୍ୟବସ୍ଥା ରହିଛି। କିନ୍ତୁ ସ୍ୱାସ୍ଥ୍ୟ ବିଭାଗର ବ୍ୟତିକ୍ରମ ଦେଖାଦେଇଛି ।

## ମାଉସୀ ମା’ ମନ୍ଦିରର ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ

**ଯାଜପୁର ରୋଡ଼,୧୭(ସଂଚାର ବ୍ୟୁରୋ):** କୋରେଇ ବ୍ଲକ ଅନ୍ତର୍ଗତ ଜହ୍ନା ଗ୍ରାମରେ ବଳଦେବଜୀଉ ମନ୍ଦିରରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏବେ ମାଉସୀ'ମା' ମନ୍ଦିରରେ ଆଡ଼ପ ମଣ୍ଡପରେ



ମହାପ୍ରଭୁଙ୍କୁ ଶ୍ରଦ୍ଧାଳୁମାନେ ଦର୍ଶନ କରୁଛନ୍ତି। ତେବେ ଦୈନନ୍ଦିନ ମହାପ୍ରଭୁଙ୍କ ବଡ଼ ସିଂହାର ବେଶ ହେବା ସହ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ଭଜନ ସନ୍ଧ୍ୟା, ନୃତ୍ୟ ପ୍ରତିଯୋଗିତା, ସଂକୀର୍ତନ ହେବା ସହ ଆନନ୍ଦ ବଜାରରେ ଭକ୍ତ ମାନଙ୍କ ଲାଗି ମହାପ୍ରସାଦ ସେବନ ବ୍ୟବସ୍ଥା ଟ୍ରଷ୍ଟ ପକ୍ଷରୁ ହେଉଛି । ଆଜି ପବିତ୍ର ହେରା ପଂଚମୀ ଅବସରରେ 'ମା'ଲକ୍ଷ୍ମୀଙ୍କୁ ସାଙ୍ଗରେ ଆଣିନଥିବାରୁ ସେ ଅଭିମାନରେ ଦଳ ବଳେ ଆସି ରଥ ଭାଙ୍ଗିବାର ପରମ୍ପରା ଜଗନ୍ନାଥ ସଂସ୍କୃତିରେ ରହିଛି ଓ ଏହା ପରେ ଗୁଣ୍ଡିଚା 'ମା'ଶ୍ରଦ୍ଧାରେ ମହାପ୍ରଭୁଙ୍କୁ ପୋଡ଼ ପିଠା ଭୋଗ ଲାଗି କରିବେ। ଏହା ପରେ ରଥ ଦକ୍ଷିଣ ମୋଡ଼, ନବମୀ ସନ୍ଧ୍ୟା ଦର୍ଶନ ଓ ପରଦିନ ଅର୍ଥାତ ଶନିବାର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବ ବୋଲି ଟ୍ରଷ୍ଟ ବୋର୍ଡ ତରଫରୁ ସୂଚନା ମିଳିଛି । ବଳଦେବଜୀଉ ଟ୍ରଷ୍ଟ ବୋର୍ଡର ପ୍ରଧାନ ଟ୍ରଷ୍ଟି ଶ୍ରୀ ଅଭିଳାଷ ବୋଇତାଇ, ଚିନ୍ତାମଣି ପାଢ଼ୀ, ବିଶ୍ୱଜିତ ନାୟକ, ଚନ୍ଦ୍ରମଣି ବେହେରା, ପ୍ରୀତିରଞ୍ଜନ ସାହୁ, ବିକ୍ରମ ବିଶ୍ୱାଳ, ସଦାନନ୍ଦ ବେହେରା, ଅତନୁ ବିଶ୍ୱାଳ,ରାଜୀବ ରାଉତ, ସନାତନ ଦାଶ, ଭବାନୀ ଶଙ୍କର ପାଢ଼ୀ, ନିରଞ୍ଜନ ନାୟକ, କାମଦେବ ଦାଶ, ବିଦ୍ୟାଧର ସାହୁ, ସଞ୍ଜୟ କୁମାର ସାହୁ, ସନ୍ତୋଷ ନାୟକ ତତ୍ ସହିତ ବଳଦେବଜୀଉ ସେବା ସଂଘ ଏବଂ ଶ୍ରୀଜଗନ୍ନାଥ ସେନାର ପିଲାମାନେ ପ୍ରମୁଖ ସହଯୋଗ କରୁଛନ୍ତି ।

## ଦେଶୀମଦ ଜବତ, ୨ହଜାର ପୋଚ ନଷ୍ଟକଲା ଅବକାରୀ ବିଭାଗ: ୪ ଗିରଫ




**ନୀଳଗିରି,୧୭(ସଂଚାର ବ୍ୟୁରୋ):** ନୀଳଗିରି ଅବକାରୀ ବିଭାଗ ଏବଂ ବାଲେଶ୍ୱର ଭ୍ରାମ୍ୟମାଣ ଅବକାରୀ ବିଭାଗ ଆନୁକୂଲ୍ୟରେ ନୀଳଗିରିର ବିଭିନ୍ନ ସ୍ଥାନରେ ଚଢାଉକରି ୪୪ଲିଟର ଦେଶୀମଦ ଜବତ କରିବା ସହିତ ୨ହଜାର ଲିଟର ପୋଚ ନଷ୍ଟକରିଛି। ସଜନାଗଡ ପଞ୍ଚାୟତ ବାଣ୍ଡିଆପଡା ଗ୍ରାମର ମଙ୍ଗୁଳି ସିଂ(୪୫)ଙ୍କ ଠାରୁ ୪୦ଲିଟର ଦେଶୀମଦ ଜବତ କରିଥିବା ବେଳେ ଅଯୋଧ୍ୟା ଅଞ୍ଚଳର ରାଜେନ୍ଦ୍ର ସିଂ (୩୫) ଙ୍କ ଠାରୁ ୨୫ଲିଟର, ଚାପଲସାହି ଗ୍ରାମର ସୁଭଦ୍ରା ଟୁଡୁ(୩୫) ଙ୍କ ଠାରୁ ୨୩ଲିଟର ଏବଂ ଝରଣାଘାଟି ଅଞ୍ଚଳର ଖୁପ ମାରାଣ୍ଡି (୪୨) ଙ୍କ ଠାରୁ ୧୬୦ଲିଟର ଦେଶୀମଦ ଜବତ କରିବା ସହିତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅନୁରୂପ ଭାବେ ବାଣ୍ଡିଆପଡ଼ା ଅଞ୍ଚଳରୁ ୨ଶହ ଲିଟର ଦେଶୀମଦ ଜବତ କରିଥିବା ମିଳିତ ଟିମ୍ ୨ହଜାର ପୋଚ ନଷ୍ଟ କରିଦେଇଥିବା ବେଳେ ଏହାର କୌଣସି ଦାବୀଦାର ନଥିବା ସୂଚନା ମିଳିଛି। ଏହି ଚଢ଼ାଉରେ ନୀଳଗିରି ରେଞ୍ଜ ଅବକାରୀବିଭାଗର ଇନ୍ସପେକ୍ଟର କେଶବଚନ୍ଦ୍ର ଦାସ, ବାଲେଶ୍ୱର ଭ୍ରାମ୍ୟମାଣ ଇନ୍ସପେକ୍ଟର ହରିହର ସିଂ, ନୀଳଗିରି ଅବକାରୀ ଓଆଇସି ଜଗନ୍ନାଥ ବେହେରା, ଭ୍ରାମ୍ୟମାଣ ସବ୍ ଇନ୍ସପେକ୍ଟର ଭବେଶ ଦାସ ଏବଂ ଅନ୍ୟକର୍ମଚାରୀ ସାମିଲଥିଲେ।

### ଗ୍ରାମରେ ବନ୍ୟା ଜଳ ନିଷ୍କାସନରେ ଘୋର ସମସ୍ୟା

## ଚେକଡ୍ୟାମ୍ ସହି ଡ୍ରେନ ନିର୍ମାଣ ଦାବୀ

**ନୀଳଗିରି,୧୭(ସଂଚାର ବ୍ୟୁରୋ):** ଗ୍ରାମରେ ବନ୍ୟାଜଳ ନିଷ୍କାସନରେ ସମସ୍ୟା ହେଉଥିବା ବେଳେ କିଛି ମୁଷ୍ଟିମେୟ ବ୍ୟକ୍ତି ଜଳନିଷ୍କାସନ ଜାଗାରେ ଗୃହନିର୍ମାଣ କରିବା ପରେ ବର୍ଷାଜଳ ନିଷ୍କାସନରେ ବାଧା ଉପୁଜିଛି। ଏଭଳି ଏକ ସମ୍ବେଦନଶିଳ ଘଟଣାର ଚିତ୍ର ଦେଖିବାକୁ ମିଳିଛି ନୀଳଗିରି



ନିର୍ବାଚନ ମଣ୍ଡଳୀ ଔପଦା ବ୍ଲକ ଦକ୍ଷିଣନରସିଂହପୁର ଗ୍ରାମରେ। ପୂର୍ବପୁରୁଷରୁ ବର୍ଷାଜଳ ଠିକ ଭାବେ ନିଷ୍କାସନ ହେଉଥିଲା। ଗ୍ରାମଦେଇ ବହି ଯାଉଥିବା କଲରା ନଈଟି ଦେବଗିରି ପାହାଡ଼ ପାଦଦେଶରୁ ବାହାରି ମିରିଗିଣି ଛୁଆଖସା ପୋଲଦେଇ ବରିସାହି ଓ ଗାଙ୍ଗପୁରା ମୌଜା ହୋଇ ଯାଇଥିବା ବେଳେ ପୁଣି ଏହାର ଏକଶାଖା ସାପୁଆ ନଈ ଭାବେ ଦକ୍ଷିଣକୁ ପ୍ରତାପପଡା ମୌଜା ଦେଇ ବହି ଯାଇଥିବାବେଳେ ଏହାର ଉତ୍ତରକୁ ଗାଙ୍ଗପୁରା ମୌଜାରେ ମିଶିଛି କ୍ଷ ପୂର୍ବକୁ ଦକ୍ଷିଣନରସିଂହପୁର ଦେଇ ଯାଇଥିବା ବେଳେ ଉକ୍ତ ମୌଜାର ପାଣି ଦୁଇଭାଗରେ ବିଭକ୍ତ ହୋଇ ଚାଷ ଜମିରେ ସୁଚାରୁରୂପେ ପାଣିମାଡି ଚାଷ କାର୍ଯ୍ୟ ହେଉଥିଲା। କିଛିବର୍ଷ ଆଗରୁ ଅର୍ଥାତ ୨୦୧୭ ମସିହା ପୂର୍ବରୁ ସବୁ ଠିକଠାକ ଥିଲା।କିଛି ବର୍ଷାଜଳ ଯାଉଥିବା ଦକ୍ଷିଣନରସିଂହପୁର ଗ୍ରାମର ଜୈନିକ ୬ଜଣ ଜମିମାଲିକ ମାନେ ଉକ୍ତ ଜମିଉପରେ ଘରନିର୍ମାଣ କରିବା ଫଳରେ ବର୍ଷାଜଳ ନିଷ୍କାସନ ହେବାରେ ବାଧାପ୍ରାପ୍ତ ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ଅନ୍ୟ ପକ୍ଷେ ଗ୍ରାମର ରାଜେନ୍ଦ୍ର ସିଂ, ଦୟାନିଧି ଦଳେଇ, ଗୌରାଙ୍ଗ ଦଳେଇ, ପୁରୁଷୋତ୍ତମ ଦଳେଇ, ଦିବାକର ପରିଡ଼ା, ରବୀନ୍ଦ୍ର ପରିଡ଼ା, ଜିତେନ୍ଦ୍ର ପରିଡ଼ା ପ୍ରମୁଖ ୧୦ରୁ ଉର୍ଦ୍ଧ ଚାଷୀଙ୍କ ବ୍ୟକ୍ତିଗତ ଜାଗା ଉପରେ ୨ମିଟର ଓସାର ଏବଂ ୭ ଫୁଟ ଗଭୀର ଜାଗା ଦେଇ ଜଳ ନିଷ୍କାସନ ହେଉଥିବା ବେଳେ ଅତ୍ୟଧିକ ବନ୍ୟାଜଳ ମାଡିବାଫଳରେ ଗ୍ରାମର ୩୦ରୁ ଉର୍ଦ୍ଧ ଚାଷୀ କ୍ଷତିଗ୍ରସ୍ତ ହେଉଥିବା ଅଭିଯୋଗ ହୋଇଛି।

## ଟ୍ରେନରେ କଟି ଯୁବକଙ୍କ ମୃତ

**କଳିଙ୍ଗନଗର,୧୭(ସଂଚାର ବ୍ୟୁରୋ):** ଆଜି ମଧ୍ୟାହ୍ନ ସମୟରେ ଇଷ୍ଟକୋଷ୍ଟ ରେଲୱେ ବିଭାଗ ର ଯଖପୁରା ବାଂଶପାଳ ରେଳ ଲାଇନ ରେ ଜଣେ ଯୁବକ ଟ୍ରେନ ରେ କଟି ମୃତ୍ୟୁ ହୋଇଥିବା ଜଣା ପଡିଛି, ଖବର ମୁତାବକ ସୁକିନ୍ଦା ରୋଡ଼ ରେଳ ଷ୍ଟେସନ ର ମାନପୁର ଗାଁ ପାଖରେ ଥିବା ଅପ ଲାଇନ ରେ ଟ୍ରେନ ରେ ମଧ୍ୟାହ୍ନ ସମୟରେ ଜଣେ ଯୁବକ କଟି ଯାଇଥିବା ଜଣା ପଡିଥିଲା, ଯୁବକ ଜଣଙ୍କ ଘର କୁଆଖିଆ ଥାନା ଅନ୍ତର୍ଗତ ନିୟୁ ମିର୍ଜା ପୁର ହୋଇଥିବା ବେଳେ ସେ ଗାଁ ର ଦଶରଥ ସାହୁ ଙ୍କ ପୁଅ ଆଲୋକ କୁମାର ସାହୁ (୩୨) ବୋଲି ଜଣା ପଡିଛି, ଯୁବକ ଜଣଙ୍କ ମାନପୁର ଛକ ସ୍ଥିତ ବ୍ରାହ୍ମଣ ସାହି ରେ ଘର ଭଡା ନେଇ ରହୁଥିବା ବେଳେ ଶିଳ୍ପାଞ୍ଚଳ ର ଏକ କାରଖାନା ରେ କାମ କରୁଥିବା ଜଣା ପଡିଛି, ରେଲୱେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହ କୁ ଉଦ୍ଧାର କରି ବ୍ୟବଛେଦ କରିବା ପାଇଁ ଦାନଗଦି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତୀ କରିଛନ୍ତି।

## ୪୫୦ ଲିଟର ମହୁଲି ଓ ଗାଡ଼ି ଜବତ ଅଭିଯୁକ୍ତ ଗିରଫ

**ଯାଜପୁର ରୋଡ଼,୧୭(ସଂଚାର ବ୍ୟୁରୋ):** ଜିଲ୍ଲା ଅବକାରୀ ଅଧିକ୍ଷକ ଶ୍ରୀ ଦିବ୍ୟକିଶୋର ଟଣ୍ଡେଲ'ଙ୍କ ନିର୍ଦ୍ଦେଶକ୍ରମେ ସଦର ଅବକାରୀ ରେଞ୍ଜ ଅଧିକାରୀ କାଳନ୍ଦୀ ବେହେରା'ଙ୍କ ନେତୃତ୍ୟରେ ସଦର ରେଞ୍ଜ ଅବକାରୀ ଟିମ ସଦଳବଳେ ଚଢ଼ାଉ କରି କୋରେଇ ସିମା ଅଂଚଳର ଯୋକଡ଼ିଆ ନିକଟରୁ ୪୫୦ ଲିଟର ଦେଶୀ ମଦ ସହ ଅଭିଯୁକ୍ତକୁ ଗିରଫ କରିଛି। ଆନନ୍ଦପୁର ବରାଙ୍ଗ ଅଂଚଳର ଦୀନେଶ ସାହା'ଙ୍କ ସମେତ ଏକ କାର ଯାହାର ନମ୍ବର ଓ.ଆର.୦୫.ୱାଇ.୩୬୫୫ ଗାଡିକୁ ଧରିବାରେ ସଫଳ ହୋଇଛି। ଅଭିଯୁକ୍ତକୁ କେଶ ନମ୍ବର ୩୪/୨୫ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ନେଇ ଅବକାରୀ ଅଧିକାରୀ କାଳନ୍ଦୀ ବେହେରା ସୂଚନା ଦେଇଥିଲେ। ଏହି ଚଢ଼ାଉରେ ସଂଗ୍ରାମ କେଶରୀ କୁଅଁର, ସୁଚିତ୍ରା ନାୟକ ପ୍ରମୁଖ ସାମିଲ ହୋଇଥିଲେ।

# ଆମିଷ ବଜାର ଉପରେ ନିୟନ୍ତ୍ରଣ ରହୁନି: ମାଂସର ମାନ ପରୀକ୍ଷଣ ଦାବି

**କଳାହାଣ୍ଡି,୧୭(ସଂଚାର ବ୍ୟୁରୋ):** ଧର୍ମଗଡ ସହରରେ ଥିବା ଆମିଷ ବଜାରରେ ପ୍ରଶାସନର ନିୟନ୍ତ୍ରଣ ନାହିଁ । ଯିଏ ଯେଉଁଠି ପାରିଲା ଛେଳି, ଚିକେନ୍ ଓ ମାଛ କାଟି ବିକ୍ରି କରୁଛି। ଏହି ମାଂସ ମଣିଷ ପାଇଁ କେତେ ଉପଯୁକ୍ତ ତାହାର ମାନ ନିର୍ଦ୍ଧାରଣ ମଧ୍ୟ ହେଉନାହିଁ । ସହରରେ ରୁଗ୍ଣ ଛେଳି, ମେଣ୍ଢା ଆଣି ମାଂସ କାଟି ବିକ୍ରି କରୁଥିବା ଅଭିଯୋଗ ହେଉଛି। ସୂଚନା ମୁତାବକ, ଧର୍ମଗଡ ଏନଏଏସିରେ ସ୍ୱତନ୍ତ୍ର ଆମିଷ ବଜାର ନାହିଁ ।ସହର ଠାରୁ ଅଳ୍ପ ଦୂର ଗୋଡ଼ଭଞ୍ଜା, ଗୋଲେଇ ଛକ, ଆରଡି ଛକ,ପଂଚାୟତ କଲେଜ ଛକ, କାସିବାହାଲ ସହ ବିଭିନ୍ନ ଛକ ମାନଙ୍କରେ ମାଂସ ଦୋକାନ ରହିବା ସହ ଧର୍ମଗଡ ଖେଳ ପଡିଆ ନିକଟରେ ରାସ୍ତାରେ ଥିବା ମାଛ ମାର୍କେଟରେ ସ୍ୱଚ୍ଛ ଦୋକାନ ଗୃହ ରହିଥିବାରୁ ସେଠାରେ ହାତଗଣତି କେତେକ ଦୋକାନୀ ମାଛ ବିକ୍ରି କରୁଛନ୍ତି। ସହରର ଶିକ୍ଷାନୁଷ୍ଠାନ, ଧର୍ମାନୁଷ୍ଠାନ, ଜନଗହଳିପୂର୍ଣ୍ଣ ରାସ୍ତାକଡ଼ରେ ଛେଳି, କୁକୁଡ଼ା କଟାଯାଉଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ସହରରେ ବିକ୍ରି ହେଉଥିବା ମାଂସର ଯାଞ୍ଚ ବର୍ଷ ବର୍ଷ ଧରି ହେଉନାହିଁ । ବଜାରରେ ବିକ୍ରି



ହେଉଥିବା ଆମିଷର ମାନ ନିର୍ଣ୍ଣୟ ଗୁରୁତ୍ୱପୂର୍ଣ୍ଣ ହୋଇ ଥିବାବେଳେ ଏଥିପ୍ରତି ବିଭାଗୀୟ ଅଧିକାରୀମାନେ ଅବହେଳା କରିଆସୁଥିବା ଅଭିଯୋଗ ହୋଇଆସୁଛି । ଏହି ଅବହେଳା ପାଇଁ ମାରାତ୍ମକ ଭୂତାଣୁଜନିତ ସଂକ୍ରମଣ ହେବାର ଆଶଙ୍କା ରହିଛି।ଧର୍ମଗଡ ଅଞ୍ଚଳର ଜଣେ ପ୍ରାଣୀ ଚିକିତ୍ସିକ କହିଛନ୍ତି ଯେ, ମଣିଷ ଭଳି ଛେଳି ମେଣ୍ଢାଙ୍କୁ ମଧ୍ୟ ବିଭିନ୍ନ ରୋଗ ହଉଛି। କ୍ୟାନ୍ସର ଠାରୁ ଆରମ୍ଭକରି ଯକ୍ଷ୍ମା ପର୍ଯ୍ୟନ୍ତ ରୋଗ ଏହି ଗୃହପାଳିତ ପଶୁଙ୍କ ଶରୀରରେ ବିଭିନ୍ନ ସମୟରେ ଦେଖାଯାଇଛି। କିନ୍ତୁ ସେହି ମାଂସକୁ ବଜାରରେ ବିକ୍ରି କରି ଦିଆଯାଉଛି। ସେହି ମାଂସ ଖାଇ ମଣିଷ ଅସୁସ୍ଥ ହେଉଛନ୍ତି। ଫଳରେ ଏଭଳି ମାଂସ ଖାଇବା ଦ୍ୱାରା ମଣିଷର ଝାଡ଼ାବାନ୍ତି ହେବାର ସମ୍ଭାବନା ମଧ୍ୟ ଅଧିକ ରହିଥିବା ସେ କହିଛନ୍ତି । ଅନ୍ୟପକ୍ଷରେ ସହରର ମଟନ୍ ଦୋକାନରେ ଖାସି ମାଂସ କହି ରୁଗୁଣ ଛେଳି ମାଂସ ଧରାଇ ଦିଆ ଯାଉଥିବା ଅଭିଯୋଗ ହେଉଛି। ଏହି ଦୋକାନୀ ମାନଙ୍କ ଉପରେ କାହାରି ଲଗାମ ମଧ୍ୟ ରହୁ ନାହିଁ । ଏନଏଏସି, ପଂଚାୟତ ସମିତି କର୍ତ୍ତୃପକ୍ଷ ଓ ପଶୁ ସମ୍ପଦ ବିଭାଗ ମିଳିତ ଭାବ ଏହି ଦୋକାନରେ ଚଢ଼ଉ କରି ମାଂସର ମାନ ଯାଞ୍ଚ କରିବାର ନିୟମ ରହିଥିଲେ ଉପରୋକ୍ତ ବିଭାଗ ପକ୍ଷରୁ ଅବହେଳା କରାଯାଉଥିବା ଅଭିଯୋଗ ହୋଇଆସୁଛି । ଫଳରେ ଲୋକେ ଖାଉଥିବା ମଟନ୍, ଚିକେନ ର ମାନ କଣ ରହିଛି ତାହା ଜଣାପଡୁନାହିଁ । ଏ ସମ୍ପର୍କରେ ଧର୍ମଗଡ ଏନଏଏସି ନିର୍ବାହୀ ଅଧିକାରୀ ଙ୍କୁ ଫୋନରେ ଯୋଗଯୋଗ କରାଯାଇଥିବା ବେଳେ ସେ ଫୋନ ରିସିଭ କରିନଥିଲେ। ଆମିଷ ମାର୍କେଟର ସ୍ୱଚ୍ଛତା ପାଇଁ ପ୍ରତିଦିନ ବ୍ଲିଚିଂ ଓ ମଶାତେଲ ପକାଉନଥିବା ଅଭିଯୋଗ ହେଉଛି । ଧର୍ମଗଡ ରେ ଆମିଷ ବଜାର ପାଇଁ ସହରରେ ନିର୍ଦ୍ଦିଷ୍ଟ ସ୍ଥାନ କରାଯାଉ ବୋଲି ଦାବି କରିଥିବା ବେଳେ ସହରର ଆଖ ପାଖ ଅଞ୍ଚଳର ଆମିଷ ଦୋକାନରେ ମାଛ, ମାଂସର ଯାଞ୍ଚ କରାଯାଉ ବୋଲି ଧର୍ମଗଡ ଅଞ୍ଚଳ ବାସୀ ଦାବି କରିଛନ୍ତି।

## ଭେଷଜ ମହାବିଦ୍ୟାଳୟ ସ୍ଥାପନ ପାଇଁ ବରିଷ୍ଠ ନାଗରିକ ସଂଗଠନର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ସୁବର୍ଣ୍ଣପୁର,୧୭(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ସଦର ମହକୁମା ଠାରେ ଏକ ଭେଷଜ ମହାବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ମଙ୍ଗଳବାର ଦିନ ବରିଷ୍ଠ ନାଗରିକ ସଂଗଠନ, ବୀରମହାରାଜପୁର ତରଫରୁ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠାନ ର ସଭାପତି ଡକ୍ଟର ପ୍ରଫୁଲ୍ଲ କୁମାର ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କରା ଯାଇଥିଲା । ଏ ସଂକ୍ରାନ୍ତରେ ପ୍ରସ୍ତାବ ଗ୍ରହଣ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡିଶା ଏବଂ ମାନ୍ୟବର ସ୍ୱାସ୍ଥ୍ୟ ମନ୍ତ୍ରୀ,ଓଡିଶା ସରକାରଙ୍କୁ ଅନୁରୋଧ କରି ପ୍ରସ୍ତାବ ଗୃହୀତ କରା ଯାଇଅଛି। ତତ୍ ସଙ୍ଗେ ସଙ୍ଗେ ସୋନପୁର ଏବଂ ବୀରମହାରାଜପୁର ମହାବିଦ୍ୟାଳୟ କୁ ସରକାରୀ ମାନ୍ୟତା ପ୍ରଦାନ ପାଇଁ ମଧ୍ୟ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ମାନ୍ୟବର ଉଚ୍ଚ ଶିକ୍ଷା ମନ୍ତ୍ରୀ ଙ୍କୁ ମଧ୍ୟ ଅନୁରୋଧ କରାଯାଇଛି। ଉକ୍ତ ବୈଠକରେ ସଂପାଦକ ସନ୍ତୋଷ ଷଡ଼ଙ୍ଗୀ ସ୍ୱାଗତ କରିଥିବା ବେଳେ ଉପ ସଭାପତି ସୌମିତ୍ରୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଡକ୍ଟର ଦ୍ୱିତୀକୃଷ୍ଣ ପଣ୍ଡା ସଭା ସଂଯୋଜନା କରିଥିଲେ। ବୈଠକରେ ଗୋପୀନାଥ ମହାକୁର, ବାସୁଦେବ ପଣ୍ଡା, ଭୂଷଣ କୁମାର ପାତ୍ର, ବଳରାମ କାଣ୍ଡ,ଗୋଲକ ବିହାରୀ ଦେହୁରୀ, ଭଗବାନ ମିଶ୍ର, ନାରାୟଣ ପ୍ରସାଦ ନାୟକ, ଭୀମସେନ ବାରିକ,ଅକ୍ରୂର ଦନ୍ତା,ସୁରୁ ସାହୁ, ଚମରା ମହାକୁର ପ୍ରମୁଖ ଉପସ୍ଥିତ ଥିଲେ।





# ସିନେମା

## ହାଲ୍‌ଚାଲ୍



● ‘ଶେଷ ରାତି’, ‘ଗୁଡୁ ଗ୍ୟାଙ୍ଗ୍‌ଷ୍ଟର୍’, ‘ଚନ୍ଦ୍ରବଂଶୀ’ ଓ ‘ଦୁର୍ଗା’ ଭଳି ଫିଲ୍ମର ପ୍ରଯୋଜନା କରିଥିବା ପ୍ରଯୋଜକ ପ୍ରୀତମ୍ ସାହୁଙ୍କ ନୂଆ ଛବି ‘କଟକ ଶେଷରୁ ଆରମ୍ଭ ୨’ର ସ୍ୱରସଂଯୋଜନା କାମ ଚାଲିଛି। ଅସଦ୍ ନିଜାମ୍ ଏଥିରେ ସଂଗୀତ ନିର୍ଦ୍ଦେଶନା ଦେଉଛନ୍ତି। ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶକ ହେଲେ ସୁଧାଂଶୁମୋହନ ସାହୁ। ଦିଲୀପ ଚୌଧୁରୀ ସିନେମାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି।

● ‘ଲଭ୍ ପ୍ରମିଜ୍’ ଓ ‘ତୁ ମୋ କମ୍‌ଜୋରୀ’ ଭଳି ମୁକ୍ତିପ୍ରାପ୍ତ ଏବଂ ‘ମୁରଲୀ’ ଓ ‘ଲାଡ୍ଡୋ’ ପରି ନିର୍ମାଣାଧୀନ



ଓଡ଼ିଆ ଛବିର ନିର୍ଦ୍ଦେଶକ ସନ୍ତୋଷ ବିଶ୍ୱାଳ ଏକ ଟେଲି ସିନେମା ନିର୍ମାଣ କରିଛନ୍ତି। ଏହାର ଶୀର୍ଷକ ରହିଛି ‘ମୋ ଭାଇ ଜଗା’। ଶୁଭ୍ରାଂଶୁଶେଖର ପଣ୍ଡା ସଂଳାପ ରଚନା କରିଥିବା ବେଳେ ଏଥିରେ ବିକ୍ରମ, ଅସୀମା, ଶୁଭଶ୍ରୀ ଓ ବାଦଲ ମହାନ୍ତି ପ୍ରମୁଖ ମୁଖ୍ୟ ଭୂମିକାରେ ଅଛନ୍ତି।

● ତରଙ୍ଗ ପ୍ଲସ୍‌ରେ ଏକ ନୂଆ ସର୍ଟଫିଲ୍ମ ‘ସ୍ମୋକ୍’ର




ଷ୍ଟ୍ରିମିଂ ଆରମ୍ଭ ହୋଇଛି। ଅନୀଲ ବାରିକ ଏହାର ଲେଖକ ଓ ନିର୍ଦ୍ଦେଶକ। ଏଥିରେ ନବାଗତ ଅନିକେତ, ପୃଥକ୍, କ୍ରୀଷ୍ଟିକା ଓ ପ୍ରଣବପ୍ରସନ୍ନ ରଥ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଆଙ୍ଗ୍ ଗ୍ରାନି ପ୍ରଡକ୍‌ସନ୍ ବ୍ୟାନର୍‌ରେ ନିର୍ମିତ ଏହି କ୍ଷୁଦ୍ର ଚଳଚ୍ଚିତ୍ରର ସିନେମାଟୋଗ୍ରାଫର୍ ହେଲେ ମୌସମ୍ ସାହୁ।

## କାଜୋଲ୍‌ଙ୍କ ଭୂତ ଭୟ

ବଲିଉଡ୍ ଅଭିନେତ୍ରୀ କାଜୋଲ୍‌ଙ୍କ ନୂଆ ସିନେମା ‘ମା’ ସଂପ୍ରତି ରିଲିଜ୍ ହୋଇଛି। ତେବେ ଏହି ଫିଲ୍ମର ସୁଟିଂ ସମୟର ଏକ ଅନୁଭୂତି ବଖାଣି ବିବାଦରେ ଫସି ଯାଇଛନ୍ତି କାଜୋଲ୍। ଘଟଣାଟି ଏମିତି- ବିଶାଲ୍ ଫୁରିଆଙ୍କ ନିର୍ଦ୍ଦେଶିତ ‘ମା’ର ସୁଟିଂ ପାଇଁ ସେ ବେଶ୍ କିଛି ଦିନ ହାଇଦ୍ରାବାଦର ରାମୋଜୀ ଫିଲ୍ମ ସିଟିରେ ଅବସ୍ଥାନ କରିଥିଲେ। ସୁଟିଂ ସମୟର ଅନୁଭୂତି କିପରି ଥିଲା ବୋଲି ତାଙ୍କୁ ଯେତେବେଳେ ପଚରାଗଲା, ସେ କହୁ କହୁ କହିଦେଲେ କି, ସେଠି ତାଙ୍କୁ ବହୁତ ଡର ଲାଗୁଥିଲା ଓ ରାତିରେ ନିଦ ହେଉ ନଥିଲା। କେବଳ ସେତିକି ନୁହେଁ, ଏକଥା ବି କହିଦେଲେ ଯେ ରାମୋଜୀ ଫିଲ୍ମ ସିଟି ହେଉଛି ପୃଥିବୀରେ ଭୂତ ଭୟ ଥିବା ସ୍ଥାନ ମଧ୍ୟରୁ ଗୋଟିଏ। ଏହାପରେ ତାଙ୍କ ମନ୍ତବ୍ୟକୁ ନେଇ ତେଲୁଗୁ ଫିଲ୍ମ ଇଣ୍ଡଷ୍ଟ୍ରିର ସଦସ୍ୟ ଓ ହାଇଦ୍ରାବାଦବାସିନ୍ଦା ତୀବ୍ର ପ୍ରତିକ୍ରିୟା ପ୍ରକାଶକଲେ। କାରଣ ରାମୋଜୀ ଫିଲ୍ମ ସିଟି ଦେଶର ଏକ ପ୍ରସିଦ୍ଧ ଫିଲ୍ମ ନିର୍ମାଣସ୍ଥଳୀ ଏବଂ ଏକ ଲୋକପ୍ରିୟ ପର୍ଯ୍ୟଟନ କେନ୍ଦ୍ର ମଧ୍ୟ। କାଜୋଲ୍ ନିଜ ଭୁଲ୍ ବୁଝିପାରିଲେ। ସେ ଏଭଳି ମନ୍ତବ୍ୟ ଦେବା ଉଚିତ ହୋଇନାହିଁ ବୋଲି ହୃଦୟଙ୍ଗମ କରି ସୋସିଆଲ୍ ମିଡିଆ ‘ଏକ୍ସ’ରେ ନିଜର ମନ୍ତବ୍ୟ ପାଇଁ ଦୁଃଖ ପ୍ରକାଶ କରିବା ସହ ରାମୋଜୀ ଫିଲ୍ମ ସିଟି ଏକ ଆକର୍ଷଣୀୟ ଓ ସୁରକ୍ଷିତ ସ୍ଥାନ ବୋଲି ବକ୍ତବ୍ୟ ରଖିଛନ୍ତି। ଏଥିସହ ସପରିବାର ବୁଲିଯିବା ପାଇଁ ଏହା ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ବୋଲି ଅଭିହିତ କରିଛନ୍ତି।

କାଜୋଲ୍‌ଙ୍କ ଅଭିନୀତ ‘ମା’ ଏକ ଭୌତିକ କାହାଣୀ ଉପରେ ଆଧାରିତ। ନିଜ ଝିଅ ଉପରେ ଏକ ଦୁଷ୍ଟଶକ୍ତିର କୋପର ମୁକାବିଲା ଲାଗି ଜଣେ ମା’ କିପରି ମାଆ କାଳୀଙ୍କ ରୂପ ଧାରଣ କରିଛି, ତାହା ଏଥିରେ ପ୍ରଦର୍ଶିତ ହୋଇଛି। ଏଥିରେ କାଜୋଲ୍‌ଙ୍କ ସହ ରୋନିତ୍ ରଏ ଓ ଇନ୍ଦ୍ରନୀଲ୍ ସେନ୍‌ଗୁପ୍ତା ମୁଖ୍ୟ ଭୂମିକାରେ ଅଛନ୍ତି।



## ଅନୁପମଙ୍କ ସିନେମାରେ ଭୂମିକା



ଓଲିଉଡ୍‌ର ଆଗଧାଡ଼ିର ନାୟିକା ଭୂମିକା ଦାଶ ଇଣ୍ଡଷ୍ଟ୍ରିର ଜଣେ ସଫଳ ତଥା ପ୍ରତିଭାବାନ୍ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କ ନୂଆ ସିନେମାରେ ଅଭିନୟ କରୁଛନ୍ତି। ଦଶହରାକୁ ଆଖିରେ ରଖି ଅନୁପମ ପଟ୍ଟନାୟକ ଓ ବର୍ଷା ପଟ୍ଟନାୟକଙ୍କ ପ୍ରଯୋଜିତ ଛବି ‘ହାସ୍‌ଟ୍ୟାଗ୍ ଏମ୍‌ଏମ୍’ରେ ନାୟିକା ହୋଇଛନ୍ତି ଭୂମିକା। ଆଗରୁ ‘ପ୍ରତୀକ୍ଷା’, ‘ତ୍ରିକନ୍ୟା’ ଓ ‘କର୍ମ’ ଭଳି ଭିନ୍ନ ସ୍ୱାଦର ସିନେମା ନିର୍ଦ୍ଦେଶନା ଦେଇଥିବା ଅନୁପମ ଏଥର ପୁଣି ଏକ ଭିନ୍ନ ରୁଚିର କାହାଣୀ ନେଇ ଆସୁଛନ୍ତି। ଗତବର୍ଷ ଦଶହରାରେ ମୁକ୍ତିଲାଭ କରିଥିବା ବ୍ଲକ୍‌ବଷ୍ଟର୍ ମୁଭି ‘କର୍ମ’ରେ ନାୟିକା ସାଜି ସୂର୍ଯ୍ୟମୟୀ ଯେଉଁଭଳି ଧମାଲ୍ କରିଥିଲେ ଏଥର ଦଶହରାରେ ‘ହାସ୍‌ଟ୍ୟାଗ୍ ଏମ୍‌ଏମ୍’ ଜରିଆରେ ଭୂମିକା ଅନୁରୂପ କମାଲ୍ କରିବେ ବୋଲି ଆଶା କରାଯାଉଛି। ପ୍ରଣବପ୍ରସନ୍ନ ରଥ ଓ ନିଶାନ୍ତ ମଜିଠିଆ ଏହାର ସଂଳାପ ଦାୟିତ୍ୱରେ ଥିବା ବେଳେ ଅନୁରାଗ ପଟ୍ଟନାୟକ ସ୍ୱର ସଂଯୋଜନା କରିଛନ୍ତି। ଉଲ୍ଲେଖଯୋଗ୍ୟ, ତାପସ ସରଘରିଆଙ୍କ ନିର୍ଦ୍ଦେଶିତ ‘ତୁ ମୋ ଲଭ୍‌ଷ୍ଟୋରି’(୨୦୧୭) ଜରିଆରେ କ୍ୟାରିୟର୍ ଆରମ୍ଭ କରିଥିଲେ ଭୂମିକା। ପରେ ତାପସଙ୍କ ନିର୍ଦ୍ଦେଶନାରେ ସେ ‘ହିରୋ ନମ୍ବର ୱାନ୍’, ‘ତୁ ମୋ ଲଭ୍‌ଷ୍ଟୋରି ୨’, ‘ଟିକେ ଟିକେ ଅଚିହ୍ନା ତୁ’ ଆଦି ସିନେମାରେ ବି ଅଭିନୟ କରିଛନ୍ତି। ଏଥିସହ ଭୂମିକା ଅଶୋକ ପତିଙ୍କ ‘ଶ୍ରୀମାନ୍ ସୁରଦାସ’ ଓ ‘ମିଷ୍ଟର୍ ମଜ୍‌ନୁ’, ସୁଧାଂଶୁମୋହନ ସାହୁଙ୍କ ‘ଅପରେସନ୍ ୧୨/୧୭’, ରାଜେନ୍ଦ୍ର ମହାନ୍ତଙ୍କ ‘ଚକ୍ଷୁବନ୍ଧନ’ ଓ ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶିତ ‘ମନ ମୋ ନେଇଗଲୁରେ’ ଆଦି ଫିଲ୍ମରେ କାମ କରିଛନ୍ତି।



ଜଣେ ଆଇଏଏସ୍ ଅଧିକାରୀଙ୍କ ସଂଘର୍ଷମୟ ଜୀବନ କାହାଣୀ ଆଧାରିତ ସିନେମା ‘ଲକ୍ଷ୍ୟ’ ଏବେ ରିଲିଜ୍ ଲାଗି ସଜବାଜ ହେଉଛି। ଏହି ଛବିରେ କେନ୍ଦ୍ରୀୟ ଚରିତ୍ରରେ ଅଭିନୟ କରିଛନ୍ତି ରୁଦ୍ର। ‘ଲକ୍ଷ୍ୟ’ରେ ରୁଦ୍ରଙ୍କ ନାୟିକା ବନିଛନ୍ତି ତାଙ୍କର ବାସ୍ତବ ଜୀବନସାଥୀ ଜୀନା। ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ରଂଜନ କୁମାର ଦାସ ଫିଲ୍ମର କାହାଣୀ ରଚନା କରିଥିବା ବେଳେ ‘କୁହୁଡ଼ି’ ଓ ‘କର୍ମ’ ଫେମ୍ ମାନସ ପଢ଼ିଆରୀ ଏହାର ସଂଳାପକାର। ରାଜୀବ ମହାନ୍ତିଙ୍କ ନିର୍ଦ୍ଦେଶିତ ଏହି ଛବିରେ ଅନ୍ୟମାନଙ୍କ ଭିତରେ ପ୍ରତିଭା ପଣ୍ଡା ଓ ଡକ୍ଟର ରଜନୀରଂଜନଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ବିକାଶ ଶୁକ୍ଲା ‘ଲକ୍ଷ୍ୟ’ର ସଙ୍ଗୀତ ନିର୍ଦ୍ଦେଶକ। ସୂଚନାଯୋଗ୍ୟ, ନାରାୟଣ ଘଡ଼େଇଙ୍କ ନିର୍ଦ୍ଦେଶିତ ସିନେମା ‘ମନେ ରହିବ ଏ ପ୍ରେମକାହାଣୀ’ ଜରିଆରେ ଓଲିଉଡ୍‌ରେ ପଦାର୍ପଣ କରିଥିଲେ ନାୟକ ରୁଦ୍ର। ତା’ପରେ ୨୦୧୪ରେ

## ରୁଦ୍ରଙ୍କ ଲକ୍ଷ୍ୟ

‘ଗଳ୍ପ ନୁହେଁ ଅଳ୍ପ ଦିନର’ ଓ ୨୦୧୫ରେ ‘ଅପ୍‌ନା ହାତ୍ ଜଗନ୍ନାଥ’ରେ ବି ନଜର ଆସିଥିଲେ ରୁଦ୍ର। ୨୦୧୬ରେ ତାଙ୍କୁ ବିନି ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଓଡ଼ିଆ ଛବି ‘ଝିଅଟା ବିଗିଡ଼ିଗଲା’ରେ ଦେଖିବାକୁ ମିଳିଥିଲା। ତା’ପରେ ‘ପ୍ରେମୀ ଦିୱାନା’ରେ ବି ନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ରୁଦ୍ର। ଏହାଛଡ଼ା ସେ ରାଜୀବ ମହାନ୍ତିଙ୍କ ନିର୍ଦ୍ଦେଶିତ ‘ରଘୁ ସର୍ଦ୍ଦାର’ରେ ବି ଅଭିନୟ କରିଥିଲେ। ‘ଲକ୍ଷ୍ୟ’ରେ ନିଜର ଭୂମିକାକୁ ନେଇ ସେ କହନ୍ତି, ‘‘ଏଭଳି ଦମ୍‌ଦାର୍ ଭୂମିକା ମୋତେ ମିଳିବ ବୋଲି ମୋର ଆଶା ନଥିଲା। ଏହି ଚରିତ୍ରକୁ ଶତପ୍ରତିଶତ ନ୍ୟାୟ ଦେବା ଲାଗି ଚେଷ୍ଟା କରିଛି।’’





## ଓଲିଉଡ୍‌ରେ ପୁନୀତ୍ ଇଶାର

ବଲିଉଡ୍‌ର ଜଣାଶୁଣା ଅଭିନେତା-ନିର୍ଦ୍ଦେଶକ ପୁନୀତ ଇଶାର୍ ପ୍ରଥମ ଥର ଲାଗି ଏକ ଓଡ଼ିଆ ସିନେମାରେ ଅଭିନୟ କରୁଛନ୍ତି। ଆଗରୁ ହିନ୍ଦୀ, ବଙ୍ଗଳା, ତେଲୁଗୁ, କନ୍ନଡ ଓ ମଲୟାଲମ୍ ଚଳଚ୍ଚିତ୍ରରେ ନଜର ଆସିଛନ୍ତି ସେ। ମନମୋହନ ଦେଶାଇଙ୍କ ଚର୍ଚ୍ଚିତ ସିନେମା ‘କୁଲି’ରେ ଖଳନାୟକ ଚରିତ୍ରରୁ ତାଙ୍କର ଅଭିନୟ ଜୀବନ ଆରମ୍ଭ କରିଥିଲେ। କିନ୍ତୁ ବି. ଆର୍. ଚୋପ୍ରାଙ୍କ ଲୋକପ୍ରିୟ ଟେଲିଧାରାବାହିକ ‘ମହାଭାରତ’ରେ ଦୁର୍ଯ୍ୟୋଧନ ଭୂମିକାରେ ପ୍ରଭାବଶାଳୀ ଅଭିନୟ କରି ସେ ଘରେ ଘରେ ପରିଚିତ ହୋଇଥିଲେ।

‘ମହାଭାରତ’ ପରେ ପୁନୀତ ‘ଚନ୍ଦ୍ରମୁଖୀ’, ‘ପ୍ରେମ ଶକ୍ତି’, ‘ବର୍ଡର୍’, ‘ରିଫ୍ୟୁଜି’, ‘କ୍ରିସ୍’, ‘ବଚ୍‌ନା ଏ ହସିନୋଁ’, ‘ରେଡି’, ‘ସନ୍ ଅଫ୍ ସର୍ଦ୍ଦାର’ ଓ ‘ଦି କାଶ୍ମୀର୍ ଫାଇଲ୍‌ସ’ ଭଳି ଉଲ୍ଲେଖନୀୟ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ସଲ୍‌ମାନ୍ ଖାନ୍‌ଙ୍କ ଅଭିନୀତ ‘ଗର୍ବ’ର ସେ ନିର୍ଦ୍ଦେଶନା ବି ଦେଇଥିଲେ। ଜୀ ସାର୍ଥକ ଓ ଆଦିଲକ୍ଷ୍ମୀ ଏଣ୍ଟର୍‌ଟେନ୍‌ମେଣ୍ଟ୍ ବ୍ୟାନର୍‌ରେ ପ୍ରସ୍ତୁତ ତଥା ସାଇ ମଙ୍ଗରାଜଙ୍କ ନିର୍ଦ୍ଦେଶିତ ‘ଚ୍ୟାଲେଞ୍ଜ୍’ରେ ପୁନୀତ୍ ଇଶାର ଅଭିନୟ କରୁଛନ୍ତି। ଏଥିରେ ସେ ମୁଖ୍ୟ ଖଳନାୟକ ଭୂମିକାରେ ନଜର ଆସିବେ। କାହାଣୀ ଅନୁଯାୟୀ, ପୁନୀତ୍ ଜଣେ କୁଖ୍ୟାତ ଡନ୍ ହୋଇଥିବା ବେଳେ ନାୟକ ତାଙ୍କୁ ଚ୍ୟାଲେଞ୍ଜ୍ ଦେଉଛି। ଉଭୟଙ୍କ ଭିତରେ ଜବରଦସ୍ତ ଟକ୍କର୍ ହେଉଛି। ଆଗରୁ ରଣଜିତ, ଚରଣରାଜ୍, ସଦାଶିବ ଅମରାପୁରକର୍, ଶକ୍ତି କପୁର, ଆଶିଷ ବିଦ୍ୟାର୍ଥୀ ଓ ରାହୁଲ୍ ଦେବଙ୍କ ପରି ବଲିଉଡ୍ ଖଳନାୟକମାନେ ଓଲିଉଡ୍‌ରେ କାମ କରି ଚର୍ଚ୍ଚିତ ହୋଇଛନ୍ତି। ପୁନୀତ୍ ଇଶାରଙ୍କ କ୍ଷେତ୍ରରେ କ’ଣ ଘଟୁଛି, ତାହା ଦେଖିବାକୁ ବାକି ରହିଲା।

## ସ୍ୱାମୀ ପାଖରେ ରହନ୍ତୁ କି ନରହନ୍ତୁ; ତାଙ୍କ ପାଇଁ ମୋ ଭଲପାଇବା ସବୁବେଳେ ରହିବ

**ଦମ୍‌ଦାର୍ ଡାଇଲଗ୍, ଚମତ୍କାର ଅଭିନୟ ଓ ଆକର୍ଷଣୀୟ ଚେହେରା ପାଇଁ ସେ ଯାତ୍ରାମଞ୍ଚରେ ଦର୍ଶକଙ୍କର ପ୍ରିୟ। ଦୁଇ ଦଶନ୍ଧିର ଦୀର୍ଘ ଅଭିନୟ କ୍ୟାରିୟର୍‌ରେ ଆରମ୍ଭରୁ ଏ ପର୍ଯ୍ୟନ୍ତ ସେ ମୁଖ୍ୟ ନାୟିକା ହୋଇ ଦର୍ଶକଙ୍କ ମନୋରଞ୍ଜନ କରୁଛନ୍ତି। ‘କଥା ରହିଗଲା ମଗୁଶୁରକୁ’ରୁ ନେଇ ‘ମଶାଣି ଫୁଲ’, ‘ବୋହୂ ଆସୁଛି କଟିକିଆଣୀ’, ‘ଉର୍ବଶୀ ଆସୁଛି ଇନ୍ଦ୍ରମହଲ’ ଓ ‘ଶ୍ରୀଦୁର୍ଗା’ ଆଦି ନାଟକରେ ଚମତ୍କାର ଅଭିନୟ କରି ଦର୍ଶକଙ୍କ ମନ ଜିଣି ପାରିଛନ୍ତି ସେ। ସଂପ୍ରତି ଦୁର୍ଗା ମନ୍ଦିର ଯାତ୍ରାନୁଷ୍ଠାନରେ କାର୍ଯ୍ୟରତ ଅଭିନେତ୍ରୀ ଡଲି ଭୂୟାଁଙ୍କ ସହ ଅଳ୍ପ ଆଳାପ।**



**୧ ଯାତ୍ରାଭିନୟରେ ଆପଣଙ୍କ କ୍ୟାରିୟର୍ ସୀମିତ। ଜଣେ କଳାକାର କ’ଣ ଗୋଟାଏ ମାଧ୍ୟମରେ ସୀମିତ ରହିବା ଉଚିତ? ଆପଣଙ୍କର କେବେ ଧାରାବାହିକ କିମ୍ବା ସିନେମାରେ ଅଭିନୟ କରିବାକୁ ଇଚ୍ଛା ହୁଏନି?**

ଯାତ୍ରାରେ ମୁଁ ବହୁତ ଭଲରେ ଅଛି। ମୋତେ ଲୋକ ଅଜସ୍ର ଭଲପାଇବା ଦେଉଛନ୍ତି। ଲୋକ ଜାଣୁଛନ୍ତି, ଡଲି ଭୂୟାଁ ବୋଲି ଜଣେ କଳାକାର ଅଛି। ସେଇଟା ହିଁ ହେଉଛି ମୋ ଜୀବନର ବଡ଼ ସଫଳତା। ମୋତେ ଭିନ୍ନ ମାଧ୍ୟମରୁ ସୁଯୋଗ ଆସିଛି। ହେଲେ ମୁଁ ସମୟ ଦେଇପାରିନାହିଁ। ଜଣେ ଯାତ୍ରା କଳାକାର ଭାବରେ ମୁଁ ଢେର୍ ସନ୍ତୁଷ୍ଟ।

**୨ ଗୋଟେ ନାଟକ କେତେବେଳେ ହିଟ୍ ହୁଏ? ଭଲ କାହାଣୀ ହେଲେ ନା ଭଲ କଳାକାର ଥିଲେ?**

ଦୁଇଟାଯାକ ପରିପୂରକ। ଯଦି କାହାଣୀ ମନଛୁଆଁ ହୋଇଥାଏ ହେଲେ ତାକୁ ମଞ୍ଚରେ ଫୁଟାଇବା ଭଳି କଳାକାର ନଥାନ୍ତି; ତେବେ ନାଟକ ମାନ୍ଦା ଲାଗେ। ଯଦି କଳାକାର ଭଲଥାଆନ୍ତି ହେଲେ କାହାଣୀର ଦମ୍ ନଥାଏ ତ ସେ ନାଟକ ଭଲ ଲାଗେନି। ଗୋଟାଏ ସଫଳ ନାଟକ ପାଇଁ ଉଭୟ କାହାଣୀ ଓ କଳାକାର ସମାନ ଗୁରୁତ୍ୱ ରଖନ୍ତି ବୋଲି ମୁଁ ବିଶ୍ୱାସ କରେ।

**୩ ଆପଣଙ୍କର ପ୍ରିୟ କଳାକାର କିଏ?**

ମୋତେ ସୁରେଶ ପଣ୍ଡା ଓ ଦଇତାରୀ ପଣ୍ଡାଙ୍କ ସହ ଅଭିନୟ କରିବାକୁ ବହୁତ ଭଲ ଲାଗେ।

**୪ ଆପଣଙ୍କ ବୈବାହିକ ଜୀବନ ବିବାଦପୂର୍ଣ୍ଣ ବୋଲି ଶୁଣିବାକୁ ମିଳେ। ଏହାର କାରଣ ସଂପର୍କରେ କହିବାକୁ ଆପଣଙ୍କର ଆପତ୍ତି ନାହିଁ ତ?**

ନା। ଆମ ଭିତରେ କିଛି ବି ବିବାଦ ନାହିଁ। ମୋ ସ୍ୱାମୀ ବହୁତ ଭଲ। ଆପଣ ଯାହା ଶୁଣିଛନ୍ତି; ତାହା କିଛି ମାତ୍ରାରେ ସତ ହୋଇପାରେ। ମାତ୍ର ପ୍ରକୃତ ସତ୍ୟ କେହି ଜାଣନ୍ତି ନାହିଁ। ଲୋକେ ଭାବନ୍ତି, ଆମ ସ୍ୱାମୀ-ସ୍ତ୍ରୀଙ୍କ ଭିତରେ ପଡ଼େନାହିଁ। ମାତ୍ର ଆମେ ପରସ୍ପରକୁ ଖୁବ୍ ଭଲପାଉ। ଭଲମନ୍ଦରେ ପାଖରେ ଛିଡ଼ାହେଉ ଓ ସମର୍ଥନ ବି ଦେଉ। ଏକ ଭଲ ଦାମ୍ପତ୍ୟ ପାଇଁ ଆଉ କ’ଣ ଦରକାର?

**୫ ଦୁହିଁଙ୍କ ମଧ୍ୟରେ ଯଦି ସବୁ ଠିକ୍, ତେବେ କାହିଁକି ଅଲଗା ରହୁଛନ୍ତି?**

ମୋତେ ବିବାହ କରିବା ପୂର୍ବରୁ ସେ ବିବାହ କରିଥିଲେ। ଏବେ ସେ ତାଙ୍କ ପ୍ରଥମ ପରିବାର ସହ ଅଛନ୍ତି। ତାଙ୍କର ସ୍ତ୍ରୀ, ପିଲା ଅଛନ୍ତି। ମୁଁ ଚାହେ ସେ ପରିବାର ସହ ଖୁସିରେ ରହନ୍ତୁ। ସେ ଭଲରେ ରହିଲେ ମୁଁ ଖୁସି। ମୋ ପାଇଁ ତାଙ୍କ ସଂସାରରେ କୌଣସି ବିବାଦ ହେଉ ବୋଲି ମୁଁ ଚାହେନି। ମୋ ପୁଅ ବଡ଼ ହୋଇଗଲାଣି। ମୋର ଆଉ କୌଣସି ଅସୁବିଧା ନାହିଁ। ପୁଅର ଦରକାର ବେଳେ ତା’ ବାପା ଛିଡ଼ା ହେଉଛନ୍ତି, ସେତିକି ମୋ ପାଇଁ ଯଥେଷ୍ଟ।

**୬ ଜଣେ ବିବାହିତ ପୁରୁଷଙ୍କୁ କାହିଁକି ବିବାହ କଲେ?**

ମୁଁ ଜାଣି ନଥିଲି ସେ ବିବାହିତ ବୋଲି। ମୋ ଅଭିନୟ ଦେଖି ସେ ମୋତେ ପସନ୍ଦ କଲେ ଓ ବିବାହ ପ୍ରସ୍ତାବ ନେଇ ଆମ ଘରକୁ ଗଲେ। ମୋତେ ବି ସେ ଭଲ ଲାଗିଲେ। ହେଲେ ବିବାହ ପରେ ମୁଁ ଜାଣିଲି ଯେ ସେ ଆଗରୁ ବାହା ହୋଇଛନ୍ତି। ମୋ ସ୍ୱାମୀଙ୍କର ଏଇ ଗୋଟାଏ କଥା ମୋତେ ଖରାପ ଲାଗିଥିଲା। ଏହାକୁ ଛାଡ଼ିଲେ ତାଙ୍କର ଆଉ କୌଣସି ଖରାପ ଗୁଣ ନାହିଁ। ସେ ଅଲଗା ରହୁଛନ୍ତି ସତ, ହେଲେ ତାଙ୍କ ପ୍ରତି ମୋ ଭଲପାଇବା ଜୀବନଯାକ ରହିବ। ମୁଁ ଜାଣେ, ସେ ମଧ୍ୟ ମୋତେ ଖୁବ୍ ଭଲପାଆନ୍ତି।

**୭ ଆପଣ ସିଙ୍ଗଲ୍-ମଦର୍ ହେବା ସହ ଜଣେ ଯାତ୍ରା କଳାକାର। ରାତି ରାତି ବାହାରେ ରହନ୍ତି। ପୁଅକୁ ବଡ଼ କରିବା ତ କଷ୍ଟକର ହୋଇଥିବ?**

ବିଶେଷ କଷ୍ଟକର ହୋଇନି। କାରଣ ମୋର ଦୁଇ ଭଉଣୀଙ୍କ ପାଖରେ ସେ ବଡ଼ ହୋଇଛି। ମୋ ପୁଅ ଯଦି ଆଜି ଭଲ ମଣିଷ ହୋଇଛି, ତାହାର ଶ୍ରେୟ ମୋର ଭଉଣୀଙ୍କୁ ଦେବି। ମୁଁ ରାତି ରାତି ବାହାରେ ଥିଲେ ବି ମୋ ପୁଅ କେବେ ମା’ର ଅଭାବ ଅନୁଭବ କରିନାହିଁ।

# ସରକାରୀ ଯୋଜନା ବାଟବଣା ଜରିପାଲ ତଳେ ୮ ପ୍ରାଣୀ କୁଟୁମ୍ବ

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାହା ପାଇଁ




**କନ୍ଧମାଳ,୧୧୭(ସଂଚାର ବ୍ୟୁରୋ):** ସରକାର ଗରିବ ଅସହାୟ ବାସହୀନ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଘର ଯୋଗାଇ ଦେଉଛନ୍ତି ସତ। କିନ୍ତୁ ପ୍ରଶାସନ ଅବହେଳା ଯୋଗୁଁ ଆଜି ବି ଏହି ଯୋଜନା କେତେକ ହିତାଧିକାରୀ ଙ୍କ ପାଖକୁ ପହଞ୍ଚି ପାରୁନଥିବା ଅଭିଯୋଗ ହେଉଛି। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ରାଇଗୁଡ଼ା ଗ୍ରାମ ଝିଡ଼ିଙ୍ଗ ପଡ଼ା ସାହିରେ ଜରିପାଲ ତଳେ ବିତୁଛି ୮ ପ୍ରାଣୀ କୁଟୁମ୍ବ ଙ୍କ ଜୀବନ।ନକୁଳ କହଁର ବୟସ (୩୦) ତାଙ୍କ ମାଁ ସାନ ଭାଇ ଦୁଇ ଜଣ ସ୍ତ୍ରୀ ଓ ପିଲା ଛୁଆ ମିଶାଇ ୮ ଜଣ ପ୍ରାଣୀ ଙ୍କୁ ନେଇ ଗୋଟିଏ ପରିବାର। ଦୀର୍ଘ ବର୍ଷ ଧରି ଏହି ଝାଟିମାଟି ଭଙ୍ଗା ଦଦରା କୁଡ଼ିଆରେ ରହି ଆସୁଛନ୍ତି। ଖରା ଦିନରେ ଯେମିତି ସେମିତି ଚଳି ଯାଉଥିବା ବେଳେ ବର୍ଷା ଦିନେ ଘର ଛପର ଉପରୁ ପାଣି ଗଳୁଛି। କେତେବେଳେ ଭୁଶୁଡ଼ି ପଡ଼ିବ କହି ହେବନି। ଘର ଖଣ୍ଡିଏ ପାଇଁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆବେଦନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା କହିଛନ୍ତି ହିତାଧିକାରୀ । ଏଭଳି ପରିସ୍ଥିତି ରେ ଘର ଖଣ୍ଡିଏ କରିବା ତାଙ୍କ ପାଇଁ ସାତ ସପନ ପାଲଟିଛି। ବର୍ଷା ଦିନ ଆସିଲେ ଭଙ୍ଗା କୁଡ଼ିଆରେ ରହିବା ପରିବାର ପକ୍ଷରେ କଷ୍ଟକର ହେଉଛି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ନକୁଳ କହଁର ଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରେ ସାମିଲ୍ କରି ଘର ଖଣ୍ଡିଏ ଯୋଗାଇ ଦେବାକୁ ବୃଦ୍ଧିଜୀବି ମହଲରୁ ଦାବି କରିଛନ୍ତି। ଦେଖିବାକୁ ବାକି ରହିଲା ନକୁଳ କହଁର ଙ୍କ ଦୁଃଖ ନୂତନ ସରକାର କେବେ ଶୁଣୁଛନ୍ତି।

# ତିତୀକ୍ଷା ୱେଲଫେୟାର ଫାଉଣ୍ଡେସନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




**କନ୍ଧମାଳ,୧୧୭(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଗୁଦାରୀ ପଞ୍ଚାୟତ ରାଜିବ ଗାନ୍ଧୀ ସେବା କେନ୍ଦ୍ରରେ ତିତୀକ୍ଷା ୱେଲଫେୟାର ଫାଉଣ୍ଡେସନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ତିତୀକ୍ଷା ୱେଲଫେୟାର ଫାଉଣ୍ଡେସନ ଏମ୍ ଡି ଶ୍ରୀ ଜିତେନ୍ଦ୍ର ସୁନା ଓ ସଭାପତି ଶ୍ରୀ ବିନୋଦ କୁମାର ବାଘ ଯୋଗଦେଇ ଥିଲେ । ଜିଲ୍ଲାର ବେକାରୀ ଯୁବକ ଯୁବତୀ ମାନେ କିପରି ରୋଜଗାର କରି ସ୍ୱାବଲମ୍ବୀ ହୋଇ ପାରିବେ ସେହି ବିଷୟରେ ଆଲେଚନା କରାଯିବା ସହିତ ଗରିବ ଲୋକମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଜରୁରୀକାଳୀନ ପରିସ୍ଥିତିରେ ତିତୀକ୍ଷା ୱେଲଫେୟାର ଫାଉଣ୍ଡେସନ ପକ୍ଷରୁ ଆର୍ଥିକ ସାହାଯ୍ୟ ସହଯୋଗ କରିପାରିବେ ସେ ଉପର ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା । ଏଥିରେ ଗୋବିନ୍ଦ କହଁର, ତନୁଜା କହଁର, ମଞ୍ଜୁଶ୍ରୀ କହଁର,ବିମଳ ଦେହୁରୀ, ବସନ୍ତ କୁମାର ଦିଗାଲ ପ୍ରମୁଖ ଉପସ୍ଥିତ ହୋଇ ସମ୍ପୂର୍ଣ୍ଣ ସହଯୋଗ କରି ସାଫଲ୍ୟ ମଣ୍ଡିତ କରିଥିଲେ ।

## ଗଞ୍ଜାମ ଆସିଷ୍ଟାଣ୍ଟ୍ କଲେକ୍ଟର ନିଲମ୍ବିତ

**ବ୍ରହ୍ମପୁର,୧୧୭(ସଂଚାର ବ୍ୟୁରୋ):** ଗଞ୍ଜାମ ଆସିଷ୍ଟାଣ୍ଟ କଲେକ୍ଟର ବିଜ୍ଞେଶ ରଞ୍ଜନ ନାୟକ ନିଲମ୍ବିତ ହୋଇଛନ୍ତି। ଜଟଣୀ ସବ୍ ରେଜିଷ୍ଟର ଥିବା ବେଳେ ଦୁର୍ନୀତି କରିଥିବା ନେଇ ତାଙ୍କୁ ନିଲମ୍ବିତ କରାଯାଇଛି। ଖୋଦ ରାଜସ୍ୱ ମନ୍ତ୍ରୀ ଆସିଷ୍ଟାଣ୍ଟ କଲେକ୍ଟରଙ୍କୁ ନିଲମ୍ବନ କରିଛନ୍ତି । ସୂଚନା ଅନୁଯାୟୀ ଏହି ଅଧିକାରୀ ଜଣକ ସବ୍ ରେଜିଷ୍ଟର ଥିବା ବେଳେ ବେଆଇନ ଭାବେ ହୋମ୍ ଭିଜିଟ୍ କରି ଜମି ରେଜିଷ୍ଟ୍ରେସନ କରିଥିଲେ। ମାର୍ଚ୍ଚ ୨୦୨୩ରୁ ମେ’ ୨୦୨୫ ଭିତରେ ଜଟଣୀ ସବ୍ ରେଜିଷ୍ଟର ଥିବା ବେଳେ ୩୨୨ ଥର ହୋମ୍ ଭିଜିଟ୍ କରି ରେଜିଷ୍ଟ୍ରେସନ କରିଥିବା ଜଣାପଡ଼ିଛି। ଏମିତିକି ବିନା ଅନୁମତିରେ ମଧ୍ୟ ଜିଲ୍ଲା ବାହାରକୁ ଯାଇ ରେଜିଷ୍ଟ୍ରେସନ କରିଥିଲେ।

## ୬ ଡେଙ୍ଗୁ ରୋଗୀ ଚିହ୍ନଟ

**ବାଲିପାଟଣା,୧୧୭(ସଂଚାର ବ୍ୟୁରୋ):** ବାଲିପାଟଣାରେ ୬ଜଣ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି।ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଶ୍ରୀକାନ୍ତ ବେହେରାଙ୍କ ସୂଚନା ଅନୁସାରେ, ଗତ ୨୦ଦିନ ମଧ୍ୟରେ ୧୮୮ ରକ୍ତ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ସେଥିରୁ ୬ ଜଣଙ୍କ ରିପୋର୍ଟ ଡେଙ୍ଗୁ ପଜିଟିଭ୍ ଆସିଛି। ସମସ୍ତ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ଲୋକେ ମଶାରୀ ଟାଣି ଶୋଇବା ସହ ଘର ଆଖପାଖ ସଫା ରଖିବା ଓ ମଇଳା ପାଣି ଜମିବାକୁ ନଦେବାକୁ ଶ୍ରୀ ବେହେରା ପରାମର୍ଶ ଦେଇଛନ୍ତି।

## କନ୍ଧମାଳ ଓଏଏସ ସଂଘ ପକ୍ଷରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ

**ଫୁଲବାଣୀ,୧୧୭(ସଂଚାର ବ୍ୟୁରୋ):** ସୋମବାର କିଛି ଶାସକ ଦଳର ନେତା ବି ଏମ ସି କାର୍ଯ୍ୟାଳୟ ଭିତରେ ପଶି ସହକାରୀ କମିଶନର ରତ୍ନାକର ସାହୁ ଙ୍କୁ ଚେୟାର ରୁ ଘୋଷାଡି ଆଣି ସର୍ବସମ୍ମୁଖରେ ମାଡ଼ ମାରିବା ଘଟଣା କୁ କନ୍ଧମାଳ ଓ ଓ ଏ ଏସ ସଙ୍ଘ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ଦୋଷୀ ଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବୀ କରିଛନ୍ତି ଏଥିସହ ସହ କାର୍ଯ୍ୟ ରତ ଅଫିସର ସୁରକ୍ଷା ଦାବୀ କରି ମଙ୍ଗଳବାର ଠାରୁ କଳା ବ୍ୟଚ ପିନ୍ଧିବା ନିବା ସହ କାର୍ଯ୍ୟ ବନ୍ଦ ଆନ୍ଦୋଳନ କୁ ଓହ୍ଲାଇଛନ୍ତି ଏ ନେଇ ଏକ ସ୍ମାରକ ପତ୍ର ସଙ୍ଘ ସଭାପତି ତଥା ଥା ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା ଙ୍କ ନେତୃତ୍ୱରେ ଜିଲ୍ଲାପାଳ ଆମ୍ରିତ ମ୍ରିତ ଋତୁରାଜ ଙ୍କୁ ଭେଟି ପ୍ରଦାନ କରିଥିଲେ ଏ ନେଇ ମଙ୍ଗଳବାର ସଙ୍ଘ ସଭାପତି ରମେଶ ଜେନା ଙ୍କ ସଭାପତିତ୍ୱ ରେ ସ୍ଥାନୀଯ ସର୍କିଟ ହାଉସ ଉସ ଠାରେ ଅନୁଷ୍ଠିତ ସଭାରେ ଜିଲ୍ଲାର ସମସ୍ତ ଓ ଏ ଏସ ଅଫିସର୍ ଯୋଗ ଦେଇ ଏହି ଘଟଣା ରେ ପ୍ରତିକ୍ରିୟା ପ୍ରକାଶ କରିବା ସହ ଅନ୍ୟ ମାନଙ୍କ ମଧ୍ୟରେ । ଅତିରିକ୍ତ ଜିଲ୍ଲାପାଳ କୁଶ ଚନ୍ଦ୍ର ନାୟକ, ସଙ୍ଘ ଉପ ସଭାପତି ତଥା ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ର୍ଯନିର୍ବାହୀ ଜିଲ୍ଲା ପରିଷଦ ଶମ୍ଭୁ ନାଥ ନନ୍ଦୀ, ସମ୍ପାଦକ ତଥା ଉପଜିଲ୍ଲାପାଳ ପାଳ ଭିକାରୀ ସାହୁ, ଫୁଲବାଣୀବିଡ଼ିଓ ସୌମ୍ୟ ରଂଜନ ପାତ୍ର, ଚକାପାଦ ପାଦ ବିଡ଼ିଓ, କୋଟଗଡ ବିଡ଼ିଓ ଶୁଭ କାନ୍ତ ନାୟକ, ଫିରିଙ୍ଗିଆ ବିଡ଼ିଓ ଅନୁପ ଅଭିଷେକ ବେହେରାଙ୍କ ସମେତ ତହସିଲଦାର ଓ ସମସ୍ତ ବିଡ଼ିଓ ଉପସ୍ଥିତ ଥିଲେ ।

● ହିଲଟପ କମ୍ପାନୀର କର୍ମଚାରୀ ମାନେ

## ସିଏମପିଏଫ ଟଙ୍କା ପ୍ରଦାନ ପାଇଁ ଜିଏମଙ୍କ ନିକଟରେ ଦାବିପତ୍ର ପ୍ରଦାନ



**ସୁନ୍ଦରଗଡ଼,୧୧୭(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଏମସିଏଲ ବସୁନ୍ଧରା ସ୍ଥିତ ଜିଏମଙ୍କ କାର୍ଯ୍ୟାଳୟ ଠାରେ ମଙ୍ଗଳବାର ଦିନ ହିଲଟପ କମ୍ପାନୀରେ କାମ କରୁଥିବା କର୍ମଚାରୀ ମାନେ ସିଏମପିଏଫ ପାଣ୍ଠି ପ୍ରଦାନରେ ହିଲଟପ କମ୍ପାନୀ ଅବହେଳା କରୁଥିବାର ଅଭିଯୋଗ କରି ଜିଏମଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ ଗତ ୨୦୧୯ ମସିହାରେ ହିଲଟପ କମ୍ପାନୀ ବସୁନ୍ଧରା ସ୍ଥିତ କୁଲଡା ମାଇନ୍ସ ଠାରେ କାମ କରୁଥିବା ବେଳେ ୫ବର୍ଷ ପରେ କମ୍ପାନୀର ଚୁକ୍ତି ବନ୍ଦ ହୋଇ ଯାଇଥିଲା। କମ୍ପାନୀ ବନ୍ଦ ହେବାପରେ ପ୍ରାୟ ୨୫୦ କର୍ମଚାରୀ ମାନେ ତାଙ୍କର ସିଏମପିଏଫ ଟଙ୍କା ପାଇପାରି ନଥିଲେ । ପ୍ରାୟ ଜଣକ ପ୍ରତି ଚାରିରୁ ପାଞ୍ଚ ଲକ୍ଷ ଥିବା ବେଳେ ଏହି ପଇସାକୁ କର୍ମଚାରୀ ମାନଙ୍କୁ ତୁରନ୍ତ ପ୍ରଦାନ କରିବା ପାଇଁ କର୍ମଚାରୀ ମାନେ ଦାବି କରିଛନ୍ତି। ନଚେତ୍ ବସୁନ୍ଧରା ଜିଏମ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

# ଗମ୍ଭାରିଡିହିଠାରେ ବନ ମହୋତ୍ସବର ଶୁଭାରମ୍ଭ



**ସୁନ୍ଦରଗଡ଼,୧୧୭(ସଂଚାର ବ୍ୟୁରୋ):** ମଙ୍ଗଳବାର ବନ ମହୋତ୍ସବର ପ୍ରଥମ ଦିବସରେ ଉଜ୍ଜଳପୁର ବନାଞ୍ଚଳ ଅନ୍ତର୍ଗତ ଗମ୍ଭାରିଡ଼ିହି- ବଡବାହାଲପଡା ଠାରେ ବନ ମହୋତ୍ସବ ଉପଲକ୍ଷେ ଏକ ଶ୍ରମଦାନ ଶିବିର ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଗମ୍ଭାରିଡ଼ିହି ଗ୍ରାମ ପଞ୍ଚାୟତର ସରପଞ୍ଚ ରବୀନ ଚନ୍ଦ୍ର ସା ଗଛ ଲଗାଇବା ସହିତ ଏହାର ସୁରକ୍ଷା କରିବା ଆମର ପରମ କର୍ତ୍ତବ୍ୟ ବୋଲି କହିଥିଲେ। ଉଜ୍ଜଳପୁର ବନାଞ୍ଚଳ ଅଧିକାରୀ ଦେବଦତ୍ତ ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଉଜ୍ଜଳପୁର ବନାଞ୍ଚଳ ଓ ସହଯୋଗୀ ଅନୁଷ୍ଠାନ “ସେବକ”ର ମିଳିତ ଉଦ୍ୟମରେ ଆୟୋଜନ କରାଯାଇ ଥିଲା। ଏହି ଅବସରରେ ଗ୍ରୀନ ମେମୋରୀ କ୍ୟାମ୍ପେନର ପ୍ରତିଷ୍ଠାତା ତଥା ସେବକର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦିଗାମ୍ବର ଉପାଧ୍ୟାୟ ନିଜ ବକ୍ତବ୍ୟରେ କହିଥିଲେ ଯେ - “ଅତ୍ୟନ୍ତ ଖୁସିର ବିଷୟ ଯେ ଗମ୍ଭାରିଡ଼ିହି-ବଡବାହାଲପଡା ବାସୀ ଅତି ଉତ୍ସାହ ଓ ଉଦ୍ଦୀପନାର ସହିତ ଶ୍ରମଦାନ ମାଧ୍ୟମରେ ଗଛ ଲଗାଉଛନ୍ତି। ତେବେ ଗଛ ଲଗାଇବା ସହିତ ଏହାକୁ ଠିକ ସମୟରେ ପାଣି ଦେବା, ରକ୍ଷଣାବେକ୍ଷଣ କରିବା ତଥା ଅନ୍ୟମାନଙ୍କୁ ମଧ୍ୟ ଏ ଦିଗରେ ଉତ୍ସାହିତ କରିବା ଆମର ପରମ ଦାୟିତ୍ୱ। ଏହା ଆମ ପରିବାର, ଗାଁ ଓ ସମାଜ ପାଇଁ ଏକ ଦୀର୍ଘକାଳୀନ ପ୍ରତିଫଳ ଆଣିବ। ଏଥି ସହିତ ନିଜର ତଥା ପରିବାରର ପ୍ରତ୍ୟେକ ସ୍ମରଣୀୟ ଦିବସରେ ଗୋଟିଏ ଲେଖାଏଁ ଗଛ ଲଗାଇ ଏହାର ଆଜୀବନ ସୁରକ୍ଷା ନେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ “ଏକ ପେଡ ମାଁ କେ ନାମ” ଓ “ଗ୍ରୀନ ମେମୋରୀ କ୍ୟାମ୍ପେନ” ଉପରେ ସଚେତନତା କରାଯାଇ ଥିଲା। କାର୍ଯ୍ୟକ୍ରମରେ ବନପାଳ ସନ୍ତୋସିନୀ ସାହାଣି, ପ୍ରଜ୍ଞା ପରିମିତା ସାମଲ, ବନରକ୍ଷୀ ଜାନକୀ ବାଦି, ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ର ଉଜ୍ଜଳପୁର ଟିମ ଲିଡର ହରିପ୍ରିୟା ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ସଂପୂର୍ଣ୍ଣ କାର୍ଯ୍ୟକ୍ରମକୁ ଗମ୍ଭାରିଡ଼ିହି- ବଡବାହାଲପଡା ବନ ସୁରକ୍ଷା ସମିତିର ସଭ୍ୟ/ସଭ୍ୟା ତଥା ଗ୍ରୀନ ମେମୋରୀ କ୍ୟାମ୍ପେନର ସ୍ୱେଚ୍ଛାସେବୀ ମାନେ ପରିଚାଳନା କରିଥିଲେ।

## ଗଞ୍ଜେଇ ଚୋରା ଚାଲାଣ ବେଳେ ୬ ଗିରଫ



**ଫୁଲବାଣୀ,୧୧୭(ସଂଚାର ବ୍ୟୁରୋ):** ମଙ୍ଗଳବାର ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରା ଯାଇ ୪୪ କେଜି ଗଂଜେଇ ଜବତ କରା ଯାଇଛି। ଏହି ଘଟଣାରେ ୬ ଜଣଙ୍କୁ ଗିରଫ କରା ଯାଇଛି। ସେହିପରି ଗଂଜେଇ ଚାଲାଣରେ ବ୍ୟବହାର ହୋଇଥିବା କାର, ସ୍କୁଟି ଏବଂ ବାଇକ ଜବତ ହୋଇଛି। ଏକ କାରରେ ଗଂଜେଇ ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗକୁ ଖବର ମିଳିଥିଲା। ଗାଡି ଉଦୟଗିରି ଥାନା କଳିଙ୍ଗା ଘାଟିରେ ପହଂଚିଲା ବେଳେ ଅବକାରୀ ଅଧିକାରୀ ଅଟକାଇ ଯାଞ୍ଚ କରିଥିଲେ। ସେଥିରୁ ୧୭ କେଜି ଗଞ୍ଜେଇ ମିଳିଥିଲା। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରା ଯାଇଛି। ସେମାନେ ହେଲେ ଗୋଛାପଡା ଥାନା କଟ୍ରିଙ୍ଗିଆ ପଂଚାୟତ କାଣାପାଟି ଗ୍ରାମର ଦୁଃଶାସନ ଦିଗାଳ ଓ ରାଜେନ୍ଦ୍ର ଦିଗାଳ, ବେଲପଦର ଅଂଚଳର ସୁଧୀର ବେହେରା। ସେହିପରି କଳିଙ୍ଗା ଛକରେ ଏକ ସ୍କୁଟିରୁ ୧୦ କେଜି ଗଂଜେଇ ଜବତ କରା ଯାଇଛି। ଏହି ଘଟଣାରେ ବ୍ରହ୍ମପୁର ରମ୍ଭା ଅଂଚଳର ମୁକେଶ ବେହେରାଙ୍କୁ ଗିରଫ କରା ଯାଇଛି। ଅନ୍ୟ ଏକ ଘଟଣାରେ ସାରଙ୍ଗଗଡ଼ ଥାନା ବଣ୍ଡଗୁଡା ଛକରେ ଏକ ବାଇକରୁ ୧୭ କେଜି ଗଂଜେଇ ଜବତ କରା ଯାଇଛି। ଏହି ଘଟଣାରେ ବଣ୍ଡଗୁଡା ଅଂଚଳର ସୁଦୟ ଦିଗାଳ ଓ ରଞ୍ଜନ ଦିଗାଳଙ୍କୁ ଗିରଫ କରା ଯାଇଛି। ଅବକାରୀ ଅଧିକ୍ଷକ ସୁଶାନ୍ତ ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ଇନ୍ସ ପେକ୍ଟର ପୂର୍ଣ୍ଣଚନ୍ଦ୍ର ବେହେରା, ଏସଆଇ ଭବାନୀ ଶଙ୍କର ସେଠି ଓ ସୁମିତ୍ରା ଦଳେଇ ଏହି ଚଢ଼ାଉ କରିଥିଲେ। ଏନେଇ ୭୭/୨୫, ୭୮/୨୫ ଓ ୬୨/୨୫ରେ ପୃଥକ ଭାବେ ମାମଲା ରୁଜୁ ହୋଇଛି।

# କୁଷ୍ଠ ଆକ୍ରାନ୍ତ ନିଧନ ଖାଦ୍ୟ ନିରାପତ୍ତା ଯୋଜନାରୁ ବଞ୍ଚିତ



**କଳାହାଣ୍ଡି,୧୧୭(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ୍ ବିରିକୋଟ ପଞ୍ଚାୟତର ଗୋଦ୍ରାମସ୍କା ଗ୍ରାମର ଜଣେ ଭିନ୍ନକ୍ଷମ ବୃଦ୍ଧଙ୍କୁ ମିଳୁନି ପିଡିଏସ୍ ଚାଉଳ । ଏହି ଭିନ୍ନକ୍ଷମ ବୃଦ୍ଧ ଜଣକ ହେଉଛନ୍ତି ନିଧନ ନାଏକ । ଯାହାଙ୍କ ବୟସ ୭୫ ବର୍ଷ ଏବଂ ସିଏ କୁଷ୍ଠ ରୋଗରେ ଆକ୍ରାନ୍ତ ହୋଇ ଅତ୍ୟନ୍ତ ଦୁର୍ବିସହ ଜୀବନ କାଟୁଛନ୍ତି । ତାଙ୍କର ଆଧାର ପ୍ରମାଣ ପତ୍ର ପ୍ରସ୍ତୁତିରେ ସମସ୍ୟା ଦେଖାଦେଇଛି । ଆଧାର କାର୍ଡ ପାଇଁ ବାରମ୍ବାର ଆଧାର କେନ୍ଦ୍ରକୁ ଯାଇ ନିରାଶ ହୋଇ ଫେରିବାକୁ ପଡୁଛି। ଅବଶ୍ୟ ଭିନ୍ନକ୍ଷମ ପ୍ରମାଣ ପତ୍ର ଖଣ୍ଡେ ମିଳିଛି ତାହା ପୁଣି ୫୫ ପ୍ରତିଶତ ଭିନ୍ନକ୍ଷମ ବୋଲି ଉଲ୍ଲେଖ ରହିଛି। ଯେଉଁଥିପାଇଁ ତାଙ୍କୁ ସାମାଜିକ ସୁରକ୍ଷା ଯୋଜନାରୁ ବର୍ତ୍ତମାନ ଏକ ହଜାର ଟଙ୍କାର ମାସିକ ଭତ୍ତା ମିଳୁଛି। ଗୋଟିଏ ପଟରେ ବୃଦ୍ଧାବସ୍ଥା ଏବଂ ଶରୀରର ଏପରି ଯନ୍ତ୍ରଣା ମଧ୍ୟରେ ନା କାମ କରିବାର ବଳ ଅଛି ନା ସାମର୍ଥ୍ୟ ବଞ୍ଚିଛି ଓ ସମ୍ପୂର୍ଣ୍ଣ ରୂପେ ଶାରୀରିକ ଅକ୍ଷମତା ଦେଇ ବଂଚୁଥିବା ଏଭଳି ଜଣେ ଅସହାୟ ବୃଦ୍ଧଙ୍କୁ ସରକାର ସାମାଜିକ ସୁରକ୍ଷା ଯୋଜନାର ବର୍ଦ୍ଧିତ ୩୫୦୦ ଟଙ୍କା ର ଭତ୍ତା ପ୍ରଦାନର ବ୍ୟବସ୍ଥା କରିବାର ଅଭିଯୋଗ ହେଉଛି । ଏ ପଟେ ଆଧାର ସଂଯୋଗୀ କରଣରେ ଅସୁବିଧା ହେଉଥିବା ଯୋଗୁଁ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ହେବାକୁ ପଡିଛି ଅସହାୟ ବୃଦ୍ଧ ନିଧନଙ୍କୁ । ପିଡିଏସ୍ ଚାଉଳ ସହିତ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯିବା ନେଇ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ହେଲେ କୌଣସି ସୁବିଧା ହେଉ ନାହିଁ ବୋଲି କୁଷ୍ଠ ରୋଗାକ୍ରାନ୍ତ ବୃଦ୍ଧ ନିଧନ ନାଏକ ପ୍ରକାଶ କରିଛନ୍ତି ।ଏ ନେଇ ସେ ଅନେକ ଥର ଥୁ. ରାମପୁର ବିଡ଼ିଓ ଙ୍କୁ ଗୁହାରି କରି ଆସୁଥିବା ବେଳେ ଆଧାର ପ୍ରମାଣ ପତ୍ର ପାଇଁ ସହଯୋଗ କରାଯାଇ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯିବ ବୋଲି ବିଡ଼ିଓ ଶ୍ରୀ ମୁଦୁଲି କହିଥିବା ସୂଚନା ମିଳିଛି। ଯେହେତୁ ଭିନ୍ନକ୍ଷମ ପ୍ରମାଣପତ୍ରରେ ୮୦ ପ୍ରତିଶତ ଉଲ୍ଲେଖ ଥିଲେ ଯାଇ ବର୍ଦ୍ଧିତ ୩୫୦୦ ଟଙ୍କା ପ୍ରଦାନ କରିବାର ନିୟମ ରହିଛି ।ହେଲେ ବୃଦ୍ଧ ନିଧନଙ୍କ ଏହି ଭିନ୍ନକ୍ଷମ ପ୍ରମାଣ ପତ୍ରରେ ୫୫ ପ୍ରତିଶତ ରହିଛି ସେଥିପାଇଁ ସମସ୍ୟା ରହିଛି ବୋଲି ବିଡିଓ ପ୍ରକାଶ କରିଛନ୍ତି।

## ପ୍ରଧାନଶିକ୍ଷକଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା



**ଦଶରଥପୁର,୧୧୭(ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକ କମାରଡ଼ିହି ପଞ୍ଚାୟତସ୍ଥ କମାରଡ଼ିହି ସରକାରୀ ଜୟଚଣ୍ଡୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ମହାନ୍ତି ସୋମବାର ନିଜ କାର୍ଯ୍ୟରୁ ଅବସର ଗ୍ରହଣ କରିଥିବା ବେଳେ ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିସରରେ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଗୀତାଞ୍ଜଳି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭାରେ କ୍ଲଷ୍ଟରର ସିଆରସିସି ପ୍ରିୟରଞ୍ଜନ ଦାସ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସରୋଜ କୁମାର ପୃଷ୍ଟି, ଦୁବକଣ ଜୟଚଣ୍ଡୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର କାଣ୍ଡି, ବାଉତରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ସାହୁ, କଣ୍ଟାବଣିଆ ପ୍ରଧାନ ଶିକ୍ଷକ କଳ୍ପତରୁ ସାମଲ, କୟାଁଗୋଲା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁଳମଣି ମଲ୍ଲିକ, ଜାଡୁଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ଦାସ, ଫଳପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ସାମଲ, ପ୍ରଧାନ ଶିକ୍ଷକ ଉମେଶ କୁମାର ସାମଲ, ଅବସର ପ୍ରାପ୍ତ ଶିକ୍ଷକ ମଧୁସୂଦନ ପୃଷ୍ଟି, ଭାଗିରଥି ପୃଷ୍ଟି, ସୁରେଶ ଚନ୍ଦ୍ର ରାୟ, ସନାତନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଅବସର ଗ୍ରହଣ କରିଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କୁ ବିଦ୍ୟାଳୟ ପକ୍ଷରୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କାରାଯାଇଥିବା ବେଳେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ମଧ୍ୟ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କୁ ବିଭିନ୍ନ ଉପହାର ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଅଶୋକ କୁମାର ଦାସ, ଆକାଶ ଚନ୍ଦ୍ର ଦାସ, ଯଶୋବନ୍ତ ନାୟକ, ପ୍ରତାପ କୁମାର ପଣ୍ଡା, ରତିକାନ୍ତ ଦାସ, ହିମାଂଶୁ ପୃଷ୍ଟି, ଶିକ୍ଷୟତ୍ରୀ ପୁଷ୍ପାଞ୍ଜଳି ଦାସ, ବିଜୟଲକ୍ଷ୍ମୀ ନାୟକ, ବୈଜୟନ୍ତୀ ଯେନା, ସୁବ୍ରତା ଦଳେଇ ପ୍ରମୁଖ ସହଯୋଗ କରିଥିଲେ ।

## ତାଲା ଭାଙ୍ଗି ଦଶ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଗହଣା ଲୁଟ

**ବୈଶିଙ୍ଗ,୧୧୭(ସଂଚାର ବ୍ୟୁରୋ):** ଥାନା ଅଧୀନ ଅଗ୍ରିଆ ପଞ୍ଚାୟତ ର ବିଶ୍ରାମପୁର ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘରୁ ମଙ୍ଗଳବାର ଦିନ ବେଳେ ଲୁଟ ହୋଇଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ବିଶ୍ରାମପୁର ଗ୍ରାମର ଭବଜିତ ପ୍ରଧାନ ତାଙ୍କ ପରିବାର ସହ ତାଙ୍କର ପିଉସୀଙ୍କ ଦେହ ଖରାପଥିବାରୁ ଦେଖିବାକୁ ଯାଇଥିଲେ। ଯିବା ସମୟରେ ଘରର ମୁଖ୍ୟ ଦ୍ୱାର ଓ ଫାଟକରେ ତାଲା ପକାଇ ଯାଇଥିଲେ । ସନ୍ଧ୍ୟା ସମୟରେ ଫେରି ତାଲା ଭଙ୍ଗା ଯାଇଥିବାର ଦେଖିଥିଲେ । ଘର ଭିତରେ ତାଙ୍କ ମାଆ ଓ ଭଉଣୀ ଙ୍କ ଶୋଇବା ଘରେ ଥିବା ଆଲମାରୀ ତାଲା ଭଙ୍ଗା ଯାଇଥିବାର ଦେଖିବାକୁ ପାଇଥିଲେ । ଘରୁ ଲୁଟ ହୋଇଥିବା ଜାଣି ବୈଶିଙ୍ଗା ପୁଲିସକୁ ଶ୍ରୀ ପ୍ରଧାନ ଖବର ଦେଇଥିଲେ । ପୁଲିସ ଘଟଣା ସ୍ଥଳରେ ପହଞ୍ଚି କରିଥିବାବେଳେ ଘର ମାଲିକ ତାଙ୍କ ଘରୁ ୫ ହଳ ସୁନା ହାର, ଚାରି ହଳ ସୁନା ପାଲା, ୫ ହଳ କାନ ଫୁଲ, ମୁଦି ୫ ଟି, ୨ ହଳ ସୁନା ଚୁଡ଼ି, ୨ ଟି ବାହୁଟି ଓ ପ୍ରାୟ ୩ ଭରି ରୁପା ଗହଣା ଚୋରି ହୋଇଥିବାର ଜାଣିବାକୁ ପାଇଥିଲେ । ରାସ୍ତା ଘାଟ ଏବେ ବିପଦ ପୂର୍ଣ୍ଣ ହୋଇଥିବା ଓ ଲୁଟେରା ଦିନ ରାତି ବୁଲୁ ଥିଲେ ମଧ୍ୟ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ପୁଲିସ ପର୍ଯ୍ୟନ୍ତ କେହି ଜାଣି ପାରୁନଥିବାରୁ ଏଭଳି ଘଟଣା ଘଟୁଛି ବୋଲି ଆଲୋଚିତ ହେଉଛି । ଲୋକେ ନିଜକୁ ସୁରକ୍ଷିତ ମନେ କରିପାରୁ ନାହାନ୍ତି ।

## ମେଡିକାଲ ଷ୍ଟୋର ଆଗରେ ଥିବା ବାଇକକୁ ପୋଡିଦେଲେ ଦୃବୃର୍ତ୍ତ

**ବୈଶିଙ୍ଗା,୧୧୭(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ଅଁଳା ବଜାରରେ ସାଇରାମ ମେଡିସିନ୍ ଷ୍ଟୋର ଆଗରେ ଏକ ବାଇକ କୁ ଗତ ରାତିରେ କେହି ଦୃବୃର୍ତ୍ତ ପୋଡି ଦେଇଥିବା ଘଟଣା ଚାଞ୍ଚଲ୍ୟ ଖେଳି ଯାଇଛି ଜ୍ଞ ଘଟଣାରୁ ପ୍ରକାଶ ଗତ ସୋମବାର ରାତିରେ ସାଇରାମ ମେଡିସିନ ଷ୍ଟୋର ମାଲିକ ସପନ ସାନ୍ତରା ସବୁ ଦିନ ଭଳି ରାତି ୧୦ ଘ ସମୟରେ ଦୋକାନ ବନ୍ଦ କରି ଖାଇ ପିଇ ଶୋଇଥିଲେ । ବିଳମ୍ବିତ ରାତିରେ କେହି ଦୃବୃର୍ତ୍ତ କେବଳ ଫୁଲପ୍ୟାଣ୍ଟ ଓ ହେଲମେଣ୍ଟ ଲଗାଇ ଦୋକାନ ନିକଟକୁ ଆସି ସାମନାରେ ଥିବା ଥଣ୍ଡା ଟ୍ରେ ଓ ସାଇନ୍ ବୋର୍ଡ ଆଦି ଭାଙ୍ଗିବା ପରେ ଦୋକନ ପାଶ୍ୱର୍ଦ୍ୱ ବାରଣ୍ଡା ରେ ଥିବା ବାଇକ ଟିକୁ ନିଆଁ ଲଗାଇଦେଇଥିବାର ଦୃଶ୍ୟ ସିସି କ୍ୟାମେରା ରୁ ଜଣାଯାଇଛି ।ଏହି ଘଟଣା କୁ ନେଇ ସପନ ସାନ୍ତରା ଥାନା ରେ ଲିଖିତ ଅଭିଯୋଗ କରିଥିଲେ ।

## ଗୁରୁକୁଳରେ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ପ୍ରତିଷ୍ଠା ଦିବସ

**ବୈଶିଙ୍ଗା,୧୧୭(ସଂଚାର ବ୍ୟୁରୋ):** ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ର ଆଞ୍ଚଳିକ ବ୍ୟବସାୟ କାର୍ଯ୍ୟାଳୟ, ବାଲେଶ୍ୱର ପକ୍ଷରୁ ୭୦ ତମ ପ୍ରତିଷ୍ଠା ଦିବସ ପିଞ୍ଛାବଣିଆ ସ୍ଥିତ ବୈଦିକ ଗୁରୁକୁଳ ଆଶ୍ରମ ପରିସରରେ ଆଶ୍ରମ ର ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ ଙ୍କ ପୌରହିତ୍ୟ ରେ ପାଳିତ ହୋଇଯାଇଅଛି। କ୍ଷେତ୍ରୀୟ କାର୍ଯ୍ୟାଳୟ ବାଲେଶ୍ୱର ର ଉପ ମହାପ୍ରବନ୍ଧକ ଶ୍ରୀଯୁକ୍ତ ପ୍ରଭାତ କୁମାର ମୁଖ୍ୟଅତିଥି ଭାବେ ଯୋଗଦାନ କରି ବୃକ୍ଷ ରୋପଣ କରିବା ସହ ଗୁରୁକୁଳର ବ୍ରହ୍ମଚାରୀଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଆଞ୍ଚଳିକ ବ୍ୟବସାୟ କାର୍ଯ୍ୟାଳୟ ବାଲେଶ୍ୱର ର ଆଞ୍ଚଳିକ ପ୍ରବନ୍ଧକ ଯଶୋବନ୍ତ ଦାସ ଙ୍କ ସମେତ ଅନ୍ୟମାନଙ୍କ ମଧ୍ୟରେ ମୀନକେତନ ବାର୍ଲାବେଡିଆ, ରାଜେଶ କୁମାର ବେହେରା, ମନ୍ମଥ କୁମାର ସାହୁ, ଅଜୟ କୁମାର ପହି ଯୋଗଦାନ କରିଥିଲେ। ଏହି ଅବସରରେ ଗୁରୁକୁଳ ପରିସରରେ ବୃକ୍ଷରୋପଣ, ଗୋମାତା ସେବା, ଓ ବ୍ରହ୍ମଚାରୀ ମାନଙ୍କୁ ଅନ୍ନ ଦାନ ସହ ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ କରି ବ୍ୟାଙ୍କ୍ ର ପ୍ରତିଷ୍ଠା ଦିବସରେ ପିଲାଙ୍କ ମୁହଁରେ ହସ ଫୁଟାଇଥିଲେ। ପରିଶେଷରେ ଏହି ମହାନ ସେବା କାର୍ଯ୍ୟ ପାଇଁ ଅତିଥି ମାନଙ୍କୁ ଗୁରୁକୁଳ ତରଫରୁ ଶ୍ରୀଯୁକ୍ତ ଅନନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପାନୀୟଜଳ ସମସ୍ୟା ଉତ୍କଟ, ଟ୍ୟାଙ୍କର ଜଳ ଯୋଗାଣ ବନ୍ଦ



**କଣାସ,୧୧୭(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲାର କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାରୁ ଏଠାରେ ବର୍ଷ ସାରା ପାନୀୟଜଳ ସମସ୍ୟା ଲାଗିରହୁଥିବାରୁ ପ୍ରଶାସନ ପକ୍ଷରୁ ୯ଶହରୁ ଉର୍ଦ୍ଧ ନଳକୂପ ଏବଂ ୬୦ରୁ ଉର୍ଦ୍ଧ ଗଭିରକୂପ ଖନନ କରାଯାଇଥିବା ବେଳେ ଅର୍ଦ୍ଧାଧିକ ନଳକୂପରୁ ଲୁଣିପାଣି ବାହାରିବାରୁ ସେଗୁଡିକ ଅଚଳହୋଇ ପଡିରହିଥିବା ବେଳେ ଗ୍ରୀଷ୍ମ ସମୟରେ ଜଳପତ କମିଯାଉଥିବାରୁ ଗଭିରକୂପ ଶୁଖିଯାଉଛି। ସେଥିପାଇଁ ପ୍ରଶାସନ ଦୟା, ରାଜୁଆ, ମକରା, ଲୁଣାନଦୀର ବେଣାଗାଁ, ପାଣ୍ଡିଆକେରା, ଢୋଲପାଟଣା, ଗଡବଡପୁଟ, ଜଙ୍କିଆ, ଗଡିଶାଗୋଦା, ବିଜିପୁର, ଗୋପିନାଥପୁର, ସୁନାଖଳା, ଅଡାଳ, ଚୁପୁରିଙ୍ଗି ଠାରେ ପାଇପି ଜଳ ପ୍ରକଳ୍ପ ବସାଇ କେତୋଟି ହାତଗଣତି ଗ୍ରାମକୁ ଜଳ ଯୋଗାଉଥିଲେ। ଗ୍ରୀଷ୍ମଋତୁରେ ପାନୀୟଜଳ ସମସ୍ୟା ଉତ୍କଟ ହୋଇଉଠୁଥିବାରୁ ଜିଲ୍ଲା ଓ ବ୍ଲକ ପ୍ରଶାସନ ସରପଞ୍ଚମାନଙ୍କ ଦ୍ୱାରା ଏପ୍ରିଲ୍ ୧ତାରିଖ ଠାରୁ ଜୁନ୍ ୩୦ତାରିଖ ପର୍ଯ୍ୟନ୍ତ ନିଜ ନିଜ ପଞ୍ଚାୟତରେ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇବା ପାଇଁ ନିର୍ଦ୍ଦେଶ ଦେଇଥିବାରୁ ଆଜି ଠାରୁ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଣ ବନ୍ଦ ହୋଇଯାଇଛି। ଅନିୟମିତତା ବର୍ଷା ଯୋଗୁଁ ପାନୀୟଜଳ ସମସ୍ୟା ପ୍ରତ୍ୟେକ ପଞ୍ଚାୟତରେ ଉତ୍କଟ ହୋଇପଡିଛି । ନଦୀଜଳରେ ଭୁବନେଶ୍ୱର ସହରର ନର୍ଦ୍ଦମାଜଳ ମିଶୁଥିବାରୁ ନଦୀଜଳ ଦୂଷିତ ହୋଇପଡିଥିବାରୁ ପାଇପି ଯୋଗେ ଯୋଗାଉଥିବା ଜଳକୁ ଜନସାଧାରଣ ପାନୀୟରୂପେ ବ୍ୟବହାର କରୁ ନ ଥିବାରୁ ପାନୀୟଜଳ ସମସ୍ୟା ଉତ୍କଟ ହୋଇଛି। ତତ୍ ସହିତ ବିଦ୍ୟୁତ୍ ସରବାହାର ଅନେକ ସମୟ ଧରି କଟିଯାଉଥିବାରୁ ପାଇପି ଜଳ ଯୋଗାଣରେ ବ୍ୟାଘାତ୍ ଘଟୁଛି । ପାଇପିଜଳ ପାଇବାପାଇଁ ଜନସାଧାରଣ ନିଜର ବାଲେଟି, ଗରା ଧରି ଗାଁ ଦାଣ୍ଡରେ ଘଣ୍ଟା ଘଣ୍ଟା ଧରି ଲାଇନ୍‌ରେ ବସିରହୁଛନ୍ତି। ଆଜି ବଡାସ ଗ୍ରାମପଞ୍ଚାୟତର ବାଲିପାଟଣା ଗ୍ରାମରେ ପ୍ରତିପରିବାର ଗ୍ରାମଦାଣ୍ଡରେ ଜଳନେବାପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିଥିବା ଦେଖିବାକୁ ମିଳିଥିଲା।